# ବେଦାନ୍ତ

Spreading Knowledge Amongst Mankind.....

ଜନୁୟାରୀ - ୨୦୧୮ JANUARY - 2018



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର


## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 9594993733

**Website: www.vedantimagazine.com**

## Email ids:

**vedantimagazine@gmail.com**

**editor.vedantimagazine@gmail.com**

# ଏଣୁତେଣୁ......

ନମସ୍କାର ।

ଆପଣ ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ । ଏହି ନବବର୍ଷ ଆଣିଦେଉ ଆପଣମାନଙ୍କ ପାଇଁ ଅନେକ ସୁଖ, ଶାନ୍ତି ଏବଂ ସମୃଦ୍ଧି, ଏହାହିଁ ଭଗବାନଙ୍କ ପାଖରେ ଆମର ପ୍ରାର୍ଥନା । ପୁରୁଣା ବର୍ଷକୁ ପଛରେ ପକାଇ ଆମେ ପ୍ରବେଶ କରିଛେ ନୂଆ ବର୍ଷ ୨୦୧୮ ରେ । ନୂଆ ବର୍ଷରେ ଅନେକେ ଅନେକ ପ୍ରକାରର ସଂକଳ୍ପ ନେଇଥାନ୍ତି । କିନ୍ତୁ ଧୀରେ ଧୀରେ ତାହା ଭୁଲି ଯିବାକୁ ହିଁ ଠିକ୍ ଭାବିଥାଆନ୍ତି । କାରଣ ଆଜିକାଲିର ସମାଜରେ କରିଥିବା ସଂକଳ୍ପର ମୂଲ୍ୟ କିଛି ନାହିଁ କହିଲେ ଚଳେ । ଠିକ୍ ଅଛି । କାରଣ ଏହି ନବବର୍ଷ ଓଡିଆ ବା ଭାରତର ନବବର୍ଷ ନୁହେଁ । କିନ୍ତୁ ଭାରତ ଏକ ଉଦାରବାଦୀ ଦେଶ ଏବଂ ଏଠାର ଜନଙ୍କ ମନ ମଧ୍ୟ ଅନେକ ଉଦାର । ଏଠାରେ ବିଭିନ୍ନ ଧର୍ମ ଏବଂ ସଂପ୍ରଦାୟର ଲୋକେ ବାସ କରନ୍ତି ଆଉ ଏନେକ ପ୍ରକାର ପର୍ବପର୍ବାଣୀ ଉତ୍ସାହପୂର୍ବକ ପାଳନ କରାଯାଇଥାଏ । ଆଉ ନୂଆବର୍ଷ ଏଥିରୁ ବାଦ ଯିବ ବା କିପରି ?

ନୂଆ ବର୍ଷ ପାଳନ ତ ଠିକ୍ ଅଛି । କିନ୍ତୁ ଏହାକୁ ପାଳନ କରିବା ସଙ୍ଗେ ସଙ୍ଗେ ଆମକୁ ଆମ ନିଜ ସଂସ୍କୃତିକୁ ମଧ୍ୟ ମନେପକାଇବା ଆଉ ଆଦରିନେବା ନିହାତି ଦରକାର । କୌଣସି ଜାତି ବା ଧର୍ମର ସଂସ୍କୃତି ଅନୋଖା ଏବଂ ଏହା ସର୍ବଦୈବ ଆଦରଣୀୟ । ଏହି ସଂସ୍କୃତି ହିଁ ମାନବ ଜୀବନର ମୂଲ୍ୟବୋଧ ଶିଖାଇଥାଏ । ଆଉ ଓଡିଆ ଜାତି ଏକ ମହାନ ଜାତି ଏବଂ ଏହାର ସଂସ୍କୃତି ମଧ୍ୟ ଅତ୍ୟନ୍ତ ମହାନ ।

ଇଂରାଜୀ ନବବର୍ଷ ୨୦୧୮ ଆପଣ ଏବଂ ଆପଣଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ, ଏହାହିଁ ଆମର କାମନା ।

ଜୟ ଓଡିଆ, ଜୟ ଓଡିଶା ।



ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....


| | | |
|---|---|---|
| ଜାନୁୟାରୀ ୧ ତାରିଖ | କାଳକଙ୍କର | ୭ |
| ନୂଆବର୍ଷରେ ଅଭ୍ରବ ଦାସ | ସୁଧାଂଶୁ ଦ୍ୱିବେଦୀ | ୧୧ |
| ଭାବନା | ଦେବାଶିଷ ରାଉତ | ୧୪ |
| ଆସ ନୂଆବର୍ଷ | ସତ୍ୟବ୍ରତ ସାହୁ | ୧୫ |
| ଝିଅ ଘିଅ | ଶଶଧର ମହାପାତ୍ର | ୧୬ |
| ପୁଅର ମା' | କମଳା ଶତପଥୀ | ୧୭ |
| ଅମୃତତ୍ୱ | ବିନୟ ମହାପାତ୍ର | ୩୧ |
| ଶୂନ୍ୟସ୍ଥାନ | ରବି ଶତପଥୀ | ୩୨ |
| ଆଜି କରି ନଅ ହେ ଶପଥ | ଶାନ୍ତିଲତା ମିଶ୍ର | ୩୩ |
| "ଭଳଆ" ର ଭେଳକ | ଅନୁସୂୟା ମିଶ୍ର | ୩୫ |
| ଆଶାର ସୂରୁଜ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୯ |
| ସୀମା ଉପରାନ୍ତ | ଅଶୋକ ବିଶ୍ୱାଳ | ୪୦ |
| ମୋ ଗାଁ ର ସୁନ୍ଦର ପ୍ରକୃତି | ଅରବିନ୍ଦ ଆଗ୍ରୁର୍ଯ୍ୟ | ୪୨ |
| ଭିନ୍ନ ଏକ ଏକଲବ୍ୟ | ସୁବଳ ମହାପାତ୍ର | ୪୩ |
| ଅବଳା କ ସବଳା | ସୁସ୍ମିତା ମହାପାତ୍ର | ୫୯ |
| ବରଷ ଆସିଛି ନୂଆ | ପ୍ରକାଶ ସାହୁ | ୬୧ |
| ବିଶ୍ୱାସର ରଜ୍ଜୁ | ଦେବସ୍ମିତା ବେହେରା | ୬୩ |
| ଅବୁଝା ମନ, ଅକୁହା କଥା | ସୁଲୋଚନା ପଟ୍ଟନାୟକ | ୬୪ |
| କୁଞ୍ଜକୋଠି | ଶରତ ଚନ୍ଦ୍ର ବସନ୍ତିଆ | ୭୧ |
| ସ୍ମୃତି ପ୍ରଜାପତି | ବିଜୟ ପଣ୍ଡା | ୭୨ |
| ଅଭିଶପ୍ତା | ସସ୍ମିତା ମହାନ୍ତି | ୭୩ |
| ଅମଙ୍ଗଳୀ | ଡ. ବିଜ୍ଞାନୀ ଦାସ | ୭୪ |
| ବଧୂ ବାରଙ୍ଗନା | ଉଦୟ ନାଥ ଗୌଡ | ୮୫ |
| ବିଚିତ୍ର ମୋବାଇଲ୍ ଯୁଗ | ମୋହନ ଚନ୍ଦ୍ର ବିଷୋୟୀ | ୮୭ |
| କାଉଁରୀ କନ୍ୟା ଓ ବିରଞ୍ଚି ରକ୍ଷାସ କାହାଣୀ | ପରମିତା ମିଶ୍ର | ୮୯ |

| | | |
|---|---|---|
| ମୋର ଜୀବନର ଅନ୍ତରାଳେ | ନୃସିଂହ ଚରଣ ବେହେରା | ୯୩ |
| ତୁ ଥିଲେ ମୋ ପାଶେ | ନିର୍ମଳ କୁମାର ଦଳାଇ | ୯୪ |
| ପୂଣ୍ୟଲଭ | ମଧୁସ୍ମିତା ପଟ୍ଟନାୟକ | ୯୫ |
| ପ୍ରେମ କଳ୍ପ | ସିପ୍ରା ନାମତା | ୧୦୦ |
| ବରିଷ୍ଠ ନାଗରିକ | ବରୁଣ କୁମାର ଦାସ | ୧୦୨ |
| ସମନ୍ୱିତ ବିକାଶ, ପରିବେଶ ସନ୍ତୁଳନ ଓ ବନ୍ୟପ୍ରାଣୀ ସଂରକ୍ଷଣ | ପ୍ରିୟବ୍ରତ ପାତ୍ର | ୧୦୩ |
| ରଖ ଭାରତ ମାଆର ଟେକ | ହିମାଂଶୁ ଶେଖର ବାରିକ୍ | ୧୧୧ |
| ରୂପାନ୍ତର | ଡ. ସୌମ୍ୟ ରଞ୍ଜନ ମିଶ୍ର | ୧୧୩ |
| ଏକ ଗୃହିଣୀର କାହାଣୀ | ଆଶୁତୋଷ ମେହେର | ୧୧୪ |
| ବଡଦିନ ଉପହାର | ମଧୁଛନ୍ଦା ବେହେରା | ୧୧୭ |
| ହେ ଗାନ୍ଧୀ ! | ବିକେଶ ସାହୁ | ୧୧୮ |
| କଥାଟିଏ କଥାସମ୍ରାଟଙ୍କ ପାଇଁ | ଦିପୁନ୍ ପୁହାଣ | ୧୨୦ |
| ଦୋଛକ | ତରୁଣ କୁମାର ଦାସ | ୧୨୬ |
| ଦୋଷୀ..... | ପୁଷ୍ପିତା ଭୂୟାଁ | ୧୨୭ |
| ଆଜିର ସାମାଜିକ ଚଳଣି | ମାନସ କୁମାର ପାତ୍ର | ୧୩୧ |
| ବୋହୁ | ରାଧାକାନ୍ତ ଦାଶ | ୧୩୩ |
| ମନ ମଶାଣିରେ ମହାପାର୍ବଣ | ସୁବ୍ରତ କୁମାର ମୁଦୁଲି | ୧୩୫ |
| ନବ ବରଷର ଭାବନା | ଅନାମ ଚରଣ ସାହୁ | ୧୩୬ |
| ନୂଆବର୍ଷ | କାର୍ତ୍ତିକ ପାଣିଗ୍ରାହୀ | ୧୩୭ |
| ଅପେକ୍ଷା | ପ୍ରଶାନ୍ତ କୁମାର ନାଥ | ୧୩୮ |
| ଆମୁର ଫାଲକନର ବିଶ୍ୱ ରାଜଧାନୀ | ଅଶୋକ ବିଶ୍ୱାଳ | ୧୩୯ |
| ସୁସ୍ୱାଗତ ଆଙ୍ଗ୍ଲ ନବବର୍ଷ ୨୦୧୮ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୧୪୮ |
| ତୁମକୁ ମୁଁ ଭଲପାଏ.... | ପ୍ରଦେଶ କୁମାର ପ୍ରଧାନ | ୧୫୦ |
| ଦୁଃଖ ମୋର ହରି | ଶୁଭମ ନାୟକ | ୧୫୧ |
| ମାନବ କିଏ? | ବାଲ୍ମୀକି ନାୟକ | ୧୫୨ |


| | | |
|---|---|---|
| ପରିପକ୍ୱ | ମାମାଜିନ ପ୍ରଧାନ | ୧୫୮ |
| ଅନନ୍ୟ ପ୍ରେମିକ | ଜ୍ୟୋତିରାଦିତ୍ୟ ପୁଝାରୀ | ୧୫୯ |
| ପକ୍ଷୀ | ଶଙ୍ଖସିନ୍ଧୁ ପୁରୋହିତ | ୧୬୦ |
| ଆଉ କେଇଟା | ସୁଦାମ ଗୌଡ଼ | ୧୬୧ |
| ପ୍ରୀତି ଚଟାଉ | କମଳାକାନ୍ତ ଜେନା | ୧୬୪ |
| ସୁରତାର୍ ବା | ଫିରୋଜ କୁମାର ପଟେଲ | ୧୬୫ |
| ଡାଇବେଟିସି | ଅନୁପମ ବେହେରା | ୧୬୬ |
| ଯାଂରେ ମୋର୍ କବିତା | ଅନନ୍ତ ବାଗ | ୧୬୯ |
| ପ୍ରତାରଣା | ପ୍ରସନ୍ନ କୁମାର ଭୁଏ (ପ୍ରୟାସ) | ୧୭୦ |
| କଳାଧନ | ଏମ୍. ବିଜୟ କୁମାର | ୧୭୧ |
| **ଶିଶୁ ବିଭାଗ** | | |
| ମାମୁଁଘର | ପ୍ରକାଶ ସାହୁ | ୧୭୩ |
| ଚନ୍ଦ୍ର | ମଧୁସ୍ମିତା ସାମଲ | ୧୭୫ |
| ଚନ୍ଦ୍ର | ପ୍ରକାଶ ସାହୁ | ୧୭୬ |
| ଟିକଟିକ | ରାଧାକାନ୍ତ ଦାଶ | ୧୭୭ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୧୭୮ |
| ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୧୭୯ |
| ଆପଣଙ୍କ ମତାମତ | | ୧୮୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୧୮୨ |

# ଜାନୁୟାରୀ ୧ ତାରିଖ



କାଳକଙ୍କର

ଆସିଛି ଆସିଛି ବନ୍ଧୁ ଓଠରେ ତା କ ସୁନ୍ଦର ହସ
ହୃଦୟରେ ରଂଗର ହିନ୍ଦୋଳ
ମନ ତାର ପ୍ରସ୍ଫୁଟିତ ଯେହ୍ନେ ଶତଦଳ
ବିସ୍ତାରିତ ଚଉଦିଦ ଇସ୍ତାହାର ବିବେକ ବିଶେଷ
ଶେଷ ନୁହେଁ କିଛି
ରଖ ବାଛି ବାଛି
ନୂତନ ବାଦକ ସର୍ବେ ଧରିଛନ୍ତି ପଂଖାଜ ମାଦଳ
ଡିସେମ୍ବର କାଲିଥିଲା ଚାଲିଗଲା ଫେରିବାର ପାଇଁ
ପହଂଚଛି ଜାନୁୟାରୀ ୧ ତାରିଖ ଲେଖେ ହସ୍ତାକ୍ଷର ।।
ଅତୀତର ଚରାଭୂଇଁ ସବୁଜିମା ଘାସ ଓ ପତର
କଏ କହ ଭୁଲିଯିବ ଆପଣା ଖବର
ଜନ୍ମ ମୃତ୍ୟୁ ସଭିଏଁ ସମାନ ଅତିପ୍ରୀୟ ବନ୍ଧୁ
ଯାତ୍ରା ଏକ ସଂଜ କ ସକାଳ
ଏ ତ ଖରାବେଳ
ସବୁଆଡେ ଗହଳ ଚହଳ
ରାଜରାସ୍ତା ଧୂଳ ଧୂସରିତ
ମୁଁ ତୁମ ସଭିଙ୍କ ସହ ଆହେ ପ୍ରୀୟ ବନ୍ଧୁ
ଖୋଜିବା ଓ ସାଇତିବା ପଂଚୁଦଳ ସେ ପ୍ରୀୟ ଅତୀତ
ଜାନୁୟାରୀ ୧ ତାରିଖ ।।



ଶାସକ ଶାସିତ ରଜା ପ୍ରଜା ପଟୁଆର

ରକ୍ତନଦୀ ସନ୍ତରଣେ କଏ ଆଉ କାର ପରିଚୟ

ଅବଶୋଷ କଛି ନାହିଁ

ଜୀବନ ପାରିଲେ ଜିଇଁ

କୁରୁକ୍ଷେତ୍ର ଓ କେଶବ ସଭିଁଙ୍କର କଥା ରହିଯିବ

ଅୟୁତ ଅୟୁତ ବର୍ଷ ବିସ୍ମରି ସେ ଇତିଶ୍ରୀ ଦେହର

କଛି କ୍ଷତ ଭରିଯିବ କଛି ପୁଣି ନୁଆ ଦେଖାଯିବ

ସ୍ୱେଚ୍ଛାଚାରୀ ଶାସକଟେ ଆପଣାକୁ ବୋଲାଏ ପିଶାଚ

ଆପଣେ ସେ ଶିବଭକ୍ତ

ଶିବ ସଂହାରକୁ ସେ ଉଦ୍ୟତ

ସୂର୍ଯ୍ୟ ଚନ୍ଦ୍ର ତାର୍ ନାହିଁ ମେଘମୁକ୍ତ ଆମରି ଆକାଶ ।।

ହେ କବି ସଂଶୟ ଛାଡ କବି ଆଉ କବିତା ବଂଚବ ।

କ ସୁନ୍ଦର ଏ ପୃଥିବୀ

ଫୁଟୁ ଥାଉ ରକ୍ତର କରବୀ

ମଣିଷର ମନକଥା ହୃଦୟରେ ଲେଖିଦେଇଯିବ

ମାଟିରେ ମହକ ଭର୍ ମୋନାଲିସା ଚନ୍ଦ ମତୁଆଲ୍

ତା ଭିତରେ ପ୍ରେମ ସାଇତିବ

ଶତାବ୍ଦି ଶତାବ୍ଦି ଧରି ତୁମର ସେ ଶବ୍ଦର ବୋମାରେ

କେତେ କେତେ ଶାସକର ଅସ୍ଥି ହଜିଯିବ

ନୂଆ ଏକ ସକାଳ ଆସିବ

ମୃଦୁମନ୍ଦ୍ର ମଳୟ ଦେହରେ ଆପଣା ହଜାଇ ଦେଇ


କବି ତୁମେ ସମ୍ଭବାମି ସ୍ୱରର ଆଲେଖ୍ୟ

ଜାନୁୟାରୀ ୧ ତାରିଖ ।।

ପର୍‌ଜୟ ମୁଁ ଜାଣିନ ଏ ମାଟି ମଣିଷ

ନାହିଁ ହିଂସା ଦ୍ୱେଷ

ମିଥ୍ୟା ଏକ ମରିଚକା ଧୀରେ ଧିରେ ପରଦା ହଟିବ
ଅସଂଖ୍ୟ ରାମଙ୍କ ଜନ୍ମ ଏହି ପୃଥିବୀରେ
କେତେ ଯେ ରାବଣ ଜନ୍ମି ମାଟିରେ ଶୋଇବ
ରାମ ନୁହେଁ ବେପାର ବଣିଜ
ତାକୁ ନେଇ ମିଛଟାରେ ପାଖଣ୍ଡଙ୍କ ଗହ ଗହ ନାଦ
ଏ ବଡ ବିପଦ
ନାରୀ ଅଟେ ନାରାୟଣୀ ନାରୀପାଇଁ ନରହିଁ ଯେ ଧନ୍ୟ
ପାପ ଆଉ ପାପୀଙ୍କ ନାଶନ
ପୁରୁଷ ପୁରୁଷୋତମ ଅଟେ ସର୍ବନାମ
ରାମରାଜ୍ୟ ମିଥ୍ୟାନୁହେଁ
ମିଥ୍ୟା ଅଟେ ରାଜନୀତି ଲୋଭ ସିଂହାସନ
ଲୋଭ ପାପ,
ପାପ ମୃତ୍ୟୁ,
ମୃତ୍ୟୁ ଯେ ନିଶ୍ଚିତ
ସୂର୍ଯ୍ୟ ଚନ୍ଦ୍ରାଲୋକ ପରି ପ୍ରତିଷ୍ଠିତ
ଜାନୁୟାରୀ ୧ ତାରିଖ ।।




ରାତି ବାରଟାରୁ ଉଠି ପଡିଛି ଅଲସ ଢଂଗି
ଚକଡା ପୋକର ଜ୍ୱାଳା
ବିଲକ୍ଷେତର ଶୂନଶାନ ଡାହାଣୀ ଓ ପିଶାଚୀନୀ ଭୟ
ରଣର ଗ୍ୟାସ୍ ଚେମ୍ବରରେ ଛଟପଟ ପ୍ରାଣ
ନରମ ସଫେଦ ଗୋଲାପର ଓଠରେ ବରଫ ଚାଦର
ନାହିଁ କିଛି ଡର
ସଭିଏଁ ନଜର
ଅଭାବ ଅନଟନର ପାଂଚଶହ ହଜାରିଆ ନୋଟ ବନ୍ଦହେଲା
କିଏ ମଲା, କିଏ କେଣେ କେଉଁବାଟେ ସିନ୍ଧୁକ ଭରିଲା

ପିମ୍ପୁଡି ମାନଙ୍କଭଳି ଲମଗବାଧାଡି
ତା ଉପରେ ମଡାମଡି
ଶୁଭୁନାହିଁ ମୃତ୍ୟୁର ଶିତ୍କାର
ସରକାର କହିଲେ ହେ ମୁଁ ପ୍ରଜାବତ୍ସଳ
ତୁମପାଇଁ ଏ ଜୀବନ ସମର୍ପଣ
ମରଣକୁ ଦୁଇଲକ୍ଷ ଆହତଙ୍କୁ ପଚାଶ ହଜାର
ମୁଁ କେଡେ ଉଦାର
ଲମ୍ବି ଦେଇଛି ଧର ତୁମର ଧନରେ କଣା ମୋ ଲମ୍ବ ଚାଦର
ତଥାପି ସଂକେତ
କବିର ସଂକେତ,
ମାଟି ଆଉ ମଣିଷଙ୍କୁ ଭଲପାଉଥିବା
କୋଟିଜନମନର ସଂକେତ
ଏଥର ଆଣିଛି ସବୁ ବାଛି ବାଛି ଭାନୁମତୀ ଗପ
ଜାନୁୟାରୀ ୧ ତାରିଖ ।।

ସୌଭାଗିନୀ, ରଟିଲୋ, ରେଂଚ, ପୁରୀ

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି, ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733

# ନୂଆବର୍ଷରେ ଅଭ୍ବ ଦାସ



ସୁଧାଂଶୁ ଦ୍ୱିବେଦୀ

(ଅଭ୍ବ ଦାସ ଏ ଗଳ୍ପର ମୁଖ୍ୟ ଚରିତ୍ର । ବିଭିନ୍ନ ଅଞ୍ଚଳରେ ଘଟୁଥିବା ଘଟଣ- ଅଘଟଣର ମୂକସାକ୍ଷୀ । ବିଭିନ୍ନ ପତ୍ର- ପତ୍ରିକାରେ ଅଭ୍ବଦାସକୁ ନେଇ ମୁଁ ଅନେକ ଗୁଡିଏ ଚରିତ୍ର ସୃଷ୍ଟି କରିଛି । ତା ଚରିତ୍ର ଭିତରେ ଜନ୍ମ ନେଇଛି ଅନେକ ଗଳ୍ପ। ଆଉ ସେଇ ଗଳ୍ପ ନାୟକ ଅଭ୍ବଦାସ ସୂତ୍ରଧର ଭ୍ବେ ଆବିର୍ଭାବ ହୋଇଛି ପ୍ରତିଥର ।)

ହେ ଅଭ୍ବ ଦାସ! ଦେଖିବ ଆସ, ଆଜିଭଳି ଦିନରେ ହଜାର ହଜାର ମୁଣ୍ଡବିହୀନ ଲଙ୍ଗଳା ଶବ କଭଳି ହାଟ, ବଜାର, କେବିନ୍ ଅବା ଗ୍ରସ୍ତାକଡ କୋଉ ଖୁଣ୍ଟାଗଛରେ ଓହଳଛନ୍ତି । ଅଳ୍ପ ସମୟ ମଧରେ କ୍ଷୁଧାର୍ତ୍ତମାନଙ୍କର ଇଚ୍ଛାରେ ଛୋଟ ଛୋଟ ମାଂସର ଟୁକୁର୍ ଶେଷ ହୋଇଯିବ । ବିଚର୍ ନରୀହ ଜୀବଗୁଡାଙ୍କର ଦୁଇ ଗୋଡ ହୁକ୍ ରେ ପୁର୍ହୋଇ ତଳମୁହଁ ଝୁଲେଇ ଦିଆହୋଇଛି । ବୁନ୍ଦା- ବୁନ୍ଦା ଲ୍ଲ ରକ୍ତ ଝରିପଡୁଛି ମୁଣ୍ଡବିହୀନ ଅବୟବରୁ, କୋଉ ଘାସ ଗାଲିଚ୍ଛରେ ଅବା କେବିନ୍ ଚଟାଣରେ ମେଲ୍ ହୋଇଥିବା ଶାଳପତ୍ର ଉପରେ । ନର୍ବାକ୍ ପକ୍ଷୀମାନଙ୍କର ଦୁଇ ଡେଣାକୁ ଧରି କର୍ଟେ ମାଡ ମାରୁଛନ୍ତି ମଣିଷଗୁଡା । କ୍ଷଣିକ ମଧରେ ବନ୍ଦ ହୋଇଯାଉଛି ହଜାର ହଜାର ପକ୍ଷୀମାନଙ୍କର ଶ୍ବାସକ୍ରିୟା ।

ତୁମେ ଜାଣ ଅଭ୍ବ ଦାସ, ଆଜିଭଳି ଦିନରେ ଓ୍ବାଇନ୍ ହାଉସରେ ପ୍ରବଳ ଭିଡ । ହୋଟେଲ୍, ପାର୍କ, ରେଷ୍ଟୁର୍ଣ୍ଟରେ ଜନସମୁଦ୍ରା ସତରେ ଏଠି କେତେବେଳେ ଯେ କଣ ହୋଇଯାଏ କ୍ଷଣିକ ମଧରେ ତାର ହିସାବ ନାହିଁ! ହିସାବନାହିଁ ଭଲମଣିଷଟା ବଦଳଯାଏ କେବେ ପୁଣି ଓ୍ବାଇନ୍ ହାଉସରେ । ଟୁଣ୍ ଟାଣ୍ ଶବଦ ଓ ସିଗାରେଟ୍ ର ନକୋଟିନ୍ ନଶାରେ ଟଳମଳ ହୁଏ ସେ । ଟଳମଳ ହୁଏ ତା ସଂସାରର ମାନଚତ୍ର । ସେଇ ମାନଚତ୍ର ଭିତରେ ସଭିଏଁ ହରେଇ ବସନ୍ତି ନଜ ନଜର ଅସ୍ତିତ୍ୱ । ଗ୍ତି ବଢିଚ୍ଲେ । ନଶା ବି ବଢିଚ୍ଲେ । ସେଇ ନଶାରେ ବେହାଲ ହୋଇଯାଆନ୍ତି ନୂଆବର୍ଷକୁ ସ୍ୱାଗତ କରୁଥିବା ମଣିଷମାନେ ।

ଏଇଠି.... ଏଇ ଭୂଇଁରେ..... ଆଜିର ଦିନରେ..... ସମୁଦ୍ରର ବେଳାଭୂମି, ନଘଞ୍ଚ- ନକାଞ୍ଚନ ପରିବେଶ ବି କୋଳାହଳମୟ ହୋଇଯାଏ । ସବୁଠି ବସ୍ଥାୟିତ ହୋଇଉଠେ ମାଛ- ମାଂସର ବାସ୍ନା, ୱାଇନ୍, ବିଡି, ସିଗାରେଟ୍ ଓ ଗଞ୍ଜେଇର ଧୂଆଁ..... ।

ଏଇ ଦିନରେ ପ୍ରେମର ଖଣ୍ଡିଉଡା ଦେଉଥିବା ପ୍ରେମିକ ଓ ପ୍ରେମିକାମାନେ ଆପଣେଇ ନଅନ୍ତି ନଜ ନଜର ମଣିଷମାନଙ୍କୁ । "ଏଇଟା କରିବନ, ସେଇଟା ଆଜିଠୁ ଷ୍ଟପ୍ । ଆଜିଠୁ ଭଲ ମଣିଷଟେ ହେବି ।" ଏଇମିତି କହି କେତେ ଶପଥ, କେତେ ନୟମରେ ନଜକୁ ବାନ୍ଧି ନଅନ୍ତି ଏଇ ମଣିଷମାନେ । ବୋଧହୁଏ କାଠଗଡାରେ ଗୀତାଛୁଇଁ ଶପଥ କରୁଥିବା ଆସାମୀ ମଧ୍ଯ ଏଭଳ ଦୃଢ ଶପଥ କରିନଥାଏ । ପରବର୍ତ୍ତୀ ସମୟରେ ମିଛ ନୟମ- ଶପଥର ପ୍ରହସନ ଆନ । ଅଙ୍ଗାର ଶତ ଧିତେନ.....ପରି ।

ତୁମେ ଜାଣିଛ ଅଭାବଦାସ ଏତେସବୁ ପରେ ବି ଅଭାବକୁ ଦୂର ବୋଲି ଜୀବନକୁ ଜିଉଁଥିବା କେତେକ ମଣିଷଙ୍କ ପଖେ ଶାଗ- ପଖାଳ ଅବା ପଟେ ରୁଟି ଖାଇବାକୁ ସମ୍ବଳ ଥାଏନ । ନୂଆବର୍ଷର ହୃଦୟଫଟା ଶୀତରୁ ରକ୍ଷା ପାଇବା ପାଇଁ ଅଙ୍ଗ ଢାଙ୍କିବାକୁ ଲୁଗାଟିଏ ନଥାଏ ସେମାନଙ୍କ ପାଖରେ । ରେଳ ପ୍ଲାଟଫର୍ମ ଓ ରାସ୍ତାକଡରେ ଜୀବନ ଜିଉଁଥିବା ଏଇ ମଣିଷ ଦୁଃଖ- ଦରିଦ୍ରରେ ସନ୍ତୁଳତ ହେଉଥିବାବେଳେ ଧନକୁବେରମାନେ କୋଟି କୋଟି ଟଙ୍କାର ବାଣ- ରୋସଣୀ ଫୁଟାନ୍ତି ନୂଆବର୍ଷକୁ ସ୍ୱାଗତ ଜଣେଇବା ପାଇଁ । ଅଗିରା ଜାଳ (Bourne Fire) ଟା ଚାରିପାଖେ ମ୍ୟୁଜିକ୍ ର ତାଳେ ତାଳେ ଝୁମନ୍ତି ୱାଇନ୍ ନଶାରେ.... ।

ଏମାନେ କେବେ କେବେ ଦିନକୁ ରାତି ଓ ରାତିକୁ ଦିନ କରିଦିଅନ୍ତି; ତାହା ଅଭାବୀମାନଙ୍କୁ ଜଣାପଡେନ ସତ । ତଥାପି ସେହି ଦିନ- ରାତି ଭିତରେ ଜୀବନ ଜିଇଁବାପାଇଁ ପ୍ରୟାସ କରନ୍ତି ସେଇମାନେ । ଭଙ୍ଗା- ଦଦରା ଘର ଆଉ ପଲିଥିନ୍ ତଳେ ନଜ ସଂସାରର ସୁଖକୁ ଅଣ୍ଡାଳନ୍ତି ଲଙ୍ଗଳା ପିଲାଟା ଗଙ୍ଗାନଦୀରେ ବୁଡମାରି ଦକ୍ଷିଣା ପଇସା ଅଣ୍ଡାଳବା ପରି ।

ମଣିଷର ସୂଅ ସହିତ ଟଙ୍କାର ବି ସୂଆ ଛୁଟେ ସବୁବେଳେ । ବିଡା ବିଡା ଟଙ୍କାର ବଣ୍ଡଲ ଟ୍ରନସଫର ହୁଏ ଗୋଟିଏ ବ୍ୟାଙ୍କ୍ ରୁ ଆଉ ଗୋଟିଏ ବ୍ୟାଙ୍କକୁ । ବିତ୍ତଶାଳୀମାନେ କୁକୁର ପାଟିରେ ଦେଇଥିବା ବ୍ରିଟାନଆ ବିସ୍କୁଟକୁ ଛଡେଇ ଆଣି ନଜ ପେଟର ଭୋକମାରନ୍ତି ଅଭାବୀ ପିଲାମାନେ । କୁଡାଗଦା ଭିତରୁ ପ୍ଲାଷ୍ଟିକ୍ ବୋତଲ, ଭଙ୍ଗାଟିଣର ଟୁକୁରା ଅଣ୍ଡାଳ ଜୀବନ ସମ୍ଭାଳନ୍ତି ଏଇମାନେ ।

ଘଟଣ- ଅଘଟଣ ଓ ରାତି- ଦିନକୁ ଏକାକାର କରି ଜୀବନ ଜିଇଁବା ପାଇଁ ପଣ କରନ୍ତି । ତଥାପି ଅଭାବ ହଟେନ ତଥାକଥିତ କର୍ଣ୍ଣଧାରମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସଂପ୍ରତିକ ବଜାର୍ ଦରରେ.... । ଅଭାବ ହଟେନ ତେଲ- ଲୁଣର ସଂସାର ଚେଳେଇବାକୁ, ଖଣ୍ଡେ ପିନ୍ଧି- ଗଣ୍ଡେ ଖାଇ ଜୀବିକା ନର୍ବାହ କରିବାକୁ । ସକାଳର ସେଇ ମଣିଷ ରାତିରେ ଭଙ୍ଗା ଦଦରା ପଲିଥିନ୍ ଘରେ ନଜ ଜୀବନକୁ ତର୍ଜମା କରେ । ତର୍ଜମା କରେ ପୁଅ ସ୍କୁଲରେ ଫିସ୍ ଭରିବାକୁ! ତର୍ଜମା କରେ ବଢିଲା ଝିଅର ବାହାଘର କରିବାକୁ!! ଆଉ ତର୍ଜମା କରେ ନଜ ସ୍ତ୍ରୀର ପୁରୁଣା ରୋଗ ଭଲ କରିବାକୁ!!! ଏଇ ହିସାବ- ନକାଶ ଓ ତର୍ଜମା ଭିତରେ ସେମାନଙ୍କ ଜୀବନର ଚକ ଗଡି ଚାଲି ମାଗୁଣିର ଶଗଡ ଚକ ଭଳ.... ।

ଯେଉଁ ଦେଶରେ ପ୍ରତ୍ୟେକ ଦିନ, ପ୍ରତିଘଣ୍ଟା, ପ୍ରତି ମିନଟ୍, ଗୋଟିଏ ସେକେଣ୍ଡ ଭିତରେ ଏକ ଭୟାବହ ଦୁର୍ଘଟଣା ଘଟିଯିବାର ସମ୍ଭାବନା ଅଛି । ଧ୍ୱସ୍ତବିଧ୍ୱସ୍ତ ଇଲାକାରେ ଯେଭଳଭାବେ ଶୂନ୍ୟତାର ହା- ହାକାରରେ ନଷ୍ପାପ କୋମଳ ସ୍ୱପ୍ନଟିକେ ମଉଳଯାଏ, ନାଲ ସୁନ୍ଦୁର ଲିଭିଯାଏ, ହାତରୁ ଚୁଡି ଭାଙ୍ଗିଯାଏ, ସ୍ନେହର ହୃଦୟ ଦୋହଲି ଉଠେ, ଆଶାର ସମ୍ବଳ ଦୂରେଇ ଯାଏ.... । ସେଇଠି ରାଜନୀତିର ଛକାପଞ୍ଝା ଚାଲେ ଦଳ ଦଳ ମଧ୍ୟରେ, ଜାତି- ଜାତି ମଧ୍ୟରେ, ଧର୍ମ- ଧର୍ମ ମଧ୍ୟରେ । ଯେଉଁ ଦେଶରେ ମହାବାତ୍ୟାର କରାଳଗର୍ଭରେ ଲୀନ ହୋଇଯାନ୍ତି ଅଗଣିତ ମଣିଷ ପଶୁ- ପକ୍ଷୀ- ଗଛ- ଲତା ଆଦି । ଯେଉଁଠି ଆତଙ୍କବାଦୀଙ୍କ ଗୁଳରେ ସହୀଦ୍ ହୋଇଯାନ୍ତି ଶହ ଶହ ଜବାନ୍ । ସେଇଠି ଏ ରାଜନେତାମାନେ ନୂଆବର୍ଷରେ ଅନେକ ନୂଆ ସ୍ୱପ୍ନ ଦେଖାନ୍ତି । ବାପୁଜୀ ଦେଖୁଥିବା ରାମରାଜ୍ୟର ସ୍ୱପ୍ନକୁ ସାକାର କରିବାପାଇଁ ଅନ୍ୟର ତଣ୍ଟିଚପି ପ୍ରୟାସ କରନ୍ତି । ରାଜକୋଷକୁ ଖୋଳ କରି ସାତପୁରୁଷର ସାମନ୍ତ ସାଜନ୍ତି ।

ସେହିପରି ଦେଶରେ ଆମ୍ଭେମାନେ ପାଳନକରୁ ଆମର ମହାନ୍ ସଂସ୍କୃତି । ଆମର ମହାନ୍ ପରମ୍ପରାକୁ । ସଭିଙ୍କ ସହ ତାଳଦେଇ ଶ୍ଲୋଗାନ୍ ଦେଉ "ସ୍ୱାଗତଂ ହେ ନୂଆବର୍ଷ" । ଆମରି ଭିତରେ ରହି ବିଚରା ଅଭାବ ଦାସ ବି ସାମିଲ ହୋଇ କହିଉଠେ "ସ୍ୱାଗତଂ ହେ ନୂଆବର୍ଷ" ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

# ଭାବନା



ଦେବାଶିଷ ରାଉତ

ମୋ ଜୀବନ କଣ କହୁଛି, କଛି ଜାଣେନା
ମୋ ଅତୀତ କଣ ଦେଖୁଛି, ଭୁଲି ହୁଏନା
ମୋ ମନର ବ୍ୟଥା, କାହାକୁ କହି ହୁଏନା ।

ଜୀବନ ରେ ଭରିଥିଲି ଅନେକ ଆଶା
ସବୁଆଡେ ପ୍ରଲୋଭନ, କନ୍ତୁ ବଞ୍ଚିବାର ପ୍ରୟାଷ ।

ତୁମେ ଥିଲ, ତୁମ ଅଛ, ତୁମେ ବି ରହିବ
ବର୍ତ୍ତମାନ ରୁ ଭବିଷ୍ୟତ, ଆଶାର ମରିଚକା

ଜୀବନର ଉତଥାନ ଓ ପତ୍ତନ ସବୁର ଭୁମିକା
ତୁମର ଅସ୍ତିତ୍ୱ, ତୁମର ଏହି ପରିଭାଷା ।

ମନୁଷ୍ୟ ମାତ୍ର, ନାଁ ଅଛି ଆଶାର ଅନ୍ତ
ମନର ଏ ଅସ୍ତିତ୍ୱ, ଅନେକ ତଥା ଅନନ୍ତ ।

ଆଜି ମୁଁ ଭାବେ, ଜୀବନର ଏ କ ଭୂମୀକା
ଅତୀତରୁ ବର୍ତ୍ତମାନ, ଜୀବନ ହିଁ ଏକ ଆଶା
ଜୀବନ ହିଁ ଦେଇଅଛି, ଆଶାର ପରିଭାଷା ।

ରିଆଦ, ସାଉଦି ଆରବ

# ଆସ ନୂଆବର୍ଷ



ସତ୍ୟବ୍ରତ ସାହୁ

କରୁଛି ସ୍ୱାଗତ ଆସ ନୂଆବର୍ଷ ଓଠରେ ଫୁଟାଇ ହସ,
ଭୁଲି ଯିବନାହିଁ ପ୍ରିୟା ଠାରୁ ମୋର ଆଣିବା ପାଇଁ ସନ୍ଦେଶ....(୦)
ଗତ ଚିଠିରେ ତା ଲେଖିଥିଲା ପ୍ରିୟା ତୁମ ହାତେ ଦେବ ବାର୍ତ୍ତା,
କେମିତି ବିତିଛି ସାରା ବରଷଟି ଲେଖିବ ସେ ସବୁ କଥା,
ବର୍ଷା, ବସନ୍ତ, ଶରତ ଓ ଶୀତ କେ ଦେଇଛି ଦୁଃଖ କଏବା ଦେଇଛି ହସ...(୧)
ନୂଆବର୍ଷ ପାଇଁ ଜଣାଇ ଥିବ ସେ ଅନେକ ଅଭିନନ୍ଦନ,
ପ୍ରିୟାର ବାରତା ପାଇବା ପାଇଁକି ବ୍ୟାକୁଳତ ମୋର ମନ,
ଶୀତ ସିନା ଏବେ ଦେଉଛି ଯାତନା ଭୁଲିବି ମୁଁ
ସବୁ ପ୍ରିୟା ମୋ ଥିଲେ ହରଷ....(୨)
କରୁଛି ସ୍ୱାଗତ ଆସ ନୂଆବର୍ଷ ଓଠରେ ଫୁଟାଇ ହସ,
ଭୁଲିଯିବ ନାହିଁ ପ୍ରିୟାଠାରୁ ମୋର ଆଣିବା ପାଇଁ ସନ୍ଦେଶ.....(୦)

ପଲ୍ଲାସାହି, କଂଆଳପୁର, ଅହିୟାସ, ଯାଜପୁର



# ଝିଅ ଘିଅ



ଶଶଧର ମହାପାତ୍ର

ଗାଁ ଗହଳରେ ଆଗେ କହୁଥିଲେ
ବଢିଲା ଝିଅଟେ ନଆଁ
ବେଶିଦିନ ରଖି ପାଳ ପୋଷୁଥିଲେ
ଦିନେ ଲଗାଇବେ ଚଆଁ

ଯେତେପାର ଶୀଘ୍ର ବିଦାକର ତାଙ୍କୁ
ଯୋଗ୍ୟ ବରଟିଏ ଖୋଜି
ନହେଲେ ମୁହଁରେ ବୋଳଦେବେ ଚୂନ
ତୁମ ନଦ ଯିବ ହଜି

ପାଠ ପଢି ଆଜି ଶିକ୍ଷିତ ହୋଇଲେ
ଆଜିର ଗାଉଁଲୀ ଝିଅ
ଝିଅ ଘିଅ ବୋଲି ଯାହା କହୁଥିଲେ
ପାରିବତ ଏବ କୁହ

ସହରୀ ଝିଅଙ୍କ କଥା କହିଲେତ
ରାତି ସରିଯିବ ପାହି
ଚେଇଁ ଶୋଇ ସିଏ ଦେଖିଥିବେ ସବୁ
ନାଚୁଥିଲେ ଥେଇଥେଇ

ହାତରେ ହାତ ଓ କାନ୍ଧରେ କାନ୍ଧକୁ
ମିଶେଇ ଚାଲିଲେ ଝିଅ
କଥାରେ କାମରେ ହେଲେ ସମକକ୍ଷ
ନୁହଁନ୍ତି ସେ' ଅସହାୟ

ନାରୀ ନୁହେଁ କେବେ ଅବଳା ଜାଣିଥା
ଆଜି ନୁହେଁ ସେ' ନରମ
ଘରି ଘରି ଥର ବିକ କଣିନେବେ
କରିଦେବେ ନାକେଦମ

କଏ ପ୍ରେସିଡେଣ୍ଟ କଏ ପ୍ରାଇମ୍ ମିନଷ୍ଟର
ହେଲେଣି ଆଜିର ନାରୀ
ବିଧାନ ସଭାରେ, ପାର୍ଲିଆମେଣ୍ଟରେ
ଦେଖାଅନ୍ତି ବାହାଦୂରୀ

କଳା, ବିଜ୍ଞାନ, ସାହିତ୍ୟ, ସଂସ୍କୃତି
କ୍ଷେତ୍ରରେ ଆଗୁଆ ସର୍ବେ
ପିଲା ଜନ୍ମଠାରୁ ଭରଣପୋଷଣ
ସବୁ କଥା ବୁଝେ ଏବେ

ଏ ଯୁଗର ନାରୀ ନୁହଁଇ କେବଳ
ସୁନ୍ଦରୀ, ଶଯ୍ୟାସଙ୍ଗିନୀ
ସ୍ୱାଭିମାନୀ ସହ ପ୍ରତ୍ୟେକ ଗୁଣରେ
ସତେବି ସେ' ହୀରାମଣି

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ପୁଅର ମା'



କମଳା ଶତପଥୀ

ଖଟ ଉପରେ ଶୋଇ ଶୋଇ ସୌଦାମିନୀ ଚାହିଁ ରହିଥିଲେ ସକାଳୁ ରାତି ପର୍ଯ୍ୟନ୍ତ ଲୋଟଣୀ ପାରା ପରି ଖଟି ଚାଲିଥିବା ନିଜ ବୋହୂ ରଶ୍ମି ଆଡକୁ । ଅଜବ ଏକ ବେଦନରେ ଛାତି ଭିତରଟା ଆଜି କାହିଁକି କେଜାଣି ଖୁବ୍ ଭାରି ଭାରି ଲାଗୁଥିଲା । ଆହାଃ .. ଏ ବୟସରେ ବି ହାତରୁ ତା'ର ଡଙ୍କି କରଚୁଲି ଗଲା ନାହିଁ । ସେଇ ଯେ ମୁହଁ ଅନ୍ଧାରରୁ ଉଠି ରୋଷେଇଘର ଭିତରେ ପଶିଥିଲା, ଦିନ ଆସି ଦି' ଘଡି ହେଲାଣି ତା' ଭିତରୁ ବାହାରୁ ବାହାରୁ । ଖରା ଗରମରେ ସିଝି ଗଲାଣି ଦେହହାତ, ପାନଆ ନବାଜି ମୁଣ୍ଡ ବାଳ ଫୁରୁଫୁରୁ ହେଇ ଉଡିଲାଣି, ଗାଧେଇ ତରବରରେ ଗୁଡେଇ ହେଇ ପଡିଥିବା ଶାଢ଼ୀଟା ସୁଦ୍ଧୁ କୋଚରାମୋଚରା ହେଇଗଲାଣି, ତଥାପି ଘରକାମ ତା'ର ଶେଷ ହେଇନାହିଁ ।

ପୁଅ ବାହା କରି ବୋହୂ ଆଣି ସାରିଲାଣି ଘରକୁ, ତଥାପି ତା'ର ବୋହୂପଣିଆ ଶେଷ ହେବାର ନାଁ ଧରିନାହିଁ । ଏବେ ଓଲଟି ଡବଲ ସେବା କରିବାକୁ ପଡୁଛି । ଚାକରିଆ ବୋହୂ ଖଣ୍ଡେ କରିଛି ତ, ତେଣୁ ତାରି ହାତକୁ ଦିନରାତି ଖାଇବା ପିଇବା ବଢ଼େଇବା ଠାରୁ ଆରମ୍ଭ କରି ବାକି ସେବାଯତ୍ନ ବି କରି ଚାଲିଛି । କେତେ ଥର ସେ କହି ସାରିଲେଣି ବୋହୂକୁ ଘରକାମରେ ଲଗା, ଅଫିସ୍‌ରୁ ଫେରିଲା ପରେ ଟିଭି କମ୍ପ୍ୟୁଟରରେ ସମୟ ନଷ୍ଟ ନକରି ଘରକାମରେ ତତେ ଟିକେ ଟିକେ ସାହାଯ୍ୟ କରୁ! ଏକା ଏକୁଟିଆ କେତେ ଖଟୁଥିବୁ! ହେଲେ କେମିତି ମଣିଷଟାଏ ହେଇଛି ଯେ ପାଟି ଖୋଲି ଦିନେ ବି କିଛି କହୁନାହିଁ ।ସେ ବି କେମିତିଆ ବୋହୂଟେ କେଜାଣି, କି ଶିକ୍ଷା ଦେଇ ମା' ତା'ର ଶାଶୁଘରକୁ ପଠେଇଛି, ଦେଖୁଛି ରାତିଦିନ ମଣିଷଟା ଜଞ୍ଜାଳ ଭିତରେ ଘାଣ୍ଟି ହେଉଛି, କିନ୍ତୁ ନିଜ ଆଡୁ କେବେ ଆସି

ଟିକେ ସାହାଯ୍ୟ କରିଦବା ବି ନାହିଁ । ହଁ, କେବେ ପାଟି ଖୋଲି ସୌଦାମିନୀ କହିବେ ଯଦି ଆସି ଏମିତି ଠିଆ ହେଇ ଯିବ, ଯେମିତି କେହି ଟାଣି ଓଟାରି ଭିଡିକ ନେଇ ଆସୁଛି ଏଠିକୁ!

ରଶ୍ମିର ଏ ଅବସ୍ଥା ଦେଖିଲେ ତାଙ୍କୁ ହି ଖରାପ ଲାଗୁଛି । ସହି ପାରୁନାହାନ୍ତି ସେ । ଭାରି ରାଗ ମାଡେ ନଶା ଉପରେ । ବସି ବସି ଟିଭି ଦେଖୁଛି ଦିନରାତି, ହେଲେ ବିବେକ କହୁନ ନଜ ପାଇଁ ଥାଳରେ ବାଢ଼ିକ ସୁଦ୍ଧା ନେଇଯିବାକୁ! ଅନ୍ୟ କାମ କରିବା କଥା ତ ଭାବି ବି ହେଉନ । ଏଥିରେ କ'ଣ ତାକୁ ଦୋଷ ଦେଇ ହେବ? ରଶ୍ମି ହିଁ ତ ତାକୁ ସେମିତି ହେବାକୁ ଦେଇଛି । ପାଟି ଖୋଲି ପଦେ ଅଧେ କୁହନ୍ତାନ କ'ଣ କେବେ! ପୁଅର ମା' ହେଇ ବି ଏତେ ନରୀହତା! ଗୋଟାଏ ପାଟିରେ ପର୍ ସଂସାର ଦୋହଲେଇ ପକାନ୍ତା! ହେଲେ ନା, ବୋହୂ ହେଇ ଯେମିତି ନରବରେ ସବୁ କରିଯାଉଥିଲା, ଏବେ ଶାଶୁ ହେଲା ପରେ ବି ସେ ନରବତା ତା'ର ଭଙ୍ଗ ହେଉନାହିଁ । ସେ ହିଁ ଛଟପଟ ହେଇ କେବେ କେମିତି କଛି କହି ପକାନ୍ତି ନଶାକୁ । ମାତ୍ର ସେତେବେଳେ ରଶ୍ମି ହିଁ ତା' ସପକ୍ଷରେ ଠିଆ ହୋଇ କହୁଛି, "ହ ..ମ.. ଘରକାମ କରିବାକୁ ତ ସାରା ଜୀବନ ପଡିଛି, ଏଇ କଛି ଦିନ ମଉଜ କରି ଦେଇଥାଉ!"

ଆଶ୍ଚର୍ଯ୍ୟ!! ତାରି କଷ୍ଟ ଦେଖି ଚୁପ୍ ରହି ନପାରି ଆକଟ କଲା ବେଳକୁ ସେ ନଜେ ହସି ହସି ତାଙ୍କ ବିରୋଧ କରି ପକେଇବାକୁ ଆସି ଯାଉଛି! ଶାଶୁଟାଏ ହେଇ ବୋହୂ ସପକ୍ଷରେ ପୁଣି ଏତେ ଯୁକ୍ତି! ଏମିତି କ'ଣ କୋଉ ଯୁଗରେ ହେଇଥିଲା ନା ହେବ! ମୁଣ୍ଡରେ ଗୋବର ପଶେଇ ରଖିଛି, ଆଉ ବୁଦ୍ଧି ପଶିବ କୁଆଡୁ!

ସକାଳୁ ପୁଅବୋହୂଙ୍କର ସେବା ତା'ର ସରିଯାଇଛି, ଏବେ ଆସିବ ସ୍ୱାମୀ ଆଉ ଶାଶୁଙ୍କ କଥା ବୁଝିବାକୁ । ରୋଷେଇ ସରି ଯାଇଥିଲେ ବି ଏଇଲେ ସ୍ୱାମୀର ଫରମାଇସ୍ ରଖି କଛି ଗରମ ଗରମ ଭଜାଭଜି କରି ଖାଇବାକୁ ବାଢ଼ିବ । ସେଥିରେ ପୁଣି ନତ୍ୟାନନ୍ଦ ଏଇଆ କରିନ, ସେଇଆ କରିନ କହି ଖୁଣ୍ଟା ଦେବ, ଯାହାକୁ ହସି ହସି ସେ ସହି ଯାଉଥିବ । ସେଇ କଥାଟାକୁ ଅବଶ୍ୟ ଧରି ହେବନ । ସ୍ୱାମୀ ଆଉ ଶାଶୁଙ୍କ ପାଇଁ କରିବାଟା ତା'ର କର୍ତ୍ତବ୍ୟ । ହେଲେ ବୋହୂ!! ତା' ପାଇଁ ବି ସେ କରିଚାଲିବ!

ଯୁଗଟା କେମିତି ବଦଳ ଗଲାଣି ସତରେ! ଏବେକାର ବୋହୂ ପାଖରେ ସମୟ ନାହିଁ କି ସ୍ପୃହା ବି ନାହିଁ ବସି ଶାଶୁର ସେବା କରିବାକୁ । ସେ ନିଜେ ବୋହୂ ହେଇ ଆସିଲା ବେଳେ ଶାଶୁଙ୍କ ଠାରୁ ଖୁବ୍ କଷଣ ପାଇଥିଲେ ସତ, ହେଲେ ଶାଶୁ ହେଲା ପରେ ପାଇଛନ୍ତି ସୁଖ ହିଁ ସୁଖ । ରଶ୍ମି ଏ ଘରକୁ ବୋହୂ ହେଇ ଆସିଲା ପରେ ସେ ଆଉ ଦିନେ ରୋଷେଇଶାଳେ ପାଦ ପକେଇ ନାହାନ୍ତି କି ଏ ଘରେ କ'ଣ ହେଲା ନହେଲା କିଛି ବୁଝି ନାହାନ୍ତି । ଛଅ ତିଅଣ, ନଅ ଭଜାର ହୁକୁମ ଦେଇଛନ୍ତି ଖଟ ଉପରେ ବସି ବସି କେବଳ! ଭୟରେ ହେଉ କି ସମ୍ମାନରେ ହେଉ, ରଶ୍ମି କେବେ କୋଉ ଆଦେଶକୁ ତାଙ୍କର ଅମାନ୍ୟ କରିନାହିଁ, ତାଙ୍କ ଇଚ୍ଛା ଅନିଚ୍ଛାକୁ ତଳେ ପକେଇ ଦେଇନାହିଁ । କେହି କେବେ ସେକଥା ଉପରେ ତାଙ୍କୁ କିଛି କହିଲେ, ଚିଡିଯାଇ କହିଛନ୍ତି – ହକ ପୁଅର ମା' ମୁଁ, ଏତିକି ଅୟସ ତ କରି ହିଁ ପାରିବି!

ନିଜ ଶାଶୁଙ୍କ ପଥରେ ଆଗେଇ ପହିଲି ଦିନରୁ ହିଁ ସେ ବୋହୂକୁ ନିଜ ଶାସନରେ ରଖିବାକୁ ଉଚତ୍ ମଣିଛନ୍ତି । ପ୍ରକାରାନ୍ତରେ ନୁହେଁ ବରଂ ସିଧା ସଳଖ ତା' ମୁହଁ ଉପରେ ତାକୁ ଜଣେଇ ଦେଇଛନ୍ତି ଯେ ଏ ଘରର ସର୍ବେସର୍ବା କେବଳ ସେ । ଏଠି ଯାହା କିଛି ହେବ, ତାଙ୍କରି ଇଚ୍ଛା ଅନୁସାରେ ହେବ । ସେ ଶାଶୁ, ତେଣୁ ସେ ଥାଉ ଥାଉ ଘରର ମାଲିକାଣୀ ବୋହୂ କେବେ ବି ହେଇପାରିବ ନାହିଁ । କାମଦାମ ସବୁ ସେ କରିବ, ଘରକୁ ନିଜ ହିସାବରେ ଧୁଆ ପୋଛା କରି ସଜଡା ସଜଡି କରି ରଖିପାରିବ, ହସିବ, ବୁଲିବ, ବନ୍ଧୁବାନ୍ଧବ ସାଙ୍ଗସାଥୀ କୁଣିଆ ମଇତ୍ର ସବୁ କରିପାରିବ, କିନ୍ତୁ ତାଙ୍କ ଅନୁମତି ନେଇସାରିଲା ପରେ । ଏପରିକି କେବେ କେମିତି ବାପଘରକୁ ଯିବାର ଇଚ୍ଛା କଲେ ବି ତାଙ୍କ ସୁବିଧା ଅନୁସାରେ ଯିବ, ଆଉ ରାତି ନପାହୁଣୁ ଆସି ହାଜର ହେବ । ବଜାର ଘାଟର ତ ପ୍ରଶ୍ନ ନାହିଁ । ସେସବୁ ସେ କରିବେ । ପଇସା କୋଉଠି କେତେ ଖର୍ଚ୍ଚ କରିବାକୁ ହେବ, କେମିତି କରିବାକୁ ହେବ, ସେ ବିଷୟରେ ଆଜିକାଲିର ପିଲାମାନଙ୍କର କିଛି ଅନୁମାନ ନାହିଁ। ଘର ଚଳେଇବାଟା କ'ଣ ଏତେ ସହଜ କଥା କି! ରଶ୍ମି ତ ସହଜେ ଟିକେ ପଛବୁଦ୍ଧିଆ, ତେଣୁ ତାକୁ ଆହୁରି କଠୋର ନିୟମ କାନୁନ ଭିତରେ ଛନ୍ଦିବାକୁ ପଡିଲା ।

ଏସବୁ ନିୟମ କାନୁନ ବୋହୂ ପାଇଁ ସେ ପ୍ରଥମରୁ କରି ଦେଇଥିଲେ ତାକୁ ଆକଟ କରିବାକୁ ନୁହେଁ, ବରଂ ଏଇଟା ହେଉଛି ଶାଶୁମାନେ ବୋହୂକୁ ଘରକୁ ଆଣି ଚଳେଇବାର ପ୍ରଥମ ନିୟମ । ନହେଲେ ଉପରମୁହାଁ ହେଇଯିବ ବୋହୂ, ଆଉ ପୁଅକୁ ଫୁସୁଲା ଫୁସୁଲି କରି ନିଜ ପଟିଆ କରିନେବ! ପାଠଶାଠ ପଢ଼େଇ କେତେ କଷ୍ଟରେ ପୁଅକୁ ମଣିଷ କଲେ ବୋଲି ଏ ଘରକୁ ବୋହୂ ହେଇ ଆସିବାର ଭାଗ୍ୟ ସେ ପାଇଲା, ହେଲେ ସେକଥା ଭୁଲି ଦିନ କେଇଟାରେ ସେହି ବୋହୂ ହିଁ ମା'ମାନଙ୍କର ସବୁ କଷ୍ଟ ଉପରେ ପାଣି ପକେଇବାକୁ ଅଣ୍ଟା ଭିଡି ବାହାରି ପଡନ୍ତି । ତେଣୁ ଶାଶୁ ତାଙ୍କର ଯାହା ଶିଖେଇଥିଲେ, ମାନେ ବୋହୂକୁ ପୂରା ଆୟତ୍ତରେ ପ୍ରଥମରୁ ରଖିବ, ନହେଲେ ପରେ ସେ ସିଧା ଯାଇ ତମ ମୁଣ୍ଡରେ ବସିଯିବ, ତାକୁ ସେ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି! ବେଳ ଥାଉ ଥାଉ ସାବଧାନ ହୋଇଛନ୍ତି ବୋଲି ବୋହୂ ତାଙ୍କର ଆଜି ଯାଏ ମାନ ଥାନ ଦେଇ ଆସିଛି! ଆଉ ସେଇ କଥାକୁ ରଶ୍ମିକୁ ମଧ୍ୟ ସେ ଶିଖେଇବାକୁ ଚେଷ୍ଟା କରିଛନ୍ତି ।

ହେଲେ ରଶ୍ମି ସେକଥା କରୁନାହିଁ । ବୋହୂକୁ କେମିତି ରଖିବାକୁ ହୁଏ, ଯେତେ ଶିଖେଇଲେ ବି ଶିଖୁନାହିଁ । ନେଡି ଗୁଡ କହୁଣୀକୁ ବୋହିଗଲା ପରେ ଯାଇ ଜାଣିବ, ବୁଝିବ । ସେତେବେଳେ କିନ୍ତୁ ଆଉ କ'ଣ ହେଇପାରିବ! ସବୁବେଳେ କହୁଛି ଯୁଗ ବଦଳ ଗଲାଣି! ଏବେ ଶାଶୁ ଆଉ ବୋହୂ ଭଲ ସାଙ୍ଗ । ସେମାନଙ୍କ ଭିତରେ ଭଲ ପାଇବାର ସଂପର୍କ ରହିବା ଉଚିତ୍, ଶାସକ ଆଉ ଶାସିତର ନୁହେଁ ।

ଆଶ୍ଚର୍ଯ୍ୟ! ଯୁଗ ବଦଳ ଗଲାଣି ବୋଲି ନୀତି ନିୟମ ସବୁ ବଦଳ ଯିବ ନା କ'ଣ! ତା'ହେଲେ ସେ ଆଉ ଶାଶୁ ହେବ କେବେ! ଶାଶୁ ହେଲା ପରେ ବୋହୂକୁ ଆୟତ୍ତ କରିବାରେ ଯୋଉ ସନ୍ତୁଷ୍ଟି ଅଛି, ତାକୁ ସେ ଜାଣିବ କେମିତି! ପୁଅର ମା' ବୋଲି ଗର୍ବ କରିବ କେବେ! ସେ ତ ତାଙ୍କ ଜୀବନ କାଳ ଭିତରେ ବହୁତ କରିଛନ୍ତି, ତା'ମାନେ କ'ଣ ସେ ଭୁଲ୍ କରିଥିଲେ! ମୋଟେ ନୁହେଁ । ସେମିତି ନକରିଥିଲେ ପୁଅ ଏତେବେଳକୁ ଶଶୁର ଘରେ ଯାଇ ଘରଜୋଇଁଆ ହେଇ ରହିଥାନ୍ତା!

ଖାଲି ସେଇ ଗୋଟିଏ କାରଣ ପାଇଁ ନୁହେଁ, ତାଙ୍କ ଭିତରେ ଅନ୍ୟ କୁଣ୍ଠା ବି ଥିଲା, ଯାହାକୁ ସନ୍ତୁଷ୍ଟ କରିବାକୁ ରଶ୍ମି ଉପରେ ପୂରା ଅଙ୍କୁଶ ରଖିଥିଲେ ସେ । ନିଜେ ବୋହୂ ହେଇ ଆସିଲା ବେଳର କଷ୍ଟ ଯନ୍ତ୍ରଣାକୁ ସେ କେବେ ବି ଭୁଲି ପାରିନଥିଲେ । ଶାଶୁ ତାଙ୍କର ବଡ କଠୋର ହୃଦୟର ମହିଳା ଥିଲେ । ବୋହୂ ମାନେ କ୍ରୀତଦାସୀ ହୋଇ ରହିବା ଦରକାର ବୋଲି ମଣୁଥିଲେ । ସେମାନେ ଖାଲି ଖଟିବେ, ମାତ୍ର କେବେ କୌଣସି ପ୍ରକାରର ଅଭିଯୋଗ କରିପାରିବେନି । କୋଉଠି ପାଞ୍ଚ ମିନଟ୍ ବସି ପଡିଥିବାର ଦେଖିଲେ ଏମିତି ପାଟି କରିଦେଉଥିଲେ ଯେ ଭୟରେ ତଣ୍ଟିପାଟି ଶୁଖି ଯାଉଥିଲା, ଆଉ ଅଭିଯୋଗ କରିବା ତ ବହୁ ଦୂରକୁ ରହିଲା ।

ସେପରି ଶାଶୁ ସେ ଅବଶ୍ୟ ନଥିଲେ, ତଥାପି ବି ସାହିଭାଇରେ ତାଙ୍କ ବ୍ୟବହାରକୁ ନେଇ ଭାରି ଟୁପୁରୁ ଟାପର ଚାଲେ । ବୋହୂକୁ ସେ ମଣିଷ ପରିକା ବ୍ୟବହାର କରୁନାହାନ୍ତି ବୋଲି ଲୋକମାନେ ଇଆଡେ ସିଆଡେ କହି ହୁଅନ୍ତି । ଭାରି ବିରକ୍ତ ଲାଗେ ତାଙ୍କୁ । ଏ ଲୋକଗୁଡା ସଜମାଛରେ ବି ପୋକ ପକେଇ ଦେବେ । ଯୁଗ ବଦଳ ଗଲାଣି । ସେ କ'ଣ ଆଉ ସେମିତି କଠୋର ବ୍ୟବହାର କରୁଥିବାବାଲା ଶାଶୁ ହେଇପାରିବେ! ତାଙ୍କ ଶାଶୁଙ୍କୁ ଏମାନେ ଦେଖିନାହାନ୍ତି ବୋଲି ଏଇ ସାମାନ୍ୟ କଥାକୁ ଏତେ ବଢେଇ ଚଢେଇ କହୁଛନ୍ତି । କାହିଁ ରଶ୍ମି ତ ଦିନେ ହେଲେ କୋଉ କଥାରେ ମୁହଁ ଫୁଲେଇ ନାହିଁ । କାନ୍ଦିକାଟି ଉଚ୍ଛନ୍ନ ହେଇନାହିଁ । ଯଦି ପ୍ରକୃତରେ ତାଙ୍କ ବ୍ୟବହାର ଅଯଥାର୍ଥ ହୋଇଥାଆନ୍ତା, ତେବେ ସେ କ'ଣ ବର୍ଷ ବର୍ଷରୁ ତାଙ୍କ କଥାରେ ବସ୍ ଉଠ୍ ହେଉଥାଆନ୍ତା! ପାଠଶାଠ ପଢା ଝିଅ ସେ, ତା'ର କ'ଣ ଏତିକ ବୁଦ୍ଧି ବିବେକ ନାହିଁ ଯେ ଜାଣି ପାରିବନି କୋଉଟା ଠିକ୍ କଥା ଆଉ କୋଉଟା ଭୁଲ୍ କଥା! ସେ ଜାଣୁଛି ବୋଲି ତ ଆଜି ଯାଏ କେବେ କୋଉ କଥାକୁ ତାଙ୍କର ଅମାନ୍ୟ କରିନାହିଁ । କାରଣ ସେ ନିଜେ ହି ଜଗି ରଖି ଚଳଛନ୍ତି । ବୋହୂକୁ ଯେତେ ସ୍ୱାଧୀନତା ଦେବା କଥା ଆନନ୍ଦରେ ଦେଇଛନ୍ତି । ତାଙ୍କ ସମୟରେ ସେକଥା କେହି କେବେ ଚିନ୍ତା କରିପାରିଥିବ ଭଲା !

ସେଥିପାଇଁ କେବେ କେମିତି ସାହିପଡିସାରେ ତାଙ୍କ ଶାଶୁପଣିଆ ଉପରେ ଯଦି କେହି ପ୍ରଶ୍ନ ଉଠାଏ, ଗ୍ରେକ୍ ଠୋକ୍ ସ୍ୱରରେ ସେ ଉତ୍ତର ଦିଅନ୍ତି, "କ ବା କାମ ଆମ ଘରେ! ଘରେ ତ ମା' ପୁଅ ଆମେ ଦୁଇ ଜଣ କେବଳ । ଯାହା ଗଣ୍ଡେ ତା' ଖୁସିରେ ଫୁଟେଇ ଦେଲା, ଆମେ ସନ୍ତୋଷରେ ଖାଇଦଉ । କେବେ ଲୁଣ ଅଲଣା ହେଲେ ବି ପାଟି ଫିଟୋଉ ନାହିଁ । ପଦେ ଅଧେ କ'ଣ କେତେବେଳେ କହି ଦେଉଥିବୁ ଯଦି, ତାକୁ କ'ଣ କହିବା କୁହାଯିବ! ଘରଗୃହସ୍ଥୀ କରି ଏଇ ଛୋଟମୋଟ କଥାକୁ ଧରିଲେ କ'ଣ ସଂସାର ଚଳବ! ତାରି ସୁବିଧା ପାଇଁ ପୁଅ ମୋର ବାସନ ମାଜିବାକୁ ଲୋକ, ଘର ଓଳାପୋଛା କରିବାକୁ ଲୋକ, ବାହାର କାମ କରିବାକୁ ବି ଲୋକ ଖଞ୍ଜି ଦେଇଛି! ସେ ତ ସାହିବାଣୀ ହୋଇ ବସିଛି । ଆଉ ଅସୁବିଧା କ'ଣ! ତା'ର ପରା ବାପଘର ଯାହା ଥିଲା, ଶାଶୁଘର ବି ସେଇଆ ଅଛି! ନା କେହି ଆକଟ କରିବାକୁ ଅଛି ନା କୋଉ କଥାରେ ମୁଣ୍ଡ ଖେଳେଇବାକୁ ଅଛି! ତା' ପରି ଭାଗ୍ୟବତୀ କୋଉଠି ଦେଖିଛ କେବେ!

ଆମେ ସବୁ ଯେମିତି ଶାଶୁଘରେ ଚଳୁଥିଲୁ, ଏମାନେ ଭଲା ଚନ୍ତା କରିପାରିବେ କେବେ! ଶାଶୁଙ୍କ ପାଟିରେ ଦଶ ଖଣ୍ଡ ଗାଁ କମ୍ପି ଯାଉଥିଲା । ଦିନରାତି ଯେତେ ଖଟିଲେ ବି ତାଙ୍କ ମନକୁ ଯାଏନା ଯେ ବାପଭାଇଙ୍କୁ ଦିନରାତି କଟୁ ଭାଷାରେ ଗାଳଗୁଲଜ କରିବେ । ସେସବୁ ଶୁଣି ଶୁଣି କାନ ତାବ୍‌ଦା ହେଇଗଲେ ବି ପାଟି ଫିଟେଇବାର ଯୁ ନଥିଲା । ମୁହୂର୍ତ୍ତେ କାହା ସହିତ କୋଉଠି ଟିକେ ଠିଆ ହୋଇପଡି ଖୁସି ଗପ କରିଦେଲେ ସପ୍ତ ପୁରୁଷ ଉଖାଳ ଦେବେ! ପାନରୁ ଚୂନ ଖସିବନ ଟିକେ! ତରକାରୀ ସାମାନ୍ୟ ଲୁଣିଆ ଅଲଣା ହେଇଗଲେ ପୂରା ଭାତଥାଳ ଉଠେଇ ଅଗଣାକୁ ଛାଟିଦେବେ । କାହାର ସାହାସ ଭଲା ଥିଲା ତାଙ୍କ କଥା ଉପରେ କଥା କହିବାକୁ! ଡରି ଡରି ସାରା ଜୀବନଟା ଗଲା । ଖାଲି କ'ଣ ସେତିକି! ସଞ୍ଜ ବୁଡୁବୁଡୁ ଆରମ୍ଭ ହେଇଯିବ ତାଙ୍କ ଗୋଡମୋଡା କାର୍ଯ୍ୟକ୍ରମ! ମୋଡି ମୋଡି ଥକଗଲେ ବି ପାଟି ଖୋଲି କହିବେନ ଯା' ବୋଲି! .. ଯେତେ କରୁଥିବୁ, ସେତେ ଗାଲେଇ ପଡିଥିବେ ସେ....

ଏବେକାର ବୋହୂ ସେସବୁ କରିବେ ଭଲ୍! ଆମେ ଯାହା ଯେମିତି ସବୁ ଭୋଗ କରିବା କଥା କଲୁ, ସେସବୁ ଆମ ସାଥେ ସାଥେ ମଶାଣୀକୁ ଯିବ! ସୁଖ ସ୍ୱାଚ୍ଛନ୍ଦ୍ୟରେ ଦିନ ଯାଉଛି ଏମାନଙ୍କର । ସୁଇଚ୍ ମାରି ପଙ୍ଖା ଲଗେଇ ପ୍ରତିଦିନ ଟିଭି ଦେଖୁଛନ୍ତି ବୋହୂମାନେ । ତାଙ୍କ ତାଙ୍କ ଶାଶୁର ତେଣେ ତଣ୍ଟି ଶୁଖୁ କ ପ୍ରାଣ ଛାଡୁ, ସେମାନଙ୍କର କ'ଣ ଯାଏ! ..”

କହିବାକୁ ତ କହିଦିଅନ୍ତି ସେ, କିନ୍ତୁ ପରେ ନିଜକୁ ନେଇ ତାଙ୍କ ନିଜର ହି ସନ୍ଦେହ ହୁଏ । ସତରେ କ'ଣ ସେତିକି ବିବେକବାନ୍ ସେ ଥିଲେ ସତରେ! ଏବେ ରଶ୍ମିର ଶାଶୁ ପଣିଆ ଦେଖି ତାଙ୍କ ମୁଣ୍ଡ ସତରେ ଲଇଁ ଯାଉଛି । ଲୋକମାନଙ୍କୁ କହିଲା ବେଳେ ଯେତେ ସ୍ୱଚ୍ଛାତର ସହ ନିଜ ଛବିକୁ ପରିବେଷଣ କରୁଥିଲେ, ତା'ର କାଣିଚାଏ ଭଲପଣ ତାଙ୍କ ଭିତରେ ଥାଆନ୍ତା ଭଲ୍! କମ୍ ସେ କମ୍ ରଶ୍ମିକୁ ମୁହାଁମୁହିଁ ହେଲା ବେଳକୁ ତାଙ୍କ ଅନ୍ତରାତ୍ମା ତାଙ୍କୁ ଧିକ୍କାର ତ କରୁନଥାନ୍ତା!

ଆଜି ଏତେ ବର୍ଷ ପରେ ତାଙ୍କ ବୋହୂ ଆଡକୁ ଚାହିଁଲା ବେଳେ ତାଙ୍କୁ ଏତେ ଖରାପ ଲାଗୁଛି ଯେ ଲଜ୍ୟାରେ କଳା ପଡିଯାଉଛି ମୁହଁ । କେତେ କଠୋର ହୃଦୟ ତାଙ୍କର ସତରେ! କେବେ ଦିନେ ସେଇ ମା' ଛେଉଣ୍ଡ ଝିଅଟିର ମନ ଭିତରେ ଖେଳ ବୁଲୁଥିବା ଭାବନାକୁ କ'ଣ ଜାଣିବାର ଚେଷ୍ଟା ସେ କରିଥିଲେ! କେବେ ତାକୁ ପଚାରି ତା'ର ଭଲମନ୍ଦ କିଛି ବୁଝିଥିଲେ! ତା' ନିରବ ଆଖିରେ ଚହଲି ଆସୁଥିବା ଜଳତରଙ୍ଗକୁ ଦେଖି ହାତ ବଢେଇ ଦେଇଥିଲେ ପୋଛି ଦବାକୁ! ଓଲଟି ସବୁବେଳେ ସମସ୍ତଙ୍କ ଆଗରେ କହି ବୁଲୁଥିଲେ ଯେ ତାଙ୍କ ବୋହୂ ପରି ରାଜରାଣୀ ଏ ସଂସାରରେ ଆଉ କେହି ନାହିଁ । ଭାଗ୍ୟ କରିଥିଲା ବୋଲି ତାଙ୍କ ଘରକୁ ବୋହୂ ହେଇ ଆସିଲା । ଆଉ କାହା ଘର ହେଇଥିଲେ କେତେ କଷ୍ଟ ଯନ୍ତ୍ରଣାରେ ଦିନ ଯାଉଥାନ୍ତା ତା'ର!

ଏବେ ସେଇ ସେଇ କଥା ସବୁ ମନେ ପଡିଗଲେ ଛାତି ଭିତରଟା ମନ୍ଥି ହେଇଯାଉଛି । ବୋହୂ ଯେ ଘରର ଜଣେ ମହତ୍ତ୍ୱପୂର୍ଣ୍ଣ ସଦସ୍ୟ ହୋଇଥିବ, ସେକଥାର ହେତୁ ତାଙ୍କର କେବେ ହୋଇନଥିଲା । ବୋହୂ ତ ବୋହୂ, ତା'ର ପୁଣି ମାନ ସନମାନ ଗୋଟେ କ'ଣ!

ହସଖୁସି କ'ଣ! ହେଲେ ରଶ୍ମି ସେପରି ଭାବେନ । ପ୍ରଥମ ଦିନରୁ ହି ବୋହୂକୁ ଏତେ ସୁନ୍ଦର ଭାବରେ ଆଦେରି ନେଇଛି ଯେ ଦେଖିଲେ ପେଟ ପୂରିଯାଉଛି । ତା'ର ହସଖୁସି, ମାନ ଅଭିମାନ ସବୁ ସେତିକି ମହତ୍ତ୍ୱପୂର୍ଣ୍ଣ ଯେତିକି ଏ ଘରର ଅନ୍ୟ ସଦସ୍ୟଙ୍କର, ସେକଥାକୁ ପ୍ରଥମରୁ ବେଶ୍ ଧ୍ୟାନ ଦେଇଛି । ନିଜ ବୋହୂ ଆଉ ଝିଅ ଭିତରେ ଟିକିଏ ବି ପ୍ରଭେଦ ରଖିନି । ଝିଅକୁ ପଛେ କେବେ ଥରେ ଅଧେ କୋଉ କଥା ପାଇଁ ମନା କରୁଛି ଅବା ବିରକ୍ତ ହେଇଯାଉଛି, ହେଲେ ବୋହୂ ନିଶାକୁ ତ ଆଦୌ ନୁହେଁ । ମା' ଲୋ ଧନ ଲୋ କହି କେତେ ଆପଣାର ସ୍ୱରରେ ତା' ସହିତ କଥା କହୁଛି!

ସାହିଭାଇରେ ସମସ୍ତେ ତାକୁ ପ୍ରଶଂସାରେ ପୋତି ପକାନ୍ତି । ବୋହୂ ଭାବରେ ଯେମିତି ଥିଲା, ଶାଶୂ ବି ସେମିତି ହେଇଛି ବୋଲି କୁହନ୍ତି । ହେଲେ ଏସବୁ ଦେଖି ଦେଖି ସୌଦାମିନୀଙ୍କ ଛାତିରେ ଛନକା ପଶି ଯାଉଛି । ରଶ୍ମି କ'ଣ ନିଜ ସହିତ ତାଙ୍କର ତୁଳନା କରି ତାଙ୍କୁ ହେୟଜ୍ଞାନ ମନେ କରୁଛି କି! ବୋହୂମାନଙ୍କୁ କେମିତି ରଖାଯାଏ, ତାଙ୍କ ସହିତ କେମିତି ବ୍ୟବହାର କରାଯାଏ, ପ୍ରକାରାନ୍ତରେ ସେକଥା ତାଙ୍କୁ ଜଣେଇବାକୁ, ଦେଖେଇବାକୁ ଚାହୁଁଛି କି!! ଅତି ଗୁଡେ ଭଲ ପାଇବା ଦେଖେଇ ସୌଦାମିନୀଙ୍କୁ ତାଙ୍କ ଭୁଲ୍ ବିଷୟରେ ଚେତେଇ ଦବାକୁ ଚାହୁଁଛି କି! ନିଶାର ସବୁ ଅଳି ଅର୍ଦ୍ଦଳି ଏମିତି ସାଉଁଟି ନେଉଛି ସତେ ଯେମିତି ତା'ର ଜନ୍ମକଲା ମା'! ପୁଅର ମା' ହେଇ ଏମିତି କେମିତି କରିପାରୁଛି ସେ! କାହିଁ ସେ ତ କେବେ ସେମିତି ଭାବି ପାରିନାହାନ୍ତି ଦିନେ!

କେବେ କେବେ ତ ସୌଦାମିନୀ ବିରକ୍ତ ହୋଇ ନିଜେ ତାକୁ କହି ପକାନ୍ତି, "ବୋହୂ ସେ ତୋର, କ'ଣ ପାଇଁ ତାକୁ ଏତେ ମୁଣ୍ଡରେ ବସେଇଛୁ? କିଛି କହୁନୁ କାହିଁକି? ଦେଖିବୁ ଦିନେ ଏମିତି ଜାଗାରେ ଲାତ ମାରିକି ଯିବ ଯେ ସାରା ଜୀବନ ଆଖିରୁ ଲୁହ ଝାରୁଥିବୁ ବସି! ଏ ଘରଦ୍ୱାରକୁ ସେ କ'ଣ ସମ୍ଭାଳିବ, ତୁ ଓଲଟି ତାକୁ ସମ୍ଭାଳୁଛୁ ଦିନରାତି! ବାହା ହେଇ ଆସିଛି କ'ଣ ଏମିତି ଫୁଲ୍‌ଫାଙ୍କିଆ ହୋଇ ବୁଲିବାକୁ! ଯେତେବେଳେ ପାଇଲେ ଆସୁଛି, ଯେତେବେଳେ ଯୁଆଡେ ଇଚ୍ଛା ବାହାରି ପଳୋଉଛି! ଦିନରାତି ଯାଇ ବାପଘରେ ପଶୁଛି ..

କାହାକୁ ପଚର୍‌ ନାହିଁ କ ଅନୁମତି ନେବାର ନାହିଁ! ଏଗୁଡା କ କଥା! ପୋଷାକ ତ ଏମିତି ପିନ୍ଧୁଛି .. ଛି .. ଛି ..! ଆକଟ କର ତାକୁ!"

"କ'ଣ ଆକଟ କରିବି ବୋଉ! ପିଲ୍‌ଟା ପର୍‌!"

"ପିଲ୍‌ଟା? ଆମ୍ଲେ ତା' ବୟସର ହେଇଥିଲ୍‌ ବେଳେ ତୋର ପର୍‌ ଦୁଇଟା ଯାକ ଛୁଆ ଜନ୍ମ ହେଇ ସାରିଥିଲେ! ଆଉ ତୁ ତାକୁ କହୁଛୁ ପିଲ୍‌ଟା? "

"ସେ ଯୁଗ କ'ଣ ଆଉ ଅଛି ବୋଉ! ପିଲ୍‌ଙ୍କୁ ଆକଟ କରି, ଧମକେଇ କରି କହିଲେ କ'ଣ ସେମାନେ କେବେ ମାନବେ! ଯଦି ବା ମାନଯିବେ, ତେବେ ତାଙ୍କ ମନରେ କ'ଣ ଆମ ପ୍ରତି ସେତିକ ସ୍ନେହ ଆଦର ରହିବ, ଯେତିକର ଆଶା ଆମେ କରୁଛେ! ଭଲରେ ବୁଝେଇ ସୁଝେଇ କହିଦେଲେ ଆଜି ନହେଲେ କାଲି ସେମାନେ କ'ଣ ନଜ ଦାୟୀତ୍ୱ ବୁଝିବେନ ଯେ ସେଥିପାଇଁ ଅଯଥା ତା' ମନରେ ମୁଁ କଷ୍ଟ ଦେବାକୁ ଯିବି! ଡରେଇ ଧମକେଇ ତ ପଶୁକୁ ବି ନଜର କରିହେବନ ବୋଉ, .."

ଚମକ ପଡନ୍ତି ସୌଦାମିନୀ । ରଶ୍ମି କ'ଣ ତାଙ୍କ ହୃଦୟହୀନତା ଉପରେ ଆକ୍ଷେପ କରୁଛି କ! ନଶା ସହିତ ଏମିତି ସହୃଦୟତାର ସହ ବ୍ୟବହାର କରି ସେ କ'ଣ ତାଙ୍କୁ ଜଣେଇ ଦବାକୁ ଗ୍ୱହୁଁଛି ଯେ ଯେପରି ବ୍ୟବହାର ତା ସହିତ ସେ କରିଥିଲେ, ତାହା ଏକଦମ୍‌ ଭୁଲ୍‌ ଆଉ ଅମାନବୀୟ ଥିଲ୍‌! ଏବେ ସେ ଯେଉଁ ବ୍ୟବହାର କରୁଛି ତାହା ହିଁ ପ୍ରକୃତରେ ଠିକ୍‌! ତରଳ ଯାଏ ଟେଳାଏ ବରଫ ଛାତି ଭିତରେ! ରଶ୍ମିର କାନ୍ଦୁରିଆ ଆଖି ଯୋଡିକ ଅନ୍ଧାରରେ ଚମକ ଉଠେ । ତା' ପ୍ରତି କରିଥିବା ଆଚରଣରେ ବାରମ୍ବାର ନଜେ ସାଙ୍କୁଡି ଉଠନ୍ତି । ବାରମ୍ବାର ପ୍ରଶ୍ନଟିଏ ମୁଣ୍ଡ ଭିତରେ ତାଣ୍ଡବ କରେ – ସେ କ'ଣ ଭଲ ଶାଶୁଟିଏ ନଥିଲେ ସତରେ!

ନଶା ବାହାରକୁ କାମ କରିବାକୁ ଯାଏ । ସକାଳୁ ଉଠି ଅଫିସ୍‌ ଯିବାକୁ ପ୍ରସ୍ତୁତ ହେଉ ହେଉ ଟାଇମ୍‌ ହେଇଯାଏ ତା'ର । ଅନ୍ୟମାନଙ୍କ ପାଇଁ ରନ୍ଧାବଢ଼ା କରିବା ତ ଦୂରର କଥା, ନଜ

ପେଟକୁ ନଭରି ବି ପଳେଇଯାଏ ଅନେକ ସମୟରେ । ଟେବୁଲ୍ ଉପରେ ରାନ୍ଧିବାଢ଼ି ଥୋଇଥିବା ସତ୍ତ୍ୱେ ନଖାଇକ ସେ ଚାଲିଯିବାର ଦେଖିଲେ ରଶ୍ମି ଭାରି ବ୍ୟସ୍ତ ହୋଇପଡ଼େ, "ପିଲାଟା ନଖାଇକ ପଳେଇଲା! ଏଇଲେ ଦିନସାରା ଖାଲି ପେଟରେ କାମ କରିବ ବସି! ଓଃ, କାହିଁକି ଡେରି କରିଦେଲି ଉଠୁ ଉଠୁ! ସବୁ ଗଡବଡ ମୋରି ଲାଗି ହେଇଗଲା .."

ରଶ୍ମିର ଏ ବ୍ୟସ୍ତତା ସୌଦାମିନୀଙ୍କୁ ଅଧିକ ବିରକ୍ତ କରାଏ । ବରଦାସ୍ତ ହୁଏନ ତାଙ୍କର । ବାରମ୍ବାର ତାଙ୍କୁ ଲାଗେ – ରଶ୍ମି ଯେମିତି ଜାଣିଶୁଣି ନଜ ବୋହୂ ପ୍ରତି ଥିବା ତା'ର ମିଛ ଭଲ ପାଇବାର ପ୍ରଦର୍ଶନ କରିଚାଲିଛି ତାଙ୍କ ଆଗରେ । ହେଲେ ପର ମୁହୂର୍ତ୍ତରେ ମନକୁ ବୁଝାନ୍ତି - ସେ କ'ଣ ଜାଣନ୍ତିନ ବୋହୂମାନଙ୍କ ପ୍ରତି ଶାଶୁମାନଙ୍କର କେତେ ଭଲପାଇବା ଥାଏ! ଏଗୁଡା ସବୁ ଛଳନା କେବଳ । ନଣା ଏବେ ନୂଆ ନୂଆ ଆସିଛି ତ, ତେଣୁ ରଶ୍ମି ଭଲ ଶାଶୁ ହେବାର ଛଳନା କରୁଛି । ଦିନ କେଇଟା ଗଲା ପରେ ତା'ର ପ୍ରକୃତ ଶାଶୁ ରୂପ ସାମନାକୁ ଆସିବନ ଯେ ସେ ଏତେ ଚନ୍ତିତ ହେବେ!

ହେଲେ ଆଜି ସକାଳୁ ଯଦି ନଜ ଆଖିରେ ନଣା ଆଉ ରଶ୍ମିକୁ ଏକାଠି ବସି ଥିବାର ସେ ଦେଖି ନଥାନ୍ତେ କ ତାଙ୍କ ଭିତରେ ଚାଲିଥିବା ଗପସପକୁ କାନଡେରି ଶୁଣି ନଥାନ୍ତେ, ତେବେ ସେ ହୁଏତ ସେଇ ଭ୍ରମକୁ ନଜ ଭିତରେ ଶେଷ ପର୍ଯ୍ୟନ୍ତ ପାଳ ରଖିଥାନ୍ତେ! ରଶ୍ମିର ଭଲ ପାଇବାକୁ ଛଳନାର ଆଖ୍ୟା ଦେଇ ଖୁସି ରହିଥାନ୍ତେ । କନ୍ତୁ ସକାଳର ସେଇ କଥାବାର୍ତ୍ତା ..

"ମାମା, ତମର ଏତେ ଭଲ ଶାଢ଼ୀ ଥାଉ ଥାଉ, ତମେ ସେଇ ପୁରୁଣା ଦୁଇ ଚାରି ଖଣ୍ଡ ଶାଢ଼ୀକୁ କାହିଁକି ପିନ୍ଧି ବୁଲୁଛ! ସେଗୁଡା ରଖି ରଖି ଖରାପ ବି ତ ହେଇଯିବ!"

"ଘର ଭିତରେ ତ ଅଛି ରାତିଦିନ । ସେସବୁ କାଢ଼ିବାକୁ ବେଳ ନାହିଁ କ ଧୈର୍ଯ୍ୟ ବି ନାହିଁ । ତା' ଛଡା ସେ ଦାମିକଆ ଶାଢ଼ୀଗୁଡା ପିନ୍ଧି କ'ଣ କାମ କରିହେବ ରୋଷେଇଘରେ! ଏଇ ସୂତୀ ଶାଢ଼ୀଗୁଡା ହି ଠିକ୍ । କଛି ଲାଗିଗଲେ ବି ଚନ୍ତା ହେବନ ।"

"ନା ମାମା, ସେମିତି ଭାବନ । ତୁମେ ଷେଷେଇ କରି ସାରିଲା ପରେ କମ୍ ସେ କମ୍ ଶାଢ଼ୀ ବଦଳେଇ ପକାଅ । ଭଲ ଲାଗିବ ତମକୁ । ସେସବୁ ହେବ କ'ଣ ନହେଲେ ରଖି ରଖି!"

"ତୁ ନେଇକ ପିନ୍ଧିପକା । ତତେ ଡ୍ରେସ୍ ଅପେକ୍ଷା ଶାଢ଼ୀ ଗୁଡା ଭଲ ମାନୁଛି । ତୁ ବେଶୀ ସୁନ୍ଦର ଦେଖା ଯାଉଛୁ ସେଥିରେ ।"

"ସତରେ ମାମା! ମୁଁ ତା'ହେଲେ ମଝିରେ ମଝିରେ ଏଥର ଶାଢ଼ୀ ପିନ୍ଧିବି । କିନ୍ତୁ ତୁମେ ବି ତୁମ ଶାଢ଼ୀଗୁଡା ଏଥର ପିନ୍ଧ ।"

"ହଉ, ତୁ କହୁଛୁ ଯଦି ମୁଁ ନିଶ୍ଚୟ ପିନ୍ଧିବି!"

ସାମାନ୍ୟ କଥାବାର୍ତ୍ତା । କିନ୍ତୁ ସୌଦାମିନୀଙ୍କ ଛାତି ତଳେ ରଟ୍ କରି କିଛି ହୋଇଗଲା ସତେ କି! ଝିଅଟିଏ ନାହିଁ ବୋଲି ସବୁବେଳେ ସେ ମନ ଖରାପ କଲା ବେଳେ ସ୍ୱାମୀ ତାଙ୍କର କହୁଥିଲେ, "ହଉ ଆମ କୋଳରେ ନଆସିଲେ ନାହିଁ, ଆଉ କାହାର ଝିଅକୁ ତ ଆମେ ନିଜର କରିପାରିବା ଦିନେ । ସେତେବେଳେ ନିଜର ମନସାଧ ତୁମେ ପୂରା କରିଦେବ! ବୋହୂ ବି ତ ଝିଅ ହି ନା!"

ହଁ, ସେ ବି ସେଇଆ ଭାବି ମନକୁ ସାନ୍ତ୍ୱନା ଦେଉଥିଲେ । କିନ୍ତୁ ରଶ୍ମି ଆସିଲା ପରେ ତାଙ୍କ ମନ ଭିତରେ କ'ଣ ପଶିଗଲା କେଜାଣି, ବୋହୂ ଯେ ଝିଅ, ସେକଥାକୁ ପୂରା ପାଶୋରି ଦେଲେ । କେବେ ଦିନେ ତା' ସହିତ ଏମିତି ପଦେ ଅଧେ ମନଖୋଲା କଥା ହେଇ ପାରିନାହାନ୍ତି । ମନ ଯେ କେବେ କେବେ ନହେଇଛି ତାଙ୍କର, ସେକଥା ନୁହେଁ । ହେଲେ ରଶ୍ମି ପାଖରେ ଆସି ବସିଲେ ତ! ସେ ତ ସବୁବେଳେ କିଛି ନା କିଛି ବାହାନା କରି ତାଙ୍କ ଠାରୁ ଦୂରେଇ ହି ରହିଛି । ଅବଶ୍ୟ ଏଥିପାଇଁ ଶତ ପ୍ରତିଶତ ସେ ନିଜେ ହି ଦାୟୀ । ରଶ୍ମିକୁ ଦେଖିଲା ମାତ୍ରେ ତାଙ୍କ ଭିତରେ ଶାଶୁପଣିଆଟା ଯେତେ ଜୋରରେ ଉଚ୍ଛୁଳି ଉଠେ, ତାକୁ ସେ ରୋକି ପାରନ୍ତିନି ଜମା ।

କିନ୍ତୁ ଆଜି ସକାଳେ ରଶ୍ମି ଆଉ ନିଶା ଯେମିତି ଖୁସିରେ ଗପସପ କରୁଥିଲେ, ତାଙ୍କ ମନରେ ସେତିକିବେଳୁ ଅଭାବଟିଏ ରୁଗୁ ରୁଗୁ ହେଇ ଯନ୍ତ୍ରଣା ଦେଉଛି ତାଙ୍କୁ । ଆଜି ନିଶାର ଛୁଟି ବୋଲି ଦୁଇ ଜଣ ଯାକ ମିଶି ଘରସଫା କାର୍ଯ୍ୟ କରୁଛନ୍ତି, ଖୁସିଗପ ହେଉଛନ୍ତି, ପରସ୍ପରକୁ ପ୍ରଶଂସା କରିବା ସହିତ ଟୀକ୍କା ଟୀପ୍ପଣୀ ବି କରୁଛନ୍ତି । ଦେଖିଲେ କେହି କହିବ ନାହିଁ ଯେ ସେମାନେ ଶାଶୁବୋହୂ, ବରଂ ଦୁଇ ବାନ୍ଧବୀ ଯେମିତି! ସୌଦାମିନୀ କିନ୍ତୁ ସେମିତି ବାନ୍ଧବୀ କେବେ କାହାର ହୋଇ ପାରିନାହାନ୍ତି । ବରଂ ସବୁ କାମ ବୋହୂର ଭାବି ଖଟ ଉପରେ ବସି ବସି ମାଳା ଗଡେଇଛନ୍ତି । ଏବେ ସେମାନଙ୍କୁ ମିଳମିଶି କାମ କରୁଥିବାର ଦେଖି ତାଙ୍କର ଖୁବ୍ ମନ ହେଉଛି ନିଜକୁ ସେମାନଙ୍କ ସହିତ ସାମିଲ କରିନେବାକୁ । ହେଲେ କେମିତି! ସେ ତ କେବେ ପାଣି ଗ୍ଲାସ୍ ବି ଉଠେଇ ପିଇନାହାନ୍ତି । ରଶ୍ମି ଦେଲେ ହିଁ ପିଇଛନ୍ତି । ଆଉ ଏବେ ଯଦି ସେ କହିବେ ଯେ ମୁଁ ବି ତମ ସହିତ କାମ କରିବି, ହସମଜ୍ଜା କରିବି, ତେବେ ଭୂକମ୍ପ ଆସିଯିବ ନାହିଁ ଘର ଭିତରେ!

ତଥାପି ସମ୍ଭାଳ ନପାରି ଖଟ ଉପରୁ ଉଠି ଗୋଟିଏ ଗୋଟିଏ ପାଦ ଆଗେଇ ସେମାନେ କାମ କରୁଥିବା ରୁମ୍ ପାଖକୁ ଗଲେ । ଭିତରୁ ସେମାନଙ୍କ ହସଖୁସି ଗପସପ ଭାସି ଆସୁଛି । ନିଜ ନାଁ ଶୁଣି ପାଦ ତାଙ୍କର ଦରଜା ପାଖରେ ଅଟକିଗଲା । ନିଶା ପଚାରୁଥିଲା କିଛି ରଶ୍ମିକୁ, "ମାମା, ତମକୁ ଜେଜେମା' ଜମା ଭଲ ପାଆନ୍ତିନି ନା କ'ଣ? କେବେ ତ ତମ ସହିତ ଭଲ ଭାବରେ ହସିକି ପଦେ କଥା କହିବାର ମୁଁ ଦେଖିନି!"

"ଆରେ ନା, ସେମିତି କାହିଁ ଭାବୁଛୁ! ତାଙ୍କର ଗୋଟିଏ ବୋଲି ବୋହୂ ମୁଁ, ମତେ ଭଲ ପାଇବେନି ତ ଆଉ କାହାକୁ ଭଲ ପାଇବେ? "

"ହେଲେ ସେ ଯେମିତି ସ୍ୱରରେ ତମ ସହିତ କଥା କୁହନ୍ତି, ମତେ ତ ଭାରି ଖରାପ ଲାଗେ । କେତେ ଥର ମନକୁ ଆସେ ଏମିତି ଖାଉଁ ଖାଉଁ କରି କଥା କହିବାକୁ ମନା କରିବି ତାଙ୍କୁ । କିନ୍ତୁ ତମେ ହି ବିରକ୍ତ ହେଇଉଠିବ ବୋଲି ଭାବି କିଛି ନକହି ଚୁପ୍ ହେଇଯାଏ!"

"ଆରେ ସେମିତି କଥା ହେବା ମାନେ କ'ଣ ସେ ମତେ ଭଲ ପାଆନ୍ତିନି! ସେଇଟା ତୋର ଭୁଲ୍ ଧାରଣା । ତାଙ୍କ ପରି ସ୍ନେହୀ ମଣିଷ ଏ ସଂସାରରେ କେହି ନାହାନ୍ତି । ହଁ, ଏକଥା ସତ ଯେ ତାଙ୍କ ସ୍ନେହ କରିବାର ବାଟଟା ଆମକୁ ଭଲ ଲାଗେନାହିଁ । ତେବେ ସେ କାହିଁକି ଏମିତି ବ୍ୟବହାର କରନ୍ତି, ସେକଥା ତୁ ଜାଣିଲା ପରେ ଆଉ କେବେ ବି ଖରାପ ଭାବିବୁନି ତାଙ୍କୁ ।"

"କାହିଁକି କରନ୍ତି? "

"ତା' ପଛରେ ଅଛି ମଣିଷର ମନସ୍ତତ୍ତ୍ୱ! ମୋ ଜିନିଷ ଯେପରି ସବୁଠୁ ଶ୍ରେଷ୍ଠ ହେଉ ବୋଲି ସମସ୍ତଙ୍କ ମନ ଭିତରେ ଗୋଟିଏ ସୁପ୍ତ ଆଶା ରହିଥାଏ, ସେପରି ମୋ ବୋହୂ ବି ସମସ୍ତଙ୍କର ପ୍ରିୟପାତ୍ର ହେବା ସାଥେ ସାଥେ ଇର୍ଷାର ବିଷୟ ହେଉ, ଏଇଟା ସବୁ ଶାଶୁଙ୍କ ମନରେ ଥାଏ । ସେଥିପାଇଁ ସେମାନେ ଲାଗିପଡନ୍ତି ବୋହୂମାନଙ୍କର ସବୁ ଭୁଲ୍‌କୁ ସୁଧାରି ତାକୁ ଏକଦମ୍ ନିର୍ଭୁଲ କରିପକେଇବାକୁ । ହଁ ସେଥିପାଇଁ ସେମାନେ ଟିକିଏ କଠୋର ହେଇପଡନ୍ତି, ଏକଥା ସତ । ହେଲେ ତା' ପଛରେ ବୋହୂକୁ ହଇରାଣ କରିବା ଅପେକ୍ଷା ତାକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିବାର ଇଚ୍ଛା ଅଧିକା ଥାଏ । ଜେଜେମା'ଙ୍କ ପାଖରେ ସେଇ ଇଚ୍ଛାଟା ଅନ୍ୟମାନଙ୍କଠୁ ଟିକିଏ ଅଧିକ ରହିଛି ତ, ସେଥିପାଇଁ ନଗୁହିଁ ବି ତାଙ୍କ ବ୍ୟବହାର ସେମିତି ହେଇଯାଏ ।"

"ତମକୁ ଖରାପ ଲାଗେନି କେବେ? "

"ହଁ ଲାଗିନି ବୋଲି ତ କହି ପାରିବିନି, ତେବେ ଥରେ ତାଙ୍କୁ ଚିହ୍ନିଗଲା ପରେ ଆଉ କେବେ ସେକଥା ମୁଁ ଭାବିନି । ବରଂ ଭାବିଛି ଯେ ସେ ଯାହା କହୁଛନ୍ତି ମୋରି ଭଲ ପାଇଁ ହି କହୁଛନ୍ତି!"

"ସେକଥାକୁ ସେ ଭଲ ଭାବରେ ବୁଝେଇ ସୁଝେଇ ବି ତ କହି ପାରନ୍ତେ!"

"ବାପାଙ୍କର ବୋଉ ସେ! ଏ ଘରର ମୂରବୀ! ତାଙ୍କ ବିଷୟରେ ଏମିତି ଆଲୋଚନା କରିବାଟା ଠିକ୍ ନୁହେଁ ରେ ମା' । ତାଙ୍କ ଭଲ ପାଇବା ଭାଷାର ଅଧୀନ ନୁହେଁ । ଯାହା ଠିକ୍ ଭାବିଛନ୍ତି ସେ କରିଛନ୍ତି, ଆମେ ସେଥିକୁ ବାଧା ଦେଇ ତାଙ୍କ ମନରେ କଷ୍ଟ କାହିଁ ଦେବା .."

ହତବାକ୍ ହୋଇ ଠିଆ ହେଇଥିଲେ ଦରଜା ଏପଟେ ସେ । ରଶ୍ମିର ମହାନତା ଆଗରେ ପୁଅର ମା' ହେବାର ସମସ୍ତ ଅହଙ୍କାର ତାଙ୍କର ଶୁଖିଲା ପତ୍ର ପରି ବିଛାଡି ପଡିଥିଲା । ଯେତେ ଚେଷ୍ଟା କଲେ ବି ଆଖିର ଲୁହକୁ ସେ ଆଉ ରୋକି ପାରୁନଥିଲେ । ବର୍ଷ ବର୍ଷର ସବୁ ଦମ୍ଭ ସବୁ ଆସ୍ଫାଳନ ରଶ୍ମିର ସହଜ ଉତ୍ତର ଭିତରେ ଯେମିତି ଦିଗହରା ହେଇ ଯାଉଥିଲା । ସେ ଯେ ସାରା ଜୀବନ ପୁଅର ମା' ହୋଇ ରହିବାର ଚେଷ୍ଟାରେ କେବଳ ରଶ୍ମିର ହୃଦୟକୁ ରକ୍ତ ରଞ୍ଜିତ କରିଛନ୍ତି, ଆଜି ସେକଥା ଜାଣି ପାରୁଥିଲେ । କିନ୍ତୁ ସେ ଭୁଲ୍‌କୁ ସୁଧାରିବାକୁ ତାଙ୍କ ନେଡିରେ ଗୁଡ କ'ଣ ଆଉ ଥିଲା!!

"ଆଟଲାଣ୍ଟା", ନେରୁଲ, ନବି ମୁମ୍ବଇ



# ଅମୃତତ୍ୱ



ବିନୟ ମହାପାତ୍ର

ମୁଁ ଠିଆ ହୋଇଥିବା ଏଇ ଧରିତ୍ରୀ
ମୋ ମୁଣ୍ଡ ଉପରର ଏ ଆକାଶ,
ମୋ ନିଶ୍ୱାସରେ ଏଇ ପବନ
ଏ ସବୁ ତ ମୋର,

ମୋର ଏକାନ୍ତ ନିଜର ।
ପାରିବ ତ ମୋ'ଠାରୁ ଛଡାଇ ନିଅ,
ଚେଷ୍ଟା କର,

ଲଗାଇ ତୁମର ସମସ୍ତ ସାମର୍ଥ୍ୟ ।
ଅମୃତର ସନ୍ତାନ ମୁଁ

ମୃତ୍ୟୁ ମୋର ସଦା ସହଚର ।
ଇଚ୍ଛାମୃତ୍ୟୁ ବରଦାନେ ମିଳିନାହିଁ ସତ୍ୟ,
କିନ୍ତୁ ମୃତ୍ୟୁ ମୋର ଇଚ୍ଛାଧୀନ ସଦା,

ମୃତ୍ୟୁ କେବେ ମାରି ପାରେନାହିଁ ।
ହୋଇପାରେ,
ଅସ୍ଥି, ମେଦ, ମଜ୍ଜାର ଏ ଦେହ
ଭସି ଯିବ ଅବେଳରେ ଦିନେ

କାଳର କରାଳ ସ୍ରୋତରେ ।
ହେଲେ, ମୁଁ ତ ଦେହାତୀତ,
ଦେହ ମୋର ଧାରକ କେବଳ ।
ମୁଁ କେବଳ ଏକ ନାମ,
ମୁଁ ଜାଗ୍ରତ, ଚିର ଜୀବିତ ।
କାହାର ବି ଅନ୍ତ ନାହିଁ,
ଏଇ ଅନନ୍ତ ବ୍ରହ୍ମାଣ୍ଡେ,
କେବଳ ସ୍ୱରୂପ ବଦଳି ଯାଏ ।

କାଠ ଜଳିଯାଏ ସିନା,
ହେଲେ କାଠ ସରେନାହିଁ,
କେବଳ ସ୍ୱରୂପ ବଦଳିଯାଏ,
କେଇଖଣ୍ଡ ଅଙ୍ଗାରର ରୂପ ନେଇନିଏ ।
ଜଳ ଯଦି ବରଫ କି ବାଷ୍ପ ହୁଏ
ଜଳ ତେବେବି ଥାଏ
ଖାଲି ସ୍ୱରୂପ ବଦଳିଯାଏ ।
ରୂପ, ଅରୂପ, ଅପରୂପ
ଆକାର, ସାକାର, ନିରାକାରର
ଗୁଣେ ଗୁଣି ଗୁଣି,
ନିର୍ଗୁଣର ଗୁଣାତୀତ ସତ୍ତାର ସନ୍ଧାନେ,
ଅବଗୁଣ ନେଇ,
ଆକାରେ, ନିରାକାର ଖୋଜେ,
ଭବେ ମିଳିଗଲା, ପୁଣି
ଭବଶୂନ୍ୟ ଅଭବେ ଖୋଜୁଛି !
ଦୁଃଖ ନାହିଁ,
କେହି ମୋତେ ଦେଖେ ଅବା
କେହି ମୋତେ ଅଦୃଶ୍ୟ ମଣଇ ।
ମୁଁ ତ ଏଇଠି ଅଛି, ଏଇଠି ନାହିଁ
ଦେଖି ପାରିବାର ଦୃଷ୍ଟି ଅଛି ତ' ଦେଖ
ଏଠି, କିଛି ବି ଅସମ୍ଭବ ନୁହେଁ ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

# ଶୂନ୍ୟସ୍ଥାନ



ରବି ଶତପଥୀ

ଶୂନ୍ୟ ମନ୍ଦିର ଭିତରୁ
ଭାସି ଆସୁଛି ଯେଉଁ
ଘଣ୍ଟିଘଣ୍ଟାର ଧ୍ୱନ
ସେ କାହାର ?
କାହା ଛାତିରେ
ଧକକା ଖାଇ
ବୁମେରାଂ ପରି
ଫେରି ଆସୁଛି
ଯେଉଁ ଭଲପାଇବା
କ'ଣ ତା'ର ଅର୍ଥ ?

କାହାକୁ ପଚ୍ଚାରିବୁ ଚକ୍ରଧର!
ସଭିଏଁ ନିରୁତ୍ତର
ନିଜ ନିଜ ବାଟରେ,
ସଭିଏଁ ମୁଖରେ
ଆପଣା ଆପଣାର
ନୀରବତା ସାଥିରେ ।

ପିଲାଦିନେ ପୂରଣ
ହୋଇ ପାରିନଥିବା
କଛି ଶୂନ୍ୟସ୍ଥାନ
ଏବେ ବି ଖାଲି ପଡିଛି
ଛାତି ଭିତରେ,
ବାପା ପଚ୍ଚାରିଥିବା
ଅନେକ ପ୍ରଶ୍ନର ଉତ୍ତର
ଏବେ ଖୋଜା ପଡିଛି
ଏ ଅପରାହ୍ଣରେ ।

ଏମିତି କଛି ଶୂନ୍ୟସ୍ଥାନ
ସାରା ଜୀବନ
ରହିଯାଏ ରେ ଚକ୍ରଧର!
ଯାହା ପାଇଁ ମିଳୁନଥାଏ
ଗୋଟେ ଉପଯୁକ୍ତ ଶବଦ,
ଆଉ କଛି ଶବଦ
ଏତେ ଅସହାୟ ଯେ,
ଜୀବନ ସାରା ସେମାନେ ଖୋଜୁଥାନ୍ତି
ଗୋଟେ ଶୂନ୍ୟସ୍ଥାନ ॥

ଅଧାପକ, ଓଡିଆ ବିଭାଗ, ନନ୍ଦପୁର
କଲେଜ, କୋରାପୁଟ

# ଆଜି କରି ନଅ ହେ ଶପଥ



ଶାନ୍ତିଲତା ମିଶ୍ର

ଶାନ୍ତିର ନିଳୟରେ, ଅବିରାମ ଏ ଅଶାନ୍ତିର ପ୍ରଳୟ ।
ସମ୍ଭବ ହୋଇପାରେ ସାଥି, ତୁମ ଯୋଗୁ ହିଁ କେବଳ ॥ ୧ ॥
ନଥିଲେ ବି ନିଆଁ ଧୂଆଁ, ଛାଡ ତୁମେ ମୁଖ ତୂଣୀରରୁ ଯେଉଁ କଟୁକ୍ତିର ତୀର ।
ସେ ତୀରରୁ ହୁଏ ସୃଷ୍ଟି ମନ କୁଟା ଗଦା ତଳେ ନିଆଁ ମାଳ ମାଳ ॥ ୨ ॥
କୁହୁଳ କୁହୁଳ ଜଳ ଯେତେବେଳେ, ସବୁ ହୋଇଯାଏ ପାଉଁଶରେ ପରିଣତ ।
ତଥାବି ବି ଦେଖୁଛି ତୁମ ଆତ୍ମା, କେବେ ହୋଇ ନାହିଁ ତୃପ୍ତ ॥ ୩ ॥
ଗଳ୍ପ ଗୁନ୍ଥୁଥାଅ ବୁଢିଆଣି ଜାଲ ପରି ଅଉ କଛି ସୂତା ଖିଅ ।
ଜାଲେ ପଡିଗଲେ କେହି, ଟାଣି ଆଣି କରନ୍ତ ପ୍ରତାରିତ ଅହରହ ॥ ୪ ॥
କାହିଁକି ଏ ଭୟଙ୍କରି ଇଛା, ପ୍ରଳୟଙ୍କରୀ ବେଶ କୁହତ ତୁମର ।
ଥରାଇ ଦିଏ ମଞ୍ଚ, ଡରାଇ ଦିଏ ସାରା ବିଶ୍ୱ ଦରବାର ॥ ୫ ॥
ଲୁଚ ଯାଆନ୍ତି ଡରେ, ଆଖ ପାଖ ଯେତେ ଜଙ୍ଗମ ସ୍ଥାବର ।
ମୁଁ କନ୍ତୁ ଝାସ ଦିଏ ସେ ଅନଳେ, ନ ପାଇ କଛି ଅନ୍ୟାନ୍ତର ॥ ୬ ॥
ଏବେ ତ ଅଭ୍ୟାସରେ ପଡିଗଲାଣି, ଏପରି ହନ୍ତସନ୍ତ ହୋଇ ଏ ବଞ୍ଚିବା ।
ହେଲାଣି ପଥର ଏ ଶରୀର, ନ ଲାଗେ ଆଉ ଟିକେ ବି ଯନ୍ତ୍ରଣା ॥ ୭ ॥
ଥକ ନାହିଁ ତୁମେ କପରି, ଭାବୁଛି କେବଳ ନିରବରେ ମନେ ମନେ ।
ଗର୍ଜିବା, ତର୍ଜିବା, ଉଜାଡିବା, ବ୍ୟତୀତ ଆଉ କଛି ଶିଖ ଏ ଜୀବନେ ॥ ୮ ॥
ମଣିଷ ଜୀବନ, କେତେ ମୂଲ୍ୟବାନ, ଥରେ ଗଲେ ମିଳେନା ଦିଥର ।

ଏମିତି ସାରି ଦେବକ, ମୂଲ୍ୟବାନ ଏ ସମୟ, ଦହି ସବୁକୁ ଅନଳେ ॥ ୯ ॥

ଏବେ ବି ସମୟ ଅଛି, ଅଟକ ଯାଅ ସେଇଠାରେ ଆହେ ସାଥୀ ।

ଥଣ୍ଡା ମନ ନେଇ, କରିଯାଅ ଏ ଜୀବ ଜଗତର, ଉପକାର କଛି ॥ ୧୦ ॥

ଏ ନୂଆ ବର୍ଷରେ ଥରେ ବି ହେଉ ପଛେ କର କଛି ତ ଶପଥ ।

ନଜେ ବଞ୍ଚି, ବଞ୍ଚିବାକୁ ଦିଅ ଭଲରେ, ଆନନ୍ଦରେ ଏ ସାର୍ା ଜଗତ ॥ ୧୧ ॥

ହେ ନୂଆ ବର୍ଷା ! ତୁମ ପରେ ଅଛି ମୋର ଅଟଳ ଆଶା ଓ ବିଶ୍ୱାସ ।

ପରିବର୍ତ୍ତନ ଆଣିବାର ଶକ୍ତି, ଏବେ ବି ତୁମ ପାସେ ଅଛି ତ ନଶ୍ଚିତ ॥ ୧୨ ॥

ବଦଳାଇ ଦିଅ ମୋର ଗୃହିଣୀଙ୍କ, ଘର ଜଳା ଗୁଣ ଓ ଯୋଗ୍ୟତା


ଅନ୍ୟର ଦୁଃଖରେ ଦୁଃଖି, ସୁଖରେ ସୁଖୀ ହୋଇ ହୁଅନ୍ତୁ ଆନନ୍ଦିତା ॥ ୧୩ ॥

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

**"ବେଦାନ୍ତୀର ଫେବୃୟାରୀ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଜାନୁୟାରୀ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲ୍: vedantimagazine@gmail.com"**

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# "ଭଳିଆ" ର ଭେଳକ



ଅନୁସୂୟା ମିଶ୍ର

ଜାଣିଛି, ମୋ କଥା ଶୁଣି ତୁ ଆଶ୍ଚର୍ଯ୍ୟ ହୋଇଯିବୁ । ଏ କଥା ବି ସତ ଯେ ଆଜି ପର୍ଯ୍ୟନ୍ତ କେହି ନିଜ ଝିଅକୁ ଏଭଳି କଥାଟିଏ କହିନଥିବେ । ହୁଏତ ଆମ ସମାଜ ମଧ୍ୟ ଏଭଳି ଚିନ୍ତାଧାରାଟିକୁ ସଂପୂର୍ଣ୍ଣ ଭାବରେ ଅଗ୍ରାହ୍ୟ କରିଦେବ । ତଥାପି, ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୋଡ ଉପରେ ଠିଆ ହୋଇ ତୋ ଆଶାୟୀ ଆଖି ଯୋଡିକ ଯେତେବେଳେ ମୋ ଅଭିଜ୍ଞତାର ସାହାଯ୍ୟ ମାଗୁଛି, ସେତେବେଳେ ମୋ ଅନୁଭୂତିରୁ ମୁଁ କେବଳ ଏତିକି କହିବି....

ମା'ରେ,

ଶାଶୁଙ୍କୁ କେବେହେଲେ "ମା ଭଳିଆ" ବୋଲି ଭାବିବୁନି । ନା କେବେ ଆଶା କରିବୁ ଯେ ସିଏ ତୋତେ ତାଙ୍କ "ଝିଅ ଭଳିଆ" ଦେଖନ୍ତୁ ।

ମା' କୋଳ ଛାଡି ଆଜି ପ୍ରଥମ ଥରେ ପାଇଁ ତୁ ତୋ ନିଜ ଦୁନିଆରେ ପାଦ ଦେବାକୁ ଯାଉଛୁ । ସ୍ୱାଭାବିକ ଭାବରେ, ଅପରିଚିତ ସେଇ ବାତାବରଣ ଭିତରେ ତୁ ତୋର ଅଭ୍ୟସ୍ତ ଦୁନିଆଟିକୁ ହିଁ ଖୋଜି ବସିବୁ । ପ୍ରତିଟି ସଂପର୍କର ସ୍ପର୍ଶରେ ପରିଚିତ ଏକ ଉଷ୍ମତାର ଆଶା ତୁ ରଖିବୁ । ଚିରାଚରିତ ଚିନ୍ତାଧାରାର ବଶବର୍ତ୍ତୀ ତୋ ମନ ଧାଇଁଯିବ ଶାଶୁଙ୍କ ପଣତକାନିର ଛାଇ ତଳେ ନିଜ ମା'କୁ ଭେଟିବା ପାଇଁ । ଅବାଧ ତୋ ଅବଚେତନ ବାରମ୍ବାର ଅଡିବସିବ ପଛରେ ଛାଡି ଆସିଥିବା ସମସ୍ତ ଅଧିକାର, ତଥା ସମସ୍ତ ସ୍ୱାଧୀନତାକୁ ଫେରି ପାଇବା ପାଇଁ । କିନ୍ତୁ ଧନ, ମୁଁ ଚାହେଁ ଠିକ୍ ସେତିକିବେଳେ ବାସ୍ତବିକତାର ଦୃଷ୍ଟି ଖୋଲି ତୁ

ଚହ୍ଲାଇଦେବୁ ତୋ ମନକୁ, ତୋ ଆଖି ଆଗରେ ଥିବା ପରିବର୍ତ୍ତିତ ପରିସ୍ଥିତିର ପ୍ରତିଟି ବିଭ୍ରବକୁ......ଇଏ ତୋର ଶାଶୁ, ମା' ନୁହନ୍ତି । ଆଉ, ତୁ ତାଙ୍କ ବୋହୁ, ଝିଅ ନୁହଁ ।

"ମାତୃସ୍ଥାନୀୟା" ଏବଂ "ମା ଭଳଆ" ମଧ୍ୟରେ ଆକାଶ ପାତାଳର ଫରକ୍ । "ମାତୃସ୍ଥାନୀୟା"ର ବିସ୍ତୃତ ପରିସର । ମାତୃବୟସ୍କ, ଅଥବା ଆମଠାରୁ ଯଥେଷ୍ଟ ବୟୋଜ୍ୟେଷ୍ଠ ପ୍ରତ୍ୟେକ ମହିଳା ହିଁ ଆମର ମାତୃସ୍ଥାନୀୟା । ମାତ୍ର "ମା ଭଳଆ"ର ଦୃଷ୍ଟିକୋଣ ସଂକୀର୍ଣ୍ଣ । ସେଥିରେ ନିଜ ଜନ୍ମଦାତ୍ରୀ ସାଙ୍ଗେ ତୁଳନା କରି ଦେଖିବାର ମନୋବୃତ୍ତିଟିଏ ନିହିତ ଥାଏ । ଏଭଳି ତୁଳନା ଖାଲି ଅସମ୍ଭବ ନୁହେଁ, ଅସଂଗତ ମଧ୍ୟ । ନିଜ ସନ୍ତାନ ପ୍ରତି ମା' ମନରେ ଯେଉଁ ସ୍ୱାଭାବିକ ଅନୁଭବ ଥାଏ, ତାହା ଯଦି ଦ୍ୱିତୀୟ ଆଉ କାହା ମନରେ ଆସିପାରନ୍ତା, ତେବେ ମା'କୁ ଭଗବାନଙ୍କର ସ୍ଥାନ ଦିଆଯାଆନ୍ତା ନାହିଁ । ତୋ ଶାଶୁ ମଧ୍ୟ ଯଦି ତୋତେ ଝିଅ ଭଳଆ ଦେଖିବେ, ତେବେ ସ୍ୱାଭାବିକ ଭାବରେ ତାଙ୍କ ମନ ତୋଠାରେ ନିଜ ଝିଅକୁ ହିଁ ଖୋଜିବ । କିନ୍ତୁ ଏହା ଏକ ଅସମ୍ଭବ ଆଶା ନୁହେଁ କି? କଥାଟିଏ ନିଚ୍ଛଟ ସତ୍ୟ ଯେ, ନା ସେ ତୋତେ ଜନ୍ମ ଦେଇଛନ୍ତି ନା ତାଙ୍କ ନିଜ ହାତରେ ତୋତେ ଗଢି ତୋଳିଛନ୍ତି । ତେଣୁ ସେ ଜାଣିବେ କିପରି ତୋ ମନଟି କେଉଁ ଉପାଦାନରେ ଗଢା....ତୋ ଆଖିରେ କେଉଁ ରଙ୍ଗର ସ୍ୱପ୍ନର ପସରା? କେଉଁ କଥା ତୋ ମନକୁ କିପରି ଆଘାତ କରେ ସେ ବିଷୟରେ ସିଏ ଯେ ଅନଭିଜ୍ଞା ! ତୋ ଆଖିରେ ଲୁହ ଟୋପେ ଜକେଇ ଆସିବା ପୂର୍ବରୁ ତାଙ୍କ ମନ ବା ଘାଣ୍ଟି ହୋଇଯିବ କିପରି? ମାତ୍ର ଏହା ତାଙ୍କ ଦୋଷ ନୁହେଁ, ନିଚ୍ଛକ ଏକ ବାସ୍ତବିକତା । କହିଲୁ, ତାଙ୍କ ଜନ୍ମିତା ଝିଅ ତାଙ୍କୁ ଯେପରି ବୁଝିପାରେ, ତୁ କ'ଣ ସେପରି ପାରିବୁ? ତୁ କ'ଣ ଚହ୍ଲିପାରିବୁ ତାଙ୍କ ମନର ଅକୁହା ଭାଷାକୁ.....ତାଙ୍କ ଆଖିକୋଣରେ ଢଳ ଢଳ ହେଉଥିବା ଅଦୃଶ୍ୟ ଆଶାସବୁକୁ? ମାତ୍ର ଏହାକୁ ତୋର ଦୋଷ ବୋଲି ଭାବିବା ମଧ୍ୟ ସର୍ବତୋ ଭାବେ ଅସମୀଚୀନ ଏକ ଚିନ୍ତାଧାରା ।

ପ୍ରତ୍ୟେକ ସଂପର୍କର ନିଜସ୍ୱ, ଭିନ୍ନ ଏକ ସ୍ୱାଦ ଥାଏ, ନିଜସ୍ୱ ସୀମିତ ଏକ ପରିସର ମଧ୍ୟ। ନୂଆ କରି ଅଙ୍କୁରି ଉଠୁଥିବା ବନ୍ଧନଟିକୁ ପୁରୁଣା ଏକ ସଂପର୍କର ଛାଇ ତଳେ ରଖି ଯେତେ ଆଦର ଯତ୍ନ କଲେ ମଧ୍ୟ ତାହା କ'ଣ ଆଶାନୁରୂପ ଫଳ ଦେଇପାରିବ? ନିଶ୍ଚିତଭାବେ ଗୁଡିଏ ତିକ୍ତତାକୁ ଜନ୍ମ ଦେବ ସିନା ! ଶାଶୁଙ୍କ ମା' ବୋଲି ଅଥବା ବୋହୁକୁ ଝିଅ ବୋଲି ଭାବିବାରୁ ହିଁ ଦୈନନ୍ଦିନ ଜୀବନରେ ତାଙ୍କଠାରୁ ଆମେ ପୂର୍ବରୁ ଅଭ୍ୟସ୍ତ ନିର୍ଦ୍ଦିଷ୍ଟ କିଛି ବ୍ୟବହାରର ଆଶା ରଖୁ ଏବଂ ଏହି ଅସମ୍ଭବ ଆଶାଟି ପୂରଣ ନହେଲେ ସଂପର୍କ ଦୁଇଟି ମଧ୍ୟରେ ଦୂରତାର ସୂତ୍ରପାତ ହୁଏ। ସମୟକ୍ରମେ ଏହି ଦୂରତା ଏତେ ବଢିଯାଏ ଯେ ଜୀବନ ସରିଯାଏ ସିନା, କିନ୍ତୁ ଜଣଙ୍କର ମନର ଭାବ ଅନ୍ୟଠାରେ ପହଞ୍ଚି ପାରେନାହିଁ। ନା ସେମାନେ ପରସ୍ପରକୁ ଚିହ୍ନିବାକୁ ସମର୍ଥ ହୁଅନ୍ତି, ନା ବୁଝିବାକୁ। ଆବହମାନ କାଳରୁ ପ୍ରଚଳିତ ଶାଶୁ- ବୋହୁ ସଂପର୍କରେ ତିକ୍ତତାର, ହୁଏତ ଏହା ହିଁ ମୂଳ କାରଣ।

କହିଲୁ, ସ୍ୱାଭାବିକ ଭାବରେ ଯାହା ଯେମିତି ତାକୁ ସେହି ହିସାବରେ ଆଦରି ନେଲେ କ୍ଷତି ଅବା କ'ଣ? ତେଣୁ ମୋର ଏତିକି କହିବାର କଥା ଯେ, ଶାଶୁଙ୍କୁ ତୁ ଶାଶୁ ବୋଲି ହିଁ ଭାବିବୁ ଏବଂ ନିଜ ସଂସ୍କାର ଅନୁଯାୟୀ ତାଙ୍କୁ ସଂଭ୍ରମତାର ସହିତ ଶ୍ରଦ୍ଧା ତଥା ସମ୍ମାନ କରିବୁ। କଥାଟିଏ ମନରେ ଗଣ୍ଠି କରିଦେବୁ ଯେ ତୋ ମା' ଆଉ ତାଙ୍କ ମଧ୍ୟରେ ଅନେକ ଫରକ୍ ଅଛି। ସେହିଭଳି, ତାଙ୍କ ଝିଅ ଏବଂ ତୋ ମଧ୍ୟରେ ବି ଏକ ଜନ୍ମଗତ ବ୍ୟବଧାନ ରହିଛି। ଏହି ବ୍ୟବଧାନଟିକୁ ଆଦରି ନେବା ପରେ ଦେଖିବୁ କେତେ ସହଜ ହୋଇଯିବ ପରସ୍ପରର ଦୋଷଗୁଡିକୁ କ୍ଷମା କରିଦେବା। ଆଉ, କେତେ ସରଳ ଲାଗିବ ଆଶାନୁରୂପର ଅପ୍ରାପ୍ତିକୁ ଏଡାଇ ଦେଇ ପରସ୍ପରର ହାତ ଧରି ଦୈନନ୍ଦିନ ଜୀବନରେ ଆଗେଇ ଯିବାଟା।

ମା- ଝିଅ ସପର୍କ ଅଧିକାରର ଭିତ୍ତିଭୂମି ଉପରେ ଗଢା। ମାତ୍ର, ଶାଶୁ- ବୋହୁ ସଂପର୍କର ମୂଳଦୁଆ କର୍ତ୍ତବ୍ୟବୋଧ ଉପରେ ପର୍ଯ୍ୟବେଶିତ। ଏହି ସଂପର୍କଟି ପ୍ରଥମରୁ ଖୁବ୍ ନିର୍ଜୀବ ମନେ ହେଉଥିଲେ ମଧ୍ୟ କର୍ତ୍ତବ୍ୟ କରୁ କରୁ ସମୟକ୍ରମେ ସୁଦୃଢ ଏକ ସ୍ନେହର ରଜ୍ଜୁରେ

ବାନ୍ଧି ହୋଇ ଶାଶୁ, ବୋହୂ ପରସ୍ପରର ନିକଟତର ହେବାକୁ ଲାଗନ୍ତି । ଏହି ନିବିଡତା ହିଁ ଅଧିକାରକୁ ଜନ୍ମ ଦିଏ । ଫଳସ୍ୱରୂପ ଜଣେ ଅନ୍ୟଜଣକ ଉପରେ ମାନ- ଅଭିମାନ ବି କରିପାରେ, ପୁଣି ଜଣକର ତିରସ୍କାରଜନିତ ଆଘାତକୁ ଅନ୍ୟଜଣେ ଦୁଇ ଟୋପା ଲୁହରେ ପୋଛି ନିଶ୍ଚିହ୍ନ କରି ଦେଇପାରେ । ମତର ଅନ୍ତର ହୁଏ ସତ, ମାତ୍ର ଜଣକ ମନରୁ ଅନ୍ୟ ଜଣେ କେବେ ବି ଅନ୍ତର ହୋଇପାରେ ନାହିଁ । ସ୍ଥଳବିଶେଷରେ, କେହି ଶାଶୁ ମା'ଠାରୁ ଅଧିକ ସ୍ନେହ କରିବା, ଅବା ବୋହୂଟିଏ ନିଜ ଝିଅଠାରୁ ବି ଅଧିକ ନିଜର ହୋଇପାରିବାର ଦୃଷ୍ଟାନ୍ତ ଯେ ନାହିଁ,ସେ କଥା ନୁହେଁ । ମାତ୍ର ସାର୍ବଜନିକ ଭାବରେ ଏ ପ୍ରକାର ଆଶାଟିଏ ରଖିବା ଆଦୌ ସମୀଚନ ମନେ ହୁଏନାହିଁ ।

ମନେ ରଖିଥିବୁ, ଏଇ "ଭଲଆ"ର ଭେଳକ ହେଉଛି ଗୋଟିଏ ଗୋଲକଧନ୍ଦା । ଯଦି ଥରେ ତୋ ମନକୁ ସେଥିରେ ଛନ୍ଦି ଦେବୁ, ତେବେ ସାରାଜୀବନ ଗୁଡିଏ ବିଫଳ ଆଶା- ଆକାଂକ୍ଷାକୁ ନେଇ ଘାଣ୍ଟି ହେବୁ ସିନା, ସ୍ୱସ୍ତିର କ୍ଷଣଟିଏ ବି ବଞ୍ଚିପାରିବୁ ନାହିଁ । ଚର୍ବିତଚରିତ ଏକ ଆଦର୍ଶବାଦର ଆବର୍ତ୍ତରେ ସାରାଜୀବନ ଘୁରିବୁଲିବା ଅପେକ୍ଷା ବାସ୍ତବତାର କୂଳକୁ ଆଦରିନେବା ଠିକ୍ ହେବନି କି? ନିର୍ଜନ ହୋଇପାରେ, କିନ୍ତୁ ସେଠାରେ ଆତ୍ମଗ୍ଲାନୀର ଶ୍ୱାସରୁଦ୍ଧତା ତ ନଥିବ! ଚାରିଆଡ ଅପରିଚତ ଲାଗିପାରେ, ମାତ୍ର ନିଶ୍ଚିତ ବ୍ୟର୍ଥତାର ଘନ କୁହୁଡି ତ ନଥିବ! ଦେଖିବୁ, ତୋ ପାଦତଳର ମାଟି ଖୁବ୍ ସ୍ପଷ୍ଟ ଦେଖାଯିବ, ଭବିଷ୍ୟତ ଆଉ ଭୟ ଦେଖାଇ ପାରିବନି, ଜୀବନର ଚଲାପଥଟି ବି ସରଳ, ଆଉ ସହଜ ହୋଇଯିବ । ମନକୁ ମନେଇ ପାରିଲେ ମାନସିକତାର ପରିବର୍ତ୍ତନ ଦୁରୂହ ବ୍ୟାପାରଟିଏ ନୁହେଁ ତ !

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର

# ଆଶାର ସୂରୁଜ



ଭାସ୍କର ଚନ୍ଦ୍ର ଖଣ୍ଡା

ସକାଳ ସୂରୁଜର ଛିଟା
ତା'ର ନରମ କରଣ
ଆଣେ କେତେ ନୂଆ ଆଶା
ସତେ ଅବା ଝରିଥାଏ
ପ୍ରଭୁ ବୁଦ୍ଧଙ୍କର ଆଶୀର୍ବାଦ ପରି
ଦେଇ କେତେ ସତେଜତା ଭରି
ଅନ୍ଧକାରମୟ ରଜନୀର ଅନ୍ତହେବା ପରେ
ବଢେ ପୁଣି ସେ ଆଗକୁ ନୂଆ ସନ୍ଧାନରେ |1|

ଭୁଲ ଆଉ ଠିକ୍ ର ହିସାବ
ପାପ ଆଉ ପୁଣ୍ୟର ପ୍ରାୟଶ୍ଚିତ
ବହିଥାଏ ସେ ଭିତରେ ଜୀବନର ସ୍ରୋତ
ଭଙ୍ଗାରୁଜା ଅଧାଗଢ଼ା ସ୍ୱପ୍ନ
ହୋଇଥାଏ କେତେ ଚରିତାର୍ଥ
ହଜିଯାଏ କେତେ ସ୍ମୃତି ଗୁଛା
ଦରପୋଡା ହୋଇ ସେଇ
ଚୁହ୍ଲିତଳ ଅଙ୍ଗାରର ପାଉଁଶ ଭିତରେ |2|

ଏଇତ ଜୀବନ
ଭୁଲି ଯାଇ ଗ୍ଲାନ ଆଉ ଦୁଶ୍ଚିନ୍ତାକୁ
ବିଗତ ରଜନୀର ସେଇ ଦୁଃସ୍ୱପ୍ନକୁ
ଖୋଜେ ନୂଆ ଆଶାର କରଣ
ତୋଳ ଆଣି ସଜ ଫୁଟା ଫୁଲ
ସେଇଥିରେ ଗୁନ୍ଥେ ଫୁଲମାଳା
ଭରିଦେଇ ସୁମଧୁର ବାସନା ତହିଁରେ
ଦେଖେ ନିଜ ପ୍ରତିବିମ୍ବ ମନ
ଆଇନାରେ |3|

ସହଦେବଖୁଣ୍ଟା, ବାଲେଶ୍ୱର

# ସୀମା ଉପରାନ୍ତ



ଅଶୋକ ବିଶ୍ୱାଳ

ଏମିତି ରାସ୍ତାରେ ଦିନେ ଚାଲୁଥିଲି
ଭାବିବାକୁ ଲୋକେ ଡରୁଥିଲେ
ରସ୍ତା ଥିଲା ସରୁ ଆଉ ଅଙ୍କାବଙ୍କା
ଲୁଚଯାଉଥିଲା ପାହାଡ ଧାରରେ
ସମସ୍ତେ କୁହନ୍ତି
କାଳର ଗୁମ୍ଫାକୁ ରାସ୍ତା ଲମ୍ବି ତ ଯାଇଛି
ଏକ ପାହାଡି ତୀଖରେ ସରି ତ ଯାଇଛି
ଫେରି ଆସିବାର ବାଟ କେଉଁଠି ତ ନାହିଁ ।

ସମସ୍ତେ ଜାଣନ୍ତି
ବାଟରେ ଅଛି ଏକ ଆତ୍ମା
ଏକାକୀ ପଥିକକୁ ଡାକଦିଏ
ଅନେକ ଡରାଏ
ସମସ୍ତେ ଜାଣନ୍ତି
ଆତ୍ମା ମରିଚିକା କରେ ତ ତିଆରି
ବୁଢୀଆଣୀ ଜାଲ ଛନ୍ଦି ଦିଏ
ପଥିକକୁ ଗୁଡାଇ ଦିଏ ଅଦେଖା ସୂତାରେ ।



ଚାଲୁଥିଲି ମୁଁ ସେହି ରାସ୍ତାରେ
ଏକାକୀ, ମୋର ଛାଇ ସାଥିରେ ନଥିଲା
ମୋତେ ଚାଲିବାକୁ କେତେ ମନା କରିଥିଲେ
ତଥାପି ଚାଲୁଥିଲି ଏକାକୀ ହୋଇକ ।

ସେହି ଗୁମ୍ଫାରେ ମୁଁ ପଶିଗଲି
କହିଥିଲେ ଭୟଙ୍କରୀ ଏହାକୁ ତ
ପାଦଶବ୍ଦ ଆଉ ଶୁଣା ଯାଉ ତ ନଥିଲା
ରାସ୍ତା ଦେଖା ଯାଉ ତ ନଥିଲା
ମୁଁ ମୋତେ ଦେଖି ପାରୁତ ନଥିଲି
ଛାଇ ଅନ୍ଧାରରେ
ଆକାର ମାନ କୁଆଡୁ ଆସି ଯାଉଥିଲେ
କାହାକୁ ନଡରି
ଚାଲୁଥିଲି ମୁଁ ଆଗେଇ ।

ପହଁଚ ଗଲି ମୁଁ ପାହାଡି ତୀଖରେ
ପଥର ମାନ ବଡରୁ ବଡ ହୋଇ ଯାଉଥିଲା
ଫୁଲସବୁ ରଙ୍ଗୀନ ହୋଇଯାଉଥିଲା
ଝରଣାର ସ୍ୱର ଥିଲା ବହୁତ ତ ଜୋର
ଚାରିଆଡେ ସୁଗନ୍ଧ ଘୁରି ବୁଲୁଥିଲା
ପାଉଥିଲି ଅରଣ୍ୟର ଗନ୍ଧ
ପାହାଡି ତୀଖ ଅତିକ୍ରମ କରିଯାଇଥିଲି ।



ଫେରନ୍ତା ରାସ୍ତା ଦେଖାଯାଉ ତ ନଥିଲା
ପାହାଡର ଚୂଡା ଦେଖା ଯାଉତ ନଥିଲା
ରାସ୍ତା କଥା, ଫେରିବାର କଥା ଭାବୁତ ନଥିଲି
ଉଚ୍ଚ ପର୍ବତର କଥା ମନରେ ନଥିଲା
ପାହାଡି ତୀଖ କରିଗଲି ଅତିକ୍ରମ
କେବେ ଆଉ ଫେରିବନି
କଛି ମନେ ରଖିବିନି ।

ସେକ୍ଟର- ୩, ସଲ୍ଟଲେକ, କଲିକତା

# ମୋ ଗାଁ ର ସୁନ୍ଦର ପ୍ରକୃତି



ଅରବିନ୍ଦ ଆଗୃର୍ଯ୍ୟ

ଗାଁ  ଟି ମୋର,    କେଡେ ନଜର
ତା' ପରି କେହି ନାହିଁ
ସକାଳ  ହେଲେ, ସୁରୁଜ ଉଏଁ
ର୍ତି ତ ଯାଏ ପାହି  ।

ବଡ଼ିସକାଳୁ,   ଏ  ଶୀତ ଦିନେ
ଆମ ଗାଁ ର ଚନ୍ଦ୍ର ,
ଲେଖି ବସୁଚ, ଲ୍‌ପଟପ ରେ
କହୁଚ ଜଣେ ମିତ୍ର  ।

ସକାଳୁ ଆଗ, ଦିଶଇ ମତେ
ଦାଣ୍ଡ ଅଗଣା ଦୃଶ୍ୟ ,
ଗୋବର ପାଣି, ପକାଉ ଥାଏ
ସେ ମୋ ଚୀର ନମସ୍ୟ  ।

ଥୁରୁଥୁରିଆ, ଶୀତ କାକରେ
କାଖରେ ଜାକ ବାଡି ,
ଗାଁ ଦାଣ୍ଡରେ,  ଅଡେଇ ନଏ
ଗୋରୁପଲଙ୍କୁ 'ଧଡି ' ।

ର୍ଧୁ ମଉଷା, ସକାଳୁ ଉଠି
ଦାନ୍ତ ଘଷିବା ପାଇଁ,
ଛିଡାଉଥାନ୍ତି, ମନ୍ଦାର ଡାଳ
ମୋ ଆଡକୁ ଗୃହିଁ ।

ଟୁନା ଓ କୁନା, ବଡି ସକାଳୁ
ଟାଣନ୍ତି ମୋତେ ଆସି,
ସେତିକ ଥାଉ ଏ ମୋ ଲେଖା
ପରେ ଲେଖିବି ବସି ।

ଟିଟିଲ୍‌ଗଡ, ବଲ୍‌ଙ୍ଗୀର



# ଭିନ୍ନ ଏକ ଏକଲବ୍ୟ



ସୁବଳ ମହାପାତ୍ର

ରଖ ହୋ ତମ ଗପ...
ଏପଟେ ହାଣ୍ଡି ମାଙ୍କଡଚତ ମାରୁଛି, ସେପଟେ ବାବୁଙ୍କ ଗପ ଲେଖା ସରୁନ...
ମୋ ବାପା କାହିଁକି ଏ ଅଳସୁଆ ହାତରେ ମୋତେ ବାନ୍ଧିଲେ କେଜାଣି...
ଗପ ଲେଖା ତ ଏମିତି ଚାଲିଛି ଯେ... ଯେମିତି ବ୍ରହ୍ମାଙ୍କ ବେଦ...
ଲୋକ ସବୁ ତ ଅନେଇ କି ବସିଛନ୍ତି ତମ ଗପ ପଢିବା ପାଇଁ...
ଘର ଆଗରେ କେତେ ଲମ୍ବା ଲାଇନ ଲାଗିଛି ଦେଖୁନ...

ଯାଅ ଯାଅ, ଆଳୁ ଦି କିଲୋ ଆଣିଲେ ଟେଷେଇ ହବ। ସେପଟେ ପିଲାଟାର ଦେହ ଖରାପ ଯେ ଦି ଦିନ ହେଲା ମୁହଁରେ ପଥି ଟିକେ ଦେବାକୁ ପଇସା ନାହିଁ। ବାବୁ ଏଇଆଡେ ଗପ ଉପରେ ଗପ ଲେଖି ଚାଲିଛନ୍ତି। ସମ୍ପାଦକ ଏଇଲେ ଅଗ୍ରିମ ଦେଇ କିଣି ନେବେ ସବୁ।

ଯାଅ ଯାଅ.....

ସ୍ତ୍ରୀ କୌଶଲ୍ୟା ପାଖରୁ ତାଚ୍ଛଲ୍ୟ ପୂର୍ଣ୍ଣ ବାକ୍ୟ ମାନ ଶୁଣି କାନ ମୁଣ୍ଡ ଝାଇଁ ଝାଇଁ କରୁଥିଲା ରମେଶ ଦାସଙ୍କର । ଲେଖକ ଟିଏ ସେ । ଚାକିରୀ କରି ଲେଖିବାକୁ ସମୟ ଅଣ୍ଟିଲାନ ବୋଲି ଚାକିରୀ ଖଣ୍ଡିକ ଛାଡି ଯେଉଁ ଦର୍ପ ରେ ଚାଲିଆସିଥିଲେ ଆଜି ମନ ଘର ଧରି ଗଲାଣି ତାଙ୍କର। ବାପା ଦିନେ କହିଥିଲେ "ଗପ ଲେଖା ରେ କେବେ ପେଟ ପୂରେନି"। ଆଜି ଅଙ୍ଗେ ନିଭାଉଛନ୍ତି ସେ ।

ମନେ ପଡିଯାଉଥିଲା ସେ ଦିନ ଗୁଡିକ ....

ସ୍କୁଲ ଜୀବନରୁ ଆରମ୍ଭ ହୋଇ ଯାଇଥିଲା ଲେଖାଲେଖି । ଅଷ୍ଟମ ଶ୍ରେଣୀ ରେ ପଢିଲା ବେଳେ ଯେତେବେଳେ ପ୍ରଥମ କରି ଗଳ୍ପ ଟିଏ ଲେଖି ସାଙ୍ଗ ମାନଙ୍କୁ ଦେଖେଇଲେ କିଛି ଖୁସି, କିଛି ଦୁଃଖ, କିଛି ଇର୍ଷା ଆଉ କିଛି ପିଠିଥାପୁଡ଼ା ପାଇ ସେ ମିଶାମିଶି ମନୋରଥ ନେଇ ଫେରିଥିଲେ ଘରକୁ । ଯେତିକି ଉତ୍କଣ୍ଠାର ସହ ସେ କହିଥିଲେ ସାଙ୍ଗମାନଙ୍କୁ ସେତିକି ପ୍ରଶଂସା ନପାଇ ମନ ଭଙ୍ଗି ଯାଇଥିଲା ତାଙ୍କର । କିଛି ଦିନ ପରେ ପୁଣି ଗଳ୍ପଟିଏ ମନ ଭିତରେ ଗୋଳେଇ ଘାଣ୍ଟି ହେଲା । ମନକୁ ବହୁତ ଗୁପି ରଖି ଏଡେଇ ଯାଉଥିଲେ ସେ,
ଦିନେ ରାତି ଅଧାରେ ଉଠି ଗଳ୍ପ ଟି ରଫ ଖାତାରେ ଲେଖି ସାରିଲା ପରେ ଯାଇ ପୁଣି ଥରେ ନିଦ ହେଲା । ସେଇ ଦିନୁ ଭଲ ପାଇ ଯାଇଥିଲେ ଗଳ୍ପକୁ । ହେଲେ ଗଣିତ ପିରିୟଡ଼ ରେ ରଫ ଖାତାରେ ଗଣିତ କଷି ସାରଙ୍କୁ ଦେଖିବାକୁ ଦେଇ ସେ ହରଡ ଘଣାରେ ପଡି ଯାଇଥିଲେ । ଭଗବାନଙ୍କୁ ଯେତେ ଡାକିଥିଲେ ବି ଗଣିତ ସାରଙ୍କ ନଜରରୁ ବର୍ଞ୍ଚି ପାରି ନଥିଲା ଗଳ୍ପଟି । ସେଦିନ ପିଠିରେ ନୋଳା ଫାଟିଲା ପରେ ଅପର୍ଯ୍ୟାପ୍ତ ଗାଳି ଥିଲା ତାଙ୍କ ପାରିଶ୍ରମିକ । ଦେଖୁ ଦେଖୁ ସ୍କୁଲସାରା ଏ କଥାଟି ରାଷ୍ଟ୍ର ହୋଇ ଯାଇଥିଲା । ସାହିତ୍ୟ ଦିଦି ମଗେଇଥିଲେ ଖାତା ଟି ଦେଖିବା ପାଇଁ । କିନ୍ତୁ ଗପଟି ସେତେବେଳେ କାଗଜ ଟୁକୁରା ରେ ପରିଣତ ହୋଇ ସାରିଥିଲା ରାଗରେ । ରମେଶକୁ ଦୁଇ ଆଖିରେ ଦେଖି ପାରୁନଥିବା କିଛି ସାଙ୍ଗ, କାଗଜ ଟୁକୁରା ଗୁଡିକୁ ଏକାଠି କରି ଅଠାରେ ଯୋଡି ସାହିତ୍ୟ ଦିଦିଙ୍କ ପାଖରେ ପହଞ୍ଚେଇଥିଲେ ଆଉ କିଛି ମାଡ଼ ଖୁଏଇବା ଚକ୍ରାନ୍ତରେ ।

ଡରି ଡରି ସେ ଯାଇଥିଲେ ଟିଚର କମନରୁମ କୁ, ଆଖିରେ ଆଖିଏ ଲୁହ, ଡରରେ ପାଦ ଦୁଇଟି ଚାଲିବାକୁ ଅକ୍ଷମ, ହାତ ଦୁଇଟି ଗାଲରୁ ତଳକୁ ଖସିବାକୁ ଅନିଚ୍ଛୁକ ଥିବା ବେଳେ, ସାହିତ୍ୟ ଦିଦି କୋଳେଇ ନେଇଥିଲେ ଆଉ ଚିହ୍ନି ପାରିଥିଲେ ତାଙ୍କ ପ୍ରତିଭା ଟିକୁ । ବାଃ... କି ସୁନ୍ଦର.. କି ମୌଳିକ ଚିନ୍ତାଧାରା... ଅଦ୍ଭୁତ.. ପରି ଶବ୍ଦ ଗୁଡିକ ଆସି ପିଟି ହେଉଥିଲେ କର୍ଣ୍ଣ ଗହ୍ୱରରେ । ନିଜକୁ ବିଶ୍ୱାସ ହେଉ ନଥିଲେ ବି, ଗଣିତ ସାରଙ୍କୁ ଛାଡି ଅନ୍ୟ ସାର ଆଉ ଦିଦିଙ୍କ ତାଳି ମାଡ଼ରେ ସସ୍ମିତ ଫେରିପାଇଥିଲେ ସେ । ଶିକ୍ଷକ ମାନଙ୍କ ତରଫରୁ ଦୁଇ ଟଙ୍କାର ମୁଢି ମିକ୍ସଚର ଆଉ ଦୁଇଟି ନଡିଆକୋରା ଥିଲା ତାଙ୍କ ପ୍ରାପ୍ୟ ସେଦିନର, ଆଉ ସାହିତ୍ୟ ଅନୁଗାମୀ କରେଇବା ପାଇଁ ତାଙ୍କର ପ୍ରଥମ ଖୋରାକ । କିଛି ଦିନ ପରେ ସ୍କୁଲ ରେ

ତାଙ୍କ ନାଁ ହୋଇଥିଲା ଲେଖକ । ଗଣିତ ସାର ତାଚ୍ଛଲ୍ୟର ସହ ଲେଖକ ଡାକୁଥିବା ବେଳେ ଅନ୍ୟ ସାର, ଦିଦି ମାନେ କିନ୍ତୁ ଡାକୁଥିଲେ ସ୍ନେହର ସହ । ସାହିତ୍ୟ ଦିଦି ସବୁଦିନ କିଛି କିଛି ଲେଖିବାକୁ ପର୍‌ମର୍ଶ ବି ଦେଉଥିଲେ ଆଉ ଗପ ଗୋଟିଏ ଲେଖି ଦେଖେଇବା ପରେ ପାରିଶ୍ରମିକ ମିଳୁଥିଲା ଦୁଇଟି ନଡ଼ିଆ କୋର୍ ଅବା ଗ୍ରଶି ଲଡୁ ।

* * * * * * * * * * * * * * * *

କଲେଜ ମ୍ୟାଗାଜିନ ରେ ରମେଶଙ୍କ ଗପଟି ପ୍ରଥମ ପ୍ରାଇଜ ପାଇଲା ପରେ କେତେ ଝିଅ ଯେ ତାଙ୍କୁ ପ୍ରପୋଜ କରିଥିଲେ ତାର ହିସାବ ବି ସେ ରଖି ନଥିଲେ । ଏତିକ ମନେଥିଲା ଯେ ସବୁଦିନ ଜଣେ ଦୁଇ ଜଣ ଆସି ଗପ ଟି ବହୁତ ଭଲ ହୋଇଛି କହିବା ଛଳରେ ଆଖିରେ ଆଖିରେ ଦେଇ ଯାଉଥିଲେ ପ୍ରେମ ସନ୍ଦେଶ । ଆସ୍ତେ ଆସ୍ତେ ଗପ ଗୁଡିକୁ ସେ ପଠେଇବା ଆରମ୍ଭ କରିଥିଲେ ବିଭିନ୍ନ ମ୍ୟଗାଜିନ, ଦୈନିକ ଖବରକାଗଜ, ସାପ୍ତାହିକ, ମାସିକ ପତ୍ରିକା, ପୂଜା ସଂଖ୍ୟା ପରି ଅନେକ ପତ୍ରିକା କୁ । କିଛି ବାହାରେ ଆଉ କିଛି ବାହାରେନ । ବେଳେ ବେଳେ କିଛି କିଛି ପାରିଶ୍ରମିକ ସହ ସୌଜନ୍ୟ ମୂଳକ କପିଟିଏ ଆସିଥାଏ ଡାକରେ । ଗପମନସ୍କ ସେ ଏତେ ହୋଇଯାଇଥିଲେ ଯେ ଭୁଲି ଯାଇଥିଲେ ପାଠପଢା, କଲେଜ କ୍ଲାସ, ଟିଉସନ ପରି ଜାଗା ଗୁଡିକୁ । ସମୟ ତାଙ୍କର କଟୁଥିଲା ବିଲ ମଝିରେ, ପୁଷ୍କରିଣୀ କୂଳରେ, କେଉଁ ପଡିଆ ମଝିରେ ଅବା ହଷ୍ଟେଲ ର ଛାତ ଉପରେ । ପ୍ରଥମବର୍ଷ ପରୀକ୍ଷାଫଳ ର ଲଫାପା ଟି କଲେଜ ଅଧକ୍ଷ ଙ୍କଠୁ ଡାକରେ ପାଇ, ବାପା ଡକେଇଥିଲେ ତାଙ୍କ ଗୁଣମନ୍ତ ପୁତ୍ରକୁ ଆଉ ପିଠିରେ ଗୃହେଟି ଅମରି ବାଡ଼ି ସହ ଗୁହାଳରେ ଥିବା ପାଞ୍ଚଣଟିର ସେଦିନ ଅକାଳ ବିୟୋଗ ଘଟିଥିଲା । ପରଦିନ ସକାଳୁ ବାପା ଡାକଲେ ସ୍ନେହରେ । ପାଖରେ ବସେଇ ବନ୍ଧୁଟିଏ ପରି ବୁଝେଇଥିଲେ ଜୀବନ ର ଗୁଢ ରହସ୍ୟ । କହିଥିଲେ "ଗପ ଲେଖା ରେ କେବେ ପେଟ ପୂରେନ", ଯେତିକି ହେଜିବୁ, ସେତିକ ଉଧେଇବୁ । ଯା, ଆଜିଠୁ ମୁଁ ମଲା ଯାଏ ଆଉ କେବେ ତୋ ଦେହରେ ହାତ ଦେବିନ । ଯାହା ଇଚ୍ଛା ତା କର । କିନ୍ତୁ ଦିନେ ନା ଦିନେ ତୁ ମନେ ପକେଇବୁ ଏ କଥାଟିକୁ । ଦି ବର୍ଷ ପରେ ବାପା ଗ୍ଲିଗଲେ । ସେ ଗଲା ପରେ ବୋଉର ବାହୁନାରୁ ସେ ଜାଣିଲେ ଯେ, ସେଦିନ ବାପା ୟାଙ୍କୁ ବାଡେଇ ସାରିଲା ପରେ ଦିନ ସାର୍ କିଛି ଖାଇ ନଥିଲେ କି ପାଣି ଟୋପେ ବି ପିଇ ନଥିଲେ । ଜୀବନ ରେ

ସବୁବେଳେ ହସ ହସ ମୁହଁରେ ଥିବା ବାପା ସେଦିନଠୁ କେମିତି ଉଦାସ ହୋଇ ଯାଇଥଲେ, ମଲା ଯାଏ ।

କଲେଜଟି ଯେନ ତେନ କରି ପାସ କରିଯାଇଥଲେ ବି ପ୍ରଥମରୁ ପାଠ ରେ ଅବହେଳା ତାଙ୍କୁ ଦ୍ୱିତୀୟ ଶ୍ରେଣୀ ରୁ ପ୍ରଥମ ଶ୍ରେଣୀ ଯାଏ ଆସିବାକୁ ଦେଲାନ । ଗ୍ରାଜୁଏଟ ହେଲା ପରେ ବହୁ କଷ୍ଟରେ କୁହା ବୋଲା କରି, ମଉସା, ପିଉସା କହି ଚାକରୀ ଖଣ୍ଡେ ହାତେଇଥିଲେ ସେ । ମାସକୁ ମାସ ପଇସା ଆସିବାରେ ଲାଗିଥିଲା । ଚଳବାକୁ ଅସୁବିଧା ନଥିଲା । ଗାଁ ବିଲରୁ ଅମଳ ତକ, ମା ର ଖାଇ ପିଇ ବଳୁଥିଲା, ତେଣୁ ୟାଙ୍କ ଉପରେ କଛି ବର୍ତ୍ତନ ନ ଥିଲା । ଏବେ ମନ ପୁଣି ଡାକୁଥିଲା ଗଳ୍ପ ଆଡେ । ବାପାଙ୍କ କହିବା ଅନୁସାରେ ଏବେ ତ ଆଉ କଛି ଅସୁବିଧା ନାହିଁ । ଖାଲି ସମୟତକ ଗଳ୍ପ ଲେଖିବାରେ ଅସୁବିଧା କଣ? ପୁଣି ସେ ପଶି ଯାଇଥିଲେ ଗଳ୍ପ ର ପରିଧି ଆଉ ପରିସୀମା ମାପିବା ପାଇଁ । ଗପ ଲେଖିବା ଆରମ୍ଭ କରିବା ମାତ୍ରେ ୟାଙ୍କର ବାହୁଲାମି କନ୍ତୁ ଧରି ପାରିଥିଲା ବୋଉ । ଆଉ ଝିଅ ଖୋଜିବା ଆରମ୍ଭ କରି ଦେଇଥିଲା । କଛି ମାସ ପରେ ବିନା ଆଡମ୍ବରରେ ବାହାଘର ସରିଯାଇଥିଲା । ସ୍ତ୍ରୀ କୁ ମା ପାଖରେ ଛାଡି ପୁଣି ଥରେ ଚାକରୀ ଜାଗା ରେ ଗପକୁ ପ୍ରେମିକା ଆଉ ପତ୍ନୀ ହିସାବରେ ସଜେଇ ଆନନ୍ଦ ସାଉଣ୍ଟୁଥିଲେ ରମେଶ ବାବୁ । ବର୍ଷେ ଗଲା, ଦୁଇ ବର୍ଷ ଗଲା, ତିନ ବର୍ଷ ଗଲା । କୋଳ କୁ ଛୁଆଟିଏ ନ ଆସିବାରୁ ବୋଉ ର ସମ୍ପା ଆରମ୍ଭ ହୋଇ ଯାଇଥିଲା କନ୍ତୁ ସ୍ୱାମୀଙ୍କ ଗଳ୍ପ ଲେଖା ନଶା କୁ ସ୍ତ୍ରୀ ର ଗଳ୍ପ ପଢା ନଶା ବଳ ଯାଇଥିଲା ।

ମାସକୁ ଥରେ ଘରକୁ ଆସିଲେ ସ୍ୱାମୀ ସ୍ତ୍ରୀ ଗଳ୍ପ ଆଲୋଚନା ସାଙ୍ଗକୁ ନୂଆ ନୂଆ ଗଳ୍ପ ପାଇଁ ପ୍ଲଟ ଖୋଜିବାରେ ରାତି ପାହି ଯାଉଥିଲା । ପ୍ରଥମେ ପ୍ରଥମେ କୌଶଲ୍ୟା, ଗପ କୁ ଭଲ ନ ପାଉଥିଲେ ବି ସ୍ୱାମୀଙ୍କ ମନଦୁଃଖ ହେବ ବୋଲି ଭାବି ଆଦରି ନେଇଥିଲେ ଗଳ୍ପ ର ଆଲୋଚନା କୁ ଆଉ ଉତ୍ଫୁଲ୍ଲତ ହେଉଥିଲେ ସ୍ୱାମୀଙ୍କ ଖୁସି ଦେଖି ଆସ୍ତେ ଆସ୍ତେ ସେ ବି ଟାଣି ହେଇ ଯାଇଥିଲେ ଗପ ର ବଳୟ ଭିତରକୁ ଯେଉଁଠି ସେ ଖୋଜି ପାଉଥିଲେ ଅନ୍ୟ ଏକ ଦୁନିଆଁ ନୀତିଦିନ ପ୍ରତିକ୍ଷଣରେ । ଯେତିକ ଯେତିକ ଭିତରକୁ ଭିତରକୁ ଯାଉଥିଲେ ସେତିକ ସେତିକ ସେ ଦେଖିବାକୁ ପାଉଥିଲେ ଅନ୍ୟ ଏକ ସଂସାର ଯେଉଁଠି ନା ଅଛି ଜଞ୍ଜାଳ, ନା ଅଛି ଭଲ ପାଇବା, ନା ଅଛି ସ୍ନେହ, ନା ଅଛି ରାଗ ରୁଷା । ଅଛି ତ ସବୁ କଛି

କିନ୍ତୁ ସ୍ୱପ୍ନ ର ଦୁନିଆଁ ରେ ଏବଂ କିଛି କ୍ଷଣ ପାଇଁ । ବହିରୁ ମୁହଁ ଉଠେଇଲେ ହଜି ଯିବ ସବୁକିଛି ପୁଣି ମୁହଁ ଫେରେଇଲେ ଫେରି ଆସିବ ସବୁକିଛି । ବାଃ... କି ସ୍ୱପ୍ନିଳ ଏ ଦୁନିଆଁ। ଖୁବ ବଢିଆ... ।

ଶାଶୁଙ୍କ ସମ୍ପାକଟା ପରେ କୌଶଲ୍ୟା ଫେରି ଯାଇଥିଲେ କଳ୍ପନା ରୁ ବାସ୍ତବ ଜୀବନକୁ ପୁଣି ଥରେ ଆଉ ଲାଗିଯାଇଥିଲେ ସଂସାର ର ନିୟମ ବଞ୍ଚେଇବା ପାଇଁ । କୋଳକୁ ପିଲାଟିଏ ଆସିବା ପରେ, ତାଙ୍କ ସ୍ୱପ୍ନ ବଦଳ ଯାଇଥିଲା । ଜଞ୍ଜାଳ ବଢି ଯାଇଥିଲା । ଭଲ ପାଇବା ଓ ରାଗ ରୁଷା ପ୍ରାକୃତିକ ହୋଇ ଯାଇଥିଲା ଆଉ ସେ ଜାଣି ପାରୁଥିଲେ ଏ ଦୁଇଟି ଭିତରେ ପାର୍ଥକ୍ୟ । ରମେଶ ବାବୁ କିନ୍ତୁ ବାହାରି ପାରି ନଥିଲେ ସେ ଦୁନିଆଁ ରୁ । ଏତେ ଦିନ ଧରି ଯିଏ ନିଶାଗ୍ରସ୍ତ କରି ରଖିଛି ସେ କଣ ଛାଡ଼ିଯିବ ଏତେ ଶୀଘ୍ର?

ଘରେ ଖାଇବା ପିଇବାର ଅଭାବ ନଥିଲା । ଚାକିରୀ ପଇସାରେ ନିଜେ ଚଳି ଅଳ୍ପ କିଛି ସଞ୍ଚୟ ମଧ୍ୟ ହେଉଥିଲା । ଗଳ୍ପ ଲେଖାର ନିଶା ଆସ୍ତେ ଆସ୍ତେ ବଢି ବଢି ଚାଲିଥିଲା ଆଉ ସମତାଳ ରେ ବଢି ଚାଲିଥିଲା ବହିଟିଏ ଛପେଇବାର ଜିଜ୍ଞାସା । ଘରେ ନ ଜଣେଇ ନିଜର ସଞ୍ଚିତ ଅର୍ଥ ସହ ଆଉ କିଛି ହାତ ଉଧାରୀ ପରେ ଆରମ୍ଭ ହୋଇଥିଲା ବହି ସଂକଳନ ର କାର୍ଯ୍ୟ । ଯେତେ ପତ୍ର ପତ୍ରିକା ରେ ବାହାରିଲେ ମଧ୍ୟ ନାମୀ ଦାମୀ ଲେଖକ ନହେଲେ ବହି ଟିଏ ଛାପିବା କେତେ ଯେ କଷ୍ଟକର କାର୍ଯ୍ୟ ଏ କଥା ଆସ୍ତେ ଆସ୍ତେ ସେ ବୁଝି ପାରୁଥିଲେ । ଏତେ ଧାଁ ଦଉଡ ଭିତରେ ଅଫିସ କାର୍ଯ୍ୟରେ ବିଳମ୍ବ ଘଟୁଥିଲା ଆଉ ଗୋଟେ ପରେ ଗୋଟେ ନୋଟିସ ଆସି ପହଞ୍ଚୁ ଥିଲା ତାଙ୍କ ଟେବୁଲ ଉପରେ । ସବୁକୁ ଅଣଦେଖା କରି ସେ ଚାଲିଥିଲେ ନିଜ ସ୍ୱପ୍ନ ରେ । ଶୋଇ ଶୋଇ ମୁକ୍ତ ଆକାଶ ରେ ଇନ୍ଦ୍ରଧନୁ ବିଛାଉଥିଲେ ତ କେବେ କେବେ ଅମାବାସ୍ୟାର ଅନ୍ଧକାରରେ ମଧ୍ୟ ତାଙ୍କୁ ଇନ୍ଦ୍ରଧନୁ ଦେଖା ଯାଉଥିଲା । କହିବା ବାହୁଲ୍ୟ ତାଙ୍କ ବହି ଟିର ନାଁ ଥିଲା "ଇନ୍ଦ୍ରଧନୁ" ।

କାଳର କରାଳ ରୂପ ରୁ କେହି କେବେ ବର୍ତ୍ତି ନାହିଁ କି ବର୍ତ୍ତିବ ନାହିଁ । ବେଳେ ବେଳେ ଏମିତି ସମୟ ଆସେ ଯାହାକୁ ଜ୍ୟୋତିଷ ଶାସ୍ତ୍ରରେ କହନ୍ତି ଶନିଦଶା । ଏପରିକି ଗାଁ ଗହଳ ରେ ଜଣେ ଅନ୍ୟ ଜଣଙ୍କୁ ଅଭିଶାପ ଦେବା ଛଳରେ ବି କହନ୍ତି ତୋତେ ଶନିଦଶା ପଡୁ ।

ଏହିପରି କିଛି ସମୟ ଆସିଲା ବୋଧେ । ଅଫିସ ରେ କାର୍ଯ୍ୟ ରେ ଅବହେଳା ଯୋଗୁଁ ତାକୁ ଚତୁର୍ଥ ନୋଟିସ ବି ଆସି ସାରିଥିଲା । ପରେ ପରେ ବଡ଼ବାବୁଙ୍କ ସହୃଦୟତା ଓ ତାଙ୍କ ଦୂର ସମ୍ପର୍କୀୟ ଶଳା ପ୍ରେମ ପାଇଁ ୟାକୁ ଚାକରୀ ଖଣ୍ଡିକ ହରେଇବାକୁ ପଡିଥିଲା । ୟାଙ୍କ ଜାଗାରେ ନିଯୁକ୍ତି ମିଳିଥିଲା ବଡ ବାବୁଙ୍କ ଦୂର ସମ୍ପର୍କୀୟ ଶଳା କୁ । ଚାକରୀ ଖଣ୍ଡିକ ଛାଡି ବୀର ଦର୍ପ ରେ ଚାଲିଆସିଥିଲେ । "ଗାଁ ରେ ଚାଷ ତ ଅଛି, ବହି ଖଣ୍ଡିକ ବାହାରି ଗଲେ ପଇସା ଆସି ଯିବନି? ଯେତେ ଚେଷ୍ଟା କଲେ ବି ଏମାନେ ମୋର କିଛି କରି ପାରିବେନି । ଗାଁ ଜମି ରୁ ମିଳୁଥିବା ଖୋରାକ ରେ ମା, ଛୁଆ ଚଳିଯିବେ" । ଏ ପ୍ରକାର ମନୋବୃତି ନେଇ ବଡ଼ବାବୁଙ୍କୁ ଦି ପଦ କଡା କଥା ବି ଶୁଣେଇବାକୁ ବି ପଛେଇ ନଥିଲେ । ଫଳରେ ତାଙ୍କ ସାର୍ଟିଫିକେଟ ରେ ଲାଗିଥିଲା ନାଲି ଗାର ଓ ପରେ ବହୁତ ଚେଷ୍ଟା ପରେ ବି ଚାକରୀ ଖଣ୍ଡିଏ ମିଳିନଥିଲା ଆଉ କେଉଁଠି ।

କୁହନ୍ତି ଶନି ଯଦି ଆଖି ପକେଇଲା ତଳିତଳାନ୍ତ କରି ଛାଡିବା କଥା ଛାଡିବ । ବିପଦ ଯେତେବେଳେ ଆସେ ସେ ତା ସାଙ୍ଗ ସାଥି ଭାଇ ବନ୍ଧୁ କୁଟୁମ୍ବ ସମସ୍ତଙ୍କୁ ଧରି ଆସେ । ବାଡ଼ିକି ଶୌଚ ହେବା ପାଇଁ ଯାଇଥିବା ବୋଉ, ଝୁଣ୍ଟି ପଡି ପ୍ରାଣ ହରେଇ ଥିଲା । ବୋଉ ର ଦଶାହ ସାରି ଫେରିଲା ବେଳକୁ ବହି ଛାପିବାକୁ ଟଙ୍କା ନେଇଥିବା ପ୍ରେସଟି ସବୁଦିନ ପାଇଁ ବନ୍ଦ ହୋଇ ସାରିଥିଲା ଓ ପ୍ରେସ ମାଲିକ ଅନ୍ୟୁନ ପଚାଶ ସରିକି ଲୋକଙ୍କ ଠାରୁ ପଇସା ଧରି ଚମ୍ପଟ ମାରିଥିଲା । ଏପଟେ ଉଧାର ଆଣିଥିବା ଲୋକ ମାନେ ଏ ସବୁ ଜାଣିବା ପରେ, ପଇସା ବୁଡିଯିବା ଭୟରେ ତାକୁ ଉଠେଇ ବସେଇ ବି ଦେଉ ନଥିଲେ । ଯାହା ଫଳରେ ତାକୁ ବିକ୍ରି କରିବାକୁ ପଡିଥିଲା ସ୍ତ୍ରୀ ର ଗହଣା ।

ସ୍ତ୍ରୀ ଲୋକ ସବୁ ସହିବେ କିନ୍ତୁ ତା ସ୍ୱାମୀ ଓ ତା ଗହଣା ଉପରେ ଆଖି ପକେଇଥିବା ଲୋକ କୁ ସହିବେନି । ସ୍ୱାମୀ ଉପରେ ଆଖି ପକେଇଥିବା ସ୍ତ୍ରୀ ଲୋକ ଆଉ ଗହଣା ଉପରେ ଆଖି ପକେଇଥିବା ସ୍ୱାମୀ ଙ୍କୁ ସେ କେବେ ବି ଛାଡ଼ନ୍ତି ନାହିଁ । ଗହଣା ବିକ୍ରି ହେବା ପରଠୁ, ଏବେ ଯାଏ ମନ ଭିତରେ ଭଲ ପାଉଥିବା ଗଳ୍ପ କୁ ସବୁ ଦୋଷ ମୁଣ୍ଡେଇବାକୁ ପଡିଥିଲା ଆଉ କୌଶଲ୍ୟା? ଗପବହି, ପତ୍ର ପତ୍ରିକା କୁ ନିଜ ସଉତୁଣୀ ତୁଲ୍ୟ ମନେ କରୁଥିଲେ । ସମୟାନୁକ୍ରମେ ରେ କୌଶଲ୍ୟା ଓ ପୁଅ ଆସି ସାରିଥିଲେ ସହର କୁ । ଘରଭଡା ପଇସା

ଅଧିକ ହେବାରୁ ରହିବାକୁ ପଡୁଥିଲା ସହର ତଳ ବସ୍ତି ରେ । ଗାଁ ର ଜମି ବାଡ଼ି ଆସ୍ତେ ଆସ୍ତେ ବିକ୍ରି ହେବାକୁ ବସିଥିଲେ ଓ ଦୁଇ ଦିନ ତଳେ ଦେହ ଖରାପ ହୋଇଥିବା ପୁଅ ପାଟିରେ ଔଷଧ ଟିକେ ଦେବା ପାଇଁ ପଇସା ନଥିଲା ।

କୌଶଲ୍ୟା ର କଳକଳା ରଡି ରେ ଧ୍ୟାନ ଭାଙ୍ଗିଲା ରମେଶ ବାବୁଙ୍କର, "କାଇଁ ସେଠି ଖୁଣ୍ଟଟା ପରି ଠିଆ ହୋଇଛ ଶୁଣେ? ଯାଅ, ଆଳୁ ଟିକେ ଆଣ । ଆସିଲା ବେଳେ ପୁଅ ର ଔଷଧ ବି ଧରିକି ଆସିବ" । କୌଶଲ୍ୟାଙ୍କ କଥା ଏ କାନ ରେ ପଶି ଆର କାନ ରେ ବାହାରି ଗଲା । ପଇସା ଥିଲେ ସିନା ଆଳୁ ଆଉ ଔଷଧ ଆଣିବେ । ପାଖରେ ଟଙ୍କାଟେ ନାହିଁ । ଦୋକାନ ରୁ ସଉଦା ବାକି ରେ ଆସୁଛି । ଦି ମାସ ହେଲା ପଇସା ଦିଆ ହେଇନ ବୋଲି ସେ ଗର ଗର ହଉଛି । ହାଟ ରେ ଯାହା ୫ ଟଙ୍କା ନଧି ଦୋକାନ ରେ ୭ । ତଥାପି ତାଠୁ ନ ଆଣିଲେ ନ ଚଳେ । ପଇସା କଉ ଅଛି ଯେ ଛାତି ଫୁଲେଇ ହାଟରୁ ବ୍ୟାଗ ଭର୍ତି ପରିବା ଆଣିବେ । ଭାବି ଭାବି ହାତରେ ବ୍ୟାଗ ଖଣ୍ଡିକ ଧରି ଘରୁ ବାହାରି ଗଲେ । ବାଟରେ ପଡେ ଗୁ ଦୋକାନ । ଗୁ ଦୋକାନ ରେ ରମେଶ ବାବୁଙ୍କର ଭଲ ନାଁ ଡାକ । ଗୁ ଦୋକାନୀ ଆଉ ଦି ଗୁରିଜଣ ବୁଢା ୟାଙ୍କର ସବୁ ଦିନଆ ଗ୍ରାହକ । ବାଟରେ ଗଲା ଆଇଲା ଲୋକ ବି, ଦି ଘଡି ଠିଆ ହୋଇ ଯାଆନ୍ତି ଗପ ରୁ ଫାଳେ ଅଧେ ଶୁଣିବା ପାଇଁ । ଯାଉ ଯାଉ ଗୁ ଦୋକାନ ପାଖରେ ଅଟକି ଗଲେ । କିଛି ନହେଲେ ଗୁ କପେ ଆଉ ସିଗାରେଟ ଦି ଖଣ୍ଡ ତ ମାଗଣା ରେ ମିଳି ଯିବ । ସକାଳୁ ସିଗାରେଟ ଖଣ୍ଡେ ବି ଟାଣି ନାହାନ୍ତି । ଲେଖକ ମାନଙ୍କର କିଛି ନ ହଉ ପଛେ ସିଗାରେଟ ଟିଏ ଲୋଡ଼ା । ନହେଲେ ମୁଣ୍ଡରେ ପଶେନି କିଛି । ଏକା ଏକା ବସି ଭାବିଲା ବେଳେ ସିଗାରେଟ ଖଣ୍ଡେ ଟାଣି ଦେଲେ ଭଲ ଲେଖି ହୁଏ । ଅଭ୍ୟାସ ଟା ରହି ଯାଇଛି । ଏବେ ପଇସା ନାହିଁ ବୋଲି ବିଡି ଖଣ୍ଡେ ଖଣ୍ଡେ ଚଳେ । ହେଲେ ନଧି ତ କାଲି ସଫା ସଫା ଶୁଣେଇ ଦେଲା, "ପୁରୁଣା ପଇସା ଦବ ତ କାଲିଠୁ ଆସିବ, ନହେଲେ ତମ ପରି ଗ୍ରାହକ ଦରକାର ନାହିଁ ମୋତେ " । ଶକ୍ତ ଧକ୍କାଟିଏ ଲାଗିଲା । ପାଖରେ ପାଞ୍ଚ ଲୋକ ଠିଆ ହୋଇଛନ୍ତି । ଏମିତି କହିବାଟା କଣ ଠିକ? ବିଡି ଦିଆସିଲି ନ ନେଇ କି ପଳେଇ ଆସିଲେ ସେ । ଆଉ ଆଜି, କେମିତି ଯିବେ ତା ଦୋକାନକୁ ଆଳୁ ଆଣିବା ପାଇଁ? କେଉଁ ମୁହଁ ରେ? ଗୁ ଦୋକାନ ପାଖରେ କିଛି ସମୟ ବିତେଇ ଦେଲେ, ବେଳ ଗଡି ଗଲାଠୁ ଯିବେ ଘରକୁ । କୌଶଲ୍ୟା ଦି ପଦ ଶୁଣେଇବ ପଛେ, ପଡୋଶୀ ଠୁ ମାଗି ଯାଚ କିଛି ଖାଇବା

ରୋଷେଇ କରି ସାରିଥିବ । ଏପଟେ ଗାଁ ଜମି ଦି ଖଣ୍ଡ ବିକ୍ରି ହେଇ ପାରୁନ, ନହେଲେ କିଛି ଦିନ ଦୁଃଖେ କଷ୍ଟେ ଚଳି ଯାଆନ୍ତା ।

ଭୁବୁ ଭୁବୁ ଚା ଦୋକାନ ରେ ପହଂଚ ସାରିଥିଲେ । ଦୋକାନୀ ଚା ଗ୍ଲାସ ଟିଏ ବଢ଼େଇ ଦେଲା। ସେ କେବେ ପଇସା ମାଗେନ । କେବଳ ଅନୁରୋଧ କରେ ଗପଟିଏ ଶୁଣାଅ । ସେ ବି ଜାଣେ, ଚା ଗ୍ଲାସେ ସିନା ମାଗଣା ରେ ଯିବ, କିନ୍ତୁ ଗପ ଶୁଣିବାକୁ କିଛି ନହେଲେ ବି ୧୫-୨୦ ଲୋକ ଆସିବେ । ଆଉ ସମସ୍ତେ ଚା ସିଗାରେଟ ଖାଇବେ । ତା' ର ହିଁ ଲାଭ । ବାବୁଙ୍କୁ ବି ଭଲ । ଗପ ରୁ ଆଉ କିଛି ମିଳୁ ନ ମିଳୁ ସକାଳୁ ସନ୍ଧ୍ୟା ରେ ଚା ଦି କପ ଆଉ ଗପ ଶୁଣାଉ ଶୁଣାଉ, ଶ୍ରୋତାଙ୍କ ଦୟା ରୁ ସିଗାରେଟ ଦି, ଚାରି ଖଣ୍ଡ ମିଳିଯାଏ । ବେଳେ ବେଳେ ରାତି ପାଇଁ ଖଣ୍ଡେ ଦିଖଣ୍ଡ ବି ବଳେ । ଚା ଗ୍ଲାସ ଟି ବଢ଼େଇ ଦେଇ ଦୋକାନୀ ଚିରାଚରିତ ଢଙ୍ଗ ରେ ଅନୁରୋଧ କଲା ଗୋଟିଏ ଭଲ ଗପ ଶୁଣେଇବା ପାଇଁ । ମନ୍ଦୁ ଖୋଜୁଥିଲା ଯାହା ବଇଦ ବତେଇଲା ତାହା ନ୍ୟାୟ ରେ ରମେଶ ବାବୁଙ୍କୁ ବି ମଉକା ମିଳିଗଲା । କହିଦେଲେ ଆଜି ଗୋଟେ ନୁହଁ ତିନଟା ଗପ ଶୁଣେଇବି । ବୁଢା ଶ୍ରୋତା ଓ ଆଖପାଖ ଲୋକ ମାନେ ବି ବଢିଆ ବଢିଆ କହି ଘେରି ଗଲେ । ଡାହାଣ ହାତରେ ଚା ଓ ବାମ ହାତରେ ସିଗାରେଟ ଖଣ୍ଡେ ଧରି ବାବୁ ଆରମ୍ଭ କଲେ ଗପ କହିବା । ବାଃ ବାଃ.. ବଢିଆ ବଢିଆ.. ତାପରେ.. ସେଠୁ.. ଆହାଃହ.. କଣ କଲାସେ.. ହଉ ହଉ.. ପରି ଶବ୍ଦ ଗୁଡିକ ଗୁଂଜରିତ ହେବାକୁ ଲାଗିଲେ ଓ ଶ୍ରୋତା ଙ୍କ ସଂଖ୍ୟା କେତେ ବେଳେ କମ ତ କେତେ ବେଳେ ବେଶୀ ହେବାକୁ ଲାଗିଲେ ।

ଆସ୍ତେ ଆସ୍ତେ ସମୟ ବିତି ଚାଲିଲା । ଦିନ ଗୋଟେ ବାଜି ଦି ଟା ବାଜିବାକୁ ବସିଲାଣି କିନ୍ତୁ ବାବୁଙ୍କ ଗପ ସରୁ ନଥାଏ । ଶ୍ରୋତା ମାନେ ବି ଗୋଟେ, ଯୋଡ଼େ, ଫାଳେ, ଚଉଠେ ଗପ ଶୁଣି କିଛି କିଛି ମନ୍ତବ୍ୟ ଦେଇ ଯାଇ ସାରିଲେଣି । ଜଣେ ଦି ଜଣଙ୍କୁ ଛାଡିଦେଲେ ଆଉ କେହି ନଥାନ୍ତି ସେଠି । ଚା ଦୋକାନୀ ମନ ବି ଖୁସି । ବଢିଆ ବେପାର ହେଇଛି ଆଜି । ସକାଳୁ ସନ୍ଧ୍ୟା ଯାଏ ଦଶ ଲିଟର କ୍ଷୀର ର ଚା ସରୁ ନଥିବା ବେଳେ ଆଜି ଗୋଟେ ଓଳି ରେ ପନ୍ଦର ଲିଟର ସରିଛି । ଖୁସି ରେ ସେ ଆଉ ଦି ଖଣ୍ଡ ସିଗାରେଟ ବଢ଼େଇ ଦେଲା । ଆଗରୁ ଶ୍ରୋତା ମାନେ ଦେଇଥିବା ସିଗାରେଟ ରୁ ଦି ଖଣ୍ଡ ବଳିଥିଲା ଆଉ ଏବେ ଦି ଖଣ୍ଡ ମିଶେଇ

ବାବୁ ଗୃରିଖଣ୍ଡ ସିଗାରେଟ ଧରି, ସେଦିନର ଖବର କାଗଜଟି ଗୃ ଦୋକାନୀ ଠୁ ମାଗି ଘରକୁ ଯିବାକୁ ବସିଲେ । ଖବର କାଗଜଟି ଆଡଉ ଆଡଉ ଦେଖିଲେ ସେପ୍ଟେମ୍ବର ୫ ତାରିଖ ଗୁରୁ ଦିବସ । ତାଙ୍କର ଆଜି ଏ ଦଶା ପାଇଁ ସାହିତ୍ୟ ଦିଦି ହିଁ ଦାୟୀ ବୋଲି ଭାବି, ଭାରି ରାଗ ଲାଗୁଥିଲା ତାଙ୍କୁ ସାହିତ୍ୟ ଦିଦିଙ୍କ ଉପରେ । ପାଖରେ ଥିଲେ ଶୁଣେଇ ଥାନ୍ତେ, "ଦିଦି, ସାହିତ୍ୟ ରେ ପେଟ ପୂରେନ " ।

ଏତେ ସମୟ ଧରି ନଥିବା ଚନ୍ତାଟା ପୁଣି ମାଡି ବସିଲା । କଣ କହିବ କୌଶଲ୍ୟା? ରାଗି ତ ଯାଇଥିବ । ରାେଷେଇ କଣ କରିଥିବ? ପଡୋଶୀ ମାନଙ୍କୁଠୁ ବି କେତେ ଆଣିବ? ଯଦି କେହି କଛି ଦେଇ ନଥିବେ ତେବେ? କାଲି ତ କୌଶଲ୍ୟା କହୁଥିଲା ମଳକ ଘରକୁ ଯାଇଥିଲା ଚନ ଟିକେ ପାଇଁ ଯେ ସେମାନେ ନାହିଁ କହି ଫେରେଇ ଦେଲେ । ହଉ ଦେଖାଯାଉ । ଘରେ ପହଞ୍ଚେ । ଯାହା ହବା କଥା ହବ । ଆଉ କଣ? ଆସ୍ତେ ଆସ୍ତେ ସେ ଘରମୁହାଁ ହେଲେ । ଯେତେ ଯେତେ ଘର ପାଖକୁ ଆସୁଥାନ୍ତି ଆଶଙ୍କା ସେତେ ସେତେ ବଢି ବଢି ଗୃଲି ଥାଏ । ଦୋଷୀଟିଏ ପରି ମୁହଁ ତଳକୁ କରି ଗୃଲିଥାନ୍ତି । ଘର ପାଖରେ ପହଂଚ, ଘର ବାହାରେ ଦୁଇ ହଳ ଜୋତା ଦେଖି ସେ ଚମକ ପଡିଲେ । କଏ ଆସିଛି ? ଧାର ଉଧାର ଟଙ୍କା ତ ସେ ସୁଝି ସାରିଛନ୍ତି । ଆଉ କଏ? କୁଣିଆ ମୈତ୍ର ନ ଆସନ୍ତୁ କେହି ଏ ସମୟ ରେ । ଭଗବାନଙ୍କୁ ହାତ ଯୋଡି ଯୋଡି, ଭୟ ଓ ଆଶଙ୍କା ରେ ଆତଙ୍କିତ ମନ ନେଇ ସେ ଘର ଭିତରେ ପଶିଲେ ।

* * * * * * * * * * * * * * * * * * * *

ସ୍ୱାମୀଙ୍କ ବାଟ କୁ ଗୃହିଁ ଗୃହିଁ, ବିରକ୍ତ ହେଇ କୌଶଲ୍ୟା ବାହାରି ଗଲେ ପାଖ ଘରୁ ଆଳୁ ଦୁଇଟି ଆଣିବା ପାଇଁ । ରାଗ ରେ ଗର ଗର ହେଉଥାନ୍ତି । କେମିତିଆ ମଣିଷ ଯେ କେଜାଣି? ଯେଉଁଠି ଠିଆ ହେଇଥିବେ ହେଇଥିବେ, ଗପୁଥିବେ ତ ଗପୁଥିବେ । ପୁଅ ମାଇପ ମନେ ପଡନ୍ତି ନାହିଁ ସେତେବେଳେ । ଏମିତି ମଣିଷ ବାହା ନ ହେବା ଭଲ । ବାହା ହେଇ ଆଉ ଦୁଇଟି ଜୀବନ କୁ ହନ୍ତସନ୍ତ କରିବ କଆଁ? ଅଭିଆଡା ରହି ଯାହା କରିବା କଥା କରୁନ । କଏ ପଗ୍ଋରୁଛି ନା କାହାର କଣ ଯାଉଛି? ରାଗରେ ପାଚ ଲାଲ ହୋଇଯାଇଥିଲେ

ସେ । ଆସନ୍ତୁ ଆଜି, ଆଜି ତାଙ୍କର ଦିନେ କୁ ମୋର ଦିନେ । ଆଜି ହିଁ ପଳେଇବି ମୋ ବାପ ଘରକୁ । ୟାଙ୍କ ସହ ଆଉ ଚଳ ହବନ । ଆଳୁ ଦିଟା ପଡିସା ଘରୁ ପାଇବା ପରେ ମନ ଟିକେ ଶାନ୍ତ ହେଲେ ବି ରାଗ କମି ନଥିଲା । ଘରକୁ ଆସି ଭାତ ଫୁଟୁଥିବା ପାଣିରେ ଆଳୁ ଦୁଇଟି ସିଝେଇବା ପାଇଁ ଛାଡିଦେଲେ । ସେପଟେ ଡାଲି ବଘାରିବା ପାଇଁ ଯିବା ବେଳେ କବାଟ ରେ କାହାର କରାଘାତ ଶୁଣି, ହାତରେ ଡ଼ାଲିଚଟୁ ସହ କବାଟ ଖୋଲିବାକୁ ଆସିଲେ। ରାଗ ଆଉ ବିରକ୍ତି ମିଶା ମୁହଁ ରେ ସ୍ୱାମୀଙ୍କୁ କଣ କହି ଭର୍ତ୍ସନା କରିବେ ତାହା ବି ଭାବି ସାରିଥିଲେ ଏତିକ ସମୟ ଭିତରେ । କନ୍ତୁ କବାଟ ଖୋଲିଲା ପରେ ଆଉ ଦୁଇ ଜଣ ଲୋକଙ୍କୁ ଦେଖି ଟିକେ ହଡ଼ବଡ଼େଇ ଗଲେ ।

ଆଶ୍ଚର୍ଯ୍ୟ ଆଖିରେ ସେମାନଙ୍କୁ ଚାହିଁ ଆଖିର ଇସାରା ରେ କଏ? କଣ ଦରକାର? ବୋଲି ପଚାରିଲେ ।

ଆଗନ୍ତୁକ ଦୁଇଜଣଙ୍କ ଭିତରୁ ଜଣେ ପଚାରିଲା, " ଆଚ୍ଛା, ଏଇଟା ଲେଖକ ରମେଶ ଦାସ ଙ୍କ ଘର କି? "

ଲେଖକ ଶବ୍ଦଟି ଶୁଣି ପୁଣି ଥରେ ତାଙ୍କ ଆଖି ତାଳୁ ଉପରକୁ ଉଠିଗଲା ଓ ମନକୁ ମନ ପାଟିରୁ ବାହାରି ଗଲା "କେତେ ନେଇଛନ୍ତି ତମଠୁ? ମୋତେ ତ କହୁଥିଲେ ସବୁ ପଇସା ସୁଝି ଯାଇଛି । ମୋ ଗହଣା ସବୁ ବିକ ଭାଙ୍ଗି ସୁଝି ସାରିଛନ୍ତି । ସେ ନାହାନ୍ତି ଏବେ । ପରେ ଆସିବ ।"

ଏକ ନଶ୍ୱାସ ରେ ଏତକ କହି ସାରି ସେ ଅନେଇଲେ ଆଗନ୍ତୁକ ଦୁଇଜଣଙ୍କୁ ।

"ନା, ନା , ଆମେ ପଇସା ନେବାକୁ ନୁହଁ, ଦେବାକୁ ଆସିଛୁ"

ଚୁଲି ନଆଁ ରେ ପାଣି ପଡିଲା ପରି ଥମ କରି ରହିଗଲେ କୌଶଲ୍ୟା ଦେବୀ । ଏତେବେଳେ ସେ ଆବିଷ୍କାର କଲେ ଯେ, ଆଗନ୍ତୁକ ଦୁଇଜଣଙ୍କ ବେଶ ଭୁଷା ଖୁବ ବଡ ଲୋକ ପରି ।

ହାତ ରେ ସୁନା ର ବଳା । ବେକ ରେ ସୁନାଚେନ । ପେଣ୍ଟ ସାର୍ଟ ସୁନ୍ଦର । ପ୍ରଚୁର ଧନୀ ଘର ପିଲା ପରି ଲାଗୁଛନ୍ତି । ବୟସ ୨୮- ୩୦ ଭିତରେ ହେବ । କଣ କରିବେ କଛି ଭାବି ନ ପାରି ସେ "ଆସ ଆସ ଭିତରକୁ ଆସ, ସେ ଏଇ ଆସୁଥିବେ କହି" ଘର ଭିତରେ ତେଲ ମାଡି କଳା ପଡି ଯାଇଥିବା କାଠ ଚୌକ ଦୁଇଟିକୁ କାନରେ ପୋଛି ପକେଇଲେ । ଆଗନ୍ତୁକ ଦୁଇଟି ବାହାରେ ଜୋତା ଖୋଲି ଭିତରକୁ ଗଲେ । କୌଶଲ୍ୟା ଦେବୀ ପାଣି ଦି ଗ୍ଲାସ ଦି ଜଣଙ୍କୁ ଦେଇ ଅପେକ୍ଷା କରି ରହିଲେ ଜାଣିବା ପାଇଁ ଯେ, ଏମାନେ କଏ? କଣ ପାଇଁ ପଇସା ଦେବେ?

ଆଗନ୍ତୁକ ଦୁଇଜଣ ପାଣି ଢୋକେ ଢୋକେ ପିଇ କେଉଁଠୁ ଆରମ୍ଭ କରିବେ? କଣ କହିବେ? ଭାବୁ ଭାବୁ ରମେଶ ବାବୁ ମୁଣ୍ଡରେ ମୁଣ୍ଡେ ଚନ୍ଦା ଧରି ଘର ଭିତରେ ପ୍ରବେଶ କଲେ । ନମସ୍କାର ଦିଆ ନଆ ପୂର୍ବକ କାର୍ଯ୍ୟକ୍ରମ ସରିଲା ପରେ ରମେଶ ବାବୁ ଓ କୌଶଲ୍ୟା ଅପେକ୍ଷା କରିଥାନ୍ତି ଆଗନ୍ତୁକ ଦୁଇ ଜଣଙ୍କ ପରିଚୟ କୁ । ସେମାନଙ୍କ ଭିତରୁ ଜଣେ ପକେଟ ରୁ ବାହାର କଲା ଗୁରି ଚଉଡା ଜେରକ୍ସ କାଗଜ ଖଣ୍ଡେ ଆଉ ରମେଶ ବାବୁଙ୍କ ହାତ କୁ ବଢେଇ ଦେଲା । ରମେଶ ବାବୁ କାଗଜ ଟି ଧରି ଆମୁଳଚୁଳ ପଢି ଗଲେ । ଏହା ତ କଲେଜ ଟାଇମ ରେ ସେ ଲେଖିଥିବା ଗଳ୍ପ ଗୋଟିଏ । ଗଳ୍ପ ର ନାଁ ଦେଇଥିଲେ "ବରା" ଯାହା କ ଏକ ଖବର କାଗଜ ରେ ପ୍ରକାଶିତ ହୋଇଥିଲା ଆଉ ସତେବେଳ ଟାଇମରେ ସବୁଠୁ ଅଧିକ ପାରିଶ୍ରମିକ ଦେଇଥିଲା ଏହି ଖବରକାଗଜ ଟି ।

ମନେ ପକାଉଥିଲେ ରମେଶ ବାବୁ । କଲେଜ ସାଙ୍ଗମାନେ ଯାଇଥାନ୍ତି ବାଙ୍ଗାଲୋର । ସକାଳୁ ସକାଳୁ ଜଳଖିଆ ଖାଇବାପାଇଁ ବହୁତ ଅସୁବିଧା ହୋଇଥିଲା ଆଉ ସେ ବାଙ୍ଗାଲୋର ରୁ ଫେରି ଲେଖିଥିଲେ "ବରା" ଗଳ୍ପ ଟି । ଗଳ୍ପ ଟି ଥିଲା ଏହିପରି ...

## ବରା

ଗରିବ ପିଲାଟିଏ ବୁଲୁ । ବୟସ ୨୦- ୨୨ ଭିତରେ ହେବ । ଗାଁ ରେ ବୁଲାବୁଲି କରେ । ବେଳେବେଳେ କାଳଆ ଦୋକାନ ରେ ବସେ । କାଳଆ ତା ସାଙ୍ଗ । ଗାଁ ଛକ ରେ ବରା

ଛାଣେ । ବୁଲୁ ବି ଦେଖି ଦେଖି ତାଠୁ କଛି କଛି ଶିଖିଛି । ବାପା ମା ମରିଗଲା ପରେ ପିଉସୀ ପୁଅ ଭାଇ ସହ ପଳେଇଲା ବାଙ୍ଗାଲୋର । କଛି ଦିନ ଭାଇ ପାଖେ ରହି ଏଆଡ଼େ ସିଆଡେ ବୁଲା ବୁଲି କଲା ପରେ ନଜେ କଛି କରିବା ପାଇଁ ଚନ୍ତା କଲା । ଭାଇକୁ କହି କଛି ଟଙ୍କା ଉଧାରୀ ଆଣି ସେ ରହୁଥିବା ଜାଗା ରେ ବରା ଛାଣି ବିକ୍ରି କରିବାକୁ ଲାଗିଲା । ପ୍ରଥମେ ପ୍ରଥମେ ଘରେ ବରା ଛାଣି ସାଇକେଲ ରେ ଢାବଲ ବାନ୍ଧି ସେଠି ବୁଲି ବୁଲି ବିକ୍ରି କରିବାକୁ ଲାଗିଲା । ଭାଷା ମଧ କଛି କଛି ଶିଖିଲା । ଆସ୍ତେ ଆସ୍ତେ ପଇସା ସବୁ ସୁଝି ଯିବାରୁ ଆଉ କଛି ପଇସା ରଖି ଗୁଲିଆ ଖଣ୍ଡେ ପକେଇଲା ସେଠି । ଓଡିଶା ବରା ଯିଏ ଖାଇଲା ତା ପାଟିରେ ଲାଗିଲା । ଭଲ ଲାଗୁଥିଲା ସମସ୍ତଙ୍କୁ ତା କଡା ବରା । ସ୍ୱାଦ ବି ଥିଲା ବହୁତ ଭଲ । ଆସ୍ତେ ଆସ୍ତେ ତା ନାଁ ଡାକ ହେବାକୁ ଲାଗିଲା । ବାଙ୍ଗାଲୋର ରେ ଓଡ଼ିଆ ଭର୍ତି । ସେଠି ଓଡ଼ିଆ ବସ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆ ଲୋକ ସବୁ ଆସନ୍ତି ତା ପାଖକୁ । ତା ବେପାର ବି ବଢ଼ିବାରୁ ସେ ଆଉ କଛି ଅଧିକ କରିବା ପାଇଁ ଗୁହିଁଲା । ଖରାଦିନ । ଏତେ ଓଡ଼ିଆ ଥାନ୍ତି ସେଠି । ଦିନେ ଭାବିଲା ପଖାଳ କରି ବିକଲେ କେମିତି ହୁଅନ୍ତା ? ଦି ଗୁରି ଜଣଙ୍କୁ ପଗୁରିଲା । ସମସ୍ତେ ଭଲ ହେବ ବୋଲି କହିଲେ । ତା ପରଦିନ ସକାଳୁ ବିକ୍ରି ହେବ ନ ହେବ ଭାବି ଦଶ ଜଣଙ୍କ ପାଇଁ ପଖାଳ ତିଆରି କଲା । ଭଲ ଗୁଉଳ ରେ ଭାତ ରାନ୍ଧି, ଦହି ପକେଇ, ଛୁଙ୍କ ଦେଇ, ଧନଆଁ ପନ୍ର ଆଉ କଞ୍ଚା ଲଙ୍କା ସହ ବଡ଼ିଚୁରା, ଶାଗ, ମାଛ ଭଜା, ଆଳୁ ଆଉ ବାଇଗଣ ଭର୍ତ୍ତା ରାନ୍ଧି ଥୋଇଦେଲା । ଦେଖୁ ଦେଖୁ ବିକ୍ରି ହୋଇଗଲା ସବୁ । ତାପରଦିନ କୋଡିଏ, ତିରିଶି, ପଗୃଶ ଏମିତି ଶହେ ଯାଏ ପହଞ୍ଚିଗଲା । ସବୁଦିନ ସକାଳୁ ବରା, ଦିନବେଳେ ପଖାଳ, ସନ୍ଧ୍ୟା ରେ ବରା କରେ । ଆସ୍ତେ ଆସ୍ତେ ତା ବେପାର ଆହୁରି ବଢିବାକୁ ଲାଗିଲା । ଘରଟିକୁ ଗୁଲିଆ ରୁ ଆଜବେଷ୍ଟସ କଲା । ଆଜବେଷ୍ଟସ ରୁ ଛାତ । ବଢି ବଢି ଗୁଲିଥାନ୍ତି ତା ଗ୍ରାହକ ଓ ବଢିଗୁଲିଥାଏ ତାର ଲାଭ ।

ଦିନେ ସକାଳୁ ସକାଳୁ ସେ ଗୋଟେ ଅତି ଗରିବ ପିଲା ଟିକୁ ତା ଦୋକାନ ଆଗରେ ବସି ଥିବାର ଦେଖିଲା । ପିଲାଟି ୟାକୁ ଦେଖି ଡ଼ରିମରି ଘୁଞ୍ଚି ଗଲା । କଛି ସମୟ ପରେ ୟା ର ପ୍ରଥମ ଭଡ଼ି ବରା ବାହାରିଲା ପରେ ସେ ପିଲାଟିକୁ ଡାକ ଖାଇବାକୁ ଦେଲା । ପିଲାଟି ମୁହଁ ରେ ଖୁସି ଦେଖି ଯେତିକ ଆତ୍ମତୃପ୍ତି ମିଳଲା ତାକୁ ଆଗରୁ କେବେବି ଏମିତି ଅନୁଭବ ହୋଇ

ନଥିଲା । ସେଦିନ ଥାଏ ଗୁରୁବାର । ତା ପରଠୁ ସେ ନିଷ୍ପତି ନେଲା ଯେ ସବୁ ଗୁରୁବାର ରେ ସେ ଅନାଥ ଆଶ୍ରମ କୁ ଜଳଖିଆ ନେଇ ଯିବ ଆଉ ମାଗଣା ରେ ସମସ୍ତଙ୍କୁ ବରା ଖୁଏଇବ । ଦୋକାନ କୁ ଆସୁଥିବା ଗ୍ରାହକ ମାନେ ବି ଶୁଣି ଖୁସି ହେଲେ ଓ କଛି କଛି ସାହାର୍ଯ୍ୟ ବି କଲେ । ବୁଲୁ ତା ଦୋକାନ ରେ ଗୋଟେ ସ୍କିମ ବାହାର କଲା । ନୋଟିସ ଝୁଲେଇଲା ପରି ଦୋକାନ ଆଗରେ ଲେଖି ଝୁଲେଇ ଦେଲା, "ତମେ ଯେତିକ ଦବ, ମୁଁ ସେତିକ ଦେବି । ଗ୍ଲ ସମସ୍ତେ ମିଶି ଅନାଥ ମାନଙ୍କ ମୁହଁ ରେ ହସ ଟିକେ ଫୁଟେଇବା " । ସମସ୍ତେ ପଗ୍ଲରିଲେ ଯେ କଣ? ସେ ବୁଝେଇ ଦେଲା । ତମେ ଦଶ ଟଙ୍କା ସେ ଥଳ ରେ ପକାଅ, ମୁଁ ବି ପକେଇ ବି । ତମେ ୫୦୦ ପକାଅ, ମୁଁ ବି ୫୦୦ ଦେବି । ତମେ ୫୦୦୦୦ ଦିଅ, ମୁଁ ବି ୫୦୦୦୦ ଦେବି । ଗୁରୁବାର ସକାଳୁ ଯେତିକ ପଇସା ହବ ସେ ପଇସା ରେ ବରା ଛାଣି ଅନାଥ ଆଶ୍ରମ ଆଉ ବୃଦ୍ଧାଶ୍ରମ କୁ ଯାଇ ସମସ୍ତଙ୍କୁ ବରା ଖୁଏଇବା । ସକାଳୁ ସେତିକ ଟଙ୍କା ର ବରା ଛାଣି ସାରିଲା ପରେ ଦୋକାନ ବନ୍ଦ । ତମେ ବି ମୋ ସହ ଆସ ମିଶି କ ଯିବା ଅନାଥ ଆଶ୍ରମ ଆଉ ବୃଦ୍ଧାଶ୍ରମ କୁ । ଆଖ ପାଖ ଲୋକେ, ଗ୍ରାହକ ସମସ୍ତେ ଶୁଣି ଆଶ୍ଚର୍ଯ୍ୟ ହେଲେ ମଧ୍ୟ ସମସ୍ତେ ସହଯୋଗ ର ହାତ ବଢେଇଲେ । ଆସ୍ତେ ଆସ୍ତେ ତା ଦୋକାନ ର ନାଁ ଆହୁରି ବ୍ୟାପିବାକୁ ଲାଗିଲା ।

ପାଖାପାଖି ୧୦ ବର୍ଷ ର ସେବା ପରେ ସରକାରଙ୍କ ଠୁ ସେ ମାନପତ୍ର ଓ ପ୍ରାଇଜ ବି ପାଇଲା। ପ୍ରାଇଜ ପାଇଥିବା ଅର୍ଥ କୁ ସେ ସେଇ ଅନାଥ ଆଶ୍ରମ ଆଉ ବୃଦ୍ଧାଶ୍ରମ କୁ ଦାନ କରି ଦେଲା । ଆଜି ଯାଏ ବି ସେ ନିଷ୍ଠାପର ଭାବରେ କାମ କରୁଛି । ଏବେ ତା ଦୋକାନ ରେ ସକାଳ ଜଳଖିଆ ଠୁ ଆରମ୍ଭ କରି, ମଧ୍ୟାହ୍ନ ଭୋଜନ, ସନ୍ଧ୍ୟା ରେ ଜଳଖିଆ, ରାତ୍ରି ଭୋଜନ ସବୁ ମିଳୁଛି । ଆମିଷ ଓ ନିରାମିଷ ବି ହେଉଛି । ଆଉ ତା ମାସିକ ଲାଭ ର କୋଡିଏ ଶତକଡା ରେ ସେ ଅନାଥ ମାନଙ୍କର ପାଠପଢା ଖର୍ଚ୍ଚ ଉଠାଉଛି । ନିଜେ ଜଣେ ଅନାଥ ହୋଇ ଥିବାରୁ ସେ ବୁଝି ପାରିଛି ଅନାଥ ମାନଙ୍କ ଦୁଃଖ । ତା ପଇସା ରେ ପାଠ ପଢି କେତେ ଯେ ଅନାଥ ଆଜି କେତେ ବଡ ବଡ ପଦ ପଦବୀ ରେ ଅଛନ୍ତି । ଯିଏ ବି ଯେବେ ଦେଖିଲେ ବୁଲୁ ର ପାଦ ଧୂଳ ନେବାକୁ ଭୁଲନ୍ତି ନାହିଁ ।

- - - - ସମାପ୍ତ - - - -

* * * * * * * * * * * * * * * * * * *

ରମେଶ ଓ କୌଶଲ୍ୟା ଗଳ୍ପ ଟି ପଢିସାରି, ଆଗନ୍ତୁକ ଦୁଇ ଜଣଙ୍କୁ ଗ୍ହିଁଲେ । ମନ ରେ ପ୍ରଶ୍ନ ଭର୍ତି । କଣ କହିବାକୁ ଗ୍ହୁଁଛନ୍ତି ଏ ଦି ଜଣ? ଏମିତି ତ କେତେ ଗପ ସେ ଲେଖିଛନ୍ତି । ଏ ଗପଟି ଦେଖେଇବା କାରଣ କଣ? ଆଶ୍ଚର୍ଯ୍ୟ ହୋଇ ଗ୍ହିଁଥାନ୍ତି ଏମାନେ ।

ଏବେ ଆଗନ୍ତୁକ ଜଣେ ଆରମ୍ଭ କଲେ...

ମୋ ବାପା ଥିଲେ ଘରର ସବୁଠୁ ନକମା ମଣିଷ । କେବଳ ଖାଇବା ଆଉ ବୁଲିବା ଛଡା ଆଉ କଛି କାମ ନଥିଲା ତାଙ୍କର । ଜେଜେ ଆଉ ବଡବାପା ଯାହା ରୋଜଗାର କରି ଆଣନ୍ତି ସେଥିରେ ଘର ଗ୍ଲେ । ମୋ ବାପାଙ୍କ ଉପରେ ସମସ୍ତେ ରାଗନ୍ତି, ଗାଳ କରନ୍ତି । କାରଣ ସେ ରୋଜଗାର ତ କଛି କରନ୍ତି ନାହିଁ ଓଲଟା ଘରୁ ପଇସା ଗ୍ରେରି କରି ଜୁଆ ଖେଳନ୍ତି । ଏମିତି ଦିନେ ଜୁଆ ଖେଳୁ ଖେଳୁ ହାରି ଯାଇଥାନ୍ତି ଦଶ ହଜାର ଟଙ୍କା । ଯାହାକି ପିଉସୀଙ୍କ ବାହାଘର ପାଇଁ ଜେଜେ ବ୍ୟାଙ୍କ ରୁ ଉଠେଇ ଥିଲେ । ଘରକୁ ଯିବାକୁ ଡର ଲାଗିଲା ତାଙ୍କୁ । ଗୋଟେ ଦୋକାନ ରେ ମନ ଦୁଃଖ ରେ ବସି ସେଦିନର ଖବରକାଗଜଟି ଆଡେଇଲା ବେଳେ ସେ ପଢିଲେ ଆପଣଙ୍କ ଗପଟି । ଆଖି ଆଗରେ ଭବିଷ୍ୟତ ଦେଖିଲା ପରି, ସେ ଦେଖି ପାରୁଥିଲେ ତାଙ୍କ ଭବିଷ୍ୟତ । ଘରେ କାହାକୁ କଛି ନ ଜଣେଇ ସେ ପଳେଇଲେ ବାଙ୍ଗାଲୋର। ଖୋଜି ଖୋଜି ଓଡ଼ିଆ ରହୁଥିବା ଜାଗାରେ ସେ ଆରମ୍ଭ କଲେ ବରା ଦୋକାନ । ପ୍ରଥମେ ପ୍ରଥମେ ବହୁତ କଷ୍ଟ କରିବାକୁ ପଡିଲେ ବି ପରେ ଭଲ ବେପାର ହେଲା ଆଉ ସେ ରୋଜଗାର କଲେ କୋଟି କୋଟି ଟଙ୍କା । ଆପଣଙ୍କୁ ଗୁରୁ ବୋଲି ମାନୁଥିଲେ । ଲେଖା ର ପ୍ରତି ଟି ଧାଡି କୁ ସେ ଭଗବାନ ବୋଲି ମାନୁଥିଲେ ଓ ଲେଖା ଯେମିତି ହୋଇଛି ସେପରି ସେ କାମ କରି ଗ୍ଲିଲେ । ଆଜି ପ୍ରତି ମାସ ରେ ଆସୁଥିବା ଲାଭ ରୁ କୋଡିଏ ପ୍ରତିଶତ ଅର୍ଥ ଯାଏ ଅନାଥ ଆଶ୍ରମ ରେ ରହୁଥିବା ପିଲାଙ୍କ ପାଠ ପଢା ପାଇଁ । ସବୁ ଗୁରୁବାର ତିନ ଓଳ ଆମିଷ ଓ ନିରାମିଷ ଖାଇବା ଯାଏ ଅନାଥ ଆଶ୍ରମ ଓ ବୃଦ୍ଧାଶ୍ରମ କୁ । ଘରେ ଓ ଦୋକାନ ରେ ଠାକୁର ଙ୍କର ଫୋଟୋ ନାହିଁ । ଠାକୁରଙ୍କ ଜାଗାରେ ସେ ପୂଜା କରନ୍ତି ଏ ଗପଟି କୁ । ଏତିକ କହି ସେ ଆଣିଥିବା ଫୋଟୋ ଗୁଡିଏ ଦେଖେଇଲା ରମେଶ ବାବୁ ଆଉ କୌଶଲ୍ୟା ଦେବୀଙ୍କୁ । ଖବରକାଗଜର କଟା ଅଂଶ ଖଣ୍ଡେ ସୁନାର ଫ୍ରେମ ରେ ସଜେଇ ହେଇ ପୂଜା ପାଉଛନ୍ତି ଠାକୁର ଘରେ ଓ ଦୋକାନ ରେ ।

କୌଶଲ୍ୟା ଦେବୀଙ୍କ ଆଖିରେ ଆସ୍ତେ ଆସ୍ତେ ଲୁହ ଭରି ଆସୁଥାଏ । ଡାଲିଚଟୁଟା ସେମିତି ଥାଏ ତାଙ୍କ ହାତରେ । ଲୁଗା କାନିରେ ସେ ଲୁହ ପୋଛିଲେ । ରମେଶ ବାବୁଙ୍କ ଛାତି କୁଣ୍ଢେମୋଟ ହୋଇଯାଉଥାଏ । ଗୋଟିଏ ଗପର ଯେ ଏତେ ଶକ୍ତି ସେ ଆଜି ବୁଝି ପାରୁଥିଲେ। ଆଶ୍ଚର୍ଯ୍ୟ ଆଉ ଖୁସି ମିଶା ସ୍ୱର ରେ ପଚାରିଲେ, "ହେଲେ ଆପଣଙ୍କର ଏଠିକୁ ଆସିବାର କାରଣ"?

ଆଗନ୍ତୁକ ଜଣକ ପୁଣି ଥରେ ଆରମ୍ଭ କଲେ...

ତିନିମାସ ତଳେ ଏକ ଦୁର୍ଘଟଣା ରେ ବାପାଙ୍କର ମୃତ୍ୟୁ ହୋଇଗଲା । ଓକିଲ ତାଙ୍କ ୱିଲ ପେପର ଦେଖିଲା ପରେ ଜଣେଇଲେ ଯେ ସେ ଆପଣଙ୍କ ପାଇଁ ଏକ କୋଟି ପଚାଶ ଲକ୍ଷ ଟଙ୍କା ରଖି ଯାଇଛନ୍ତି । ମୁଁ ୱିଲ ପଢିଲା ପରେ ମୋ ମନ ରେ ପାପ ଛୁଇଁଲା । ଭାବିଲି କାହାକୁ କିଛି ନ ଦେଲେ କଣ ଅସୁବିଧା ହେଉଛି? କିନ୍ତୁ ପ୍ରାୟ ପନ୍ଦର ଦିନ ହେଲାଣି ସବୁଦିନ ସେ ମୋ ସ୍ୱପ୍ନ ରେ ଆସି ପଚାରୁଛନ୍ତି “ମୋ ଗୁରୁଙ୍କୁ ପଇସା ଦେଲୁ ନା ନାହିଁ”? ପରେ ଆଉ ଥରେ ୱିଲ ପଢିଲା ପରେ ଜାଣିଲି, ଯଦି ତାଙ୍କର ମୃତ୍ୟୁ ର ଛଅ ମାସ ଭିତରେ ମୁଁ ଆପଣଙ୍କୁ ଖୋଜି ଆପଣଙ୍କ ପଇସା ନଦିଏ ତେବେ, ବାପାଙ୍କର ସବୁ ସମ୍ପତ୍ତି ଅନାଥ ଆଶ୍ରମ ଓ ବୃଦ୍ଧାଶ୍ରମ ଭିତରେ ସମାନ ଭାବରେ ବାଣ୍ଟି ଦିଆଯିବ । ୱିଲ ପଢିଲା ପରେ ମୁଁ ଦୋକାନ କୁ ମ୍ୟାନେଜର ହାତରେ ଦେଇ ପ୍ରଥମେ ଏ କାଗଜ ରୁ ଠିକଣା ନେଇ ପହଞ୍ଚିଲି ଆପଣଙ୍କ କଲେଜରେ । ବହୁତ କଷ୍ଟ ରେ କଲେଜ ରୁ ଆପଣଙ୍କ ଗାଁ ର ଠିକଣା ପାଇ ଯାଇଥିଲି ଗାଁ କୁ ଆଉ ଗାଁ ଲୋକଙ୍କ ଠୁ ଠିକଣା ପାଇ ଆସି ପହଞ୍ଚିଲି ଏଠି, ଆପଣଙ୍କ ଘରେ ।

ଆଜି ଗୁରୁ ଦିବସ । ମୋ ବାପାଙ୍କ ଗୁରୁ ହିସାବରେ ଦୟାକରି ଏ ଟଙ୍କା କୁ ଗ୍ରହଣ କରନ୍ତୁ ଗୁରୁ ଦକ୍ଷିଣା ଭାବରେ ଆଉ ମୋ ବାପାଙ୍କ ଆତ୍ମା କୁ ଶାନ୍ତି ଦିଅନ୍ତୁ । କହୁ କହୁ ସେ ରମେଶ ବାବୁଙ୍କ ଗୋଡ ତଳେ ପଡିଗଲେ । ରମେଶ ବାବୁଙ୍କର ମନେ ପଡି ଯାଉଥିଲା ମହାଭାରତ ର ଏକଲବ୍ୟ କାହାଣୀ ଟି ।

ରମେଶ ବାବୁ ତାଙ୍କୁ ତଳୁ ଉଠେଇ କୁଣ୍ଢେଇ ପକେଇଲେ । ଆଖିରୁ ଆନନ୍ଦ ର ଲୁହ ବୋହି ଯାଉଥାଏ... କୌଶଲ୍ୟା ଦେବୀ, ରମେଶ ବାବୁଙ୍କ ପାଇଁ ସଜେଇ ରଖିଥିବା ତାଚ୍ଛଲ୍ୟ ଭରା କଥା ଗୁଡିକୁ ମନେ ପକେଇ ଜିଭ କାମୁଡି ଦେଲେ...

ଖୁସି ମନରେ ଆଗନ୍ତୁକ ଦୁଇ ଜଣ ଘରୁ ବାହୁଡ଼ି ଯିବା ପରେ ...

କୌଶଲ୍ୟା ଦେବୀ ହାଁ କରି ଅନେଇଥିଲେ ଏକ କୋଟି ପଚାଶ ଲକ୍ଷ ଲେଖା ହୋଇଥିବା ଚେକଟିକୁ ଆଉ ରମେଶ ବାବୁ ଗୁରୁ ଦିବସ ରେ ସାହିତ୍ୟ ଦିଦିଙ୍କୁ ହାତ ଯୋଡି ପ୍ରଣାମ କରୁଥିଲେ ।

- - - - ସମାପ୍ତ - - - -

ଗାନ୍ଧିନଗର, ଗୁଜରାଟ- ୩୮୨୦୦୯



# ଅବଳା କି ସବଳା



ସୁସ୍ମିତା ମହାପାତ୍ର

କେବଳ ନାଗ୍ବାଜିରେ
ନାରୀ ସାଜିଛି ସବଳା ।
ସଶକ୍ତିକରଣ ଅଭିଯାନ ପରେ
ନାଆଁକୁ ଶକ୍ତିଶାଳୀ ଆଜି ମହିଳା ।
କାଗଜ କଲମ, ଦସ୍ତାବିଜରୁ ବାହାରି
ବାସ୍ତବରେ ଦେଖିଲେ କନ୍ତୁ
ସବୁ କିଛି ଭିନ୍ନ,
କଣ୍ଟା ଝଣ୍ଟା ରହିତ ଚନ୍ଦ୍ରାୟିତ ପୃଥିବୀ ନୁହେଁ
ବରଂ ଦୁଃଖ, ଶୋକ, ବିବାଦ ବିଜଡିତ
ବିଚିତ୍ର ବିଶ୍ୱ ପରି ।

ଅସରପାଟିଏ ଦେଖିଦେଲେ ଯିଏ
ଚିତ୍କାର କରିଉଠେ,
କାହାର ନାଲି ଆଖି ନଦେଖୁଣୁ ନୟନୁ ଯା'ର
ଅଶ୍ରୁ ଛୁଟେ,
ଏକା ଏକା ଭୟକରେ,
ଅନ୍ଧକାରେ ତନ୍ତ୍ରୀ ଥରେ,
ନିର୍ଯ୍ୟାତନା ସହେ ନୀରବରେ,

ପ୍ରତିବାଦ ବି କରେନା କେଉଁଥିରେ, ତଥାପି
ନାରୀର ଅନ୍ୟନାମ ଅବଳା କହିଲେ
ଏଠି ବାକ୍ୟବାଣ ଫୁଟେ, ଶବ୍ଦାସ୍ତ୍ର ଛୁଟେ ।
ଏଣୁ, ନାରୀ ଅବଳା କ ସବଳା
ଅହରହ ଦ୍ୱନ୍ଦ୍ୱୀ ମନରେ ପ୍ରଶ୍ନ ଉଠେ ।

ଯେବେ ନାରୀ ଓରଫ୍ ସବଳାର ସଂଜ୍ଞା ଖୋଜେ,
ମିଛ କହେ ଅଭିଧାନ,
ମିଛ କହନ୍ତି ରାଜନେତା, ମନ୍ତ୍ରୀ, ପ୍ରଶାସନ ।
ନଛକ ସତ୍ୟ ଓ କଳ୍ପିତ ତଥ୍ୟର
ତଫାତକୁ ତର୍ଜମା କରୁ କରୁ
ଆପଣାର ସଂଜ୍ଞା ହଜେ ।

ବାସ୍ତବରେ ନାରୀ ଅବଳା ବୋଲି
ହୃଦବୋଧ ହେଉ ହେଉ ପୁଣି
"ନାରୀ ଅବଳା ନୁହେଁ ସବଳା" ର
ନାଦ୍ ବାଜେ ॥

ରାଉଲକେଲ୍, ଓଡିଶା



# ବରଷ ଆସିଛି ନୂଆ



ପ୍ରକାଶ ସାହୁ


ଆସୁଅଛି ବୋଲି ନୂଆ ବରଷ
ବାପୁନ ର ମନ କହାତି ଦୁଃଖ
କେତେ ମିଠା ସ୍ମୃତି ସାଥେ ଯିବ ଗ୍ଭଲି
କେତେ ମଜା ଆଉ ଖେଳ ଖେଳଛି
ସାଙ୍ଗ ସାଥୀ ସହ କେତେ ବୁଲିଛି
କେତେ ନୂଆ ନୂଆ ବନ୍ଧୁ କରିଛି
ପାଠ ପାଇଁ ଶିକ୍ଷକ ଙ୍କ ଠୁ ମାଡ଼ ଖାଇଛି
ଶୀତ, ଖରା ଆଉ ବର୍ଷା ସବୁ ଦେଖିଛି
କେତେ ଯେ ପରବ ସିଏ ମନାଇଛି
ପୁଣି ବୋଉ, ଆଇ ଠାରୁ ଗାଳ ଶୁଣିଛି
ଏହି ବୋଧେ କାରଣ ବାପୁନ ଦୁଃଖ ର
ଆସୁଅଛି ବୋଲି ଦୁଇ ହଜାର ଅଠର
ଗ୍ଭଲିଯିବ ସଦା ବର୍ଷ ଦୁଇ ହଜାର ସତର
ଉପରବେଳା ରେ ବସିଗଲା ସେ ଏକା
ସାଙ୍ଗ ମାନେ ଡାକନ୍ତେ ଆସେ ଖେଳବା
ମନା କରି ବାପୁନ ମୁହଁ ବୁଲାଇ ଦେଲା
ସାଙ୍ଗମାନେ ପଗ୍ଭରି କାରଣ ସବୁ ବୁଝିଲେ
ନାଁ ଟି ତାର ମୁନା କ୍ରିକେଟର ସେ କପ୍ଟାନ
ଆଗକୁ ଆସି ବଖାଣିଲା ସେ ନୂଆ ପ୍ଲାନ

"ଆରେ ଦାଢ଼ି ତୁ ବଢ଼େଇ ଦେ
ବରଷ ଆସିଛି ନୂଆ
ଭଣ୍ଡାରୀ ର ପଇସା ବଞ୍ଚେଇ ଦେ
ବରଷ ଆସିଛି ନୂଆ
ତେଲ ସାବୁନ ଆଉ ପାଉଡର ପାଇବୁ
ମୁଣ୍ଡ ତୁ ଖାଲି ଟିକେ ନୁଆଇ ଦେ
ବରଷ ଆସିଛି ନୂଆ
ଆରେ ପାଇବୁ ରେ ତୁ
ନୂଆ ତରୁଣୀ ମାନ ଙ୍କ ଛୁଆଁ
ଗ୍ଭଟ ର ଠେଲା ଲଗାଇ ଦେ
ବରଷ ଆସିଛି ନୂଆ
ଅଛି ଯଦି ପୁରୁଣା ଜୋତା
ତାକୁ ଛାଡି ଦେ ମଂଦିର ପାଖେ
କଛି ନୂଆ ଜୋତା ଗ୍ଭେରାଇ ନେ
ବରଷ ଆସିଛି ନୂଆ
କସ ଆଉ କହିବି ରେ ଭାଇ
ମୁଁ ଆଠ ଅଣା ତାକୁ ଦେଉଥିଲି
ଭିକାରୀ କହିଲା ବାବୁ
ତୁ ଗ୍ଭଦର ବିଛେଇ ଦେ
ବରଷ ଆସିଛି ନୂଆ
ଶୀତ ପାଇଁ ରେ ଦୁଇ ମାସ ହେବ

କେତେ ଯେ ତୁ କରିଲୁ ବାହାନା
ଏବେ ତୁ ସ୍ନାହାନ କରିଦେ
ବଡ ଠାକୁର ଙ୍କୁ ଟିକେ ଦର୍ଶନ ଦେ
ହଁ ବରଷ ଆସିଛି ନୂଆ
ଆଉ ମୋଦି ଜେଜେ ଙ୍କ ର
ପଲିସି ଆସିଛି ନୂଆ
ମରିଲ୍ ପରେ ପାଇବୁ ରେ
ତୁ ଖାଲି ପଇସା ର ବିଡା
ଏ ତ ବରଷ ଆସିଛି ନୂଆ
ଆରେ ମୋ ସାଙ୍ଗ ବାପୁନ
ଲଗାଇଦେ ତୋ ଭାବନା ରେ ନିଆଁ
ଦେହେ ସାବୁନ ଲଗାଇ ସ୍ନାନ କରିଦେ
ବରଷ ଆସିଛି ନୂଆ
ପଛ କଥା, ଦୁଃଖ ସବୁ ଭୁଲି ତୁ ଯାରେ
ନୂଆ ବରଷ ର ନୂଆ ଦିନ କୁ
ତୁ ହୃଦୟ ର ସାଥେ ସ୍ୱାଗତ କରେ
ଆରେ ମୁନା ପର୍ ହେଲ୍ କପ୍ଟାନ
ତାର ହିସାବ ଟା ପୁଣି ଭାରି କଠିନ
ବୁଝିଲୁ ରେ ସାଙ୍ଗ ମୋର ବାପୁନ"

ହସି ହସି ସବୁ ବେଦମ ହେଲେ
ବାପୁନ ବି ହସ ଗୁପି ନ ରଖି ପାରିଲ୍
ହସି ହସି ସେ ଭୂଇଁ ରେ ଗଡ଼ିଲ୍
ଠିକ କଥା ଟେ କହିଲୁ ରେ ଭାଇ
ନୂଆ ବରଷ ରେ ନୂଆ ଭାତ ଖାଇ
ସ୍ୱାଗତ କରିବି ଏହି ନୂଆ ବରଷ ଟି
ନୂଆ ବରଷ ସାଥେ ନୂଆ ସୁରୁଜ କରଣ
ସମସ୍ତଙ୍କୁ ମୋର ୨୦୧୮ ର ଅଭିନନ୍ଦନ

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ



# ବିଶ୍ୱାସର ରଜ୍ଜୁ



ଦେବସ୍ମିତା ବେହେରା

ଛିଡା ହୋଇଛି ମୁଁ ଆଜି ଖୁଣ୍ଟଟା ଭଳି
ତୁମର ଫେରିବା ବାଟକୁ ଚାହିଁ
ତଥାପି ନଇଁନି ନଇଁବି ନାହିଁ ମୁଁ
ଝଡ ବତାସର କରାଳକୁ ଡରି ।
ଆକାଶ ଭଳି ମୁଁ ନୁହଁଇ ବିଶାଳ
ଲଢି ଚାଲିଛି ମୁଁ ବଞ୍ଚିବା ପଇଁ
ପୃଥିବୀ ଭଳି ସହି ଚାଲିଛି
ଅତୁଟ ବିଶ୍ୱାସକୁ ସାଥିରେ ନେଇ ।
ଅତୀତ ସ୍ମୃତିର ଛାୟା ବୃକ୍ଷ ତଳେ
ନିଜ ଲୁହରେ ମୁଁ ନିତି ଭିଜୁଛି
ଅବ୍ୟକ୍ତ ବେଦନା ଅନ୍ତରେ ଚାପି
ପ୍ରୀତିର ଜହ୍ନକୁ ଆଜି ଖୋଜୁଛି ।
ଦିନେ ନା ଦିନେ ଫେରିବ ବୋଲି
ରଖିଛି ମନରେ ଅତୁଟ ଭରସା ମୁହିଁ
କେବଳ ବିଶ୍ୱାସର ଏଇ ରଜ୍ଜୁ ପାଇଁ
ନିତି ମରି ମରି ମୁଁ ଯେ ବଞ୍ଚିଛି ।



ୟୁନିଟ୍ – ୯, ବାୟାବାବା ମଠ ଲେନ୍,
ଭୁବନେଶ୍ୱର - ୭୫୧୦୨୨

# ଅବୁଝା ମନ,
# ଅକୁହା କଥା



ସୁଲୋଚନା ପଟ୍ଟନାୟକ

ସେଦିନ ସରୋଜିନୀ ବ୍ରାୟାନ୍ ସଂଗେ ସିନେମା ଦେଖିବାକୁ ବା ରେଷ୍ଟୁରାଣ୍ଟରେ ଖାଇବାକୁ ଆଉ ଯାଇ ପାରିଲା ନାହିଁ । ନିଜ ଘର ସାମାନାରେ ଶାଶୁ ଆଉ ଜୀବନଙ୍କୁ ଦେଖି ବ୍ରାୟାନ୍‌କୁ ମନା କରିବାକୁ ପ୍ରାୟ ବାଧ୍ୟ ହେଲା । ମନ ତ କିଛି ନଥାଏ । କିନ୍ତୁ ପରିସ୍ଥିତି ବାଧ୍ୟ କଲା । ଜୀବନର ଏଇ ବିଚିତ୍ର ସଂଯୋଗର କାରଣ ଜାଣିବାକୁ ଆଗ୍ରହୀ ମନ ତାର ବାରବାର ଚେଷ୍ଟା କରି କେବେ ବି ସଫଳ ହୋଇନି । ଆଜି ବି କିଛି ନୂଆ କଥା ନୁହେଁ । ବ୍ରାୟାନ୍‌ର ମନରେ ନିଶ୍ଚୟ ଦାରୁଣ ଧକ୍କା ଲାଗିଥିବ । କେତେ ଆଗ୍ରହରେ ସିଏ କେତେ ଆୟୋଜନ କରି ଆସିଥିଲା ତାକୁ ନେବା ପାଇଁ । କିନ୍ତୁ ସବୁ ଭାସିଗଲା । ସମୟର ସୁଅ ମୁହଁରେ ସେ କଥାର ଅସ୍ତିତ୍ୱ ହିଁ ରହିଲା ନାହିଁ । ସରୋଜିନୀ ମନକୁ ପ୍ରଶ୍ନ କଲା । ଉତ୍ତର ପାଇବା ପୂର୍ବରୁ ଦେଖିଲା ଶାଶୁଙ୍କର ହାତ ତାର କାନ୍ଧ ଉପରେ । ଜୀବନଙ୍କର ପ୍ରଶ୍ନିଳ ଆଖି ତା ଆଖିରେ ବନ୍ଧା ଥାଏ । ଦୁହେଁ ଦୁହିଁଙ୍କୁ ଚାହିଁ ଆଖିରେ ଆଖିରେ ପ୍ରଶ୍ନଶୀଳ ଥାଆନ୍ତି । କେହି କଥା କହିବାକୁ ସକ୍ଷମ ହୋଇ ପାରୁ ନଥାନ୍ତି । ବ୍ରାୟାନ୍ ପରିସ୍ଥିତିକୁ ସହଜ କରିବାକୁ ଯାଇ କହିଲା, "ସୁରୁ, ଠିକ ଅଛି, ଜୀବନ ବାବୁ ଓ ମା ଆସିଲେଣି, ତାଙ୍କ କଥା ବୁଝ । ମୋ' ସହିତ ତ ସବୁବେଳେ ଦେଖା ହେଉଛି, ଆମେ ଆଉ ଦିନେ ଆମର ପ୍ଲାନ୍ ଜାରି ରଖିବା । ମୁଁ ଆସୁଛି" । ସରୋଜିନୀ ବ୍ରାୟାନ୍‌କୁ ଅଶେଷ ଧନ୍ୟବାଦ ଦେଇ ସିଏ କେତେ ଦୁଃଖିତା ଜଣାଇବାରେ କାର୍ପଣ୍ୟତା କଲା ନାହିଁ । କିନ୍ତୁ ଠିକ୍ କଲା ତାକୁ ଏକ ବଳିଷ୍ଠ ପଦକ୍ଷେପ ନେବାକୁ ହେବ । ତାକୁ ଦୃଢ ହେବାକୁ ପଡିବ । ସିଏ ଛେପ ଢୋକେ ଢୋକି ନେଲା । "ହଉ ଦେଖା ହେବ, ଆଉଥରେ ଧନ୍ୟବାଦ ଦେଉଛି ବ୍ରାୟାନ୍" କହି କଥାର ମୋଡ

ବଦଳାଇଲା । ଶାଶୁଙ୍କୁ କହିଲା, "ଆପଣ କହୁଛନ୍ତି ଯଦି, ଆସନ୍ତୁ ଯିବା ମୋ' ଘରକୁ । ସେଇଠି କଥା ହେବା । ଗ୍ଲହା କପେ ପିଇବେ ଅଉ ମୋ' ଘରଟା ବି ଦେଖିଯିବେ" । "ହଉ ଗ୍ଲଲ" କହିଲେ କୁମୁଦିନ । ଜୀବନ ବାବୁଙ୍କୁ ହଁ/ନାହିଁ କହିବାର ସୁଯୋଗ ଦେଲେ ନାହିଁ । ସମସ୍ତେ ପଛକୁ ଫେରିଲେ ଘରକୁ ଯିବା ପାଇଁ । ସେତେବେଳକୁ ବ୍ରାୟାନ୍ ଗ୍ଲଲି ଗଲାଣି । ବ୍ରାୟାନ୍‌କୁ ଏଭଳ ଏକ ଅଗ୍ଲନକ୍ ପରିସ୍ଥିତିରେ ପଡି ଦୁଃଖ ଦେଇଥିବାରୁ ସରୋଜିନୀର ମନ ଖରାପ ଥାଏ । କନ୍ତୁ ମୁହଁରେ ହସଟିଏ, ମିଛ ହେଉ ପଛେ ଲାଖି ରହିଥାଏ । ତିନଜଣ ମିଶି ଘରକୁ ଗଲେ । ସରୋଜିନୀ, ମା ପୁଅଙ୍କୁ ଲିଭିଂ ରୁମ୍ ର ସୋଫାରେ ବସିବାକୁ କହି ଭିତରକୁ "ଗ୍ଲହା ଆଣୁଛି" କହି ଗ୍ଲଲିଗଲା । ତେଲ କଢେଇଟା ବସାଇ ଦେଲା । ସସପେନ୍ ରେ ତିନକପ୍ ପାଣି ଦେଇ ଷ୍ଟୋଭ ଜଳାଇଲା । କାହିଁକି କେଜାଣି ଗୋଡ ହାତ ତାର ତଳେ ପଡୁନଥାଏ । କେତେବେଳେ ଗ୍ଲମୁଚଟା ଖସିଗଲାଣି ତ ଛୁରିଟା ପଡିଗଲାଣି ବା ପିଆଜଟା ତଳକୁ ଗଡିଗଲାଣି । ତେବେ ସବୁକୁ ଏକାଠି କରି ପକୋଡା ଛାଣିବାର ବନ୍ଦୋବସ୍ତ କଲା । ସେଇଟା ହିଁ ସହଜ । ଜୀବନ ବାବୁଙ୍କୁ ଗ୍ଗ ପକୋଡା ଭଲ ଲାଗେ ବୋଲି ଦୁଇଟା ହାଲେପିନୋ ଲଙ୍କାକୁ ଛୋଟ ଛୋଟ କରି କାଟି ଅଲଗା ରଖିଲା । କୁମୁଦିନ ଆଦୌ ଗ୍ଗ ଖାଆନ୍ତି ନାହିଁ । ସେଥିରେ ତାଙ୍କର ଶହେ ପ୍ରକାର ଓଷା ବ୍ରତ ଥାଇପାରେ । ଆମେରିକାରେ ରହିବାର ୧୦/୧୨ ବର୍ଷ ଭିତରେ ସେସବୁ ପ୍ରତି ତାର ବିଶେଷ ଧ୍ୟାନ ନ ଥାଏ ସରୋଜିନୀର । ତେଣୁ କାଳେ ପିଆଜ ଖାଉ ନଥିବେ ଭାବି ଗୋଟିଏ ଛୋଟ ଆଳୁ ଆଉ ବନ୍ଧାକୋବିରୁ ଚରୁଡାଏ କାଟି ଅଲଗା ବେସନରେ ଗୋଳାଇଲା । ପ୍ରଥମ ପରସ୍ତଟା କୁମୁଦିନଙ୍କ ପାଇଁ ଛାଣି ନେଇ ତାଙ୍କୁ ଆଗ ଦେଇ ଆସିଲା । ପରେ ନାଲି ପିଆଜରୁ ଫାଳେ ଆଉ କାଟିଥିବା ଲଙ୍କା ମିଶାଇ ଆଉ ଥାକେ ପକୋଡା ଛାଣି ପ୍ଲେଟରେ ସଜାଡି ଲିଭିଂ ରୁମ୍‌କୁ ଆସିଲା । ଆସିବା ପୂର୍ବରୁ ନଜ ଅଜାଣତରେ ଦର୍ପଣରେ ମୁହଁ ଟିକେ ଦେଖି ନେଲା, ମୁ ବାଳକୁ ସାଉଁଳେଇ ଦେଲା । ତିନହେଁ ବସି ପକୋଡା ଖାଇବା ଆରମ୍ଭ କଲେ । ହଠାତ ସରୋଜିନୀର ମନେ ପଡିଗଲା ସିଏ ଗ୍ଲହା ବସାଇଥିଲା । "ଗ୍ଲହା ବସାଇଥିଲି, ଉତୁରିଯିବ"

କହି ପ୍ରାୟ ଦଉଡି ଯାଇ ଦେଖିଲା ବେଳକୁ ଗୁହା ପାଣି ଫୁଟି ଫୁଟି ଅଧା ହେଲାଣି । ସେଥିରେ ଆଉ ଅଧା କପ ପାଣି ମିଶାଇଲା, ଅଦା ଖଣ୍ଡେ ଛେଚ ଗୁହା ପାଣିରେ ପକାଇ ପରସ୍ତେ ଫୁଟାଇନେଲା । ଛୋଟ ଟ୍ରେରେ ଗୁହା ଛାଣି ତିନୋଟି ଛୋଟ କପ ବାହାର କରି ରଖିଲା । ଓଡିଶାରେ ପ୍ରାୟ ଲୋକମାନେ ଛୋଟ କପ୍ ରେ ଗୁହା ପିଇବାକୁ ଭଲପାଆନ୍ତି ବୋଲି ସିଏ ଭୁଲି ନଥିଲା । ପକୋଡା ପ୍ଲେଟରେ ରଖି ଫେରି ଆସି କୁମୁଦିନଙ୍କ ପାଖେ ଏକା ସୋଫାରେ ବସିଲା । କଣ କହି କଥା ଆରମ୍ଭ କରିବ ଜାଣି ପାରୁ ନଥାଏ । ସମସ୍ତଙ୍କର ବୋଧେ ସେଇ ଅବସ୍ଥା । କୁମୁଦିନ ଢୋକେ ଗୁହା ପିଇ କଥା ଆରମ୍ଭ କଲେ । ସରୋଜିନୀକୁ "କେମିତି ଅଛୁ" ବୋଲି ପଗ୍ଭରିଲେ । ସରୋଜିନୀ ସ୍ୱଳ୍ପରେ "ଖୁବ୍ ଭଲ ଅଛି" କହିଲା । କୁମୁଦିନ ତାର ଉତ୍ତର ଶୁଣୁ ନ ଶୁଣୁ କଥାର ମୋଡ ବଦଳାଇ କହିଲେ, ଆଜି ଦେଖା ହେଲା ବୋଲି ତତେ କହୁଛି । "ତୁ ତ ଖୁବ୍ ବୁଝିବାର ଝିଅ । ଦେଖ, ନଜ ଗୋଡରେ ଆଜି ନଜେ ଠିଆ ହୋଇ ପାରିଛୁ । ଚନ୍ତା କରି ଦେଖ । ପଛ କଥା ଭୁଲି ଯାଆ । କଥାକୁ ଯାବୁଡି ଧରିଲେ କୈାଣସି ସମସ୍ୟାର ସମାଧାନ ହୋଇ ପାରେନା ଝିଅ ! ସରୋଜିନୀ ଅଳ୍ପ ହସି କହିଲା, "ଆପଣ ଯାହା କହୁଛନ୍ତି, ସବୁ ଠିକ୍ ହୋଇପାରେ । ମଣିଷ ଜୀବନ ଭରି ଅଡୁଆ । କେତେ ଛନ୍ଦରେ ଛନ୍ଦି ହୋଇଥାଏ ଜୀବନର ଖିଅ । ସେ କଥା ଛାଡନ୍ତୁ, ଚଲନ୍ତୁ ମୋ' ଘର ବୁଲାଇ ଦେଖଇ ଦେବି" । କୁମିଦିନ ମନା କରି ପାରିଲେ ନାହିଁ । ଦୁହେଁ ଉଠିଲେ । ସରୋଜିନୀ ଅତି ଯତ୍ନରେ ସଜାଡିଥିବା ତାର ଛୋଟ ଘରଟିକୁ ବୁଲାଇ ଦେଖାଇ ନେଲା କୁମୁଦିନଙ୍କୁ । ଜୀବନ ବାବୁ ସେମିତି ବସି ରହିଲେ ଲିଭିଂ ରୁମ୍ ରେ। ଟିଭି ଦେଖିବାର ବାହାନା କରୁଥିଲେ ବୋଧହୁଏ । କୁମୁଦିନ ଘର ବୁଲିଆସି ସୋଫାରେ ବସି କହିଲେ, "ତୁ ତ ଗଲୁନ ଜୀବୁ ! ଦେଖିଥାନ୍ତୁ ସୁରୁ କେମିତି ଗାଁ ଠକୁରାଣୀଙ୍କ ଫଟୋ ରଖି ପୂଜା କରୁଛି । ଆମେରିକାରେ ଦଶ/ବାର ବର୍ଷ ରହିଲାଣି । ଏକୁଟିଆ ନଜେ ନଜେ ଚଳୁଛି । ଭାବୁଥିଲି ପୂଜା ପୂଜି କରୁନଥିବ ବୋଧେ । ଯା, ଦେଖ, ତା ଠାକୁର ଘରେ କେମିତି ଜଗନ୍ନାଥଙ୍କୁ ବି ରଖିଛି ! ମୁଁ ତ ଚକତ ହୋଇଗଲି ଗାଁ ଠକୁରାଣୀଙ୍କ ଫଟୋ ଦେଖି ! ଜୀବନ ବାବୁ କଛି କହିଲେ ନାହିଁ ଶୁଣି ନ ଶୁଣିଲା ପରି

ବସିଥାନ୍ତି । ଗ୍ଲାସ୍‌ରୁ ଢୋକେ ଢୋକେ ପିଉଥାନ୍ତି । ଟେବୁଲ ଉପରୁ ପତ୍ରିକାଟିଏ ନେଇ ଓଲଟାଉ ଥାନ୍ତି । ସରୋଜିନୀର ହାବ ଭାବରୁ ସିଏ ଖୁସି ଜଣା ପଡୁଥାଏ । ସତେ ଯେମିତି କେଉଁ ଦିନର ଚହ୍ନା ବନ୍ଧୁ ତା ଘରକୁ ଆସିଛନ୍ତି । ନଜର ପୂର୍ବତନ ସ୍ୱାମୀ ଆଉ ଶାଶୁ ବୋଲି ମନକୁ ଆସୁ ନଥାଏ ଆଦୌ !

କୁମୁଦିନଙ୍କ ମନ ଭିତରେ କେତେ କଥା ଆସି ଯାଉଥାଏ । ମନ ଭିତରେ ଭାବୁଥାନ୍ତି, କଥା କଟା କଟି ବା କାହା ଘରେ ନାହିଁ ? କାହା ଘରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ମନୋମାଳନ୍ୟ ନାହିଁ? ସବୁ ମଣିଷ ତ ଏକା ଭଳ ନୁହନ୍ତି । ଏକାଠି ଘର କରିବାକୁ ହେଲେ ସମସ୍ତଙ୍କୁ କେତେ ସ୍ୱାର୍ଥତ୍ୟାଗ କରିବାକୁ ପଡିଥାଏ । କାହାକୁ କମ୍ କାହାକୁ ବା ଅଧିକ । ଜିଦ୍ ଧରି ବସି ଯଦି କେହି ମୁଣ୍ଡ ଝୁକାନ୍ତି ନାହିଁ, ସେଠି ପରିବାର ଭାଙ୍ଗିଯାଏ । ଏକାଠି ପୋତିଥିବା ଗଛଟି ସ୍ନେହ ଶ୍ରଦ୍ଧାର ଅଭାବରେ ମଉଳ ଯାଏ । ଜିଦ୍ ଆଉ ରାଗ ପରିବାରକୁ ଧ୍ୱଂସ କରିଦିଏ । ସରୋଜିନୀକୁ ଲାଗିଲା, ସିଏ ଯେମିତି ଅଣନଃଶ୍ୱାସୀ ହୋଇ କଥା କହିବାରେ ଲାଗିଛନ୍ତି । ତାଙ୍କ କଥା ଆଜି ବନ୍ଦ ହେବନ । କୁମୁଦିନ ଗ୍ଲାସ୍‌ରୁ ଆଉ ଢୋକେ ନେଇ ପୁଣି କହିବାକୁ ଆରମ୍ଭ କଲେ । ପ୍ରଥମ ଥର ପାଇଁ କୁମୁଦିନଙ୍କ କଥା ଶୁଣିବାକୁ ଏତେ ଖରାପ ଲାଗୁ ନ ଥାଏ ସରୋଜିନୀକୁ । ମନେ ହେଲା ଯୁଗଟିଏ ବିତି ଯାଇଛି ଏ ଭିତରେ । ପାଖରେ ବଡ କେହି ନାହାନ୍ତି ତାକୁ ବୁଝାଇବାକୁ ବା ଉପଦେଶ ଦେବାକୁ । ସିଏ ଶୁଣିବାକୁ ଲାଗିଲା । କୁମୁଦିନ କହିବା ବନ୍ଦ କରି ନଥାନ୍ତି । ଜୀବନ ବାବୁ ମୂକଙ୍କ ପରି ବସି ଶୁଣୁଥାନ୍ତି ସୋଫାରେ । ସତେ ଯେମିତି ତାଙ୍କର କଛି କହିବାର ନାହିଁ ବା ଏ ସବୁରେ ମୁଣ୍ଡ ଖେଳାଇବାକୁ ନାହିଁ । ଅଥବା ଏ ସବୁର କାରଣ ତାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ।

କୁମୁଦିନ ପୁଣି ଆରମ୍ଭ କଲେ, ମୁଁ ତୁମ ଦୁହିଁଙ୍କୁ ଆଉଥରେ କହୁଛି, "ଇଚ୍ଛା କଲେ ଆମେ ଭଙ୍ଗା ସଂସାର ଆଉଥରେ ଯୋଡି ପାରିବା । ପଡିଥିଲେ ପଡି ରହିବା ନାହିଁ । ଲୋକ ସୁଯୋଗ ପାଇଲେ ଉପରେ ଚଢି ଗ୍ଲାଲିଯିବେ । କେହି ଅପେକ୍ଷା କରିବେ ନାହିଁ । କେହି ହୃଦୟରୁ ଆହା ପଦେ କହିବେ ନାହିଁ । ନଜକୁ ଝାଡି ଝୁଡି ହୋଇ, ପଡିବା ସ୍ଥାନରୁ

ଉଠିବାକୁ ପଡିବ, ନିଜକୁ ଦୃଢ କରି ପୁଣିଥରେ ନୂଆ ସଂସାର ଗଢିବାକୁ ପଡିବ । ଆଖି ଖୋଲି ଆଖ ପାଖର ପୃଥିବୀକୁ ଦେଖିବାକୁ ହେବ" । ହୁଏତ ସିଏ ଏମିତି ଆହୁରି କହି ଚାଲିଥାନ୍ତେ । ଜୀବନ କଥା ବଦଳାଇବାକୁ କହିଲେ, "ବୋଉ ତୋ ଚାହା ଥଣ୍ଡା ହୋଇଗଲାଣି । ଚାହା ପିଇ ଦେଲେ ଯିବା" । କୁମୁଦିନି "ହଁ ଚାଲ" କହି ସରୋଜିନୀଙ୍କୁ କହିଲେ, "ମୋ କଥା ଧରିବୁ ନାହିଁଲୋ ମା' । କହୁ କହୁ କେତେ କଥା କହିଦେଲି । ଆଉ ଗୋଟିଏ କଥା କହିଥାନ୍ତି, "ଯଦି କିଛି ନ ଭାବୁ, ଚାଲ ମା କିଛି ଦିନ ମୋ' ପାଖରେ ରହିବୁ । ମୋର ତ ଏଠି ଦିନ ସରୁ । ଏ ଆମେରିକା ରାଜ୍ୟରେ ତୁମେ ସବୁ ରହିଛ କେମିତି ? ଭାରି ଏକୁଟିଆ ଜୀବନ । ହଁ ମୁଁ ମାନିବି ଯେ ସୁବିଧା ଏଠି ବେଶୀ । ଚାକଚକ୍ୟର ସମ୍ଭାର ଏଠି ଅଛି । ଚାହିଁଲେ ସବୁ ଏଠି ପାଇ ପାରିବ । କିନ୍ତୁ ସାଙ୍ଗ ସୁଖର ଅଭାବ । ପାରିବାରିକ ସଂପର୍କ ଗଢିବାର ସମୟର ଅଭାବ ! ଯିଏ ଯାହା ବାଟରେ ଚାଲିଛନ୍ତି । ମୋ' ମତରେ କାହାର ଭୁଲ ବାଛିବା କଷ୍ଟ । ପୁଣି କଥା ଦୋହରାଇଲେ, "ସରୋଜିନୀ, ଚାଲ ଆମ ସହିତ । ମୁଁ ଏଠି ଥିଲା ଭିତରେ କିଛି ଦିନ ମୋ' ପାଖରେ ସମୟ କଟାଇବୁ । ଆଉ ଥରେ ନିଜକୁ ନିଜେ ଆବିଷ୍କାର କରିବୁ ଏକ ଭିନ୍ନ ପରିସ୍ଥିତିରେ । କିଛି ନହେଲେ ଦୁଇ ଚାରି ଦିନ ମୋ ପାଇଁ ସମୟ ଦେବୁ । ମତେ ଭଲ ଲାଗିବ । ଜୀବନ କହୁଥିଲା, ଏଠି କୁଆଡେ ଘରୁ କାମ କରିହୁଏ ବୋଲି । କିଛି ନହେଲେ ଛୁଟି ମାଗି ନେ" । କୁମୁଦିନି ଏ ସବୁ କହିବେ ବୋଲି ଭାବି ଆସି ନଥିଲେ । ପୁଅ ସହିତ କଥା ହୋଇ ତାର ମନ ଭିତରେ କଣ ଅଛି ପଚାରି ନଥିଲେ । କୋଉଠୁ ଏତେ କଥା ବାହାରି ଆସିଲା ତାଙ୍କ ମନକୁ, ସିଏ ନିଜେ ଜାଣି ନଥିଲେ । କିନ୍ତୁ କହିକି ଖାଲି ମୁହଁ ସାରିଲେ ବୋଲି ଭାବି ଦୁଃଖ ମଧ୍ୟ କଲେ ନାହିଁ । କେଉଁ ପାଣି କେଉଁଠିକି ଯିବ ତା ମଧ୍ୟ ସିଏ କଳନା କରିପାରିବେ ନାହିଁ । କିନ୍ତୁ ଗଡିଗଲା ପାଣି ଆଉ ଢୋକଲା ଛେପକୁ ଅଟକାଇ ହୁଏନି । ଯାହା ଜୀବନରେ ଘଟି ଯାଇଛି ତାକୁ ତ ପରିବର୍ତ୍ତନ କରିହେବନି, କିନ୍ତୁ ବର୍ତ୍ତମାନ କଣ କରିହେବ, ତାକୁ

ଚନ୍ତାକରି କରିବାକୁ ହେବ । ନହେଲେ ସେଇ ଭୁଲର ଶୀକାର ହୋଇ ସବୁବେଳ ପାଇଁ ମଣିଷ ରହିଯିବ !

ସରୋଜିନୀ ମନେ ମନେ ହସିଲା । ହଁ ଏ ଉପଦେଶ ସିଏ ନଶ୍ଚୟ ଶୁଣିବ । ଦୁର୍ବଳ ମନକୁ ଆଜି ଦୃଢ କରିବ । କହିଲା, "ମତେ ଭୁଲ ବୁଝିବେ ନାହିଁ ବୋଉ । ମତେ ଆଜି ଭାବିବାକୁ ସମୟ ଦିଅନ୍ତୁ । ମୁଁ ବୁଝୁଛି ଜୀବନ କଛି ପିଲାଖେଳ ନୁହେଁ । ହଁ ନାହିଁର ଦ୍ୱନ୍ଦ୍ୱ ସବୁବେଳେ ପଛେ ପଛେ ଗୋଡାଇଛି । ଛାଇ ପରି ପାଖ ଛାଡି ଯାଉନ । କେତେବେଳେ ପଛକୁ ତ କେତେବେଳେ ଆଗକୁ ଦେଖା ଯାଉଛି । କେତେବେଳେ ଛୋଟ ତ କେତେବେଳେ ନଜ ଠାରୁ ଅନେକ ବଡ ହୋଇ ଲମ୍ବି ଯାଉଛି ଆଖି ସାମାନାରେ । ସେଦିନର ରାଗ ହୁଏତ ସେ ଛାଇରେ କେଉଁଠି ମିଶି ଯାଇଛି । କନ୍ତୁ ମନରୁ ଅଭିମାନ ଯାଇନାହିଁ । ଆପଣ ତ ଜାଣନ୍ତି, ମୁଁ ସବୁବେଳେ ସତ କହିବାକୁ ଭଲ ପାଏ । ଯଦିଓ ସେଇ ସତ ମତେ ଅନେକ ସମୟରେ ଅସୁବିଧାରେ ପକାଇଥାଏ । କନ୍ତୁ ସତକୁ ନେଇ ମୁଁ ବଞ୍ଚିବାକୁ ଶିଖିଛି । ଜୀବ ଥିବାଯାଏ ତାରି ସାହାରାରେ ବଂଚଯିବି । ଆଜି ମତେ ଭାରି ଭଲ ଲାଗିଲା ଆପଣ ସମୟ କରି ମୋ' ପାଖକୁ ଆସିଲେ ଓ ମୋତେ ସାଙ୍ଗରେ ନେବା ପାଇଁ କହୁଛନ୍ତି । ମୁଁ ଚନ୍ତାକରି ସମୟ ସୁବିଧା ଦେଖି ଦିନେ ଦୁଇ ଦିନରେ ଆପଣଙ୍କୁ ନଶ୍ଚୟ ଡାକବି" ।

ସରୋଜିନୀ ଆଜି ନୂଆ ମଣିଷଟିଏ ହୋଇଯାଇଛି । କୁମୁଦିନୀଙ୍କ କଥାରୁ ମିଠା ପରଷ ବାରି ହୋଇ ପଡୁଛି । ଜୀବନବାବୁଙ୍କ ନୀରବତା କଥା କହୁଛି । ଛୋଟ ପିଲାଟିଏ ନଜ ଭୁଲ ବୁଝି ଆଖି ତଳକୁ କରି ନଜ ପାଦକୁ ଅନାଇ ନୀରବରେ ବସି ରହିଛି ଯେମିତି ! ସରୋଜିନୀ ନଜ କଥା ଜାଣିପାରୁନ । କନ୍ତୁ ତାର ଚାରି ପାଖର ପୃଥିବୀ ଦୋହଲିବାଲେ ଲାଗିଛି । ହୃଦୟରେ ଏକ ହାଲୁକା ଭୂମିକମ୍ପର ଅନୁଭବ ଆସୁଛି । କୁମୁଦିନଙ୍କ ଆଶାର ଡୋରି ଲମ୍ବି ଯାଉଛି । କେହି ରାଗୁ ନାହାନ୍ତି । କେହି ସ୍ୱର ଉତ୍ତୋଳନ କରୁ ନାହାନ୍ତି । କେହି କାହାକୁ ଦୋଷାରୋପ କରୁନାହାନ୍ତି । ଯେମିତି ଝଡ ପରର ଶାନ୍ତ ପୃଥିବୀ ।

ଜୀବନବାବୁ ଏ ଯାଏଁ ସମସ୍ତଙ୍କ କଥା ଚୁପ୍ ଚାପ୍ ଶୁଣି ଯାଉଥିଲେ । ମୃତବତ୍ ପଡି ରହିଥିବା ପୁରୁଣା ସ୍ମୃତିକୁ ଘାଣ୍ଟି ଚକଟି ତା ପାଉଁଶ ଗଦାରୁ ଉଠି ଆସିବାକୁ ଚାହୁଁଥିଲେ । ନିଜ ଜିହ୍ୱାର ଶିକାର ଥିଲେ କାଲି । ଆଜି ସେ ଜିହ୍ୱା ସଂପୂର୍ଣ୍ଣ ଅକର୍ମଣ୍ୟ । କିଛି କହିପାରିଲେ ନାହିଁ । ଗତ ଗଳ୍ପ ଜୀବନକୁ ପଛ କରି ଠିଆ ହେବାକୁ ସିଏ ଶକ୍ତି ଠୁଳ କରୁଥିଲେ । ଆଗମୀ ଜୀବନର ସ୍ୱପ୍ନ ଦେଖିବାକୁ ପ୍ରବଳ ପ୍ରୟାସ କରୁଥିଲେ । ବର୍ତ୍ତମାନ ଠିଆ ହୋଇ ହସୁଥିଲା, ଏକ କ୍ରୁର ହସ । କେତେ ଅକୁହା କଥା ରହି ଯାଇଥିଲା ତିନି ଜଣଙ୍କର ଅବୁଝା ମନ ଭିତରେ ।

ଏଲକରିଜ, ମେରିଲ୍ୟାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@ gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# କୁଞ୍ଜକୋଠି



ଶରତ ଚନ୍ଦ୍ର ବସନ୍ତିଆ

ସେଦିନ ମନ ଏଦିନ କଥା ଫରକ ନଇ ନାଳ

ଅଲିଭ୍ ଯେତେ ସାଇତା ଛବି ଲୁଗ୍ନଇବନ କାଳ ।।

ଗୀତି ମାଧୁରୀ କଥା ସଂଗୀତ

ମର ମହଜା ଦୂର ଅତୀତ

ପାଖରେ ସତେ ଗୁନ୍ଥିଛି କଏ ଯୋଡି ଅନେକ କାଳ ।।



ସୁଧା ସରଗ ସପନ ମାଟି

ସପନ ଢେଉ ଲହରୀ ଉଠି

ଲ୍ଗେ ଏକେଇ ବଗ ବଗୁଲ୍ ଗୁହାଁଣୀ ଛଳ ଛଳ ।।

ଅଜଣା ଫୁଲ ଅଜଣା ଦେଶ

କାଉଁରୀ କାଠି କାଉଁରୀ ବେଶ

ଆମରି କଥା ଆମ କବିତା ପବନେ ହସଫୁଲ ।।

ହରିପୁର, କଟକ

# ସ୍ମୃତି ପ୍ରଜାପତି



ବିଜୟ ପଣ୍ଡା

ଶୂନ୍ୟତାରେ ଭର୍ା ହୃଦୟରେ ମୋର ସ୍ନେହ ପ୍ରେମ ଭରିଦେଲ
ମୋର ଅସହାୟ ମନେ ପ୍ରତି ମୁହୁର୍ତରେ ଅନୁକମ୍ପା ଯୋଗାଇଲ
ସଂସାରଟା ଯେବେ ମିଛ ଲାଗୁଥିଲା ତୁମେ ବିଶ୍ୱାସ ବୁଣିଦେଲ
ଶବ୍ଦରେ ପ୍ରକାଶ ହୋଇବା ଆଗରୁ ହୃଦୟର ଭାଷା ପଢିନେଲ ॥

ମୋ ଜୀବନ ରାଜରାସ୍ତାରେ ତୁମେ ଚଲାପଥ ଦେଖାଇଲ
ପ୍ରଶ୍ନବାଚୀ ଭର୍ା କଣ୍ଟକତ ପଥେ ସବୁ ଉତ୍ତର ଖୋଜିଦେଲ
ପତ୍ରଝଡା ଦେଲା ଯେବେ ସପନର ବୃକ୍ଷ ଯତନେ ସାଉଁଟିଲ
ସପନ ସୋପାନେ ମୋର ହାତଧରି ସଫଳତା ଆଣିଦେଲ ॥




ତୁମ ସାଥେ କେତି ଗଳିଗଳି ପଥ ପହଞ୍ଚିଲି ସେକୂଳରେ
ସେକୂଳରୁ ଯେବେ ଫେରି ମୁଁ ଚାହିଁଲି ତୁମେଥିଲ ବହୁଦୂରେ
ଝାପସା ଝାପସା ଦିଶୁଥିଲା ଏବେ ସ୍ମୃତି ଗ୍ରନ୍ଥର ପ୍ରତି ଫର୍ଦ
ଚେଷ୍ଟା ବି କରିନ ପଢିବାକୁ କେବେ ଗୋଟିଏ ହେଲେ ଶବ୍ଦ ॥

ବଦଳ ଯାଇଛି ମୋର ଚଲାପଥ ସହ ବର୍ଣମାଳା ଜୀବନର
ବଦଳ ଯାଇଛି ପୁଣି ସମ୍ପର୍କର ଡୋରୀ ବ୍ୟାକରଣ ଜିଇଁବାର ॥

"ଏ" ବ୍ଲକ, ବିନାୟକ ନଗର, ବାଙ୍ଗାଲୋର

# ଅଭିଶପ୍ତା



ସସ୍ମିତା ମହାନ୍ତି

ଓଢଣୀ ମୋହର
ସାଧା କାଗଜ ଟେ
ଲେଖିଦିଅ ତୁମ ଠିକଣା,
ସଂଧ୍ୟା ଢଳଗଲେ
ଭେଟିବି ତୁମକୁ
ମହକବ ଘର ଅଗଣା ।
ରାତି ଯେତେ ବଢେ
ସେତେ ମୁଁ ଚହଟେ
ଭରା ଯଉବନ ଧରି,
ସାଥିବିନା ମୁଁ ଯେ
ରାହି ପହଁରେ
ଜ୍ୟୋସ୍ନାକୁ ଭରସା କରି ।
ଏକାଏକା ହସି
ଏକା କାନ୍ଦୁଥାଏ
ପ୍ରଜାପତି ପାଇଁ
ରାତି ଗଣୁଥାଏ:
ଫୁଲ କୁମାରୀ ମୁଁ
ଫୁଲ କୁମାରୀ,
ରବି ପ୍ରକାଶିଲେ
ଯାଏ ଝାଉଁଳ ।

ରାତିକ ପାଇଁ
ଥିଲି ମୁଁ ରାଣୀ,
ଆଶା ସବୁ ମୋର
ସପନ ଜାଣି ।
ବଡ ଅଭିଶପ୍ତ
ଜୀବନ ମୋହର,
ଶୋଭିପାଏ ନାହିଁ
ଗର୍ଭରେ କାହାର ।
ସ୍ୱପ୍ନ ସବୁ ମୋର
ପାଣିର ଗାର,
ଅଦ୍ଭୁତ ସୃଷ୍ଟି ମୁଁ
ମାଟି ମା'ର । । ।

କାଲିଫର୍ନିଆ, ଯୁକ୍ତରାଷ୍ଟ୍ର ଆମେରିକା

# ଅମଙ୍ଗଳୀ



ଡ. ବିଜ୍ଞାନୀ ଦାସ

ମଧୁଶଯ୍ୟାର ଶେଯ ସେମିତି ସଜ୍ଜିତ ହୋଇ ରହିଲ୍ । ମଖମଲ ଶ୍ୱେତ ଚାଦର ଉପରେ ହୃତ୍‌ପିଣ୍ଡ ଆକାରରେ ସଜ୍ଜିତ ରକ୍ତଗୋଲ୍‌ପର ପାଖୁଡା ସବୁ ସେମିତି ସତେଜ ରହିଥିଲେ । ମଧୁଶଯ୍ୟା ପାଇଁ ଉଦ୍ଦିଷ୍ଟ କୋଠରିର ଚାରିକୋଣରେ ରଖାଯାଇଥିବା ବଡବଡ ଫୁଲଦାନୀ ଭିତରର ଚଂପା ଓ କେତକୀ ଫୁଲ ସତେ ଯେମିତି ମଧୁମିଳନକୁ ସ୍ୱାଗତ କରିବାପାଇଁ ଅପେକ୍ଷା କରିକରି ଶୋଇପଡିଥିଲେ । ସେ କୋଠରିରେ ପଶିଲ୍ ମାତ୍ରେ କଅଁଫୁଲର ଅତର ମନକୁ କେମିତି ଏକ ସ୍ୱପ୍ନମହଲକୁ ଟାଣିନେଇଯାଉଥିଲ୍ । କୋଠରିର ଚାରିଦିଗରେ ଖାଲି ଫୁଲ ହିଁ ଫୁଲ । କଲିକତାର ପ୍ରସିଦ୍ଧ ଫୁଲଦୋକାନରୁ ଶ୍ୱଶୁର କେବଳ ଫୁଲ ଅର୍ଡର୍ କରିନଥିଲେ, ଫୁଲ ସଜେଇବା ପାଇଁ ଲୋକ ବି ଅଣେଇଥିଲେ । ହେଲେ ମଣିଷର ଏତେ ସ୍ୱପ୍ନ, ଏତେ ଯୋଜନାକୁ ଈଶ୍ୱର ଗୋଟିଏ ସେକେଣ୍ଡ୍‌ର                    ।

ସେଦିନ ରାତିରେ ପରମେଶ୍ୱର ଫେରିଲେନ । ପଦ୍ମା ବି ଅନିଦ୍ରା ରହିଥିଲ୍ । ଶାଶୁ, ଖୁଡିଶାଶୁ, ଜେଜେମା ଶାଶୁଙ୍କ ସହିତ ଠାକୁରଘରେ ଅପେକ୍ଷା କରି ବସିଥିଲ୍ । ରାତି ଅଧିକ ହେବାରୁ ସମସ୍ତେ ଢୋଳେଇ ପଡିଥିଲେ । ପଦ୍ମା ବି ଢୋଳେଇ ପଡିଥିଲ୍ । ପରଦିନ ସକାଳ ୪ଟା ବେଳକୁ ଫୋନ୍ ଆସିଲ୍ । ଦାଦା ଶ୍ୱଶୁର ଫୋନ୍ କରିଥିଲେ ଖୁଡିଙ୍କୁ । ନିଜ ଭାଇଙ୍କ ବିଷୟରେ ସିଏ ସେ କଥା ସିଧା ଭାଉଜଙ୍କୁ କହିପାରିନଥାନ୍ତେ । ଖୁଡୀଙ୍କଠାରୁ ଯାହା ଖବର ମିଳଲ୍, ସେଥିରୁ ଜଣାଗଲ୍ ଯେ ଶ୍ୱଶୁରଙ୍କର ମଝିରେ ଅଳ୍ପ ସମୟ ପାଇଁ ଚେତା ଆସିଥିଲ୍, ହେଲେ ସିଏ କୋମାକୁ ଚାଲିଯାଇଛନ୍ତି । କୋମାରେ ସିଏ କେତେଦିନ ରହିବେ କିଛି କହିହେବ ନାହିଁ । ପରମେଶ୍ୱର ବଡ ଅଧୈର୍ଯ୍ୟ ହୋଇପଡିଛି । ସକାଳ ହେଲେ ଆଉ

ଜଣେ ବିଶେଷଜ୍ଞ ଡାକ୍ତର ଆସିବେ । ତାଙ୍କ ସହିତ ସବୁ ପରାମର୍ଶ କରିସାରିବା ପରେ ସେମାନେ ଘରକୁ ଫେରିବେ କି ଫୋନ୍ କରି ଜଣେଇବେ ।

ଖୁଡି ଶାଶୁଙ୍କୁ ଧରି ତାଙ୍କ ରୁମ୍‌କୁ ନେଇଗଲେ । ପଦ୍ମା ଜେଜେମାଙ୍କୁ ଧରି ତାଙ୍କ ରୁମରେ ଶୁଆଇବାକୁ ନେଇଗଲା । ବୁଢୀଲୋକ; ଏତେ ଦୁଃଖ ଓ ରାତିଅନିଦ୍ରା ତାଙ୍କ ଶରୀର ପାଇଁ ଭଲନୁହେଁ । ପଦ୍ମା ସେଇଠି ଜେଜେମାଙ୍କ ରୁମ୍ ରେ ଢୁଳେଇ ପଡିଲା । ଏବେ ଭାଗ୍ୟ କେଉଁଆଡେ ନେବ କଏଜାଣେ ? ଶ୍ୱଶୁରଙ୍କ ମଙ୍ଗଳକାମନା କରି ଈଶ୍ୱରଙ୍କୁ ମନେମନେ ପ୍ରାର୍ଥନାକଲା । "ତାଙ୍କୁ ଭଲକରିଦିଅ ପ୍ରଭୁ । ଖୁବ୍‌ଶୀଘ୍ର ଭଲ କରିଦିଅ । ଏତେ ଭଲ ପରିବାରକୁ ଏମିତି ଦୁଃଖ ଦିଅନାହିଁ ।"

ଦୁଇଘଣ୍ଟା ପରେ ୬ଟା ବେଳକୁ ପଦ୍ମାର ନିଦ ଭାଙ୍ଗିଲା । ସେତେବେଳକୁ ବାହାରେ ପ୍ରବଳ ଝଡ, ବର୍ଷା ଆରମ୍ଭ ହୋଇଯାଇଛି । ପବନ ବଡଜୋରରେ ବହୁଥାଏ । ଘରେ କରେଣ୍ଟ୍ ବି ଚାଲିଯାଇଥାଏ । ଚାକରବାକର ଯିଏ ସବୁ ସକାଳୁ ଆସି କାମଦାମ କରିବା କଥା, ସେମାନେ କେହି ଆସିପାରିନଥାନ୍ତି । କେବଳ ସୁଦାମ ବୋଲି ବୁଢା ଜଣେ ଘର, ଅଗଣା ଓଳାଉଥାଏ । ଆଉ କେହି ଉଠିନଥାନ୍ତି । ପଦ୍ମା ବି ଉଠି କଣ କରିବ ? କାଲି ଋଛି ଲୋକ କଥାବାର୍ତ୍ତା ହେଉଥିଲେ, ଏମିତି ହେବ ବୋଲି ପାଣିପାଗ ଅଫିସ୍ କହିଛି । ହେଲେ କେହି ସେତେଟା ଧ୍ୟାନ ଦେଇନଥିଲେ । ଏବେ ତାହେଲେ ପରମେଶ୍ୱର ଆଉ ଦାଦା ହସ୍‌ପିଟାଲ୍‌ରୁ ଫେରିବେ କେମିତି ? ସୁଦାମ କକା ରେଡିଓ ଲଗେଇ ଦେଇଥାନ୍ତି । ସେଥିରୁ ପଦ୍ମା ଯାହା ଶୁଣିଲା, ଆଜି ଏମିତି ପାଗ ଦିନସାରା ରହିବ । କରେଣ୍ଟ୍ ନରହିଲେ ଗାଧୁଆ ଘରେ ପାଣି ଆଉ ଗରମ ହୋଇପାରିବନି । ପଦ୍ମାକୁ ତାହେଲେ ଡେକ୍‌ଚିରେ ପାଣି ଗରମ କରି ଗାଧୁଆ ପାଇଁ ପ୍ରସ୍ତୁତି କରିବାକୁ ପଡିବ ।

ଖୁଡି ଉଠି ବାହାରକୁ ଆସିଲେ । ଆସି ସୁଦାମ କକାଙ୍କୁ ପଚାରିଲେ, "ସୁଦାମ ଭାଇ, ହଠାତ୍ କେମିତି ଏ ଝଡବର୍ଷା ଆସିଗଲା ? ଇଏ କେତେ ସମୟ ରହିବ ? ରେଡିଓ କଣ ସବୁ କହୁଛି ?

ସୁଦାମ କକା କହିଲେ, "ଆଜି ଦିନସାରା ଏମିତି ପାଗ ହେବ ବୋଲି ତ ରେଡିଓ କହୁଛି । ହେଲେ ସାନ ମା, ବଡବାବୁଙ୍କ କଥା କଛି ଜଣାପଡିଲା କ ?

ଖୁଡି କାନ୍ଦକାନ୍ଦ ହୋଇ କହିଲେ, "ହଁ ସୁଦାମ ଭାଇ । ରାତି ୪ଟା ବେଳେ ତମ ସାନବାବୁ ଫୋନ୍ କରିଥିଲେ । ଭାଇ କୋମାକୁ ଚାଲିଯାଇଛନ୍ତି । ପରମା ବଡ ଅସମ୍ଭାଳ ହେଉଛନ୍ତି । ଆଜି ବିଶେଷଜ୍ଞ ଡାକ୍ତର ଆସି ଦେଖିବାର ଅଛି । ହେଲେ ଏ ଝଡବର୍ଷାରେ ସେ ଡାକ୍ତର କେମିତି ଆସିବେ କେଜାଣି ।"

ସୁଦାମ କକା ବି କାନ୍ଦି ପକେଇଲେ । "କଣ କହିବି ସାନ ମା, ଏ ଟ୍ରକ୍ ଡ୍ରାଇଭର୍ ଗୁଡା ଏତେ ମଦ ପିଉଚନ୍ତି, ତାଙ୍କର ତ ହୋସ୍ ରହୁନ । ସବୁଦିନ ଏଇ ଘଟଣା । ଟ୍ରକ୍ କାର୍ ସାଙ୍ଗରେ ଆକ୍ସିଡେଣ୍ଟ୍ କରିଚ, ସାଇକେଲ୍ ସାଙ୍ଗରେ ଆକ୍ସିଡେଣ୍ଟ୍ କରିଚ, ବଜାର ଭିତରେ ଗାଡି ଚଢେଇ ଦେଉଚ । ହେଲେ ଏ ପୋଲିସ୍ ବି ତାଙ୍କୁ ଛାଡିଦେଉଛି; ତେଣୁ ତାଙ୍କର ସାହସ ବି ବଢିଯାଉଛି । ଆମ ବାବୁଙ୍କ ଭାଗ୍ୟ ଖରାପ ଥିଲା । ସିଏ କ ଯୋଗରେ ଅପାଙ୍କୁ ଛାଡିବାକୁ ବାହାରିଲେ ଯେ ଏମିତି ପୁଣି ତାଙ୍କୁ ଭୋଗିବାକୁ ପଡିଲା ।"

ଖୁଡି ଦାନ୍ତଘଷି ଚାହା ବସେଇବାକୁ ଗଲେ । ସକାଳୁ ଏ ପରିବାରରେ ସମସ୍ତଙ୍କର ଚାହା ପିଇବାର ଅଭ୍ୟାସ ଅଛି । ଜେଜେମାଙ୍କ ରୁମ୍‌କୁ ଆସି ପଦ୍ମାକୁ ସେଠି ବସିଥିବାର ଦେଖି ପଚାରିଲେ, "ତୁ କଣ ଉଠିଗଲୁଣି ? ହଉ, ଦାନ୍ତ ଘଷିଦେ । ମୁଁ ଚାହା ବସେଇଚ । ଟିକେ ପିଇଦେବୁ । କାଲି ତ ତୁ ଭଲକରି ଖାଇନୁ ବି ।"

ପଦ୍ମା କହିଲା, "ଖୁଡି, ମୁଁ ଯାଉଛି, ଆପଣଙ୍କ ପାଇଁ ଚାହା କରିଦେବି । ମୁଁ ତାପରେ ଗାଧୋଇ ସାରି ଚାହା ପିଇବି । ଦାଦା ଆଉ ଫୋନ୍ କରିଥିଲେ କ ?"

ଖୁଡି କହିଲେ, "ନାଇଁରେ ମା । ଦାଦା ଫୋନ୍ କରିନାହାନ୍ତି । ୯ଟା, ୧୦ଟା ବେଳକୁ ବୋଧହୁଏ ଫୋନ୍ କରିବେ । ହେଲେ ଏ ପାଗ ଯେମିତି ହୋଇଛି, ମୋର ଚନ୍ତା ହେଉଛି ଯେ ବିଶେଷଜ୍ଞ ଡାକ୍ତର ଆସିପାରିବେ କ ନା ।"

ପଦ୍ମା ଦାନ୍ତଗଷି ଗ୍ରେଷେଇ ଘରକୁ ଗଲା । ସମସ୍ତଙ୍କ ପାଇଁ ଗ୍ଟହା ତିଆରି କରି ଫ୍ଲାସ୍କ ଭିତରେ ଭର୍ତ୍ତି କରି ରଖିଦେଲା । ଗ୍ୟାସ୍‌ଚୁଲିରେ ପାଣି ବସେଇ ଗୋଟିଏ କପ୍ ଖୁଡିଙ୍କ ପାଇଁ ଆଣି ଜେଜେମାଙ୍କ ରୁମ୍‌କୁ ଆସିଲା ।

ଖୁଡି କହିଲେ, "ମା' ରେ । ତୋ ଶାଶୁ ବଡ ଅଧୈର୍ଯ୍ୟ ଅବସ୍ଥାରେ ଅଛନ୍ତି । ମୁଁ କଣ କରିବି କଛି ବୁଝିପାରୁନ । ମୋ ପୁତୁରା ଜଣେ ଡାକ୍ତର । କଟକ ମେଡିକାଲେ୍‌ର ଅଛି । ତାକୁ ଡାକଥିଲି ଯେ, ସିଏ କହିଲା, କୋମାରେ ଲୋକ କଛିଦିନ ରହିବାପରେ ପୁଣି କୋମାରୁ ଫେରିଆସିବେ । ହେଲେ କୋମାରେ କେତେଦିନ ରହିବେ, ସିଏ ସେ କଥାଟା ଠିକ୍ କରି କହିଲାନ । ଦି ମାସ ହୋଇପାରେ, ତିନମାସ ହୋଇପାରେ, ଛ ମାସ ବି ହୋଇପାରେ । ହେଲେ ମା', ତୁ ତ ପଢାଶୁଣା ପିଲା, ଟିକେ ଧୈର୍ଯ୍ୟ ରଖିବୁ । ପରମା ଘରକୁ ଫେରିଲେ, ତାକୁ ଟିକେ ବୁଝେଇବୁ । ମଣିଷର ତ ନଜ ଭାଗ୍ୟ ଉପରେ ନୟନ୍ତ୍ରଣ ନାହିଁ । ଭଗବାନ ଗ୍ଟହିଁଲେ ସବୁ ପୁଣି ଠିକ୍ ହୋଇଯିବ ।"

ପଦ୍ମା କଣ ଉତ୍ତର ଦେବ, କଛି ବୁଝିପାରୁନଥିଲା । ଭବିଷ୍ୟତ ଯାହା ବି ହେବ, ହେଲେ ଏତେ ସହଜ ହେବନ । ସେତିକ ସିଏ ବୁଝିପାରୁଥିଲା । ଏବେ ସବୁକଛି ଯୋଜନା ବଦଳଯିବ । ଶ୍ୱଶୁର କେତେଦିନ କୋମାରେ ରହିବେ କେଜାଣି ? ହେଲେ ଏ କଥା ସତ, ଭଗବାନ ଗ୍ଟହିଁଲେ ସବୁକଛି ପୁଣି ଠିକ୍ ହୋଇଯିବ, କନ୍ତୁ ସମୟ ଲାଗିବ ।

ପଦ୍ମାର ନୀରବତା ଦେଖି ଖୁଡି ପୁଣି କହିଲେ, "ଏବେ କଣ କେମିତି ହେବ, ମୁଁ କଛି ବୁଝିପାରୁନ । ତମ ସମସ୍ତଙ୍କର ଆସନ୍ତା କାଲି କଲିକତା ଫେରିବାର ଥିଲା । ସେଠି ବି ଆସନ୍ତା ରବିବାର ଦିନ ରିସେପ୍‌ସନ୍ ହେବାର ଥିଲା । ଭାଇଙ୍କର ଏଭଳ ପରିସ୍ଥିତିରେ କଏ କେମିତି ସବୁ ସମ୍ଭାଳବ ?"

ସୁଦାମ କକା ଆସି ପଗ୍ଟରିଲେ, "ସାନ ମା, ଚୁଲିରେ ପାଣି ଫୁଟିଲାଣି । ଚୁଲି ବନ୍ଦ କରିଦେବି କ?"

ପଦ୍ମା କହିଲା, "ଖୁଡି ମୁଁ ଯାଉଛି, ଏବେ ଗାଧୋଇଆସେ । ମୋର ଜଣେ ଡାକ୍ତର ଅପା ଚନ୍ଦ୍ରା ଅଛନ୍ତି । ମୁଁ ତାଙ୍କ ସହିତ କଥା ହୋଇଯିବି । ସିଏ ଜଣେ ବହୁତ ଭଲ ଆଉ ଦକ୍ଷ ଡାକ୍ତର । ମୋର ବିଶ୍ୱାସ, ସିଏ ଆମକୁ ବାପାଙ୍କ ପାଇଁ କିଛି ଭଲ ପରାମର୍ଶ ଦେଇପାରିବେ ।"

ଏମିତି କହି ପଦ୍ମା ଗାଧୋଇବାକୁ ଚାଲିଗଲା । ଗାଧୋଇସାରି ଠାକୁର ଘରେ ପୂଜା କରିବାକୁ ଗଲା । ସୁଦାମ କକା ଫୁଲ ତୋଳି ରଖି ଦେଇଯାଇଥିଲେ । ଏତେ ଝଡବର୍ଷାରେ ବି ସିଏ ଠାକୁର ଘର ପୋଛି ସଫା କରିଦେଇଥିଲେ ଓ ବାଡିକୁ ଯାଇ ସକାଳୁ ଫୁଲ ତୋଳି ଠାକୁର ଘରେ ରଖି ତାଙ୍କ କର୍ତ୍ତବ୍ୟ ସାରିଦେଇଥିଲେ । କେବଳ ସେତିକି ନୁହେଁ, ଠାକୁର ଘରେ କିଛି ପାଚିଲା କଦଳୀ ଓ ଆମ୍ବ ରଖିଦେଇଥିଲେ । ମନରେ କୃତଜ୍ଞତା ଭରିଆସିଲା ପଦ୍ମାର । ଏ ସୁଦାମ କକା ଏମିତି ଦେଖିଲେ ଘରର ଚାକର । ହେଲେ ସିଏ ଏମିତି କାମଧନ୍ଦା କରନ୍ତି ଯେ, ତାଙ୍କୁ କେହି ଚାକର କହିପାରିବେନି । ଶାଶୁ ଓ ଖୁଡି ତାଙ୍କୁ "ସୁଦାମ ଭାଇ" ବୋଲି ସମ୍ବୋଧନ କରନ୍ତି । ଏମିତି କି ଶ୍ୱଶୁର ଓ ଦାଦା ଶ୍ୱଶୁର ବି ତାଙ୍କୁ "ସୁଦାମ ଭାଇ" ଡାକନ୍ତି । ପରମେଶ୍ୱର ଓ ଅନ୍ୟାନ୍ୟ ପିଲାମାନେ ତାଙ୍କୁ "କକା" କହି ସମ୍ବୋଧନ କରନ୍ତି । ହେଲେ ସିଏ ଶାଶୁଙ୍କୁ ଓ ଖୁଡିଙ୍କୁ "ବଡମା", "ସାନମା" କହି ସମ୍ବୋଧନ କରନ୍ତି ଓ ଶ୍ୱଶୁର ଓ ଦାଦା ଶ୍ୱଶୁରଙ୍କୁ "ବଡବାବୁ", "ସାନବାବୁ" କହି ଡାକନ୍ତି । ତାଙ୍କ ନିଜର ପୁଅ ଜଣେ ରାଜସ୍ୱ ବିଭାଗର ଅଫିସର୍, ଦିଲ୍ଲୀରେ ଚାକିରି କରେ । ଆଉ ଜଣେ ପୁଅ ବ୍ୟାଙ୍କ୍ ଅଫିସର୍ । ହେଲେ ବି ସୁଦାମ କକା ପ୍ରାୟତଃ ପରମେଶ୍ୱରଙ୍କ ଘରେ ହିଁ ରୁହନ୍ତି । ଘରେ ଯାବତୀୟ କାମ କରନ୍ତି; ଦାଦାଙ୍କୁ ସାହାଯ୍ୟ କରନ୍ତି । ଏତେ ନିଷ୍ଠାପର ଲୋକଙ୍କୁ ଦେଖି ପଦ୍ମାକୁ ଭଲ ଲାଗୁଥିଲା । ଆଜି ଏମିତି ପରିସ୍ଥିତିରେ ସିଏ ଏକମାତ୍ର ଜଣେ ଲୋକ ଯିଏ କି ଦୁଃଖ ଅନୁଭବ କରିବା ସତ୍ତ୍ୱେ ବି ନିଜର କାମ ଠିକ୍‌ଭାବେ କରିଚାଲିଛନ୍ତି ।

ପଦ୍ମା ଠାକୁର ପୂଜା ସାରି ଜେଜେମାଙ୍କ ରୁମ୍‌କୁ ଗଲା । ଖୁଡି କହିଲେ, "ଯା, ବୋଉଙ୍କ ପାଇଁ ଆଉ ଅପାଙ୍କ ପାଇଁ ଚାହା ନେଇଆ ।"

ପଦ୍ମା ସେମାନଙ୍କ ପାଇଁ ରୋଷେଇଘରୁ ଗ୍ଲାସ୍ ହାତେନେଇ ଜେଜେମାଙ୍କ ରୁମ୍‌କୁ ଗଲା । ସେଠି ସମସ୍ତେ ବଡ ଚିନ୍ତାଶୀଳ ହୋଇ କଣକରିବେ ବୋଲି ଜେଜେମାଙ୍କ ସହିତ ଆଲୋଚନା କରୁଥିଲେ । ଶାଶୁ ଉଦାସୀନ ଥିଲେ । ପଦ୍ମାକୁ ଦେଖି ତାଙ୍କର କୋହ ଉଠିଲା । ବିଚାରି ନୂଆବୋହୂଟି, ତା' ଚତୁର୍ଥୀ ରାତି ଏମିତି ଭାବେ କଟିଲା । ଏବେ ନିଜ ସ୍ୱାମୀଙ୍କର ଅବସ୍ଥା ତାଙ୍କୁ ଆହୁରି ବିଚଳିତ କରୁଥିଲା । ସିଏ ଧୈର୍ଯ୍ୟର ସହିତ ଗ୍ଲାସ୍ ପିଇଲେ । ତାପରେ କଲିକତା ଫୋନ୍ ଲଗେଇଲେ ନିଜ ଭାଇଙ୍କ ପାଖକୁ । ଏଠିକାର ପରିସ୍ଥିତି ଜଣେଇଦେଲେ ଓ କଲିକତାର ରିସେପ୍‌ସନ୍ କାର୍ଯ୍ୟକ୍ରମ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ କହିଦେଲେ ।

ବାହାରେ ସେମିତି ଝଡବର୍ଷା ଚାଲୁ ରହିଥିଲା । ଘରେ ସେମିତି ଉଦାସୀନତା । ଦିନ ଏଗାରଟା ବେଳେ ଦାଦା ଫୋନ୍ କରି ଶ୍ୱଶୁରଙ୍କ ଅବସ୍ଥା ବିଷୟରେ ଜଣେଇଥିଲେ । ବିଶେଷଜ୍ଞ ଡାକ୍ତର ଆସିଥିଲେ । ଏତେ ଝଡବର୍ଷାରେ ବି ନିଜ ପେଷାର ସମ୍ମାନ ରକ୍ଷାକରି ସେ ଆସିଥିଲେ । କହିଥିଲେ, "ଆକ୍‌ସିଡେଣ୍ଟ ରେ ପ୍ରାୟତଃ ଏମିତି ହୋଇଥାଏ । କିଛିଦିନ କୋମାରେ ରହିବା ପରେ ରୋଗୀ ପୁଣି ସୁସ୍ଥହୋଇ ଚେତା ଫେରିପାଆନ୍ତି । ହେଲେ କୋମା ଅବସ୍ଥାଟି କେତେଦିନ ରହିବ, ସେ ବିଷୟରେ କିଛି କହିହେବନି । ତେବେ ରୋଗୀଙ୍କ ସେବାଯତ୍ନ ପାଇଁ ଏ ସମୟରେ ଆତ୍ମୀୟସ୍ୱଜନଙ୍କର ଉପସ୍ଥିତି ଅନେକ ଜରୁରୀ । ସେମାନେ ରୋଗୀଙ୍କର ଯେତେ ପାଖରେ ପାଖରେ ରହିବେ ଓ ତାଙ୍କ ସହିତ ମିଳାମିଶା କରିବେ, ରୋଗୀ ସେତେ ଶୀଘ୍ର ଭଲହୋଇଯିବେ ।"

ଶ୍ୱଶୁର ଭଲ ହୋଇଯିବେ, ସେଇ କଥା ସମସ୍ତଙ୍କୁ ଶାନ୍ତ୍ୱନା ଦେଉଥିଲା । ହେଲେ ଏବେ ସବୁ କେମିତି କଣ କରାଯିବ, ସେ ନେଇ ସମସ୍ତେ ଚିନ୍ତିତ ଥିଲେ । ସେଦିନ ବି ପରମେଶ୍ୱର ଆଉ ଦାଦା ଡାକ୍ତରଖାନାରେ ରହିଗଲେ । ସହଜେ ତ ଝଡବର୍ଷା ଲାଗି ରହିଥିଲା, ସେଥିରେ ପୁଣି ଶ୍ୱଶୁରଙ୍କ ପାଖରେ ରହିବାର ଆବଶ୍ୟକତା ଥିଲା । ସେମାନେ କିନ୍ତୁ ଫୋନ୍ କରି ପରିସ୍ଥିତି ବିଷୟରେ ଜଣାଉଥିଲେ ।

ତା' ପରଦିନ ଝଡବର୍ଷା ଟିକେ ଥମିଗଲା । ଦାଦା ସକାଳ ଦଶଟା ବେଳକୁ ଘରକୁ ଆସିଲେ । ଘରେ ଗାଧୋଇପାଧୋଇ, ଖାଇପିଇ ସିଏ ପୁଣି ହସ୍‌ପିଟାଲ୍ ଯିବାକୁ ବାହାରିଲେ ।

କହିଲେ, "ମୁଁ ହସ୍‌ପିଟାଲ୍ ଗଲେ ଭାଇଙ୍କ ପାଖରେ ରହିବି । ପରମେଶ୍ୱର ଘରକୁ ଫେରିବ । ପୁଣି ରାତିବେଳକୁ ସିଏ ହସ୍‌ପିଟାଲ୍ ଯିବ ଓ ମୁଁ ଫେରିବି ।"

ହେଲେ ଶାଶୁ ତାଙ୍କ ସହିତ ଯିବାକୁ ବାହାରିଲେ । ତାଙ୍କ ମନ ଜମା ବୁଝୁନଥିଲା । ଦାଦା ତାଙ୍କୁ ସାଙ୍ଗରେ ନେଇଗଲେ ।

ପରମେଶ୍ୱର ଦିନ ତିନଟା ବେଳକୁ ଘରକୁ ଫେରିଲେ । ଅନଦ୍ରା ଜନତ କ୍ଳାନ୍ତି ପାଇଁ ତାଙ୍କ ଚେହେରା ଝାଉଁଳି ପଡିଥିଲା । ସିଏ ଖାଇପିଇ ତାଙ୍କ ରୁମ୍ ରେ ଯାଇ ଶୋଇପଡିଲେ । ଶାଶୁ ବି ତାଙ୍କ ସହିତ ଫେରିଆସିଥିଲେ ।

ଶ୍ୱଶୁରଙ୍କର ବଡବାପାଙ୍କ ପରିବାର ମଧ୍ୟରେ ତାଙ୍କର ତିନପୁଅ । ସେଥିରୁ ବଡଭାଇ ଭୁବନେଶ୍ୱରରେ ରହେ । ମଝିଆଁ ଭାଇଟା ମ୍ୟାଟ୍ରିକ୍ ଫେଲ୍ ହୋଇ ଟ୍ରକ୍ ଚଲାଏ । ସଙ୍ଗଦୋଷରୁ ମଦ ପିଆପିଇ କରେ ବୋଲି ବଡଭାଇ ତାଠାରୁ ଦୂରରେ ରୁହନ୍ତି । ସାନଭାଇଟା ବେଶି ପଢିପାରିଲାନି । ହେଲେ ପିଲାଟା ଭଲ । ସବୁଗୁଣରେ ପାରଙ୍ଗମ । ପାଠ ସିନା ପଢିନି, ହେଲେ ତା ଜ୍ଞାନ ଆଗରେ ପଢୁଆ ପିଲା ବି ବେଳେବେଳେ ହାର ମାନି ଯିବେ । ଛକ ଉପରେ ଦୋକାନ ଖଣ୍ଡେ କରି ସିଏ ତାର ଗୁଜୁରାଣ ମେଣ୍ଟାଏ । ସିଏ ପରମେଶ୍ୱରଙ୍କ ପରିବାରର ସବୁଠୁ ପ୍ରିୟ । ସେଦିନ ସିଏ ବାହାରିଲା ଯାଇ ଡାକ୍ତରଖାନାରେ ରହିବାକୁ । ପରମେଶ୍ୱରଙ୍କୁ କହିଲା, "ଦେଖେ, ତୁ ଭଲରେ ଶୋଇନୁ ଦି ଦିନ ହେଲା, ତୁ ଟିକେ ଘରେ ରହିଯା । ନୂଆବୋହୂଟା ବି ଆସିଛି । ମୁଁ ଆଜି ଭାଇଙ୍କ ପାଖରେ ରହିବି ।"

ସେଇଆ ହେଲା । ସେତେବେଳେ ପରମେଶ୍ୱରର ପଦ୍ମା ବିଷୟରେ ହୋସ ଆସିଲା । ଆରେ, ସତେତ ! ସିଏ ପଦ୍ମା ବିଷୟ ପୁରାପୁରି ଭୁଲି ଯାଇଥିଲା । ହେଲେ ପରିବାରର ଅନ୍ୟମାନଙ୍କ ସାମନାରେ ପଦ୍ମା ସହିତ ସିଏ କେମିତି ବା କଥା ହେବ ? ତାର ବୋଉ ଓ ଖୁଡି ସେକଥା ସହଜ କରିଦେଲେ । ସେମାନେ କହିଲେ, "ପରମା, ତୁ ବୋହୂ ସହିତ ଟିକେ କଥା ହୋଇଯା । ବିଚାରି ନୂଆବୋହୂଟା । ଏ ଘରେ କାହାକୁ ଏତେ ଜାଣିନି । ଏଣେ ଏତେ ବଡ ଅଘଟଣ ଘଟିଗଲା । ତୁ ତାକୁ ଟିକେ ଆଶ୍ୱାସନା ଦେ ।"

ପରମା କଣ ବା' କହିବ ? ଯେଉଁ ଚତୁର୍ଥୀ ରାତିକୁ ସିଏ ଏତେ ପ୍ରତୀକ୍ଷା କରିଥିଲା, ସେ ରାତି ଆଉ ଆସିଲାନ । ଏବେ ସେମାନଙ୍କର ମିଳନ ହେବାରେ ବି ବାଧା ରହିଛି । ତଥାପି ପଦ୍ମାକୁ ସିଏ ତାର ସାତଜନ୍ମର ସାଥୀ କରି ରଖିବାପାଇଁ ଶପଥ କରି ଆଣିଛି । ପରିସ୍ଥିତି ଯାହା ବି ହେଉନା କାହିଁକି, ପଦ୍ମାର ଯତ୍ନନେବା ତାର କର୍ତ୍ତବ୍ୟ । ସେ କର୍ତ୍ତବ୍ୟରେ ସିଏ ଅବହେଳା କରିବା ଉଚିତ ନୁହେଁ ।

ପରମା କହିଲା, "ପଦ୍ମା, ମତେ କ୍ଷମା କର । ମୁଁ ତମକଥା ସଂପୂର୍ଣ୍ଣ ଭୁଲିଯାଇଥିଲି । ହେଲେ କଣ କରିବି, ବାପାଙ୍କ ଅବସ୍ଥା ଏତେ ସାଂଘାତିକ ହୋଇଯିବ ବୋଲି ବିଶ୍ୱାସ ବି ହେଉନ ।"

ପଦ୍ମା ଉତ୍ତରଦେଲା, "ମୁଁ ବୁଝୁଛି । ତମେ ବିଚଳିତ ହୁଅନ । ବାପା ନିଶ୍ଚୟ ଭଲ ହୋଇଯିବେ । ହେଲେ ଏବେ ଏ ପରିସ୍ଥିତିରେ ତମେ ଧୈର୍ଯ୍ୟ ନ ହରାଇ କେମିତି କଣ ପରିସ୍ଥିତିକୁ ସମ୍ଭାଳିବାକୁ ପଡିବ, ସେ ବିଷୟରେ ଭାବ । ମୁଁ ଯଦି କିଛି ସାହାଯ୍ୟ କରିପାରିବି, ମତେ କୁହ । ତମେ ନିଜର ଖିଆଲ ରଖ ।"

ପରମା ଜଣେଇଲା, "ମୁଁ ବାପାଙ୍କୁ କଲିକତା ନେଇଯିବାକୁ ଭାବୁଛି । ତେବେ ତାଙ୍କ ଅବସ୍ଥା ସେମିତି ଅନୁକୂଳ ହେବାକୁ ଆଉ ଦଶ- ପନ୍ଦର ଦିନ ତ ଏଠି ଅପେକ୍ଷା କରିବାକୁ ପଡିବ । ମୁଁ ମୋ କଂପାନୀର ମ୍ୟାନେଜର୍‌କୁ କହି ଅଧିକ ଦିନ ଛୁଟି ମାଗିଛି । ହେଲେ କଣ କରିବି କିଛି ବୁଝିପାରୁନ । ସବୁ ନିର୍ଭରକରୁଛି ବାପାଙ୍କ ଅବସ୍ଥା ଉପରେ ।"

ପଦ୍ମା କହିଲା, "ତମେ ମୋ ବିଷୟରେ ଜମା ବି ଭାବନ । ମୁଁ ଜେଜେମା, ଖୁଡି ଆଉ ବୋଉଙ୍କ ସହିତ ଭଲରେ ମିଶିଗଲିଣି । ତାପରେ ଅପା ବି ତ ଆସୁଛନ୍ତି କାଲି ।"

ପରମା ମନ୍ତବ୍ୟ ଦେଲା, "ମୁଁ ଭାବୁଛି, ପ୍ରମୋଦ ଭାଇଙ୍କୁ କହିବି, ତମକୁ କିଛିଦିନ ଭୁବନେଶ୍ୱର ନେଇଯିବେ । ଏଭଳି ପରିସ୍ଥିତିରେ, ପୁଣି ନୂଆ ପରିବେଶରେ ତମକୁ ନିଶ୍ଚୟ କଷ୍ଟ ହେଉଥିବ ।"

"ନାଁ, ମୁଁ ଏଠି ଭଲ ଅଛି । ତମେ ଭାଇଙ୍କୁ କଛି କୁହନାହିଁ । ସିଏ ବ୍ୟସ୍ତ ହୋଇପଡିବେ । ବାପାଙ୍କ ଅବସ୍ଥା ଭଲ ହୋଇଆସିଲେ, ଆମେ ତାଙ୍କୁ ସବୁ ଜଣେଇବା ।'' - ଏମିତ କହି ପଦ୍ମା ପରମେଶ୍ୱରଙ୍କୁ ଆଶ୍ୱସ୍ତ କଲା ।

ତା' ପରଦିନ ସକାଳେ ପରମା ହସ୍‌ପିଟାଲ୍ ଗଲା । ଶାଶୁ ଜ୍ୟୋତିଷଙ୍କୁ ଡକେଇଲେ । ଶ୍ୱଶୁରଙ୍କ ଜାତକ ଦେଖାଉଥିଲେ । ଗାଁର କଛି ସ୍ତ୍ରୀ ଲୋକ ବୋହୂ ଦେଖିବାକୁ ଆସିଥିଲେ । ବୋହୂକୁ ଦେଖି ପ୍ରଶଂସାରେ ପୋତି ପକେଇଲେ । ହେଲେ, ତାଙ୍କ ଭିତରେ ଜଣେ ଥିଲେ ସୁଲତା ନାନୀ, ସିଏ ଫେରିବା ପୂର୍ବରୁ ଶାଶୁଙ୍କୁ କହିଦେଇଗଲେ, "ବୁଝିଲ ବଡମା, ବୋହୂଟା ତ ଏତେ ସୁନ୍ଦର, ଗୁଣର, ହେଲେ ବଡ ଅମଙ୍ଗଳୀ ଝିଅଟା । ଦେଖୁନ, ଘରେ ଗୋଡ ନ ଦେଉଣୁ, ଶ୍ୱଶୁରଙ୍କର ଆକ୍‌ସିଡେଣ୍ଟ୍ ।'' ହଠାତ୍ ଯେମିତି ସମସ୍ତଙ୍କ ଚେତନାରେ ସେଇ "ଅମଙ୍ଗଳୀ' ଶବ୍ଦଟା ପ୍ରତିଧ୍ୱନିତ ହେଇଗଲା ।ା ଖୁଡି କହିଲେ, "ସତେ ତ ଅପା । ପଦ୍ମାର ଜାତକଟା ବି ଟିକେ ଦେଖେଇଦେଲେ ହୁଅନ୍ତା ।''

ଦାଦା ବସିଥିଲେ ପିଣ୍ଡାରେ । ତାଙ୍କ କାନରେ ଖୁଡିଙ୍କ କଥା ପଡିବାରୁ ସିଏ କ୍ରୋଧରେ କହିଲେ, "ତମ ପାଟିରେ କଣ କେବେ ଭଲକଥା ପଶେନ । ଟ୍ରକ୍ ଡ୍ରାଇଭର୍ ମଦପିଇ ଗାଡି ଚଲାଉଥିଲା । ଭାଇଙ୍କ କାର୍ ଦୁର୍ଭାଗ୍ୟବଶତଃ ସେଇବାଟରେ ହିଁ ଯାଉଥିଲା । ତାର ପଦ୍ମାର ଜାତକ ସହିତ କଣ ସଂପର୍କ ଅଛି ?''

"ତମେ ତ ମତେ ସବୁବେଳେ ଏମିତି ହିଁ କୁହ । ମୁଁ କଣ ପଦ୍ମାକୁ ଦୋଷ ଦେଲି ନା କଣ ? ହେଲେ ସେଇ ଭଳଆ ସଂଯୋଗ, ଗାଡିଟା ମଦୁଆ ଡ୍ରାଇଭର୍ ବାଟରେ ସେଇ ଏକା ସମୟରେ ଆସିବାର ସଂଯୋଗ, ସେଇଟା ତ ଭାଗ୍ୟ କଥା ନା ।'' - ଖୁଡି ନିଜ ଯୁକ୍ତିରେ ଅଟଳ ରହିଲେ ।

ପଦ୍ମା ଜାତକର ଗୋଟିଏ ନକଲ ଶାଶୁଙ୍କ ପାଖରେ ଥିଲା । ସିଏ ସେ ଜାତକଟିକୁ ଜ୍ୟୋତିଷଙ୍କୁ ଦେଖେଇଲେ । ସେଇ ଏକା ଜ୍ୟୋତିଷ ପରମେଶ୍ୱର ସହିତ ପଦ୍ମାର ଜାତକ ମିଳେଇ ରାଜଯୋଟକ କହିଥିଲେ । ହେଲେ ଶ୍ୱଶୁରଙ୍କ ରାଶି ଓ ନକ୍ଷତ୍ର ସହିତ ପଦ୍ମାର ରାଶି

ଓ ନକ୍ଷତ୍ରର ଅମେଳ ଦେଖିଲେ ସିଏ । କହିଲେ, ""ଶାପଡ଼ୁଛି ଏଇ ଗ୍ରହ ଅମେଳ ପାଇଁ ଏମିତି ଅସୁବିଧା ହୋଇଛି । ''

"ଆମେ କଣ କରିବା ତେବେ ?'' - ଆଶଙ୍କିତ ହୋଇ ପଦ୍ମାର ଶାଶୁ ସରୋଜିନୀ ପଚାରିଲେ ।

"ଗୋଟିଏ ଗ୍ରହଶାନ୍ତି ପୂଜା କର ମା' । ସେଥିରେ ଉଭୟ ବାବୁଙ୍କର ଓ ନୂଆବୋହୂଙ୍କର ଗ୍ରହମାନଙ୍କ ଶାନ୍ତି ଅର୍ଥରେ ପୂଜା କରାଯିବ ।'

ସରୋଜିନୀ - "ହୋଉ, ପୂଜାର ବିଧି ସବୁ ବତାନ୍ତୁ । ଆମେ ବନ୍ଦୋବସ୍ତ କରିବୁ । ଆପଣ ଯେତେଶୀଘ୍ର ସେ ପୂଜା କରାନ୍ତୁ ।''

ଜ୍ୟୋତିଷ ଚଠା ଲେଖିଦେଲେ । ଆଜି ଉପରବେଳା ହିଁ ପୂଜା ହେବ । ହେଲେ ସାହିର ଯେଉଁମାନେ ଏକଥା ଶୁଣିଲେ, ସେମାନଙ୍କ ଶୁଣିବା ଅନୁଯାୟୀ ବୋହୁଟି ଅମଙ୍ଗଳୀ । ତା କପାଳରେ ଶ୍ୱଶୁର ପାଇଁ ଘାତଯୋଗ ଅଛି । ଗାଁ କଥା । କାନରୁ ଦୁଇକାନ ହୋଇ ଏ ଖବର ଗାଁ ସାରା ବ୍ୟାପିଗଲା । ଉପରବେଳାର ପୂଜା ସମୟକୁ ଯେଉଁମାନେ ଆସିଥିଲେ, ସବୁ ଫୁସୁରୁଫାସର ହେଉଥିଲେ । "ବୋହୁଟାର ଘାତ ଯୋଗ ଅଛି । ବୋହୁଟା ଅମଙ୍ଗଳୀଟିଏ । ସେଥିପାଇଁ ପୂଜା ଚାଲିଛି ।''

ପଦାର୍ଥ ବିଜ୍ଞାନର ଛାତ୍ରୀ ପଦ୍ମା । ଅନ୍ଧବିଶ୍ୱାସ ଠାରୁ ସିଏ ଦୂରରେ ରୁହେ । ଯଦିଓ ସିଏ ଠାକୁରଙ୍କୁ ବିଶ୍ୱାସ କରେ ଓ ଭାଗ୍ୟ ଉପରେ କେତେଟା ବିଶ୍ୱାସ କରେ, ହେଲେ, ସିଏ ଯେ ଅମଙ୍ଗଳୀ, ଏ କଥାଟା ତାକୁ ବଡ ବାଧୁଥିଲା । ଏପର୍ଯ୍ୟନ୍ତ ଘରେ ତାକୁ ଲକ୍ଷ୍ମୀବନ୍ତ ବୋଲି ଧରି ନଆଯାଇଥିଲା । ସିଏ ଜନ୍ମ ହେବାପରେ ଜମିବାଡିକୁ ନେଇ ଚାଲିଥିବା ମକଦ୍ଦମାରେ ସେମାନେ ଜିତିଥିଲେ । ସେବର୍ଷ ସରପଞ୍ଚ ବାବୁଙ୍କ ଜମିରେ ବେଶି ଅମଳ ହୋଇଥିବାରୁ ବାବୁ ସେମାନଙ୍କୁ ବହୁତ ଉପହାର ଦେଇଥିଲେ । ଗାଁରେ ସେବର୍ଷ ଭଲ ବର୍ଷା, ଭଲ ଅମଳ, ସବୁକଛି ଭଲ ହୋଇଥିଲା । ଏପର୍ଯ୍ୟନ୍ତ ତାଙ୍କ ଘରେ ବିଶ୍ୱାସ ଥିଲା ଯେ, ପଦ୍ମା ଭଳ ଲକ୍ଷ୍ମୀ ଜନ୍ମ ହୋଇଥିବାରୁ ତାଙ୍କ ଘରେ ସେଇଦିନଠାରୁ ସବୁ ଭଲ ହୋଇଆସିଛି ।

ପ୍ରମୋଦର ବଡ ଚାକରି, ଦାଦାଙ୍କର କୋରାପୁଟରେ ଭଲ ବ୍ୟବସାୟ ଇତ୍ୟାଦି ସେସବୁର ଫଳ । ହେଲେ ଆଜି ଏତେବଡ କଥାଟା ତାକୁ ଶୁଣିବାକୁ ପଡିଲା ।

ଯଦିଓ ପରମେଶ୍ୱରର ପରିବାର ସମସ୍ତେ ଶିକ୍ଷିତ, କେଜାଣି କାହିଁକି ସେମାନଙ୍କ ମନରେ ବି ଆତଙ୍କ ଖେଳଗଲା । "ଯା' ପୁଅକୁ ସାପ କାମୁଡିଥାଏ, ତା' ମା' ପାଳଦଉଡି ଦେଖିଲେ ଡରେ" ବୋଲି ପ୍ରବାଦ ଅଛି । ହଠାତ୍ ଭଲ, ସୁସ୍ଥସବଳ ଲୋକ ଜଣକର ଏତେବଡ ଦୁର୍ଭାଗ୍ୟ ପଛରେ କଣ ଆଉ ଥାଇପାରେ ? ସିଏ କଣ ତେବେ ପଦ୍ମା ? ପଦ୍ମାର ଅମଙ୍ଗଳ ଗ୍ରହ ? ସରୋଜିନୀ ଜ୍ୟୋତିଷଙ୍କୁ ପ୍ରବର୍ତ୍ତାଉଥାନ୍ତି, "ଭଲରେ ପୁଜା କରନ୍ତୁ ପଣ୍ଡିତେ, ବୋହୂର ସମସ୍ତ ଅମଙ୍ଗଳ ଗ୍ରହମାନଙ୍କୁ ଶାନ୍ତ କରାନ୍ତୁ । ଆପଣଙ୍କ ଦାନ, ଦକ୍ଷିଣାରେ ଆମେ ଉଣା କରିବୁନାହିଁ ।"

ପଦ୍ମା ଗୋଟିଏ କଣରେ ଠିଆ ହୋଇ ସବୁ ଦେଖୁଥାଏ, ଶୁଣୁଥାଏ । ଏସବୁ କଣ ହୋଇଯାଉଛି ? ଏ କଣ ତେବେ ରବିଙ୍କର ଅଭିଶାପ ? ଆଖିରୁ ଝରଝର ହୋଇ ଲୁହ କେତେଧାର ବହିଗଲା । ଏହି ସମୟରେ ତାର ଫୋନ୍ ରିଙ୍ଗ୍ ହେଲା ।

ରଦରଫୋର୍ଡ ୱେ,
ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

ବେଦାନ୍ତୀ

# ବଧୂ ବାରଙ୍ଗନା



ଉଦୟ ନାଥ ଗୌଡ

ଲଭ୍ଧା!ତୁମେ ଲଭ୍ଧା! ରସ ପୌରୁଷର!!
ଅଳକ ଦେହଜ ସୁଖ
କଳୀକ କସ୍ତୁରୀ
ରଙ୍ଗମଖା ବୟସର ବସନ୍ତରେ
ପଲ୍ଲବିତ
ନବୀନ କଳକା!
ଉପଭୋଗର ସତେଜ ବ୍ୟଞ୍ଜନ,
ଇସାରାର ନମ୍ରଭଙ୍ଗୀ
ପୂର୍ଣ ଆବେଦନ,
କାମର କୌମୁଦୀ,
ଅର୍ଥହୀନ ଆତୁରତା
ବିହିତ ବ୍ୟର୍ଥତା!

ସୌମ୍ୟା!ତୁମେ ସୌମ୍ୟା! ସମ୍ବେଦନ
ଯୌବନର!!
ମନୋଜ୍ଞ ବ୍ୟଭିଗ୍ଚରର
ମହାରାଣୀ ମେରୀ ଏନ୍ତୋଇନେ,
ବିକାରଗ୍ରସ୍ଥ ସୌନ୍ଦର୍ଯ୍ୟ
ଚୁମ୍ବନର ଚୁମ୍ବକ ଓ ଲେଲିହାନ
ମଦ ମାଦକତା,
ଅଜ୍ଞତାର ଅବାସ୍ତବ ଅନୁଭୂତି
ପରାହତ ପ୍ରାଚୁର୍ଯ୍ୟ ପସରା!
ସଜ୍ଞାହୀନ ବ୍ୟତିକ୍ରମ,
ବାକ୍ ବାଗ୍ବଲତା
ସନ୍ଦେହର ସନ୍ଦିହାନୀ
ପ୍ରଥପ୍ରାନ୍ତ ପ୍ରଲୁବ୍ଧ ପ୍ରମତ୍ତା!

ମଗ୍ନା!ତୁମେ ମଗ୍ନା! ରତି ଆଉ ପ୍ରୀତି
ମନ୍ଦିରରେ!!
ଚହଲା ପାଣିର ଛାଇ,
ରଙ୍ଗ ମହଲର ବାଇଜୀଟେ ହୋଇ
ବ୍ୟସ୍ତ ଓ ବିବ୍ରତ ତୁମେ
ଜୀବନ ଖେଳରେ,
ମଧୁର ଜନ୍ତ୍ରଣାର
ଅଭେଦ୍ୟ ଦୁର୍ଗରେ !
ଖୋଜିଖୋଜି
ଲିଅନର ନଅନ୍ ଝଲକ
ଶିଲ୍ ଠାରୁ ମୁନ୍ନୀ ଯାଏଁ, ରୁଣୁଝୁଣୁ ପାଦଶବ୍ଦ
ଜଣା ଅଜଣାରେ
ବ୍ଲୁ ହ୍ୱେଲ୍ ଖେଳାଳଟେ ପରି
ରେସ୍ କୋର୍ସ ଘୋଡାଭଳି
ତୁମେ ଆଜି ମୃତ୍ୟୁର ଅଜଣା ଯନ୍ତାରେ!

ବନ୍ଦୀ ! ତୁମେ ବନ୍ଦୀ! ବିପ୍ଳବର
ଆହ୍ୱାନରେ!!
ଲାଲସାର ପଶାପାଲି
ଜୀବନ ସତରଞ୍ଜିର
ହାର୍ ଜିତ ଖେଳେ
ବିବେକକୁ ବନ୍ଧାପକାଇ
କେଇ ଟଙ୍କା କେଇ ପଇସାରେ!
ମୃତ୍ୟୁକୁ କୋଳେଇ ନଅ
ନଶା ଶକ୍ତ ନଶାର୍ଦ୍ଧରେ
ଲୁବ୍ଧକର ପାପ ପଞ୍ଝା
ପତଙ୍ଗର ପ୍ରଲୁବ୍ଧ ପ୍ରଜ୍ଞାରେ!

ଅମୂଲ୍ୟ ନିବାସ, ତୁଳସୀ ନଗର, ବ୍ରହ୍ମପୁର

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@ gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।



# ବିଚିତ୍ର ମୋବାଇଲ୍ ଯୁଗ

ମୋହନ ଚନ୍ଦ୍ର ବିଷୋୟୀ

ଏକ ବିଚିତ୍ର ମୋବାଇଲ୍ ଯୁଗ ହେଲା,
ପରିଜନ ଠାରୁ ପ୍ରୀୟଭଜନ ସାଜାଗଲା ।

ଭାବିଲେ ଭବିଷ୍ୟ କାନ୍ଦିବ ଅବଶ୍ୟ,
ସମାଜ କେଉଁ ଦୀଗକୁ ଗତି କଲା ।



ଖାଇବାକୁ ପଛକେ ନଥିଲେ ନଥାଉ,
ସ୍ମାର୍ଟ ଫୋନଟା ନଶ୍ଚୟ ହୁଏ ଲୋଡା।

ସ୍କୁଲ ବାରେଣ୍ଡା ନଚଢିବା ଲୋକେ ଭି,
ଇଁରେଜୀ ଶିଖିଲେଣି ଥୋଢା ଥୋଢା।

ବାଗୁଡି, ବଉଗ୍ଲେରି ଆଉ କାହାକୁ ଲୋଡା,
ଟେମ୍ପୁଲରନ୍, କ୍ୟାଣ୍ଡିକ୍ରସ୍ ରେ ସଭିଏ ଜୋଡା।

କ୍ଲାସରୁମ୍ ଠାରୁ ଅଧିକ ସମୟ ଇନଷ୍ଟାଗ୍ରାମରେ,
ଷ୍ଟଡି ବୁକ୍ ଠାରୁ ଆଧିକ ପଢନ୍ତା ଫେସବୁକରେ।

ନାହିଁ ଗୁଲିଗପ ନାହିଁ ସାଙ୍ଗସାଥିଙ୍କର ମେଳ,
ଗ୍ଲଲଇ ନୀତୀ ଏଠି ଇଣ୍ଟରନେଟରେ ଖେଳ।

ଖାଁ ଖାଁ ଲାଗେ ଆଖଡା ବାରଣ୍ଡା ଆଉ ନଈ କୂଳ,
ନିର୍ଜନ ହୁଏ ଗାଁ ଦାଣ୍ଡ ହୋଇଗଲେ ସଂଞ୍ଜ ବେଳ।

କାହିଁ ସେହି ରଙ୍ଗିନ୍ କାଗଜର ହାତଲେଖା ଚିଠି,
ହ୍ୱାଟସପରେ ପିକ୍ଚର ମେସେଜ୍ କ୍ଷଣକେ ଆସୁଛି।

ଆପେକ୍ଷା ନାହିଁ ପରି ରାଇଜର ସ୍ୱପ୍ନ ପାଇଁ ଆଜି,
ରାତୀ ଅଧିଆ ଇଣ୍ଟରନେଟ୍ ଚାଟିଙ୍ଗ୍ ହେଲାଣି ଇଜି।

ଜଗିବା ଦରକାର ନାହିଁ କଲେଜ ଛକ ବସଷ୍ଟାଣ୍ଡରେ,
ଜିଆ ପଟିଲେଣି ଝିଅ ଗୋଟି ଫ୍ରେଣ୍ଡ୍ ରେକ୍ୱେଷ୍ଟରେ।



ସଂସ୍କାର ନମସ୍କାର ଖୋଜିଲେ ପାଇବ ନାହିଁ କେଉଁଠି,
ଏଠି ପର୍ ଚାଲେ ଗୁଡ୍ ମର୍ଣିଙ୍ଗ୍ ଆଉ ଗୁଡ୍ ନାଇଟି।

ପଢ଼ି ଆସୁକ ନ ଆସୁ କମେଣ୍ଟ କରନ୍ତି ସୋ, ନୋଟି,
ଫୋଟକୁ ଲାଇକ୍ ମାରନ୍ତି ଛୋଟି ହେଉ କ ମୋଟି।

ଗାଁ ପାଠାଗାରରେ ଏବେ ଝୁଲିଲାଣି ସବୁ ତାଲା,
ଗାଁ ଦାଣ୍ଡେ ବୁଲୁନାହିଁ ଆଉ ଖବର କାଗଜ ବାଲା।

ପୂଜାପାଠ ହୋମ ଜଜ୍ଞ କେଜାଣି କୁଆଡେ ଗଲା,
ମୋବାଇଲ୍ ଗୋଟିକ ନଥିଲେ ଆଜି ମଣିଷ ଅଚଳ ହେଲା।

ଗ୍ରାମ:ଖରଖରିଆ, ପୋଷ୍ଟ: ବଣଶୋଳା, ଚକଟି, ଜିଲ୍ଲା: ଗଞ୍ଜାମ

# କାଉଁରୀ କନ୍ୟା ଓ ବିରଞ୍ଚି ରାକ୍ଷସ କାହାଣୀ



ପରମିତା ମିଶ୍ର

ବିରଞ୍ଚି କେଜାଣି କେଉଁକାଳୁ ତପସ୍ୟାରେ ବସିଛି । ଦେହ ସାରା ଉଇ ଫୁଟି ଗଲାଣି। ଆଖି କୋଉଠି ଆଉ ନାକ କୋଉଠି ବି ଆଉ ଜଣାପଡୁନ। ଶେଷରେ ଦେବଦେବ ମହାଦେବ ବାଧ ହୋଇ ସ୍ୱପ୍ନ ହେଲେ। କେତେ ତପସ୍ୟା କଲେ କଣ ହେବ । ସେ ତ ରାକ୍ଷସ ତେଣୁ ଶିବ ଆଗରୁ ପ୍ରସ୍ତୁତ ହୋଇ ଆସିଥିଲ । କିଛି ମାଗିବା ପୂର୍ବରୁ ହିଁ ସେ କହିଦେଲେ ଅମର ବର ଛାଡି ବାକି ଯାହା ମାଗୁଛ ମାଗ। ବିରଞ୍ଚି ମଧ୍ୟ ଚାଲାକ କରି କହିଲା ଠିକ୍ ଅଛି ଭଗବାନ, ମୋତେ ଅସଂଖ୍ୟ ସନ୍ତାନ ର ଜନକ ହେବାର ଆଶିର୍ବାଦ ଦିଅନ୍ତୁ। ବ୍ରହ୍ମ ଦେବ ସରସ୍ୱତୀ ଙ୍କୁ ତତକ୍ଷଣାତ୍ ଶିବ କଣ୍ଠରେ ବସେଇ ଦେଲେ। ଶିବ କହିଲେ ଗୋଟିଏ ସର୍ତ୍ତ ରେ ଏ ଆଶୀର୍ବାଦ ଫଳବ । ଯଦି ତୁମେ ଗୋଟିଏ ସ୍ତ୍ରୀ କୁ ବରିବ ଯିଏକି ସ୍ୱତଃ ତୁମକୁ ପ୍ରେମ କରୁଥିବ ତେବେ। ବିରଞ୍ଚି ମୁଣ୍ଡରେ କିଛି ପଶିଲାନ ଓ ସେ ହଁ ଭରିଲା । ଶିବ ବିନା ଡେରି କରି ତତକ୍ଷଣାତ ତଥାସ୍ତୁ କହି ଗାୟବ।

ବିରଞ୍ଚି ର ଖୁସି କହିଲେ ନସରେ । ଗର୍ବ ରେ ସେ ଫାଟି ପଡୁଥିଲା । ମନରେ କେତେ କେତେ ସ୍ୱପ୍ନ ସେ ଦେଖୁଥିଲା । ସାରା ସଂସାର ରେ ତାର ରାଜୁତି ଚାଲିବ । ଯୁଆଡେ ଚାହିଁବ ତାର ପୁତ୍ର ମାନେ ହିଁ ଦିଶିବେ । ସେ ନ ରହିଲେ ବି ଏ ଧରା ରେ ବିରଞ୍ଚି ର ବଂଶଧର ମାନେ ସଦା ସର୍ବଦା ବିଦ୍ୟମାନ ରହିବେ । ହଠାତ୍ ମୁହଁ ର ଭାବ ବଦଳ ଗଲା । ମନେ ମନେ ରାଗି କି କହୁଥିଲା ଆଉ ସର୍ବ ପ୍ରଥମେ ସେ ଦେବରାଜ ଇନ୍ଦ୍ରଙ୍କୁ ତା ଗାଦିରୁ ଓଠାଇ କଚାଡି ଦେବ ଏ ଭୁଇଁ ଉପରେ। ଆଉ ମୁଁ ବସିବି ତା ସିଂହାସନ ରେ। ଆଉ ଆଉ ତାର ସମସ୍ତ ରାଣି ମୋର - ଏତକ ଭାବି ହଠାତ୍ ତାର ଚିନ୍ତା ରେ ପୁର୍ଣ୍ଣଛେଦ ପକାଇ ତାର ମନେ ପଡିଗଲା ଆରେ ସେ ଯେ ଏଯାବତ ବିବାହ କରିନ। କିନ୍ତୁ ଭଗବାନ ଶିବଙ୍କ ବାଣି ପୁଣି ସ୍ମରଣ ହେଲା । ତେଣୁ ସେ ବି ବିଚାର କଲା ସେ ବର୍ତ୍ତମାନ ସେ ଏକ ସୁନ୍ଦର ସ୍ତ୍ରୀ ଖୋଜିବ

ଏବଂ ତା ମନରେ ମଧ୍ୟ ପ୍ରେମ ଭାବନା ଜଗାଇ ତାକୁ ହିଁ ସେ ବିବାହ କରିବ, ନଚେତ୍ ମୋର ବରଦାନ ଫଳବନ।

ଶିବଙ୍କର ବର ଫଳବନ କେମିତି। କୁହୁକ କନ୍ୟା ଭଦ୍ରା ତାର ପ୍ରତିଜ୍ଞା କରିଥିଲା। ଏତେ ବର୍ଷ ଆଖି ବନ୍ଦ କରି ରହିଲା ପରେ ପ୍ରଥମ ଥର ଯାହାକୁ ଦେଖିବ ତାକୁ ହିଁ ବରିବ। ସତକୁ ସତ ସେଦିନ ବିରଞ୍ଚି ଓ ଭଦ୍ରା ର ସାକ୍ଷାତ ହୋଇଗଲା। ରୁପରେ ଅପ୍ସରା ପରି ଭଦ୍ରା ମୋହି ନେଲା ବିରଞ୍ଚିକୁ। ଦୁହେଁ ବିବାହ କଲେ। ବିଧିର ବିଧାନ କଛି ଅଲଗା ଥିଲା। ଭଗବାନ ଶିବଙ୍କର ବରଦାନ ପଛରେ ଜନହିତ ଲୁଚ ରହିଥିଲା। ବିରଞ୍ଚି ମନରେ କୁ ଭାବନା ନେଇ ଭଦ୍ରାର ତେଜକୁ ସ୍ପର୍ଶ ବି କରି ପାରେନ। କନ୍ତୁ ସେ ବିବାହ ଥରେ ହିଁ ହେବାର ଥିଲା ସେ ତ ହୋଇଗଲା। ଏମିତି କଛି ବର୍ଷ ଉପରାନ୍ତେ ବିରଞ୍ଚି ଅଧର୍ଯ୍ୟ ହୋଇ ଉଠିଲା। ଅଧିର ହୋଇ ସେ ପୁଣି ଶିବ ଙ୍କ ଆଗରେ ମଥା ପିଟିଲା, କହିଲା ପ୍ରଭୁ ମତେ ଠକଦେଲେ। ଶୁନ୍ୟ ବାଣୀ ହେଲା - ହେ ବିରଞ୍ଚି, ତୁମେ ସଚ୍ଚା ମନ ରେ ଓ ଉତ୍ତମ ଭାବରେ ସ୍ତ୍ରୀ କୁ ଗ୍ରହଣ କର।

ବର୍ତ୍ତମାନ ବିରଞ୍ଚି ବିବ୍ରତ ହୋଇଉଠିଥିଲା। ତେଣୁ ତା ମନରୁ ଅସଂଖ୍ୟ ପୁତ୍ର ର ଭାବନା ନ ଆସି କମ ସେ କମ୍ ଗୋଟିଏ ପୁତ୍ର ଯେ ତାର ବଂଶ ଉଦ୍ଧାର କରିବ ସେୟା ହିଁ ଦର୍କାର ଥିଲା।

ଦିନେ ସେ ଦିନ ଆସିଲା । ଭଦ୍ରା ପ୍ରତି ବିରଞ୍ଚି ର ମନ ବଦଳଲା। ଦୁହେଁ ଏକ ହୋଇଗଲେ। କନ୍ତୁ କୁହୁକ କନ୍ୟା ଭଦ୍ରା ର ତା ପର ଠୁ ଯୋଗ ତପରେ ଦିନ ଅତିବାହିତ କଲା ଯାହା ବିରଞ୍ଚି କୁ ତିଳେ ହିଁ ଆଗ୍ରହ ନଥିଲା। କଛି ଦିନ ଉତ୍ତାରୁ ବିତୃଷ୍ଣା ହୋଇ ସେ ଭଦ୍ରା କୁ ଛାଡ଼ି ରାଜ ଉଆସ କୁ ଫେରିଗଲା। ଏବଂ ଶିବ ଆଶୀର୍ବାଦ ମିଛ ବୋଲି ଭାବି ପୁଣି ଥରେ ବିବାହ କରି ଚାଲିଲା। ଏତେ ଥର ବିବାହ କରିବା ପରେ ମଧ୍ୟ ତା କୂଳରେ କୌଣସି ସନ୍ତାନ ଜନ୍ମ ନେଲା ନାହିଁ।

ଏପଟେ ବିରଞ୍ଚି ଛାଡି ଗଲାବେଳକୁ ଭଦ୍ରା ଗର୍ଭବତୀ ଥିଲା। ଏକଥା ବିରଞ୍ଚିକୁ ଜଣା ନଥିଲା। ଭଦ୍ରା ଏକ ସୁନ୍ଦର ପୁତ୍ର ସନ୍ତାନକୁ ଜନ୍ମ ଦେଲା। ତାର ନାମ ବିରଭଦ୍ର। ବିରଞ୍ଚି ର ରାକ୍ଷାସ ଗୁଣର ବିପରିତ ବିରଭଦ୍ର ର ଅତ୍ଯନ୍ତ ଦୟାଳୁ, ଭଦ୍ର। ଜଣେ ବିର୍ଯ୍ୟବାନ, ପରିଶ୍ରମି ପୁରୁଷ।

ମାତୃ ଭକ୍ତି ରେ ଗଦଗଦ ତାର ମନ। ବାପା ପ୍ରତି ଅପାର ଶ୍ରଦ୍ଧା। ପିଲାଟି ବେଳୁ ମାଆ ବିର କୁ ବାପା ବିରଞ୍ଚି ବିଷୟ ରେ କହିଆସିଛି। ତାର ବାପା ଜଣେ ମହାନ ମଣିଷ। ଦାନୀ ତଥା ଦୟାବାନ ବ୍ୟକ୍ତି। ମାଆଙ୍କ ଆଜ୍ଞା କୁ ବେଦର ଗାର ବୋଲି ଗ୍ରହଣ କରି ସେ କେବେ ବାପା ଙ୍କ ନଥିବା ପଛର କାରଣ ପଚ୍ଚାରିନ।

ସମୟ ଅତିବାହିତ ହୋଇ ଚ୍ଚାଲିଲା। ବିରଞ୍ଚି ଧିରେ ଧିରେ ବୃଦ୍ଧ ହେବାକୁ ଲାଗିଲା। ଏବେ ଆଉ ତା ମନରେ ଦୁନିଆ କୁ ଜୟ କରିବାର ମିଥ୍ୟା ଅହଂ ନାହିଁ। କିନ୍ତୁ ରହି ରହି ତା ମନ ଭଦ୍ରା ର ପ୍ରେମ କୁ ଖୋଜେ। ତା ମନ କହେ ନିଶ୍ଚୟ ତାର ଉତ୍ତରାଧିକାରୀ କିଏ ତ ଅଛି। ବହୁତ ଖୋଜିଲା ପରେ ବି ସେ ପାଇପାରିନ ତାକୁ। ଏତେ ସବୁ ମନର ବୋଝକୁ ନେଇ ଭାରାକ୍ରାନ୍ତ ହୋଇ ନଦୀ କୁଳରେ ବସି ଯାଇଛି ବିରଞ୍ଚି। ପାଟିର ଶୋଷକୁ ମେଣ୍ଟାଇବାକୁ ନଦୀ ର ପାଣି ପିଇବା ଆଶାରେ ଯାଇ ହଠାତ୍ ତାର ଗୋଡ ଖସି ଗଲା। ଆଉ ସେ ଧାର ରେ ଭାର ହରାଇ ବହି ଚ୍ଚାଲିଗଲା। ଭାଗ୍ୟର ନିର୍ଦ୍ଦେଶ ଥିଲା। ବିରଭଦ୍ର ର ନଜର ବିରଞ୍ଚି ଉପରେ ପଡିଥିଲା। ତତକ୍ଷଣାତ୍ ସେ ନିଜର ସମସ୍ତ ବଳ ଲଗେଇ ତାକୁ ବଞ୍ଚାଇଲା। ଏବଂ ନିଜ ଘରକୁ ନେଇ ଆସିଲା। ଭଦ୍ରା ସ୍ୱାମୀଙ୍କୁ ସାଙ୍ଗେ ସାଙ୍ଗେ ଚିହ୍ନି ପକେଇଲା ଏବଂ ବୁଝି ସାରିଥିଲା ଯେ ଯେଉଁ କାରଣ ପାଇଁ ସେ ଏଯାବତ ପ୍ରତିକ୍ଷା କରିଥିଲା ତାର ଅନ୍ତ ହେବ। କିନ୍ତୁ ବିରକୁ ବାପା ର ପରିଚୟ ଦେଇନଥାଏ। କିଛି ଦିନର ସେବାରେ ବିରଞ୍ଚି ସୁସ୍ଥ ହେବାକୁ ଲାଗିଲା। ଭଦ୍ରା ତା ର ସାମ୍ନା କୁ ନ ଆସି ବିର ଦ୍ୱାରା ସବୁ କାର୍ଯ୍ୟ କରାଉଥିଲା। ଆଖି ଖୋଲି ବିରଞ୍ଚି ବିରକୁ ଦେଖି ତାକୁ ତା ବିଷୟରେ ସବୁ ପଚ୍ଚାରି ଥିଲା। "କିଏ ତୁମେ ବିର? ତୁମେ ମୋର ସେବା କରି ମତେ ପ୍ରସନ୍ନ କରିଛ। ମାଗ ତୁମେ କଣ ଚ୍ଚାହାଁ।" ବିରଭଦ୍ର ଶିତଳ ହାସ୍ୟ ଖେଳାଇ କହିଲା ମହାସୟ, "ଛୋଟ ସମୟରୁ ପରିବାରର ବୋଝ କୁ କାନ୍ଧେଇଛି, ବାପାକୁ ଛୋଟ ସମୟରୁ ହରାଇଛି, ଲୁହକୁ ଅମୃତ ଭାବିଛି, କେତେ ଯେ ରାତି ଭୋକ ଉପାସରେ ଶୋଇଛି, ଏଇ ଆଖିରେ ଦେଖିଛି ମାଆ ଙ୍କ ଉପବାସରେ ଶୋଇବା। ତଥାପି ଅବଶୋଷ ନାହିଁ ଜୀବନରେ। କାହିଁକିନା ଭଗବାନ ଠୁ ବଳି ମାଆ ଟିଏ ପାଇଛି ଆଉ ତାଙ୍କଠୁ ମାନବିକତା ଗୁଣ ଟେ । ତେଣୁ ମତେ ଲଜ୍ଜା ଦିଅଂତୁନି ।" ତାପରେ ସେ ନିଜ ବିଷୟରେ ସବୁ କହିଲା। ତା ମାଆ ଓ ବାପା ବିଷୟ ରେ। ବିରଞ୍ଚି ଆଖିରୁ ଅଶ୍ରୁ

ର ଧିର ଗଡିଗଲା । ଅଧର୍ମୀ, ଦୁରାଗ୍ରରୀ ବିରଞ୍ଚି ପାଇଁ ତା ପୁଅ ମନରେ ଏତେ ସମ୍ମାନ ଦେଖି ତା ଆତ୍ମା ତାକୁ ଧିକ୍କାର କଲା । ଭଦ୍ରା ର ନିଷ୍ପାପ ପ୍ରେମକୁ ଝୁରିଲା ସେ । ବିର ର କଥା ନସରୁଣୁ ଦୌଡି ଜାବୁଡ଼ି ଧରିନେଲା ବିରଞ୍ଚି । ଦୁରରେ ଠିଆ ହୋଇ ଭଦ୍ରା ପିତା ପୁତ୍ର ର ମିଳନ କୁ ଉପଭୋଗ କରୁଥିଲା । ବିରଞ୍ଚି ଭଦ୍ରା ପାଖକୁ ଦୌଡି ଭିଡି ଧରି ବହୁତ କାନ୍ଦିଲା ସେ । ଭଦ୍ରା ସ୍ଵାମୀ କୁଂ ପ୍ରଣାମ ହୋଇ କହିଲା ପ୍ରଭୁ ମୁଁ ଆଜି ଯାଏଁ ତୁମ୍ଭର ପ୍ରତିକ୍ଷା କରିଥିଲି । ତୁମକୁ ତୁମ ପୁତ୍ର ଦେବା ପାଇଁ । ମୋର କାର୍ଯ୍ୟ ସମାପ୍ତ ହେଲା । ଏଥର ମୋର ପ୍ରସ୍ଥାନ ସମୟ । ମୋତେ ଖୁସିରେ ବିଦାୟ ଦିଅ । ବିରଞ୍ଚି କିଛି କହିବା ପୁର୍ବରୁ ଭଦ୍ରା କହିଲା ମତେ କ୍ଷମା କର ସ୍ଵାମି । ମୁଁ ଅଭିଶାପ ପାଇ ଏ ଧରା କୁ ଆସିଥିଲି । ବର୍ତ୍ତମାନ ମୋର କାର୍ଯ୍ୟ ସମାପ୍ । ଏହାହିଁ ମହାଦେବଙ୍କ ଇଛା । ଏବେ ମତେ ଆଜ୍ଞା ଦିଅ ।

ବୃଦ୍ଧ ପିତା ବିରଞ୍ଚି କୁ ସାହାରା ଦେଇ ବୀରଭଦ୍ର ରାଜପ୍ରସାଦ ଆଡକୁ ଗତି କଲେ । ବିରଞ୍ଚି ମନରେ ଭାଳ ହେଉଥିଲା ଲାଳନପାଳନ ରେ ରାକ୍ଷସ ଛୁଆ ବି ଦେବତୁଲ୍ୟ ହୋଇପାରିବ ଓ ଆକାଶ ମାର୍ଗ କୁ ଚାହିଁ ଭଦ୍ରା କୁ ଧନ୍ୟବାଦ ଜଣାଉଥିଲା ।

ଆଗକୁ ଯାଇ ବିରଭଦ୍ର ନିଜର ରାଜ ଶାସନ ରେ ସାରା ବିଶ୍ଵରେ ନାମ କମାଇଲା । ବିରଞ୍ଚି ବୁଝିସାରିଥିଲା ଅସଂଖ୍ୟ ସଂତାନ ଅପେକ୍ଷ୍ୟା ଗୋଟିଏ ସୁସଂତାନ ଭଲ । ଅମର ହେବା ପାଇଁ ବଞ୍ଚି ରହିବା ଆବଶ୍ୟକ ନହିଁ ବିରଭଦ୍ର ନିଜ କର୍ମ ବଳ ରେ ଯୁଗ ଯୁଗ ପାଇଁ ଅମର ହୋଇଗଲା

ଆତ୍ମପୁଅ , ବ୍ରହ୍ମପୁର- ୧୦
paramita310@gmail.com



# ମୋର ଜୀବନର ଅନ୍ତରାଳେ



ନୃସିଂହ ଚରଣ ବେହେରା

ଦିନର ଆଲୋକ କିପରି କହିବି
ରାତିର ଅନ୍ଧକାର କେତେ
ସଜ ଫୁଲଟିଏ କିପରି କହିବ
ମଉଳା ଫୁଲର ଦୁଃଖ କେତେ ।
ଦୂର ଆକାଶରେ ହସୁଥିବା ଜହ୍ନ
ସପନ ସଭିଙ୍କ ପାଇଁ
ଘନ ଅରଣ୍ୟର କଅଁଳ ପରଶ
ଝୁରୁଛି ଟାଙ୍ଗରା ଭୂଇଁ ।
ଆଜିର ସମାଜ ପଥଭ୍ରଷ୍ଟ ହୋଇ
ଅଘଟଣ ଘଟାଏ କେତେ
ଡରି ଡରି ନିତି କେପରି ମଣିଷ ବଞ୍ଚୁଛି
କହି କେ ପାରିବ ସତେ ।
ମରିଚୀକା ସମ ଜଳାଶୟ ପରି
ଦିଶେ ଜୀବନର ଛବି
କୁହୁଡିର ଘନ ବଳୟ ଭିତରେ
ହଜିଯାଏ ସପ୍ନ ନିତି ।
ଭାଗ୍ୟର ଛବି ମୁଁ କିପରି ଆଙ୍କିବି
ଜୀବନର ସାଦା କାନଭାସରେ
ସେହି ଛବିକୁ ମୁଁ କିପରି ରଙ୍ଗିବି
କୁହୁଡିର ଘୋର ଦୁଃଖର ତୁଳୀରେ ।



ୟୁନିଟ- ୯, ବାୟାବାବା ମଠ ଲେନ୍, ଭୁବନେଶ୍ୱର

# ତୁ ଥିଲେ ମୋ ପାଶେ



ନିର୍ମଳ କୁମାର ଦଳାଇ


ସଞ୍ଜ ନଇଁଲେ
ସଜ ଫୁଲଟା
ଚୁପ୍ ଚୁପ୍ କରି ହସେ
ତୋ ଗ୍ଲେର୍ ଗୃହାଣୀରେ
କ କଥା ଥାଏ
କହିଯାଏ କାନ ପାଶେ ।୧।

ଚପଳ ମନ ମୋ
ଚଞ୍ଚଳ ହୁଏ
ତୋ ମହମ ହସ ତଳେ,
ପଦିଏ କଥାରେ
ହୃଦୟ ତନ୍ତ୍ରୀରେ
କେତେ ଯେ ମୂର୍ଚ୍ଛନା ଖେଳେ ।୨।

ଖୁସିର ଜୁଆର
ମଥା ପିଟୁଥାଏ
ତୋ ଗୋଲାପି ଓଠ ଧାରେ,
ଇନ୍ଦ୍ରଧନୁ ବି
ଫିକା ପଡିଯାଏ
କଳାମେଘ ବେଣୀ ମେଳେ ।୩।

ବର୍ଷା ଭିଜା ତୋ
ଓଦା ମନଟା
ମହ ମହ ଖାଲି ବାସେ ,
ଅଶରୀରି ମନ ମୋର
ଉଡିଯାଏ କେତେ ଦୂର
ତୁ ଥିଲେ ମୋ ପାଶେ ।୪।

ପାଇକସାହି, ବ୍ରହ୍ମଗିରି, ପୁରୀ



# ପୂଣ୍ୟଲାଭ

ମୂଳ ରଚନା(ହିନ୍ଦୀ) – ଅଶ୍ୱିନୀ କୁମାର ଭଟ୍ଟାଗର
ଓଡିଆ ଅନୁବାଦ – ମଧୁସ୍ମିତା ପଟ୍ଟନାୟକ



ମଧୁସ୍ମିତା ପଟ୍ଟନାୟକ

କଲେଜରୁ ଘରକୁ ଫେରୁଥିବା ସମୟରେ ମୋ ସାଇକେଲ୍ ଚକ ତଳେ ଗୋଟେ ଗୁଣ୍ଡୁଚ ମୂଷା ଆସି ରହିଗଲା । ତାକୁ ବଞ୍ଚେଇବା ପାଇଁ ମୁଁ ଯଥାସାଧ୍ୟ ଚେଷ୍ଟା କଲି । ଏପରିକ ସାଇକେଲ୍ ର ବ୍ରେକକୁ ଏମିତି ଘ୍ରିପିଲି ଯେମିତି ମୋ ସାଇକେଲ ଚକ ତଳେ ଗୁଣ୍ଡୁଚମୂଷା ନ ହୋଇ କୋଉ ମଣିଷ ଘ୍ରିପି ହୋଇଯାଇଛି । ଆଜିକାଲି ଗାଡି ଚଲାଇଥିବା ଲୋକମାନେ ଏତେ ଶୀଘ୍ରତାର ସହ ବ୍ରେକ୍ ମାରିବାକୁ ଇଚ୍ଛା ମଧ୍ୟ କରୁନାହାନ୍ତି ।ଛାଡନ୍ତୁ! ଯାହା ହେବାର କଥା ହୋଇଗଲା.....ଶେଷରେ ଗୁଣ୍ଡୁଚମୂଷାଟି ମରିଗଲା ।

ମୋ ଯୋଗୁଁ ଗୁଣ୍ଡୁଚମୂଷାଟେ ମରିଯାଇଥିବା ଶୁଣି ଘରେ ଯେମିତି ଭୂମିକମ୍ପ ହୋଇଗଲା । ଘରକୁ ସବୁ ସଦସ୍ୟମାନେ ମୋତେ ଏମିତି ଦେଖୁଥାନ୍ତି ଯେମିତି ମୁଁ ହିରୋସିମା ଉପରେ ବୋମା ପକେଇ ଦେଇଚ ଅଥବା ବହୁତ ବଡ ଅଘଟଣ ଗୋଟେ ଘଟାଇ ଫେରିଛି । ଦେଖିବାକୁ ଗଲେ ଘରଲୋକ ଏପରି ହେବା ବି ସ୍ୱାଭାବିକ । କାଣେ ଆମ ପରିବାରର ସ୍ବରି ପୂଣ୍ୟାତ୍ମା ମାନେ ମୋର ବାପା, ମାଆ, ଭାଇ ଓ ଭାଉଜ ମୋ ସହ ଆଡଜଷ୍ଟ କରିପାରୁ ନାହାନ୍ତି । କାରଣ ମୋ ଆତ୍ମା ପରା ଗୁଣ୍ଡୁଚମୂଷାକୁ ମାରି ପାପୀ ଆତ୍ମାରେ ପରିଣତି ହୋଇସାରିଲାଣି । କୁଖ୍ୟାତ ଗ୍ୟାଙ୍ଗର ଲୋକଟେ ପୋଲିସ୍ ହାତରେ ଧରା ପଡିଗଲେ ତାକୁ ଜେଲରୁ ବାହାର କରିବା ପାଇଁ ସାଥୀମାନେ ଯେପରି ଉପାୟ ସବୁ ବାହାର କରନ୍ତି, ଠିକ୍ ସେହିପରି ଆମ ପରିବାରରେ ମଧ୍ୟ କୌଣସି ସଦସ୍ୟ ଦ୍ୱାରା ଯଦି କଛି ଖରାପ କାମ ହୋଇଯାଇଥାଏ, ତାର ପ୍ରାୟଶ୍ଚିତ ସ୍ୱରୂପ କଛି ନା କଛି ପୂଣ୍ୟକାମ କରିବା ଦ୍ୱାରା

ଭଗବାନଙ୍କ ପଞ୍ଜିକାରେ ଲେଖା ହୋଇ ଯାଇଥିବା ପାପକୁ ପୂଣ୍ୟରେ ପରିଣତ କରାଯାଇ ପାରିବ ।

ଏଠାରେ ଗୋଟିଏ ଘଟଣା ବିଷୟରେ କହି ରଖିବା ଉଚତ ହେବ ବୋଲି ମୁଁ ଭାବୁଛି । ଥରେ କଣ ହୋଇଛି ନା ମୋର ବଡଭାଇ ଭୁଲରେ ସାହିରେ ରାସ୍ତା ସଫା କରୁଥିବା ମେହନ୍ତରାଣୀ ସହ ଧକ୍କା ହୋଇଯାଇଥିଲେ । ସେତେବେଳେ ମଧ୍ୟ ଏହାକୁ ଏକ ଦୁଷ୍କର୍ମ ହିସାବରେ ଧରାଯାଇଥିଲା ଓ ଏହି ପାପକୁ ଦୂର କରିବା ପାଇଁ "ପୂଣ୍ୟାର୍ଜନ କ୍ରିୟା" କରାଯାଇଥିଲା । ମେହନ୍ତରାଣୀକୁ ଛୁଇଁ ଦେଇଥିବା ଯୋଗୁଁ ଭାଇ ଅପବିତ୍ର ହୋଇଯାଇଥିଲେ ନା! ସେଥିପାଇଁ ତାଙ୍କର ଶୁଦ୍ଧି ବା ପବିତ୍ର ହେବା ନହାତି ଜରୁରୀ ଥିଲା । ସେଥିପାଇଁ ରାମନାରାୟଣ ପଣ୍ଡିତଙ୍କ ସହ ବିଚାର ବିମର୍ଷ କରି ଭାଇକୁ ଗଙ୍ଗାସ୍ନାନ କରିବା ପାଇଁ କୁହାଗଲା ।

ବାପାଙ୍କ ପାଖରେ ସେତେବେଳେ ଗଙ୍ଗା ଯାଇ ଶୁଦ୍ଧପୂତ ହେବାପାଇଁ ସେତେ ଟଙ୍କା ନଥିଲା । ତେଣୁ ବାପା କଣ କଲେନା ପଣ୍ଡିତଙ୍କୁ ଗୋଟିଏ ନଡିଆ ସହ ୫ ଟଙ୍କା ଦକ୍ଷିଣା ଦେଇ ଅନ୍ୟ କିଛି ଉପାୟ କରିବା ପାଇଁ କହିଲେ । ପଣ୍ଡିତେ ମହାଶୟ ବହୁତ ଚିନ୍ତା କରିବା ପରେ ପାଞ୍ଚ ସାତ ବର୍ଷ ତଳେ ଆହ୍ଲାବାଦରୁ ଆଣିଥିବା ଗଙ୍ଗାଜଳରୁ ଦୁଇ ଚାରି ବୁନ୍ଦା ଗୋଟେ ଶିଶିରେ ଦେଇ କହିଲେ, ଏହାକୁ ବାଲଟିଏ ପାଣିରେ ଢାଳ ପୁଅକୁ କହିବ ଗଙ୍ଗାସ୍ନାନ କରିନେବ । ଭାଇ ପଣ୍ଡିତେ କହିବା ଅନୁସାରେ ଗଙ୍ଗାସ୍ନାନ କରି ମନ୍ଦିରକୁ ଗଲେ ଓ ଭଗବାନଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ କରି ଦେଢଟଙ୍କା ଦକ୍ଷିଣା ଦେଇ ନିଜକୁ ପୁଣି ଥରେ ପୂର୍ବ ପରି ଶୁଦ୍ଧପୂତ କରିଦେଲେ ।

ଆଉ ଆଜି...ଆଜି ଯେତେବେଳେ ମୋ ଦ୍ଵାରା ପାପ ହୋଇଛି, ମୋର ଶୁଦ୍ଧି ହେବା ନହାତି ଆବଶ୍ୟକ । ତେଣୁ ବାପା ପୁଣି ରାମନାରାୟଣ ପଣ୍ଡିତଙ୍କୁ ଦେଖାକରି ମୁଁ କିପରି ଗୁଣ୍ଡୁଚ ପାପରୁ ମୁକ୍ତି ପାଇବି ତାର ଉପଯୁକ୍ତ ଉପାୟ କରିବା ପାଇଁ ଅନୁରୋଧ କଲେ ।

ଏହା ଶୁଣି ପଣ୍ଡିତେ କହିଲେ, "ସବୁଠାରୁ ସର୍ବୋତ୍ତମ ଉପାୟ ହେଉଛି ସୁନାର ଗୋଟିଏ ଗୁଣ୍ଡୁଚମୂଷା ତିଆରି କରି କୌଣସି ବ୍ରାହ୍ମଣଙ୍କୁ ଦାନ କରିଦିଅନ୍ତୁ ।" ଏହା ଶୁଣି ବାପାଙ୍କ ଆଖି

ଆଗରେ ଚଳଚଚ୍ଚିତ୍ରର ଦୃଶ୍ୟ ପରି ସୁନାର ଗୁଣ୍ଡୁ ମୂଷା, ପାପ ଆଉ ପୂଣ୍ୟ ଗୋଟିଏ ପରେ ଗୋଟିଏ ହୋଇ ଖାଲି ଆସୁଛନ୍ତି ଆଉ ଯାଉଛନ୍ତି । ତେଣୁ ବାପା ହାତ ଯୋଡି ପଣ୍ଡିତଙ୍କୁ ଅନ୍ୟ କିଛି ସର୍ଟକର୍ଟ ବାଟ ବତାଇବା ପାଇଁ କହିଲେ । ପଣ୍ଡିତେ ମହା ଗ୍ଯାଲୁ! ଏଥିପାଇଁ ସେ ବାପାଙ୍କଠାରୁ ଆଗ ଏଗାରଟଙ୍କାର ଦକ୍ଷିଣା ବସୁଲି କଲେ । ଦକ୍ଷିଣା ପାଇବା ପରେ ପଣ୍ଡିତ ମହାଶୟ କହିଲେ, ଗୁଣ୍ଡୁଚମୂଷାର ତ ମୃତ୍ୟୁ ହେବାର ହିଁ ଥିଲା । କାରଣ ତାର ଜୀବନରେଖା ସେତିକି ଲମ୍ବା ଥିଲା । ଆପଣଙ୍କ ପୁଅ ଯୋଗୁଁ ବିଚରା ମୋକ୍ଷ ପାଇଗଲା । ଆପଣ ଜମାରୁ ଚିନ୍ତା କରନ୍ତୁନି । ପୂର୍ଣ୍ଣମୀ ଦିନ ମୁଁ ପାପ ହରଣ ଅଭିଷେକ କରିଦେବି । ଆପଣ ମୋ ପାଖକୁ ଅଧକିଲୋ ଶୁଦ୍ଧ ଘିଅ ସହ ପୂଜାର ସମସ୍ତ ସାମଗ୍ରୀ ପଠେଇ ଦେବେ ଏବଂ ପୁଅକୁ ନିଶ୍ଚିତ ଭାବରେ କୌଣସି ମନ୍ଦିରକୁ ନେଇ ଦେବଦର୍ଶନ କରେଇ ଦେବେ । ଏହା ପରେ ଯାଇ ସବୁ ଦେବତାଗଣ ଶାନ୍ତ ହୋଇଯିବେ । ଏହା ଶୁଣି ବାପା କୃତ୍ୟ କୃତ୍ୟ ହୋଇ ପଣ୍ଡିତଙ୍କୁ ମୁଣ୍ଡିଆଟେ ମାରି ଘରକୁ ପଳେଇ ଆସିଲେ । ଆରଣ ସୁନାର ଗୁଣ୍ଡୁଚ ଠାରୁ ଏହି ଉପାୟଟା ବାପାଙ୍କୁ "ଶସ୍ତା, ସୁନ୍ଦର ଓ ମଜବୁତ" ଭଳି ଲାଗିଲା ।

ଘରକୁ ଆସି ବାପା ମାଆକୁ ଆଦେଶ ଦେବା ଭଙ୍ଗୀରେ କହିଲେ - ଆରେ ରାଧା, ପଣ୍ଡିତଙ୍କ ଘରକୁ ଅଧକିଲୋ ଘିଅ ପଠେଇ ଦେବ । "ପାପହରଣ ଅଭିଷେକ" କରାଇବାର ଅଛି । ଏହା ଶୁଣି ମା ରାଗିଯାଇ କହିଲେ କଣ ହେଲା! ଅଧକିଲୋ ଘିଅ? ତାହା ପୁଣି ଅଭିଷେକ ପାଇଁ....? ପିଲାମାନଙ୍କୁ ଘିଅ ଶୁଙ୍ଘିବାକୁ ମିଳୁନି ଆଉ ତମେ ଯେ....

ବାପା ମାଆଙ୍କ କଥାକୁ କାଟି ସାଙ୍ଗେ ସାଙ୍ଗେ କହି ପକାଇଲେ, ଓ ହୋ ରାଧା ! ତୁମେତ ପେଟ୍ରୋଲ ପରି ହାଇଲି ଇନଫ୍ଲେମେବୁଲ (ଅଧିକ ଜଳନଶୀଳ) ଭଳିଆ ହେଉଛ । ଆରେ ମୁଁ କେତେବେଳେ କହିଲି ଯେ ବଜାରରୁ ଘିଅ କିଣିକରି ଦେବାପାଇଁ? ଦୁଇମାସ ତଳୁ ଯେଉଁ ଘିଅ ରହି ରହି ଖରାପ ହୋଇ ଯାଇଛି ତାକୁ ହିଁ ପଠେଇ ଦେବ । "କୋଉ ଘିଅ ମ! ଓହୋ ଯେଉଁ ଘିଅରେ ବିଲେଇ ମୁହଁ ମାରି ଦେଇଥିଲା ସେହି ଘିଅ କି?" ମା ପଚାରିଲେ ।

"ହଁ, ହଁ, ବିଲକୁଲ୍ ଠିକ୍! ସେଇ ଘିଅ..." ବାପା ବୁଝେଇଲା ପରି କହିଲେ । ପଣ୍ଡିତେ ଘରକୁ ସେଇ ଘିଅ ପୂଜା ପାଇଁ ପଠେଇ ଦିଆଗଲା । ଏବେ ଥିଲା ମୋ ପାଳି । ଦେବଦର୍ଶନ

ପାଇଁ ମୋତେ ଗୀତାଭବନ ଯିବାକୁ ହେବ । ଗୀତାଭବନ ହେଉଛି ଆମ ସହରରେ ରହୁଥିବା ଧର୍ମପ୍ରାଣ ଲୋକଙ୍କ ପାଇଁ ଏକମାତ୍ର "ତୀର୍ଥ ଧାମ" । ତେଣୁ ରାସ୍ତାରେ ପୁଣ୍ୟ ଲାଭ ପ୍ରାପ୍ତି ନିମନ୍ତେ ଏହା ସମସ୍ତଙ୍କ ପାଇଁ ଚାରିଧାମର ଏକ ଭଲ ବ୍ରାଞ୍ଚ ମାନେ ଶାଖା ଭାବରେ କାମ କରିଥାଏ ।

ଛାଡନ୍ତୁ! ଯାହା ହେବା କଥା ହୋଇ ସାରିଲାଣି । ମତେତ ନିଜକୁ ପାପମୁକ୍ତ କରି ମୋ ଖାତାରେ ଡିପୋଜିଟ୍ କରିବାକୁ ପଡିବ ନା! ତେଣୁ ଘରର ସମସ୍ତେ ଗୀତାଭବନ ଆଭିମୁଖେ ବାହାରି ପଡିଲେ । ହେଲେ ସେଠାକୁ ଯିବାକୁ ହେଲେ ବସରେ ହିଁ ଯିବାକୁ ପଡିବ । ତେଣୁ ଟାଉନବସରେ ଯିବା ପାଇଁ ସମସ୍ତେ ବସଷ୍ଟାଣ୍ଡରେ ପହଞ୍ଚିଗଲୁ । ବସ୍ ଆସିଲା କିନ୍ତୁ ବହୁତ କସରତ କରିବା ପରେ ଯାଇଁ ସମସ୍ତେ ବସ୍ ଭିତରେ ପଶିଲୁ । ଏହା ନାମକୁ ମାତ୍ର ବସ୍! ଏ ପ୍ରକାର ବସରେ କୌଣସି ପ୍ରକାରର ସୁବିଧା ଆଦୌ ମିଳିବ ହିଁ ନାହିଁ । ଆଉ ମୋ ବାପାଙ୍କ ଦୃଷ୍ଟିରେ କୌଣସି ସୁବିଧା ନ ପାଇ ପଇସା ଦେବାଟା କୌଣସି ଦୁଷ୍କର୍ମରୁ କମ୍ ନୁହେଁ। ସେଇଥିପାଇଁ ତ ବାପା ଭିତର ଫାଇଦା ଉଠେଇ କଣ୍ଡକ୍ଟରକୁ ଟିକେଟ ପଇସା ହିଁ ଦେଲେନି । ବସରୁ ଓହ୍ଲେଇବା ପରେ ଟିକେଟ୍ ନ କରିବା ପଛରେ ବାପାଙ୍କର ତର୍କ ଥିଲା ଯେ, "ଆମେ ତ ଆଉ ନିଜ କାମରେ କୁଆଡେ ଯାଇନାହୁଁ ଯେ ଟିକେଟ୍ କରିବୁ। ଆମେତ ପରମପିତା ଭଗବାନଙ୍କ ଘରକୁ ଦର୍ଶନ ପାଇଁ ଯାଉଛୁ ।"

ଆମେ ସମସ୍ତେ ଗୀତାଭବନର ପାଖାପାଖି ହେଲାବେଳକୁ ମା'ଙ୍କର ଚପଲ ଛିଣ୍ଡିଗଲା । ମୁଁ ଆଗ ଚପଲ ମରାମତି କରି ଆଣିବା ପାଇଁ କହିବାକୁ ମା କହିଲେ, ଚପଲ ମରାମତି କରିବା ଅପେକ୍ଷା ଆଗ ଭଗବାନଙ୍କ ଦର୍ଶନଟା ଜରୁରୀ ଅଟେ । ତେଣୁ ଆଗ ଠାକୁର ଦର୍ଶନ । ତା ପରେ ଯାଇ ଏସବୁ କାମ ।

ଭାଇ ଭଗବାନଙ୍କ ପାଖରେ ପୂଜା କରିବା ପାଇଁ ଧୂପକାଠି କିଣିବାକୁ ଗଲେ । ଦୋକାନୀକୁ ଭାଇ ଯେଉଁ ପଇସା ଦେଲେ ଦୋକାନୀ ତାହା ଫେରାଇ ଦେଇ କହିଲା, "ବାବୁ! ଏ ସତାବନ ମସିହା ପୂର୍ବର ଚାରଣୀ! କେଉଁଠୁ ଆଣିଲେ? ଏହାତ କେବେଠୁଁ ବନ୍ଦ ହୋଇଗଲାଣି!" ଭାଇ

ମନଦୁଃଖରେ ସେଇ ପଇସାକୁ ପକେଟରେ ରଖି ବାପାଙ୍କଠୁ ପଇସା ଆଣି ଦୋକାନୀକୁ ଦେଲେ ।

ଏହା ପରେ ସମସ୍ତେ ବଡ ଭକ୍ତି ଭାବରେ ଭଗବାନଙ୍କ ଦର୍ଶନର ପୂଣ୍ୟ ଲୁଟିବାକୁ ଲାଗିଲେ । ମା’ ଆଉ ଭାଉଜ ମନ୍ଦିରର ଶହେ ଚକ୍କର କାଟିଲେ ଏବଂ ଆମେ ସମସ୍ତେ ମିଶି ଆଳତୀରେ ଯୋଗ ଦେଲୁ । ଆଳତୀ ସମୟରେ ଭାଇ ଅତି ଶ୍ରଦ୍ଧାର ସହିତ ସେହି ଅଚଳ ପଇସାକୁ ଆଳତୀଥାଳରେ ପକାଇ ଦେଲେ ।

ପୂଜା ଅର୍ଚ୍ଚନା ପରେ ଘରକୁ ଫେରୁଥିବା ସମୟରେ ବାପା, ମା, ଭାଇ, ଭାଉଜ ସମସ୍ତେ ଏପରି ଖୁସି ହେଉଥାନ୍ତି, ଯେମିତି ମୁଣ୍ଡରୁ ଗୋଟେ ବଡ ବୋଝ ହଟିଗଲା । ବାଟରେ ହଠାତ୍ ମୋର ମା’ଙ୍କ ଛିଣ୍ଡା ଚପଲ କଥା ମନେ ପଡିଗଲା । ମୁଁ ମା’ଙ୍କ ପାଦକୁ ଦେଖିଲା ବେଳକୁ ମୋ ଆଖି ମା’ଙ୍କ ପାଦରେ ଲାଖି ରହିଲା । ଏ କ’ଣ ? ମା’ଙ୍କ ପାଦରେ ହଳେ ସୁନ୍ଦର ତଥା ଦାମିକା ଚପଲ ଅଛି । ଏହା ଦେଖି ମା’ଙ୍କୁ କଛି କହିବାକୁ ଚାହିଁଲି; କନ୍ତୁ କଛି କହି ପାରିଲିନ । ଭାବିଲି ଭଗବାନ ବୋଧେ ତାଙ୍କର ଅସଲ ଭକ୍ତମାନଙ୍କର ପୂଣ୍ୟର ଫଳ ତୁରନ୍ତ ଦେଇ ଦିଅନ୍ତି । ଗୀତାଭବନରୁ ଫେରି ସମସ୍ତେ ବହୁତ ଖୁସି ଥିଲେ । ଗୁଣ୍ଡୁଚମୂଷା କୁ ମାରିବାର ମୋ ପାପରୁ କପରି ମୁକ୍ତି ପାଇବି ସେଥିପାଇଁ ଘରଲୋକମାନେ କେତେ କ’ଣ ନ କଲେ! କନ୍ତୁ ମନ୍ଦିରରୁ ଫେରିବା ପରେ ମୋତେ ପାପମୁକ୍ତ କରିବା ପାଇଁ ସେମାନେ ଯେଉଁ ସବୁ କାର୍ଯ୍ୟ କଲେ ତଥା ସେମାମଙ୍କର ମନରେ ଯେଉଁ ଭାବ ଓ ଭାବନା ଥିଲା ସେସବୁକୁ ଭାବି ଭାବି ମୁଁ ଆଶ୍ଚର୍ଯ୍ୟ ହୋଇ ପଡୁଥାଏ । ମୁଁ ବୁଝିପାରୁ ନଥାଏ ଯେ ସେମାନଙ୍କର ଏହି ଖୁସି ମୋର ଗୁଣ୍ଡୁଚକୁ ମାରିବାର ପାପରୁ ମୁକ୍ତି ନା, ସେମାନଙ୍କ ଭାଗରେ ପଡିଥିବା “ପୂଣ୍ୟଲାଭ” ର ଖୁସି.......

ବ୍ରହ୍ମେଶ୍ୱର ବାଗ୍, ଟଙ୍କପାଣି ରୋଡ୍, ଭୁବନେଶ୍ୱର

# ପ୍ରେମ କଲ୍ପ



ସିପ୍ରା ନାମତା

ମାୟାବିନୀ ର କୁହୁକ ବଣ ରେ
ହଜିଗଲ୍ ପରେ ଭଗ୍ନ ହୃଦୟ ରେ
ଐନ୍ଦ୍ରଜାଲ ଛାପି ଯାଏ ପଲକ ପାତରେ ।

ମଘବା ଙ୍କ ବଜ୍ରପାତ ଘନ ଘୋର ବର୍ଷଣ
ମହୀରୁହ ଟଳ ପଡେ ହୋଇ ଶାଖା ହୀନ
ନିଦ୍ରା ହଜିଯାଏ ବେନି ନୟନ ପ୍ରାନ୍ତରେ ।

ସ୍ୱପ୍ନ ଅପସରି ଯାଏ ରଜନୀ ପାହାନ୍ତା ପ୍ରହରେ
ଉଷ୍ଣତା ର ଆସ୍ତରଣ ଅଙ୍ଗ ପ୍ରତ୍ୟଙ୍ଗ ରେ ଧରେ
ଭାଙ୍ଗିଯାଏ ମନ ସେଇ ନିବୁଜ କୋଠରୀରେ ।




ଆସବାବପତ୍ର ଗହଳ ରେ ମନ ବୁଝେ ନାହିଁ
ମଣିଷ ବଜାର ଭିତରେ ମନଟିଏ ପାଏ ନାହିଁ
ବଦଳେ ତ ରୂପ କଲ୍ପ ପ୍ରତି ଟି ମୁହୂର୍ତ୍ତରେ ।

ସିକ୍ତ ନୟନ, ସିକ୍ତ ହୃଦୟ, ସିକ୍ତ ପ୍ରାଣ ଆଜି ଖୋଜେ
ପିତା, ମାତା ସଖା, ସହୋଦର ସ୍ନେହ ଉଲୁଣ୍ଠିତ ସ୍ୱାର୍ଥ ଶେଜେ
ପିଆସୀ ପ୍ରାଣ ତ ସସୀମ ପରଶେ ଅସୀମ କୁ ଖାଲି ଝୁରେ ।

କେବେ ତ ହସିବ ସୁନ୍ଦର ଧରା ପବିତ୍ର ପ୍ରେମ ଛୁଆଁ ରେ
ନବ କଶଳୟେ ବିକଶି ଉଠିବ ମୁକୁଳା ଦିଗନ୍ତ ରେ
ନବ ଉନ୍ମାଦନା ଜାଗିବ ହୃଦୟେ ନବ ଦିଗନ୍ତ ର ପ୍ରକାଶ ରେ

ନର୍ଯ୍ୟାତନା ଶବ୍ଦ ଲୁପ୍ତ ହୋଇଯିବ,
ଅଧରେ ମଧୁର ହସ ଖେଳଯିବ
ଗୁଣୁ ଗୁଣୁ ମଧୁପ ର ଗୁଞ୍ଜନ ରେ
ପ୍ରେମ କଳ୍ପ ପଲ୍ଲବିତ ହେବା ଆଶା ରେ
ପ୍ରତୀକ୍ଷା ଅଛି ଆସିବା ପାଇଁ ସମୟର ସ୍ୱାକ୍ଷର
ଶାଶ୍ୱତ ଅମର ପ୍ରେମ- ବନ୍ଧନ ରେ ।

ତୁଳସୀଚଉରା, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା
ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ
ଇମେଲ୍ ରେ vedantimagazine@ gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ
ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର,
ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର
ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ବରିଷ୍ଠ ନାଗରିକ



ବରୁଣ କୁମାର ଦାସ

ଶହେ ତିରିଶି ଟଙ୍କାର
ମାସିକ ସୁଧର ସୁଖ
ଅଣ୍ଟାରେ ଗୁଡେଇ
ସ୍ୱପ୍ନମାନଙ୍କ ପଛରେ
ଲହୁଲୁହାଣ ବଳକା ଜୀବନ
ପ୍ରୟାସ ଜାରି ଅଛି
ଥୋଇଦେବା ଲାଗି
ଶୂନ୍ୟତା ଝୁଲିରେ
ଯୋଜନା ଭବିଷ୍ୟତର ।
ଅସହାୟ ବଳସାରିଥିବା
ପ୍ରତ୍ୟାଶା ସବୁ
ବାହାରି ଆସିବା ଆଗରୁ
ସମାଧି ନେଉଛି
ଅସହାୟ ଛାତି ତଳେ ।
ଅନାୟତ୍ତ ଘୋଡା ପିଠିରେ
ମେଲେଇ ପଡିଛି, ଆଉ
ବଡପଣର ନଶା
ଜରାଗ୍ରସ୍ତ ଦେହ ପରିଧିରେ
ହଜେଇ ସାରିଛି ଠିକଣା ।



ପାଲୁସିଆ, ଦେହୁର୍ଦ୍ଧା, ବାଲେଶ୍ୱର

# ସମନ୍ୱିତ ବିକାଶ, ପରିବେଶ ସନ୍ତୁଳନ ଓ ବନ୍ୟପ୍ରାଣୀ ସଂରକ୍ଷଣ

ପ୍ରିୟବ୍ରତ ପାଢ଼ୀ

( ଦ୍ୱିତୀୟ ଭାଗ )

ଆଜିର ଉପଭୋକ୍ତାବାଦୀ ଯୁଗରେ ପରିବେଶକୁ ସବୁଠୁ ବଡ ଧକ୍କା ହେଉଛି ସହରମାନଙ୍କର ଉଦବାଜ୍ୟ ବସ୍ତୁ । ଜନସଂଖ୍ୟା ବୃଦ୍ଧି ଏହାର ପ୍ରଧାନ କାରଣ । ଉଦବାଜ୍ୟ ବସ୍ତୁର ସଂଗ୍ରହ ପ୍ରଣାଳୀ, ପରିଚାଳନା ଓ ସ୍ଥାନାନ୍ତର ପଇଁ ଅଲଗା ଅଲଗା ବ୍ୟବସ୍ଥା ଆବଶ୍ୟକ ହୋଇଥାଏ । ଚକସ୍ୱା ଓ ଔଷଧ ସମ୍ବନ୍ଧୀୟ ଆବର୍ଜନା, ଇଲେକଟ୍ରୋନିକ ଆବର୍ଜନା ସେଥିରେ ମିଶିବା ଫଳରେ ପରିସ୍ଥିତି ଆହୁରି ଜଟିଳ ହେଉଛି । ଯାହା ଖତରୂପେ ଭୂମିକୁ ଉର୍ବର କରି ପାରିଥାନ୍ତା, ତାହା ବାହାରେ ପଡି ପଡି ପରିବେଶ ଖରାପ କରୁଛି । ଆନ୍ଧ୍ରର ସୂର୍ଯ୍ୟପେଟା ଗ୍ରାମରେ ଅଲଗା ଅଲଗା ବିଶୋଧନ ବ୍ୟବସ୍ଥା ଦ୍ୱାରା ଏ ସମସ୍ୟାର ସମାଧାନ ସୁନ୍ଦର ଭାବେ କରାଯାଉଛି । ପଲିଥିନ୍ ସବୁ ମାଟିରେ ମିଶିବା ଫଳରେ ବର୍ଷାଜଳ ମାଟିକୁ ଭେଦି ପାରୁନାହିଁ, ଏପରିକି ମାଟିରେ ପଡୁଥିବା ମଞ୍ଜି ଗଜା ମାରୁନି । ସେସବୁ ଉଦବାଜ୍ୟ ବସ୍ତୁକୁ ଖୋଲା ଆକାଶ ତଳେ ପୋଡିଦେଲେ ସେଥିରୁ ନିର୍ଗତ ବିଷାକ୍ତ ବାଷ୍ପ ଓ ଟକ୍ସିନ୍ ବାୟୁ ମଣ୍ଡଳରେ ସଂଚରି ଯାଉଛି । ତାକୁ ମାଟିରେ ପୋତିଦେଲେ ସିଧାସଳଖ ଭୂମି ତଳ ଜଳ ବିଷାକ୍ତ ହେଉଛି । ତାମିଲନାଡୁରେ ଏହି ପୋପଡା ପଲିଥିନ୍ କୁ ପିଚୁରେ ମିଶାଇ ୨୦ ମାଇଲ୍ ଲମ୍ବର ଚମତ୍କାର ଦୀର୍ଘସ୍ଥାୟୀ ପିଚୁ ରାସ୍ତା ନିର୍ମାଣ କରାଯାଇଛି ଯାହାକି ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ । ଆଜିକାଲି ଜାହାଜ ଜାହାଜ ଭର୍ତ୍ତି ଇ- ସାମଗ୍ରୀ ଏ ଦେଶକୁ ଆସିଯାଉଛି, ସେତେ କି ସେସବୁ ସାମଗ୍ରୀର ଖତଗଦା ଭାବେ ଭାରତ ବ୍ୟବହୃତ ହେବ । ସାରା ପୃଥିବୀରେ ବାର୍ଷିକ ୨୦- ୫୦ ମିଲିଅନ୍ ଟନ୍ ଇ- ଆବର୍ଜନା ସୃଷ୍ଟି ହେଉଛି, ଭାରତର ପରିମାଣ ସେଥିରୁ ୪ ଲକ୍ଷ ଟନ୍ । ତା ଭିତରେ ରହିଛି ଚପ୍, ସେମିକଣ୍ଡକ୍ଟର, ପ୍ରିଣ୍ଟର, ସର୍କିଟ୍ ବୋର୍ଡ ଇତ୍ୟାଦି ଇତ୍ୟାଦି । ଏସବୁର ସଂଗ୍ରହ, ବିଘଟନ ତଥା ପୁନଃ ଉପଯୋଗ

ପାଇଁ କୌଣସି ବ୍ୟବସ୍ଥା ନାହିଁ । ଅଣ ପାରମ୍ପାରିକ ଭାବେ କିଛି ଲୋକେ ବା ସଂସ୍ଥା ଧାତୁ ସଂଗ୍ରହ କରୁଛନ୍ତି, ବାକିସବୁ ସେମିତି ଖୋଲାରେ ଫୋପାଡି ଦିଆଯାଇଛି । Cadmium, Lead, Mercury, Chromium, Brominated Flame ଆଦି ସହରାଞ୍ଚଳକୁ ଗ୍ରାସ କଲାଣି । ସଂପୃକ୍ତ କମ୍ପାନୀମାନଙ୍କୁ ଆଇନ ବଳରେ ଏବେ ବାଧ୍ୟ କରାଯାଉଛି, ମାଲିକମାନେ ଯେପରି ନିଜ ନିଜ ସାମଗ୍ରୀ ଓ ଉଦବାର୍ଜ୍ୟ ବସ୍ତୁକୁ ସଂଗ୍ରହ କରି ତା ର ପୁନଃ ବ୍ୟବହାର ଓ ନିରାପଦ ବିଘଟନ ପାଇଁ ବ୍ୟବସ୍ଥା କରିବେ । ସମୁଦ୍ରରେ ଆବର୍ଜନା ମିଶିବା ଯୋଗୁଁ ଶୈବାଳମାନଙ୍କ ଜୀବନଚକ୍ର ବଦଳି ଯାଇଛି, ତେଣୁ ତା ଉପରେ ନିର୍ଭର କରୁଥିବା ପ୍ରବାଳ ପ୍ରାଚୀର ସବୁ ଧ୍ୱଂସ ହେବାରେ ଲାଗିଛି । ଏହି ଧ୍ୱଂସପ୍ରାପ୍ତ ପ୍ରବାଳ ପ୍ରାଚୀର ଯୋଗୁଁ ସମୁଦ୍ରରେ ଝଡ ଓ କୂଳ ଲଂଘନ ଘଟୁଛି । ଅଧିକ ଅମଳକ୍ଷମ ସଙ୍କର ଜାତୀୟ ମଞ୍ଜିର ପ୍ରଚଳନ ଫଳରେ ଜୈବ ବିବିଧତା ସଙ୍କୁଚିତ ହେଉଛି । ଏଣିକି ନିୟମକ୍ରମେ ପ୍ରତ୍ୟେକ ଉତ୍ପାଦିତ ବସ୍ତୁରେ ସରକାର ଓ ନାଗରିକଙ୍କୁ ମାଲିକ ଜଣାଇବାକୁ ବାଧ୍ୟ ହେବେ ଯେ ସେ କେଉଁ ଜୈବିକ ବସ୍ତୁର ଉପଯୋଗ କରୁଛି, କେଉଁଠାରୁ ସେସବୁ ସଂଗୃହୀତ ହେଉଛି ତଥା ସେମାନଙ୍କ ବ୍ୟବହାର ଦ୍ୱାରା ସ୍ଥାନୀୟ ଲୋକେ ଉପକୃତ ହେଉଛନ୍ତି କି ନାହିଁ ଇତ୍ୟାଦି । ଗାଡିମୋଟର ଓ କଳକାରଖାନାର ଧୂଆଁରୁ ନିଷ୍କୃତି ପାଇଁ ଆଜିକାଲି ବାୟୋ ଡିଜେଲ୍ ବା ଜୈବିକ ଇନ୍ଧନ ଉପରେ ଗୁରୁତ୍ୱ ଦିଆଯାଇଛି । ଓଡିଶାର ଗାଁ ଗହଳି ବଣଜଙ୍ଗଲରେ ମିଳୁଥିବା କରଞ୍ଜ, ପୋଲାଙ୍ଗ, ମହୁଲ, ସିମାରୁବା, ଜାଟ୍ରୋଫା ବା ଧଳା ବାଇଗବ ଆଦିର ମଞ୍ଜିରୁ ଏହି ଜୈବିକ ତେଲ ମିଳିପାରିବ ଯାହାକି ଆଗାମୀ ଦିନରେ ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ବନ୍ଦ କରିଦେଇ ପାରିବ । କିନ୍ତୁ ଯେବେ ବାଇଗବ ଚାଷ ପାଇଁ ବଡ ବଡ କମ୍ପାନୀମାନେ ହଜାର ହଜାର ଏକର ଜମି ବ୍ୟବହାର କରିବେ, ତେବେ ମଣିଷ ଓ ଗୋଚାରଣ ପାଇଁ ଜାଗା କମିଯିବ । ଅଧିକ ଜଙ୍ଗଲ କଟାଯାଇ ଚାଷଜମି ପ୍ରସ୍ତୁତ ହେବ, ଖାଦ୍ୟଶସ୍ୟର ମୂଲ୍ୟ ଆକାଶଛୁଆଁ ହେବ । ପ୍ରଚୁର ଔଷଧ ଓ ସାର ପ୍ରୟୋଗ ଫଳରେ କିଛି ବର୍ଷ ଅନ୍ତେ ଜାଟ୍ରୋଫା ଚାଷଜମି ସବୁ ବନ୍ଧ୍ୟା ପାଲଟିଯିବ । ଆଜି ଆମେରିକାର ବହୁ ଅଞ୍ଚଳ ଜାଟ୍ରୋଫା ପାଇଁ ସଂରକ୍ଷିତ ହୋଇଯିବାରୁ ସାରା ପୃଥିବୀରେ ଖାଦ୍ୟ ସଙ୍କଟ ବଢି ଯାଇଛି । ହଁ, ଏୟା ଯଦି କରାଯାଇପାରିବ, କ୍ଷୁଦ୍ର ପରିସର ଭିତରେ ଗାଁ ଲୋକ ଏହାର ଚାଷ କରିବେ ଏବଂ

କେବଳ ଆଲୋକ ଓ ଛୋଟମୋଟ କାମ ପାଇଁ ତାହାର ବ୍ୟବହାର ସୀମିତ ରଖିବେ, ତେବେ ଭାରତର ୫ ଲକ୍ଷ ଗାଁ ନିଶ୍ଚିତ ରୂପେ ଉପକୃତ ହେବେ ।

ପୃଥିବୀରେ ଖାଦ୍ୟାଭାବ ଦୂର ପାଇଁ ହେଉଥିବା ବଡ ବଡ ପଶୁପାଳନ ଫାର୍ମ ସବୁରୁ ଏତେ ପରିମାଣରେ ଗୋବର ଓ ମୂତ୍ର ନିର୍ଗତ ହେଉଛି ଯେ ସେଥିରେ ନିର୍ଗତ ଗ୍ୟାସ୍ ରେ ଏସିଡ୍ ବର୍ଷା ହେଉଛି ଏବଂ ଓଜୋନ୍ ସ୍ତରରେ ଗର୍ତ୍ତ ସୃଷ୍ଟି ହେଉଛି। ସେମାନଙ୍କ ପାଇଁ ଏତେ ଗୋଚର ଭୂମି ଆବଶ୍ୟକ ଯେ ଜଙ୍ଗଲ ସଙ୍କୁଚିତ ହେଉଛି, ମଣିଷ ଭୋକରେ ମରୁଥିବା ବେଳେ ଉଦ୍ଦିଷ୍ଟ ଚାଷ ଜମିରେ ପଶୁମାନଙ୍କ ପାଇଁ ଘାସ ଓ ଶସ୍ୟ ଚାଷ ହେଉଛି । ଦକ୍ଷିଣ ଆମେରିକାରେ ପଶୁପାଳନ ପାଇଁ ଦୈନିକ ୭୦ ହଜାର ଏକର ବର୍ଷାବନ କାଟି ଦିଆଯାଉଛି । ଉପକୃତ ହେବେ ଇଉରୋପ ଓ ଆରବର ମାଂସଲୋଭୀ ଧନୀ ନାଗରିକମାନେ, ଉଚ୍ଛନ୍ନ ହେବେ ସାରା ପୃଥିବୀର ଲୋକେ ।

ବର୍ଷସାରା ଚାଷକାମ ପାଇଁ ବଡ ବଡ ନଦୀବନ୍ଧ ଯୋଜନା ହୋଇଥିଲା । କିନ୍ତୁ ତାହାଦ୍ୱାରା ମାଇଲ୍ ମାଇଲ୍ ବ୍ୟାପି ଜଙ୍ଗଲ ପୋତି ହୋଇଗଲା । ନଦୀର ଗତିପଥ ମଧ୍ୟ କେତେକ ଜାଗାରେ ବଦଳିଗଲା । ନଦୀଜଳକୁ ଆଶ୍ରୟ କରି ବଢୁଥିବା ଉଦ୍ଭିଦ ଓ ପ୍ରାଣୀଜଗତ ଲୁପ୍ତ ହେଲେ, ଉଜାଣି ଢେଉରେ ଅଣ୍ଡା ଦେବାକୁ ଆସୁଥିବା ଜଳଜୀବମାନେ ଉପରମୁଣ୍ଡକୁ ଗତି କରି ନପାରି ଲୁପ୍ତ ହେଲେ। ପ୍ରତିବର୍ଷ ବର୍ଷାଜଳ ଅମଳ କରାଯାଇପାଏ ଏବଂ ବର୍ଷସାରା ସଂଚୟ କରାଯାଇପାରେ । ପ୍ରତି ଘରର ଛାତରୁ ସଂଗୃହୀତ ଜଳକୁ ଘର ନିକଟସ୍ଥ ଟାଙ୍କି ଦ୍ୱାରା ସାଇତି ରଖିଲେ, ସ୍ଥାନେ ସ୍ଥାନେ ପୋଖରୀ ଓ କୂଅ କରି ସେଥିରେ ବର୍ଷାଜଳ ସାଇତିଲେ ପାଣି ଭୂଗର୍ଭକୁ ଭେଦିବ ଏବଂ ବର୍ଷସାରା କାମରେ ଲାଗିବ । ଗାନ୍ଧୀ ବହୁବର୍ଷ ତଳେ ପୋର୍ ବନ୍ଦରରେ ଥିବା ନିଜ ଘରେ ଏପରି ଜଳ ସଂଚୟ କରୁଥିଲେ, ଯାହାକି ଆଜିବି ଆମକୁ ଶିକ୍ଷା ଦିଏ । ମଧ୍ୟ ପ୍ରଦେଶରେ ଚାଲିଥିବା "ପାଣିରୋକୋ ଅଭିଯାନ" ଆମ ସମସ୍ତଙ୍କ ପାଇଁ ପ୍ରେରଣା ।

ଇକୋ- ଟୁରିଜିମ୍ ବା ପରିବେଶ ପର୍ଯ୍ୟଟନ ଶିଳ୍ପବଳରେ ଗୋଟିଏ ଦେଶ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିକରି ଯେତିକ ରୋଜଗାର କରିଥାଏ, ତା ଠୁ ଢେର ଅଧିକ ଲୋକଙ୍କୁ ପର୍ଯ୍ୟଟନ ସୁବିଧା ଯୋଗେଇ ରୋଜଗାର ମଧ୍ୟ କରିଥାଏ । ପର୍ଯ୍ୟଟନପାଇଁ ଜଙ୍ଗଲ ଭିତରେ ପିଚୁ ରୋଡ୍ ଓ ହୋଟେଲ୍ କରିବା, କୋଳାହଳ ଓ ଅନୁପ୍ରବେଶ ଦ୍ୱାରା କ୍ଷତି ହିଁ ହୋଇଥାଏ । ପ୍ରକୃତିକୁ ଆଦୌ କ୍ଷତି ନ ପହଞ୍ଚାଇ ପର୍ଯ୍ୟଟନ ମାଧ୍ୟମରେ ସଚେତନତା ବୃଦ୍ଧିହେବା ଜରୁରୀ । ଜଙ୍ଗଲ ମଧ୍ୟରେ ରହୁଥିବା ଆଦିବାସୀମାନେ ଉଦ୍ଭିଦ ତଥା ଜନ୍ତୁମାନଙ୍କ ଉପରେ ସର୍ବାଧିକ ଜ୍ଞାନ ରଖିଥାନ୍ତି, ଯାହାକ ଅଧ୍ୟାପକମାନେ ମଧ୍ୟ ରଖିନଥାନ୍ତି । ତେଣୁ ସଂରକ୍ଷଣ ଅଭିଯାନରେ ସେମାନଙ୍କୁ ସଂପୃକ୍ତ କରାଯିବା ଜରୁରୀ । ସେମାନଙ୍କୁ ବିସ୍ଥାପିତ କରି, ଅସନ୍ତୁଷ୍ଟ କରି ଜଙ୍ଗଲକୁ ବଂଚାଇ ପାରିବା ନାହିଁ । ଇକୋ- ଟୁରିଜିମ୍ ମାଧ୍ୟମରେ ସେମାନଙ୍କୁ ପ୍ରଶିକ୍ଷିତ ଗାଇଡ୍ ରୂପେ ବ୍ୟବହାର କରାଯାଇ ପାରିବ । ଆଦିବାସୀମାନେ ଗଛକାଟି ଶିକାର କରି ବଞ୍ଚିବା ଅପେକ୍ଷା ସେସବୁକୁ ଯତ୍ନ କରି ତା ବଦଳରେ ରୋଜଗାର କରିପାରିବେ ।

ଆମେ ପୁଣି ଆମର ମୂଳ ଆଲୋଚନାକୁ ଫେରିବା । ଏତେସବୁ ଯୋଜନା ହେଉଛି, ଆଇନ ହେଉଛି, କିନ୍ତୁ ବେଶୀ ଭାଗ କାଗଜ କଲମରେ ରହିଯାଉଛି, ଅଳ୍ପ କେବଳ ବାସ୍ତବ ରୂପ ନେଉଛି । ସବୁଠୁ ସ୍ପର୍ଶକାତର ବିଷୟ ହେଲା ବଣ୍ୟଜନ୍ତୁଙ୍କ ସଂରକ୍ଷଣ ଓ ତା'ରି ପାଇଁ ଆବଶ୍ୟକ ସମନ୍ୱିତ ବିକାଶ ଓ ପରିବେଶ ସନ୍ତୁଳନର ଆବଶ୍ୟକତା । ଜଙ୍ଗଲ ଧ୍ୱଂସର ମୂଳ କାରଣ ଖୋଜିବା, ବଣ୍ୟଜନ୍ତୁଙ୍କ ଉପରେ ଥିବା ଆମର ଭୁଲ ଧାରଣା ସବୁ ଦୂର କରିବା, କଡା ଆଇନର ପ୍ରଚଳନ ସାଥେ ସାଥେ ବ୍ୟତିଗତ ସ୍ତରରୁ ଆରମ୍ଭ କରି ଗୋଷ୍ଠୀଗତ, ଆଞ୍ଚଳିକ, ରାଷ୍ଟ୍ରୀୟ ତଥା ଆନ୍ତର୍ଜାତିକ ସ୍ତରରେ ଚେଷ୍ଟା ଜାରି ରଖିଲେ ହୁଏତ ଆମେ ସେ ଦିଗରେ ସଫଳ ହୋଇପାରିବା । ୧୯୫୨ର ଅରଣ୍ୟ ନୀତି ଅନୁଯାୟୀ ଆମ ଦେଶରେ ୩୩ ପ୍ରତିଶତ ଜଙ୍ଗଲ ରହିବା କଥା । ଏବକୁ ନଥିପତ୍ରରେ ୨୦ ପ୍ରତିଶତ ଜଙ୍ଗଲ ରହିଛି, କିନ୍ତୁ ସାଟେଲାଇଟ୍ ଚିତ୍ର ଅନୁସାରେ ମାତ୍ର ୭ ପ୍ରତିଶତ ଜଙ୍ଗଲ ରହିଛି, ବାକି ଯାହା ରହିଛି କେବଳ ଘାସବୁଦା ବା ଥୁଣ୍ଟା ଅଞ୍ଚଳ । ଏତେ କମ୍ ଜଙ୍ଗଲରେ ବଣ୍ୟଜନ୍ତୁ ତିଷ୍ଠିବା କଷ୍ଟକର । ବନୀକରଣ ଯୋଜନାରେ ଯେଉଁସବୁ ବିଦେଶୀ ଗଛ ଲଗାଯାଉଛି, ସେସବୁ ଏକ ବୋଝ

ଭଳ ଆମ ପ୍ରକୃତିକୁ ନଷ୍ଟ କରୁଛି । ଜନ୍ତୁ ଶିକାର ସମ୍ପୂର୍ଣ୍ଣ ବନ୍ଦ କରି, ଆମେ ଯଦି ଜଙ୍ଗଲ ଜାଗା ନ ବଢ଼ାଉଛେ, ତେବେ ସଂରକ୍ଷଣରେ ସଫଳ ହେବାନାହିଁ ।

ସଂରକ୍ଷଣ ପାଇଁ ବ୍ୟକ୍ତିଗତ ସ୍ତରରୁ ଚେଷ୍ଟା ଆରମ୍ଭ ହୋଇ ବିଶ୍ୱସ୍ତର ପର୍ଯ୍ୟନ୍ତ ବ୍ୟାପ୍ତ ହେବା ଜରୁରୀ । ପଶୁ ଚମଡା, ଲୋମ, ମାଂସ ଆଦିରୁ ତିଆରି ସମସ୍ତ ଚଜକୁ ବର୍ଜନ କରିବା, ତା'ର ବଜାରିକରଣକୁ ବିରୋଧ କରିବା, ସରଳ ଜୀବନଯାପନ ପୂର୍ବକ ଜଙ୍ଗଲ ଉପରେ କମ୍ ଚାପ ପକେଇବା- ଏସବୁ ବ୍ୟକ୍ତିଗତ ସ୍ତରରେ ସମସ୍ତଙ୍କ ଜୀବନର ଆଦର୍ଶ ହେବା ଦରକାର । ସଂସାରରେ ଯେଉଁସବୁ ପରିବର୍ତ୍ତନ ହେଉ ବୋଲି ଆମେ ଆଶାକରୁ, ସେସବୁର ପ୍ରୟୋଗ ପ୍ରଥମେ ବ୍ୟକ୍ତିଗତ ଜୀବନରେ ହେବା ଜରୁରୀ ।

ଗଛକଟା ବନ୍ଦ ହେଉ ବୋଲି ଚାହୁଁଥିବା ଅଥଚ ଘରେ କବାଟ, ଝରକା, ଖଟ ପାଇଁ ନୂଆକାଠ ଖୋଜୁଥିବା, ପଶୁହତ୍ୟା ବନ୍ଦହେଉ ବୋଲି ଚାହୁଁଥିବା ଅଥଚ ମାଂସ ପାଇଁ ଦୋକାନ ଆଗରେ ଠିଆହେବା, ବଜାରକୁ ଆସୁଥିବା ନୂଆନୂଆ ଜିନଷର ମୋହରେ ପଡି କେବଳ କଣୁଥିବା ଏବଂ ଫୋପାଡୁଥିବା, ତେଣେ ଖଣିଜ ପଦର୍ଥ ଓ ଜଙ୍ଗଲଜାତ ପଦାର୍ଥର ବହୁଳ ବ୍ୟବହାର ବନ୍ଦ ହେଉ ବୋଲି ଆଶା କରିବା – ଏସବୁ ଏକ ଛଳନା ମାତ୍ର । ଜୀବାଶ୍ମ ଇନ୍ଧନଜାତ ପ୍ରଦୂଷଣ ବନ୍ଦ ହେଉ ବୋଲି ଚାହୁଁଥିବା ଅଥଚ ସାଇକଲ୍ ଚଲେଇବାକୁ ସମ୍ମାନହାନୀ ବୋଲି ଭାବୁଥିବା, ପଲିଥିନ୍ ନଷେଧ ହେଉବୋଲି କହୁଥିବା ଅଥଚ ବଜାରକୁ ବ୍ୟାଗ୍ ଖଣ୍ଡେ ନେଇ ଯିବାକୁ ଭୁଲିଯାଉଥିବା – ତେବେ ତମାମ ଆଲୋଚନା ସତ୍ତ୍ୱେ ଆଦୌ କୌଣସି ସୁଫଳ ମିଳବ ନାହିଁ । "ଗଛ ଗୋଟିଏ ଜୀବନ ଗୋଟିଏ" ସ୍ଲୋଗାନଟି ନିଷ୍ଠାର ସହ ପାଳନ ପୂର୍ବକ ପ୍ରତ୍ୟେକ ନିଜ ନିଜ ଜନ୍ମ ଦିନରେ ବୃକ୍ଷଟିଏ ଲଗେଇବା ଦରକାର । ଘରେ ପୁମ୍ପୁଡି, ଜନ୍ଦା, ଅସରପାକୁ ମାରିବା ପାଇଁ ଡି.ଡି.ଟି. ପ୍ରୟୋଗ କଲେ ତାହା ଆମ ପିଇବା ପାଣିକୁ ବିଷାକ୍ତ କରେ । ସଂବାଳୁଆ ଉପରେ କୋରେ୍ସିନୀ ଢାଳ ନିଆଁ ମାରିଲେ ଆମେ ପ୍ରଜାପତି ଦେଖିବା କେମିତି? ବାଡି ବଗିଚାରେ କଛି ଫଳ ପକ୍ଷୀ, ବାଦୁଡି ଓ ମାଙ୍କଡଙ୍କ ପାଇଁ ନଛାଡିଲେ ସେମାନେ କେମିତି ବଂଚବେ? ଏମିତି ଅନେକ କଥା ବ୍ୟକ୍ତିଗତ

ଭାବେ ଆରମ୍ଭ କରାଯାଇପାରେ । ଏସବୁ କଥା ପରିବେଶ ସନ୍ତୁଳନ ଓ ବଣ୍ୟଜନ୍ତୁ ସଂରକ୍ଷଣ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ ।

କିଛି କାମ ଗୋଷ୍ଠୀଗତ ପ୍ରୟାସ ଆବଶ୍ୟକ କରେ । ବିଦ୍ୟାଳୟ ସ୍ତରରେ "ଜାତୀୟ ସବୁଜ ବାହିନୀ" ସବୁ ଗଢାଯାଇ, ତାର ସଭ୍ୟମାନଙ୍କୁ ଉପଯୁକ୍ତ ତାଲିମ ଦେଇ ପରିବେଶର ରକ୍ଷକ ଭାବେ ଗଢିତୋଳିବା ହେବ ଆମର ଲକ୍ଷ୍ୟ । ଓଡିଶାରେ ଜଗନ୍ନାଥ ବନ ପ୍ରକଳ୍ପ ଯୋଜନା ଯୋଗେ ଗାଁ ଗାଁରେ ଗଛ ଲଗେଇ ଜଙ୍ଗଲ କରିବା ପାଇଁ ନୂଆ ଉଦ୍ଦାମତା ଭରି ଯାଇଛି ।

ମିଶ୍ରିତ ଚାଷ ପ୍ରଣାଳୀରେ ଶସ୍ୟଗଛ ମଧ୍ୟରେ ଲୁପ୍ତ ହେଉଥିବା ଔଷଧୀୟ ଗଛ କିଛି ଜାଗାରେ ଲଗାଯାଉଛି । ଗୋଷ୍ଠୀବଦ୍ଧ ଗାଁ ଲୋକଙ୍କ ଦ୍ୱାରା ପୋଡୁଚାଷ, ଅବାଧ ଶିକାର, ଚୋରାକାଠ ବେପାର ଆଦି ସଫଳଭାବେ ବନ୍ଦ କରାଯାଇ ପାରୁଛି ।

ସେମିତି ଜାତୀୟ ସ୍ତରରେ ବଣ୍ୟଜନ୍ତୁ ସଂରକ୍ଷଣ ପାଇଁ ଆଇନ କଡାକଡି ଭାବେ ପାଳନ ହେବା ଜରୁରୀ । କାଠ ଚୋରାଚାଲାଣ, ବଣ୍ୟଜନ୍ତୁ ଶିକାର ଆଦିକୁ ଧର୍ତ୍ତବ୍ୟ ଅପରାଧ ରୂପେ ବିଚାର କରି ସେଥିରେ ସଂପୃକ୍ତ ଥିବା ତଳୁ ଉପରଯାଏ ସମସ୍ତଙ୍କୁ କଠୋର ଦଣ୍ଡ ମିଳିବା ଦରକାର । ଲୋକଙ୍କର ଚେତନା ପରିବର୍ତ୍ତନ ହେଲା ପର୍ଯ୍ୟନ୍ତ ସରକାର ଅପେକ୍ଷା କଲେ ନେଡିଗୁଡ କହୁଣୀକୁ ବହି ଯାଇଥିବ । ତେଣୁ ତତ୍ପରତା ରାଷ୍ଟ୍ର ପକ୍ଷରୁ ପ୍ରକଟ ହେବା ଜରୁରୀ । "ଜଙ୍ଗଲ ଅଧିକାର" ଆଇନ ଏକ ସୁଚିନ୍ତିତ ଯୋଜନା । ତାହାର ସୁଫଳ ଯେମିତି ମିଳେ, ତା' ପାଇଁ ସଚେତନତା ଆବଶ୍ୟକ । ଜଙ୍ଗଲ ଜମିରେ ଜବରଦଖଲ ବନ୍ଦ ହେବା ସାଥେ ସାଥେ ଆବଶ୍ୟକ ସ୍ଥଳେ ତାରବାଡ, ଇଟାବାଡ ଦେଇ ଜଙ୍ଗଲର ସଂରକ୍ଷଣ ଆବଶ୍ୟକ । ଅତି ବିପଦ୍ଜନକ ଅବସ୍ଥାରେ ଥିବା ବଣ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଆବଶ୍ୟକ ହେଲେ ସେହି ଜଙ୍ଗଲରୁ ସମସ୍ତ ଜନବସତିକୁ ହଟେଇ ଦିଆଯିବା ଦରକାର । ବିଲୁପ୍ତପ୍ରାୟ ପ୍ରାଣୀଙ୍କ ବଂଶବୃଦ୍ଧି ପଇଁ ପ୍ରାକୃତିକ/କୃତ୍ରିମ ପରିବେଶରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଦରକାର । ଆନ୍ତର୍ଜାତିକ ସ୍ତରରେ ଯେଉଁ ଦେଶ ବଣ୍ୟଜନ୍ତୁ ସାମଗ୍ରୀର କାରବାରକୁ ଚାଲୁ ରଖୁଛି, ତାକୁ ବାସନ୍ଦ କରାଯିବା ଦରକାର । ପରିବେଶ ସୁରକ୍ଷା ପାଇଁ ଶାସନମୁଖ୍ୟମାନେ

ବାରମ୍ବାର ଆଲୋଚନା କରିବା ଜରୁରୀ । ଉଭୟ ପରିବେଶବିତ୍ ଓ ମାନବବାଦୀମାନେ ମିଳତଭାବେ କାର୍ଯ୍ୟକଲେ ଅଦୂରଦର୍ଶୀ ବ୍ୟବସାୟୀଙ୍କ ହାତରୁ ପ୍ରକୃତିକୁ ରକ୍ଷା କରାଯାଇପାରିବ ।

ବଣ୍ୟଜନ୍ତୁଙ୍କ ଉପରେ ଆମର କିଛି ଭୁଲ ଧାରଣା ହିଁ ପିଲାବେଳୁ ଆମ ହୃଦୟକୁ ବଡ ସ୍ୱାର୍ଥପର ଓ ନିର୍ଦ୍ଦୟ କରି ଦେଇଛି । ସତ କହିବାକୁ ଗଲେ ମଣିଷ ହେଉଛି ସବୁଠୁ ହିଂସ୍ର ଓ ଦରଦହୀନ ପ୍ରାଣୀ । ମା' ବାଘଟିଏ ତା' ଛୁଆମାନଙ୍କୁ ଖେଳାଇଥିବା ବେଳେ ମଣିଷ ମା'ଠୁ କିଛି କମ୍ ସ୍ନେହୀ ଲାଗେନା । ବାଘ ଅକର୍ମଣ୍ୟ ହେଲେ, ଭୋକିଲା ହେଏ ନରଖାଦକ ପାଲଟେ । ମଣିଷ ହିଁ ବାଘଠୁ ତା'ର ଖାଦ୍ୟ ଛଡେଇ ନେଇଛି, ଜଙ୍ଗଲ କାଟି ତା'ର ବାସସ୍ଥାନ ଅପହରଣ କରିଛି, ଗୁଳି ବା ତୀର ମାରି ତାକୁ ଜଖମ କରୁଛି । କଦବା କେବେ ଭୋକିଲା ଚିତାଟିଏ ଜନବସତିକୁ ପଶି ଆସିଲେ ତାକୁ ନିର୍ମମ ଭାବେ ମାରି ଦିଆଯାଉଛି । ବାସସ୍ଥାନ ଅଭାବରୁ ଗାଁ ଆଡକୁ ଆସି ଯାଉଥିବା ହାତୀକୁ ମାରି ଦିଆଯାଉଛି । ବିଭିନ୍ନ ଆଳରେ ସାପଙ୍କ ହତ୍ୟା ଚାଲିଛି । ଚେନ୍ନାଇର ସର୍ପ ଉଦ୍ୟାନରେ ଗୋଟିଏ ଫଳକରେ ଲେଖାଯାଇଛି – "ସାପମାନେ ପ୍ରତିରକ୍ଷାଧର୍ମୀ ।" ସେମାନେ ତାଙ୍କଠାରୁ ଆକୃତିରେ ବଡ, ମଣିଷଙ୍କୁ ଗୋଡେଇ ମାରିବାକୁ ସାହସ କରନ୍ତି ନାହିଁ ଯେମିତିକି ବଣରେ ହାତୀ ଦେଖିଲେ ଆମେ ତାକୁ ମାରି ଗୋଡେଇବାକୁ ଭୟ କରୁ । ସତକଥା, ସାପମାନେ ଯଦି ମଣିଷମାନଙ୍କୁ ମାରୁଥାନ୍ତେ, ତେବେ ପୃଥିବୀରେ ମାନବ ସଭ୍ୟତା କେବେଠୁ ନିଶ୍ଚିହ୍ନ ହୋଇ ସାରିଥାନ୍ତା । ଏବେ ମଧ୍ୟ ଗାଁ ଗହଳର ଏକ ସଙ୍ଗତିପୂର୍ଣ୍ଣ ବାତାବରଣରେ ମଣିଷ ଓ ସାପମାନେ ବଞ୍ଚୁଛନ୍ତି । ବଣ୍ୟପ୍ରାଣୀ ବିରୁଦ୍ଧରେ ମଣିଷରଯୁଦ୍ଧ ସବୁଠୁ ଦୀର୍ଘତମ । ଆଶ୍ଚର୍ଯ୍ୟ କଥା, ଏବେ ସବୁ ପ୍ରକାର ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସୁଦ୍ଧା ମଣିଷ ନିରସ୍ତ୍ର ବଣ୍ୟଜନ୍ତୁଙ୍କ ବିରୁଦ୍ଧରେ ଯୁଦ୍ଧ ଚାଲୁ ରଖିଛି ।

ଆଜି ସମସ୍ତ ଆଇନକାନୁନ ସତ୍ତ୍ୱେ, ପ୍ରାଣୀଜଗତ ପ୍ରତି ଏକ କରୁଣାସିକ୍ତ ଦୃଷ୍ଟିକୋଣ ହିଁ ଜୀବଜଗତକୁ ରକ୍ଷା କରି ପାରିବ । ଯେଉଁମାନେ ନିରାମିଷାସୀ ହୁଅନ୍ତି ଏବଂ ସର୍ବନିମ୍ନ କ୍ଷତି ପହଞ୍ଚାଇ ଉଦ୍ଭିଦ ଜଗତରୁ ନିଜର ଜୀବନଧାରଣ ପାଇଁ ଆବଶ୍ୟକତା ସବୁକୁ ସଂଗ୍ରହ

କରନ୍ତି – ସେମାନେ ପରୋକ୍ଷରେ ବଣ୍ୟପ୍ରାଣୀ ସଂରକ୍ଷଣରେ ସହାୟ ହୁଅନ୍ତି । ଅତୀତର ଘୃଣ୍ୟ ଦାସ ବ୍ୟବସାୟ ତଥା ମଧ୍ୟଯୁଗୀୟ ଯୁଦ୍ଧ ବିଗ୍ରହକୁ ଦେଖି ଆମେ ଯେମିତି ନାକ ଟେକୁଛୁ, ଆମର କୃତ ସମସ୍ତ ଯଥେଚ୍ଛାରିତା ଓ ନିଷ୍ଠୁରତା ଦେଖି ଆମର ଆଗାମୀ ବଂଶଧରମାନେ ଆମକୁ ନାକ ଟେକିବେ । ଶ୍ରୀମତି ମେନକା ଗାନ୍ଧୀ କୌଣସି ଜାଗାର କହିଛନ୍ତି – ପ୍ରକୃତି ମା'ର ନିରୀହ ସନ୍ତାନମାନେ ହେଲେ ବଣ୍ୟଜନ୍ତୁ ସକଳ, ଯାହାର ଦାୟିତ୍ୱ ସେ ବୁଦ୍ଧିସମ୍ପନ୍ନ ସନ୍ତାନ ମଣିଷଙ୍କ ହାତରେ ଦେଇଥିଲା । ରକ୍ଷକ ଭକ୍ଷକ ସାଜିଲେ ସର୍ବଂସହା ଧରିତ୍ରୀ କାଳୀରୂପରେ ସ୍ୱାର୍ଥପର ମଣିଷଙ୍କୁ ସଂହାର କରିଦେବେ । ଜିମ୍ କରବେଟ୍ ତାଙ୍କର କୌଣସି ପୁସ୍ତକର ମୁଖବନ୍ଧରେ ଲେଖିଛନ୍ତି – "ବନ୍ଧୁବୋଲି ଆପଣଙ୍କୁ ସମ୍ବୋଧନ କରୁଛି, ଯେଉଁମାନେ ମୋ ବହି ପଢୁଛନ୍ତି ।....ଏତିକି ମୋର ଅନୁରୋଧ, ବଣ୍ୟଜନ୍ତୁ ସଂରକ୍ଷଣ ଚଳାଇ ରଖିବେ । ବଣ୍ୟଜନ୍ତୁଙ୍କ ସାହାବୋଲି କେହି ନାହିଁ, କିନ୍ତୁ ଶତ୍ରୁ ଅନେକ ।"

ଆମ ହାତରେ କେବଳ ଦୁଇଟି ରାସ୍ତା – ଏକେ ତ ଧ୍ୱଂସ ହୋଇଯିବା ନତୁବା ପରିବେଶ ରକ୍ଷାପୂର୍ବକ ଏକ ସମନ୍ୱିତ ବିକାଶ ଧାରାରେ ବଣ୍ୟଜନ୍ତୁଙ୍କୁ ଆପଣେଇ ନେବା । ଆମର ନିଷ୍ପତ୍ତି ହିଁ ପୃଥିବୀର ଭବିଷ୍ୟତ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା





# ରଖ ଭାରତ ମାଆର ଟେକ

ହିମାଂଶୁ ଶେଖର ବାରିକ୍

ହେ ବୀର ସନ୍ତାନ ଭାରତ ମାତାର
ଶୋଇବୁ ଆଉ ତୁ କେତେଦିନ
ଭାବିଛୁକି ତୁହି ସ୍ୱାଧୀନତା ପାଇ
ଜନନୀ ତୋର ଅଛି ପ୍ରସନ୍ନ ? ॥

ଉତ୍ତରରେ ଚୀନ୍ ପ୍ରତୀଚରେ ପାକ୍
ଦକ୍ଷିଣେ ସିଂହଳ ଷଡଯନ୍ତ୍ର
ଚତୁର୍ଦ୍ଦିଗେ ଶତ୍ରୁ ରହିଛନ୍ତି ଘେରି
ଖୋଜୁଛନ୍ତି ଭାରତର ଛିଦ୍ର ॥

କହେ ଇତିହାସ ବିଦେଶୀ ପ୍ରୟାସ
ଆକ୍ରମଣ କରି ବାରବାର
ଭାରତ ଫଉଜ ଭୀମକାନ୍ତ ଯୁଦ୍ଧ
କଲା ଉଦ୍ଦେଶ୍ୟ ତାଙ୍କ ଭଣ୍ଡୁର ॥

ବହିଃ ଆକ୍ରମଣେ ହୋଇଲେ ବିଫଳ
ଅନ୍ତଃ ଆକ୍ରମଣେ ରଖିଲେ ମନ
ଧରମ ନାମରେ ଦ୍ୱେଷ ଭିଆଇଲେ
ଭାଇ ଭାଇ କଲେ ବିଭାଜନ ॥

କୋମଳ ଯୁବକ ମନେ ଭରୁଛନ୍ତି
ଦେଶଦ୍ରୋହ ପ୍ରଜ୍ଜ୍ୱଳିତ ବହ୍ନି
ଛାଡି ପରିବାର ହୁଅନ୍ତି ବାହାର
ମାୟାଜାଲ ପାରନ୍ତିନି ଚହ୍ନି ॥

ଏମାନଙ୍କ ଠାରୁ ଅଟେ ବିଚକ୍ଷଣ
ପାଶ୍ଚାତ୍ୟର ଅଧିବାସୀଗଣ
ହାତରେ ନ ମାରି ଭାତରେ ମାରନ୍ତି
ସଂସ୍କୃତିକୁ କରି ଆକ୍ରମଣ ॥

କପଟାସ୍ତ୍ରରଣେ ହେଲେ ଫଳପ୍ରଦ
ମୂଲ୍ୟବୋଧ ହେଲା ଅବଲୁପ୍ତ
ଭାରତ ସମାଜ ହେଲା ବିଶୃଙ୍ଖଳ
ଅଶାନ୍ତିର ଧାରା ପ୍ରବାହିତ ॥

ଉଠ ଉଠ ମୋର ଭାଇ ଓ ଭଉଣୀ
ଜାଗୁ ହୃଦେ ଦେଶପ୍ରେମ ଭାବ
ବଇରି କପଟ କରାଅ ଉନ୍ମୁକ୍ତ
ନ ପାଉ ସେ କେଉଁଠାରେ ଠାବ ॥

ଅଖଣ୍ଡ ଭାରତ ପ୍ରବୁଦ୍ଧ ଭାରତ
ହେଉ ସଭିଙ୍କର ଲକ୍ଷ୍ୟ ଏକ
ଜାତୀୟ ସ୍ରୋତରେ ହୋଇ ଉତ୍ସର୍ଗିତ
ରଖ ଭାରତ ମାଆର ଟେକ ॥

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର

ବେଦାନ୍ତୀ ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବା ପାଇଁ
୯୫୯୪୯୯୩୭୩୩ ନମ୍ବରରେ ମ୍ୟାସେଜ୍ ପଠାନ୍ତୁ ଏବଂ ବେଦାନ୍ତୀ କୁ
ଆଗକୁ ବଢିବା ପାଇଁ ସହଯୋଗ କରନ୍ତୁ ।

# ରୂପାନ୍ତର



ଡ. ସୌମ୍ୟ ରଞ୍ଜନ ମିଶ୍ର

ଆଖି ଉଠାଉଲେ
ମୁଣ୍ଡରେ ପାହାର
ପେଟରେ ଲାତ ପଡିବାର ଡରରେ
ପାଟିରେ ମସ୍ତବଡ ତାଲା ।
ହେଲେ, ତାଜା ରକ୍ତରେ
ଜାଡ ଜୁଡବୁଡ୍ ହେଲା ପୂର୍ବରୁ
ଶୁଳଆ ପଦାର ମାଟିରେ
ଶେଷଥର ପାଇଁ ମେଁ....
କରୁଥିବା ଜୀବଟା ସତରେ
ବଡ କଲିଜା ବାଲା ।
ଅହରହ ସାଲିସ୍
କରି ଗୁଲୁଥିବା ମଣିଷ
ମାରିବା ତ ଦୂର କଥା
ଉଞ୍ଚାଇବା ଭୁଲିଯାଏ ।
ଗୋଛି କଟିଯିବାର ଡର
ପୋଛିନଏ ମଣିଷର ଗନ୍ଧ
ଭିତରେ କେବଳ
ଲାଙ୍ଗୁଡିଆ ପୋକ ବଞ୍ଚୁଥାଏ ।



ମଧଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ, କେନ୍ଦ୍ରାପଡା

# ଏକ ଚାଷୀର କାହାଣୀ



ଆଶୁତୋଷ ମେହେର

ମଦନ ର ଜୀବ ଓ ଜୀବନ ଚାଷବାସ । ଓଡିଶାର କେଉଁ ଏକ ଅଜଣା ଗାଁରେ ତା'ରି ଘର।ଜୀବିକା ଚାଷ ଜମିରୁ ଫସଲ ଯାହା କିଛି ଉପାର୍ଜନ ହୁଏ ତାକୁ ତାର ଜୀବନ ଓ ଘର ସଂସାର ଚାଲେ।

ଏ ଚାଷପାଇଁ କରିବାକୁ ହୁଏ ହାଡଭଂଗା ପରିଶ୍ରମ ତଥାପି ସେଇ ଚାଷର କମାଣି ପଇସାରେ ତିନି ପୁଅଙ୍କୁ ମଣିଷ କରି ତିଆରି କରି ପାରିଛି ସେ । ବଡପୁଅ ଦିଲ୍ଲୀରେ ବଡ ଅଫିସର, ମଝିଆଁ ପୁଅ ରାଜ୍ୟ ରାଜଧାନୀରେ ବି ଜଣେ ଅଫିସର । ସବା ସାନପୁଅ ପାଠ ପଢିଲା ସିନା ଚାକରୀ ବାକରି ନ କରି ଗାଁରେ ରହିଲା ହେଲେ ଉପାର୍ଜନ କ୍ଷମ ହୋଇପାରିଲାନି, ଚାଷପ୍ରତି ବିମୁଖ ।

ହେଲେ ମଦନ ର ଦୁଃଖ ନାହିଁ। ହାଡଭଂଗା ପରିଶ୍ରମ କରି ବର୍ଷକୁବର୍ଷ ଫସଲ ଫଳାଇଲେ ତା ମନଟା କୁରୁଳି ଯାଏ। ଯାହା ଫସଲ ଫଳେ ତା ଦେହରୁ ବଡ ଓ ମଝିଆଁକୁ ଚାଉଳ ପଠାଇ ଦିଏ ବି । ସାନ ଟା ତ ନିଜ ପାଖରେ, ତା ପାଇଁ ବି ବ୍ୟବସ୍ଥା କରିସାରିବା ପରେ, ବଳକାରେ ନିଜର ଜୀବନ ଧାରାକୁ ଆଗକୁ ବଢାଇ ଚାଲେ ବିଚରା ।

ସମୟ ସବୁ ଦିନେ ସମାନ ଯାଏନା, ବିଶେଷ କରି ଚାଷକାମରେ। ନଇବଢି କେବେ ତ କେବେ ମରୁଡି ଅଣ୍ଟା ଭାଙ୍ଗିଦିଏ। ତଥାପି ସଳଖି ହୋଇ ଠିଆ ହେବାକୁ ପଡେ ଓ ସେ ହୋଇଛି। ତେବେ ଏ ବରଷକୁ କଥା ଟିକଏ ଅଲଗା ହୋଇଗଲା…ପ୍ରଥମେ ବର୍ଷା କମ୍

ମରୁଡି ଯୋଗ…ତା ପରେ ପୋକଦାଉ…ତଥାପି ଯାହା ଟିକେ ଆଶା ଥିଲା ତାକୁ ଧୋଇନେଲା ଅଦିନଆଁ ଶେଷ ଲଘୁଚାପର ବର୍ଷା ।

ମଦନ ମନରେ ସାହାସ ଜୁଟାଇଲା…ଅନ୍ୟ କେତେ କୃଷୀଙ୍କ ପରି ସେ ଜୀବନ ହାରିବନି, ଲଢେଇ କରିବ । ଘର ବାହାରେ ଥିବା ଦୁଇ ପୁଅଙ୍କୁ ଖବର କଲା, ପାଖରେ ଥିବା ପୁଅକୁ ଡାକ ପ୍ରସ୍ତାବ ରଖିଲା ପୁଅ ମାନେ ତିନିହେଁ ମିଶି ତା ଦୁଃଖରେ ସାହା ହେବା ପାଇଁ । ହେଲେ ତା ଆଶା ଆଶାରେ ରହିଲା । ସବାସାନ କହିଲା ବାପାଙ୍କ ପାଇଁ ତା'ରି ଦରଦ ଅଛି, ହେଲେ ନିଜର ତ କିଛି କମାଣି ନାହିଁ, କ୍ଷମତା ନାହିଁ । ତେଣୁ ବଡ ଆଉ ମଝିଆଁ ଭାଇ ଯାହା କିଛି କରିବେ, ସେ କିଛି କରିବା ଅବସ୍ଥାରେ ନାହିଁ। ମଝିଆଁ ପୁଅ ଖବର ଦେଲା ଭୁବନେଶ୍ୱରରୁ…ବାପା ଏ ବର୍ଷ ତାର ସାନ ପୁଅ ମେଡିକାଲ ପଢିବ..ବହୁତ ଗୁଡାଏ ପଇସା ଦରକାରତା ପାଇଁ । ତେଣୁ ସାହାଯ୍ୟ କରିବା କ୍ଷମତା ହେବନି…ବଡ ଭାଇ ଦିଲ୍ଲୀକୁ ଖବର ଦିଅ ସେ ଏଥରକ ସାହାଯ୍ୟ କରନ୍ତୁ।

ଏଥର ବଡପୁଅ ଖବର କଲା…ବାପା ତୁମ ନାତି ଇଂଜିନିଅରିଂ ପାଠ ପଢିବା ପାଇଁ ବିଦେଶ ଯିବ…ତା ପାଇଁ ବେଶୀ ପଇସା ଦରକାର…ଏଥର ହାତ ଛଡା ହେଲେ ସୁଯୋଗ ପଳାଇବ। ତେଣୁ ହାତ ବନ୍ଧା ହୋଇଛି..ସାହାଯ୍ୟ କରିହେବନି । ତେବେ ମଝିଆଁ ଭାଇର ପୁଅ ତ ସରକାରୀ କଲେଜରେ ଡାକ୍ତରୀ ପାଠ ପଢିବା ପାଇଁ ମନୋନିତ ହୋଇଛି…ଯେଉଁଠି ବେଶୀ ପଇସା ଲାଗିବ ନାହିଁ। ଏଥର ସେ ସାହାଯ୍ୟ କରୁ । ଆଉ କେବେ ଦରକାର ହେଲେ ସେ ନିଜେ ନିଶ୍ଚୟ ହାତ ବଢାଇବ ।

ମଦନ ଚିନ୍ତା କରିବାକୁ ଲାଗିଲା ତା' ନିଜ କଥା…ତା ସାଥିରେ ତିନିତିନି ଯୋଗ୍ୟ ପୁଅ….ତା ଦୁର୍ଦିନରେ ସମସ୍ତେ ଖାଲି ସମବେଦନା ଦେବା ଛଡା ଆଉ କିଛି ସାହାଯ୍ୟ ବେଳେ କାହିଁ ଯେ କେତେ ବାହାନା…ପ୍ରକାରାନ୍ତେ ନାହିଁ କହିବାର ଏକ ସୁଚିନ୍ତିତ ପରିକଳ୍ପନା।

ମଦନ ଭାବୁଥିଲା ଚାଷିର ଭାଗ୍ୟ ହିଁ ଏଇମିତି। ସୁଖ ବେଳେ ସମସ୍ତେ ପାଖ ଲୋକ, ଦୁଃଖ ବେଳେ ସମସ୍ତଙ୍କ ସମବେଦନା ଓ ବାହାନାବାଜି। ସେ ମନେମନେ ହସିଲା..ସାହାସ ବାନ୍ଧିଲା...ସେ ଚଷାପୁଅ ତା'ର ଏକମାତ୍ର ସାଥୀ ତା'ର ମାଟି..ତା'ର ପରିଶ୍ରମ...ଉପରେ ଠାକୁର ସାହା ଓ ଭରସା ।

ମଦନ ହଳନଙ୍ଗଳ ସହ  ଆଗେଇ ଯାଉଥିଲା ତା ପୂଜାସ୍ଥଳ ଚାଷମାଟିକୁ ଆଉଥରେ ପୂଜା ଆରମ୍ଭ କରିବାକୁ।

ଆର୍ଯ୍ୟପଲ୍ଲୀ, କଟ୍ ଛକ, ପଟିଆ, ଭୁବନେଶ୍ୱର



ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହଯୋଗ ଦିଅନ୍ତୁ ।

# ବଡଦିନ ଉପହାର



ମଧୁଛନ୍ଦା ବେହେରା

କାହାରି ମନରେ ଆଘାତ ନ ଦିଅ
ହୁଅ ନାହିଁ କା'ର ଶତ୍ରୁ ।
ସ୍ନେହ, ପ୍ରେମ ଦେଇ କର ଆପଣାର
କହିଛନ ପ୍ରଭୁ ଯିଶୁ ।
ସ୍ନେହ ପ୍ରେମ ପାଇଁ ପଡେନ ପଇସା
ପଡେନାହିଁ ପରିଶ୍ରମ ।
ସ୍ନେହ ପ୍ରେମଠାରୁ ବଳ କରି ନାହିଁ
ଦୁନଆରେ କଛି ଧନ ।
କାହା ଚଲାପଥେ କଣ୍ଟା ବିଛାଅନ
ବିଛେଇ ଦିଅରେ ଫୁଲ
କରୁଣାମୟଙ୍କୁ ସବୁକଛି ଜଣା
ନଶ୍ଚୟ ପାଇବେ ଭଲ ।
ଶତ୍ରୁ ପାଇଁ ଶତ୍ରୁ ହୁଅନାହିଁ
ହୋଇଯାଅ ତାର ମିତ୍ର ।
ସେହି ଶତ୍ରୁ ଦିନେ ଆପଣାଇ ନେବ
ଏ କଥା ନୁହଁଇ ମିଛ ।

ଏ ଶୁଭ ଦିନରେ ପ୍ରଭୁଙ୍କ ଚରଣେ
ସମର୍ପି ନଜର ମନ ।
ହସି ହସି ତୁମେ ସଦା କରୁଥାଅ
ତାଙ୍କର ଜୟଗାନ ।
ତୁମ ଜନମ ଦିନରେ ପ୍ରଭୁ ମୁଁ ତୁମକୁ
କ ଦେବି ବା ଉପହାର ।
ମୋ ହୃଦୟ ଭକ୍ତି ମୋ ହୃଦ ପ୍ରଣତି
ପ୍ରଭୁ ହେ ଗ୍ରହଣ କର ।
ପ୍ରତି ଉପହାର ତୁମରତ ପ୍ରଭୁ
ଉପହାର, ପୁଣି ତୁମେ
ସର୍ବବ୍ୟାପି ତୁମେ ହେ ଯିଶୁ ପିତା
ନା ଜାଣୁ କବା ଆମେ ।
ତୁମ ଜନ୍ମ ଦିନ ପାଇଁ ନାହିଁ ମୋ ପାଖରେ
କେକ୍ କ୍ୟାଣ୍ଡେଲ ବତୀ ।
ଲୁହ ମୁଁ ଝରାଇ ସ୍ୱାଗତ କରୁଛି
ଦେଇ ହୃଦୟ ପ୍ରୀତି ।

କଟୱାରିଆ ସରାଇ, ନୂଆ ଦିଲ୍ଲୀ

# ହେ ଗାନ୍ଧୀ !



ବିକେଶ ସାହୁ

ହେ ଗାନ୍ଧୀ !
ତୁମେ ଆସ ଆଉଥରେ
ଅହିଂସାର ମନ୍ତ୍ର ନେଇ
ହିଂସାରେ ଆଜି ଜଳୁଛି ଭାରତ
ଶାନ୍ତି ଆଉ ଜମା ନାହିଁ ।

ଅଖଣ୍ଡ ଭାରତ ଆଜି ଖଣ୍ଡ ଖଣ୍ଡ
ଏକତା ତ ଜମା ନାହିଁ
ସୀମାନ୍ତ ରେ ଆଜି ମରୁଛି ସୈନିକ
ଶାନ୍ତି ଚୁକ୍ତି ଗଲା କାହିଁ ।

ଧର୍ମ ନାମରେ ଚାଲୁଛି ବେପାର
ଧର୍ମ ନାମେ ରାଜନୀତି
ଭାତୃତ୍ୱର ଭାବ ବିଶ୍ୱ ଏକତା
ଆଉ ଏଠି ଜମା ନାହିଁ ।

ଧର୍ମ ଗୁରୁ ଆଜି ସାଜିଛି ରାବଣ
ପାପ ସ୍ୱର୍ଣ୍ଣ ଲଙ୍କା ଗଢି
ସତୀ  ନାରୀଙ୍କର ସତୀତ୍ୱ ଚୋରାଏ
ମିଛ ପ୍ରତିଶ୍ରୁତି ବାଢି।

ରାଜନୀତି ଆଜି ସାଜିଅଛି କାଳ
କ୍ଷମତାର ସ୍ୱାର୍ଥ ବରି
ନରୀହ ଜନତା ନଇତି ଏଇଠି
ଶିକାର ସାଜେ ତାହାରି ।


ନାହିଁ ଶାନ୍ତି ଏଠି ନାହିଁ ତ ଶୃଙ୍ଖଳା
ହିଂସାବାଦୀ ର ରାଜୁତି
ଗରୀବର ପାଇଁ କେବଳ ଯୋଜନା
ହେଲେ ମିଳେ ନାହିଁ କିଛି ।

ସ୍ୱାଧୀନ ହୋଇନ ଆଜିବି ଭାରତ
ଦେଖିଯାଅ ଥରେ ଆସି
ପୁଞ୍ଜିବାଦୀ ହାତେ ଆଜିତ ଶାସନ
ବିଷପିଇ ମରେ ଚାଷୀ ।

ଶହ ଶହ ଆଜି ଯୁବକ ଯୁବତୀ
ସାଜିଛନ୍ତି ତ ବେକାରୀ
ଶିକ୍ଷା ବ୍ୟବସ୍ଥା ତ ସାଜି ଅଛି ପଙ୍ଗୁ
ଖାତିର ନାହିଁ କାହାରି ।

ଗାଁ ଆଉ ଆଜି ଗାଆଁ ହୋଇ ନାହିଁ
ଏକତା ଗଲାଣି ଭାଙ୍ଗି
ରାଜନୀତିର ଏ କରାଳ କବଳେ
ଖଣ୍ଡ ବିଖଣ୍ଡିତା ହୋଇ ।

କୃଷିକାର୍ଯ୍ୟ ଛାଡି ଆଜି ତ କୃଷକ
ଯାଉଛି ଦାଦନ ଖଟି
ମା ବିକେ ଆଜି ଆପଣା ଛୁଆ କୁ
ପେଟ ରୁଖଣ୍ଡେକ ପାଇଁ ।



ସାଧାରଣ ପାଇଁ ନାହିଁ ଏଠି କଛି
ଲାଞ୍ଚ ଏଠି ସବୁକଛି
ସ୍ୱାଧୀନତା ଥାଇ ଆଜି ପରାଧୀନ
ସ୍ୱାଧୀନତା ଗଲା କାହିଁ ।।

ହେ ଗାନ୍ଧୀ!!! ! ତୁମେ ଆସ ଆଉଥରେ
ଅହିଂସାର ମନ୍ତ୍ର ନେଇ........।

ଭୂଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

**ବେଦାନ୍ତୀ ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବା ପାଇଁ ୯୫୯୪୯୯୩୭୩୩ ନମ୍ବରରେ ମ୍ୟାସେଜ୍ ପଠାନ୍ତୁ ଏବଂ ବେଦାନ୍ତୀ କୁ ଆଗକୁ ବଢ଼ିବା ପାଇଁ ସହଯୋଗ କରନ୍ତୁ ।**

# କଥାଟିଏ କଥାସମ୍ରାଟଙ୍କ ପାଇଁ



ଦିପୁନ୍ ପୁହାଣ

ଓଡିଆ କଥା ସାହିତ୍ୟର ଊଷର ଭୂମିରେ ଆଦ୍ୟ ଅକ୍ଷିମୁଠି ବପନ କରିଥିବା ଫକୀର ମୋହନ ସେନାପତି ଆଜ୍ଞା! ଅନ୍ତରରୁ ପ୍ରଣାମ ନେବେ ।

"କଥାଟିଏ କହୁଁ,

କଥାଟିଏ କହୁଁ,

କସ କଥା?

ବେଙ୍ଗୁଲୀ କଥା,

କ ବେଙ୍ଗ?

କାଠ ବେଙ୍ଗ!"

ଏହିପରି ଗୀତିମୟତାରୁ ଆରମ୍ଭ କରି "ଦୁଃଖ କହିବି ନା ସୁଖ କହିବି – ନା ଯାହା ଅଙ୍ଗେ ନଭେଇଛି ତହା କହିବି?"ର ପ୍ରଶ୍ନରୁ ଭିତ୍ତି ପଡୁଥିବା ଶହେ ବର୍ଷ ତଳର ଆଈମା କାହାଣୀ, ଗୋଟେ ରଜା, ଗୋଟେ ରାଣୀ, ବୁଢ଼ୀ ଅସୁରୁଣୀ, ସାହାଢ଼ା ସୁନ୍ଦରୀ, ବୁଢ଼ା ଚଙ୍ଗୁଡି, କଳୁରୀ ବେଣ୍ଟ କଥା ପରି କୋଉଠି ମାନବିତାର ଚରିତ୍ର ମାନେତ ପୁଣି କୋଉଠି ମାନବୋତ୍ତର ଚରିତ୍ରମାନଙ୍କୁ ସମ୍ବଳ କରି, କୁହୁକ ବାସ୍ତବତା ଓ କଳ୍ପନା ପ୍ରବଣତାରେ ନିଜକୁ ତତ୍କାଳୀନ କରି ଶହେ ବର୍ଷ ତଳର ଓଡିଆ ଗଳ୍ପ ପୀପାସୁ ଜାତି କେତେବେଳେ ପକ୍ଷୀରାଜ ଘୋଡାରେ ଉଡିଯାଉଥିଲ୍ ଲବଙ୍ଗ ଦ୍ୱୀପକୁ ତ କେତେବେଳେ ବୁଡି ଯାଉଥିଲ୍ ସାତତାଳ ପାଣିରେ, ସାତତାଳ ପଙ୍କରେ ଲୁଚଥିବା ସୁନାସିନ୍ଧୁକ, ସିନ୍ଧୁକ ଭିତରେ ରୂପାର ଫରୁଆ ଓ ରୂପା ଫରୁଆରୁ ସାଉଁଟି ଆଣୁଥିଲ୍ ବୁଢ଼ୀ ଅସୁରୁଣୀର ଜୀବନ ନାଟିକା । ପୁଣି କେତେବେଳେ

ମୁଠାଏ ସିନ୍ଦୂର ବୋଳା ଗଛମୂଳ ପଥରକୁ ଦେବୀ ମାନ୍ୟ କରି କେଉଁ ବିଶ୍ୱାସ ଅଭିମଂନ୍ତ୍ରିତ ଧୂଳମୁଠାଏ ଗଣ୍ଠିକରି ରଖୁଥିଲା ଅନାଗତ ରୋଗବଇରାଗ ପାଇଁ ତ କେବେ ନିଜକୁ ସଅଁପି ଦେଉଥିଲା କେଉଁ ଅଦୃଷ୍ଟର ଛନ୍ଦାୟିତ ସୂକ୍ଷ୍ମ ଉର୍ଣ୍ଣ ଜାଲିକାରେ । କିନ୍ତୁ ହେ କଥା ସମ୍ରାଟ! ହେ ଓଡିଆ ଗଳ୍ପସ୍ରୋତକୁ ନବ୍ୟଦିଗ ଦେଖାଇଥିବା ମଙ୍ଗୁଆଳ! ଯଦିଓ ଆପଣ ବାହୁଡି ଗଲେଣି ୧୯୧୮ ମସିହା ଜୁନ ୧୪ ପବିତ୍ର ରଜ ସଂକ୍ରାନ୍ତି ତିଥିରୁ, ଆଜିକୁ ଠିକ୍ ଶହେ ବର୍ଷ ତଳରୁ । ମାତ୍ର ଯେଉଁ ଅଭିନବ ପ୍ରୟାସରେ ତତକାଳୀନ କଥା ସାହିତ୍ୟରେ "ଲୋ ରେବତୀ – ଲୋ ରେବି – ଲୋ ନିଆଁ – ଲୋ ଚୂଲି" ର ସ୍ୱରରେ ଆପଣ ଯେଉଁ ଅଭାବନୀୟ ଚହଳ ସୃଷ୍ଟିକଲେ, ତାହା ଚିର ସ୍ମରଣୀୟ ।

"ଓଡିଆରୁ ପଡି ଗଜା ହେବା"ର ଉକ୍ତିଟି ଆପଣଙ୍କ ପାଇଁ ଯଥାର୍ଥ ମନେହୁଏ । ଉତ୍କଳୀୟ ମାଟି- ପାଣି- ପବନକୁ ସଂପୂର୍ଣ୍ଣ ନିଜସ୍ୱ କରି ଆପଣ ଯେଉଁ ଆଧୁନିକ କ୍ଷୁଦ୍ରଗଳ୍ପ ରଚନାରେ ମନୋନିବେଶ କରିଥିଲେ, ଆପଣଙ୍କ ପକ୍ଷରେ କଣ ସେତିକି ବିଷଦ୍ ଜ୍ଞାନ ଥିଲା ପ୍ରତିବେଶୀ ସାହିତ୍ୟକୁ ପଢିବାକୁ ନା ଜାଣିବାକୁ? ତଥାପି ଆପଣ ସ୍ୱପ୍ରଚେଷ୍ଟାରେ ବିଭିନ୍ନ ଭାଷାକୁ ପଢି- ଜାଣି- ପାଶ୍ଚାତ୍ୟ ସାହିତ୍ୟରୁ ନିରାପଦ ଦୂରତାରେ ରହି ମଧ୍ୟ ଓଡିଆ ସାହିତ୍ୟରେ ଯେଉଁ ରେବତୀ କୁପରିଚିତ କରାଇଲେ, ସେଥିପାଇଁ ମଲ୍ଲୀକାଶ- ପୁରର ପିତୃମାତୃହୀନ ବାଲ୍ୟକାଳ, ରୁଗଣାବସ୍ଥାର ସୁଧାର ପାଇଁ ବ୍ରଜମୋହନରୁ ଫକୀର ମୋହନର ନାମାନ୍ତାର ଓ ନଅ ବର୍ଷ ବୟସରୁ ଜାହାଜର ଅଖାଲ ସିଲେଇରେ ମେଟବାୟ ଖଟିବା ଓ ବିଭିନ୍ନ ଗଡଜାତ ରାଜ୍ୟରେ ଦେୱାନୀ ଗୁକରୀର ନିଯୁକ୍ତି ହିଁ ବଳ ଯାଇଥିଲା ଆପଣଙ୍କ ମାଇନର ଶିକ୍ଷାଗତ ଯୋଗ୍ୟତାର ସରହଦକୁ ।

ବୋଧହୁଏ ଜୀବନକୁ ଖୁବ୍ ନିକଟରୁ ଅନୁଭବ କରିଥିଲେ ଆପଣ । ଖୁବ୍ ଭୋଗିଥିଲେ ଜୀବନ ଜୀଇଁବା । ବେଶ୍ ମାତିଥିଲେ ଜୀବନ ଜଞ୍ଜାଳରେ । ଭୋଗିବା, ଭୋଗିବା ଓ ପୁନଶ୍ଚ ଭୋଗିବା ହିଁ ବେଶ୍ ଶାଣିତ ହୋଇ ରୂପ ପ୍ରକାଶ କରିଥିଲା ଆପଣଙ୍କ ପରିପକ୍ୱ ବୟସର ସୃଜନୀ ମୁନରେ । ବାସ୍ତବତା ଓ ଦରଦର କାରୁଣ୍ୟ- ବେତାଳକୁ ଜୀବନାନନ୍ଦର ବିକ୍ରମାଦିତ୍ୟ ପିଠିରେ ଲଦିଦେଇ ଆପଣ ଶୁଣାଇଲେ, କାହାଣୀ ପରେ କାହାଣୀ । ଯୋଉ କାହାଣୀରେ

ଯିଦ୍ ଧରି ଗୋଡ କଚାଡିଲେ ଆଜିର ରେବତୀମାନେ – "ମୁଁ ପାଠ ପଢିବି – ମୁଁ ପାଠ ପଢିବି"ର ଯିଦ୍ ରେ, ଯୋଉ କାହାଣୀରେ ମୁହଁ ମୋଡିଲେ କାଲିର ଜେଜେମା ମାନେ – "ପାଠ କ'ଣ ଲୋ! ମାଇକିନିଆ ଝିଅଟା ପାଠ କ'ଣ ? ରନ୍ଧାବଢା ଶିଖ୍, ପିଠାପଣା କରିବାକୁ ଶିଖ୍, ଝୋଟିଦିଆ ଶିଖ୍, ଦହି ମୁହାଁ ଶିଖ୍, ପାଠ କ'ଣ"ର ଅଦୃଷ୍ଟ ଆଶଙ୍କାରେ, ଯୋଉ କାହାଣୀରେ ନଗା ନାହିଁ – ପଘା ନାହିଁ – ଷଣ୍ଢ ପୁଅକୁ ଦଗା ନାହିଁ ପରି ନହାତି ଗାଉଁଲି ଗୁଆଁର, ହୁଣ୍ଡା, ହୁରୁମା ଅନନ୍ତା ମାନେବି ମୁଣ୍ଡରେ କବାଟ ଓ କାଖରେ ଢେଂକ ଯାକି ଧାଇଁଗଲେ ସୁଅ ମୁହଁକୁ, ଆଦରି ନେଲେ ମାଟି ସହ ମାଟି ହେବାର ଭାଗ୍ୟକୁ । ଯୋଉ କାହାଣୀରେ ପତ୍ନୀଠାରୁ ଛାଞ୍ଚୁଣୀ ପାହାର ଖାଉ ଖାଉବାବୁ ଚନ୍ଦ୍ରମଣି ମାନେ ଭୁଲିଗଲେ ଉସମାନତାଗିର ଭଂଗୀନାଚକୁ, ଜଜ୍ଞକୁଣ୍ଡର ସର୍ବଗିଳା ଅଗ୍ନିଗର୍ଭରେ ସମାଧି ନେଲେ ଧୂଳିଆ ବାବାମାନେ, ଯୋଉ କାହାଣୀରେ ଇଂରାଜୀ ପଢୁଆ ଗୋପାଳବାବୁ ମାନେ ବୁଢାବାପା ଛାତିରେ, ଇଂରାଜୀ ଘୁଷିମାରି, ବିଛଣାପତ୍ର ଫୋପାଡିଦେଲେ ବାହାରକୁ । ହସ ଲାଗେ ଯେତିକି, ଲାଜ ଓ ଦୁଃଖରେ ମୁଣ୍ଡ ନଇଁବି ଯାଏ ସେତିକି । କେମିତି ବୁଝେଇବି ଆପଣଙ୍କୁ ଯେ ଆପଣଙ୍କ ଗଳ୍ପର ଚରିତ୍ରମାନେ ଅବିକଳ ଢଙ୍ଗରେ ଓ ଅବିକଳ ଭାଗରେ ଆଜିବି ଆପଣଙ୍କ ଯିବାର ଦୀର୍ଘ ୧୦୦ ବର୍ଷ ପରେ ମଧ୍ୟ ବେଶ୍ ଜୀବନ୍ତ ଅଛନ୍ତି ଓ ରହିଥିବେ ଯୁଗ ଯୁଗ ଯାଏଁ ।

ବାଘ ଓ ଛେଳିକୁ ଏକାଠି କରି ଗୋଟିଏ ତୁଠରେ ପାଣି ପିଏଇବାର କଳା ବେଶ୍ ଜଣାଥିଲା ଆପଣଙ୍କୁ । ପରମ୍ପରାର ଗଣ୍ଡିରେ ମୁହଁ ଲୁଚାଇଥିବା ଅନ୍ଧବିଶ୍ୱାସମାନେ ଯେମିତି ଗୋଟିଏ ପରେ ଗୋଟିଏ ଆବିଷ୍କାର ହେଉଥିଲେ ଆପଣଙ୍କ ବର୍ଣ୍ଣନାରେ ଠିକ୍ ସେମିତି ପରମ୍ପରାକୁ ଲଂଘିଯାଇ ନିଜକୁ ସର୍ବେସର୍ବା ଭାବୁଥିବା ଇଂରାଜୀ ପଢୁଆ ଚରିତ୍ରମାନେ ମଧ୍ୟ ଆତ୍ମସମର୍ପଣ କରିଥିଲେ ଆପଣଙ୍କ ଗଳ୍ପରେ । "ଉତ୍କଳ ସାହିତ୍ୟ"ର ଦ୍ୱିତିୟ ବର୍ଷ, ଦଶମ ସଂଖ୍ୟା, ଅକ୍ଟୋବର୍ ୧୮୯୮ରେ ପ୍ରକାଶିତ ଓଡିଆ ଗଳ୍ପ ସାହିତ୍ୟର ପ୍ରଥମ "ରେବତୀ" ଠାରୁ ଆରମ୍ଭ କରି ଡାକ ମୁନସୀ, ଧୂଳିଆବାବା, ସୁନାବୋହୂ, ସଭ୍ୟ ଜମିଦାର, ପେଟେଣ୍ଟ- ମେଡିସିନ୍, ପାଠୋଇ ବୋହୂ ଓ ଗାରୁଡି ମନ୍ତ୍ର ପର୍ଯ୍ୟନ୍ତ ସବୁଠି ଅନ୍ଧବିଶ୍ୱାସରେ କବଳିତ ପରମ୍ପରା ଓ

ପରମ୍ପରାରୁ ମୁକୁଳ ଯାଉଥିବା ବେଲଗାମ୍ ଇଂରାଜୀ ପଢୁଆମାନଙ୍କ ପ୍ରତି ତୀବ୍ର ବ୍ୟଙ୍ଗ ହିଁ ବେଶ୍ ମାର୍ମିକ କରିଛି ଆପଣଙ୍କ ଗଳ୍ପ ମାନଙ୍କୁ । ବୋଧହୁଏ ସେଥିପାଇଁ ଆପଣଙ୍କ ଗଳ୍ପ ସବୁ ବ୍ୟଙ୍ଗୋକ୍ତିର ଛଳରେ ପାଠକକୁ ହସାଏ ଯେତିକ ସାମାଜିକ ଅପକର୍ମ ପ୍ରତିଥିବା ଶାଣିତ କଟାକ୍ଷରେ ଜର୍ଜରିତ କରେ ମଧ ସେତିକ ।

ଭାବିଲେ ଆଶ୍ଚର୍ଯ୍ୟ ହେବେ ଆପଣ, ସେ କାଳର କାଳକାପ୍ରସାଦ ଗୋରାପ ଓ କମଳା ପ୍ରସାଦ ଖୋରାପର ଗ୍ରହିଦା ଆଜିକାଲି ଆଉ ନାହିଁ ସିନା ବାଲେଶ୍ୱରୀ ରାହାଜାନୀ ଓ ବାଲେଶ୍ୱରୀ ପଙ୍ଗାଲୁଣର କାହାଣୀ ସେକାଳର ଇତିହାସ ହୋଇ ରହିଯାଇଛି ଯଦିଓ; ହେଲେ ଆପଣଙ୍କ ଗଳ୍ପର "ବିରେଇ ବିଶ୍ୱାଳ" ମାନେ ଆଜିବି କେତେ ସହଜରେ ଫଶିଯାଇ ପାରନ୍ତି ସ୍ୱାର୍ଥମେଧର ଚକ୍ରବିହ୍ୱରେ, ବିପଦର ସୁଯୋଗ ଗ୍ରହଣ କରି ଆଜିବି କପରି ହୀନାମନ୍ୟ ବନ୍ଧୁମାନେ ଲୁଟିନେଉଛନ୍ତି ବିରେଇର ସର୍ବସ୍ୱ । ଆଜିବି କପରି କନ୍ୟାକୁ ନଜ ମୁଣ୍ଡର ବୋଝ ବୋଲି ଭାବୁଥିବା ବାପାମାନେ ଆପଣଙ୍କ ରାଘବପାତ୍ର ମୁହଁରୁ ଭାଷା ଛଡେଇ ଆଣି କହିପାରନ୍ତି – "ବେଭାରରେ ଦୟାମାୟା କଣ ମିଶ୍ରେ? ଏ ତ ଚଉଦ ବର୍ଷର ଝିଅ x x x x ଯେମିତି ଯିବ ଇଷାଣରେ ପଶିବ । ୟା ପଛରେ ଭାଗ ଲୁଗାରେ କେତେ ଟଙ୍କା ସରିଲାଣି । ହଜାରେ ହେଲା ତ ବସ; ନୋହିଲେ ସିଧା ଦାଣ୍ଡ ପଡିଛି ।" ମୁଠାଏ ଟଙ୍କା ବଦଳରେ ନଜ ଜନ୍ମ କଲା ଝିଅମାନଙ୍କୁ ବୃଦ୍ଧମାନଙ୍କ ହସ୍ତକୁ ଟେକ ଦେବାପରି ରାକ୍ଷାସ ଜନକ ଜନନୀ ମାନେ ସେତେବେଳେ ଆପଣଙ୍କୁ ବେଶ୍ ମର୍ମାହତ କରିଥେଲେ ନା? ହେଲେ କଣ ଆପଣ ଜାଣନ୍ତି ଆଜି ଶହେ ବର୍ଷ ପରେ ମଧ ବଦଳନ ସେ କାଳର ପାଣିପାଗ ବୋଲି? ଆଜିବି ଆପଣଙ୍କ ଗଳ୍ପର ବ୍ରାହ୍ମଣ ସମାଜ ନୈତିକ ଅଧଃପତନର ସ୍ୱାକ୍ଷରରେ ନଜକୁ ଦିକ୍ଷୀତ କରି "ଅଧର୍ମ ବିତ୍ତ" ସାଉଁଟିବାରେ ଅଭ୍ୟସ୍ତ ଓ ଆପଣଙ୍କ ଗଳ୍ପର ମୌନାମୌନୀମାନେ କୋଉ ଗୋଲକୁଣ୍ଡା ହୋଟେଲ ରୁ ଧରାଗଲେଣି ତ କୋଉଠି ନଶଦାଢି କାଟି ନଜକୁ ସୁଧାରିବାରେ ବେଶ୍ ତତପର ।

ଆପଣ ଜାଣିଛନ୍ତି କ?

ଏକଦା ସୃଷ୍ଟି ସର୍ଜନାର ମହତ୍ ଉଦ୍ଦେଶ୍ୟ ନେଇ ଶ୍ରୀକୃଷ୍ଣଙ୍କ ନାଭି କମଳରୁ ଜନ୍ମ ନେଇଥିବା ଚତୁର୍ମୁଖ ବ୍ରହ୍ମଦେବ ନିଜ ଜନ୍ମ ସମ୍ପର୍କୀୟ, ସତ୍ୟାସତ୍ୟ ଜାଣିବା ପାଇଁ, ପୁନଶ୍ଚ ବିଷ୍ଣୁଙ୍କ ଗର୍ଭରେ ପଶି ବାଟବଣା ହେବା ପରି ଆଜି ଶେହ ବର୍ଷ ଅତିକ୍ରମି ଆସିଥିବା ଓଡିଆ କଥା ସାହିତ୍ୟର ସ୍ରଷ୍ଟାମାନେ ବାଧ୍ୟ ହୁଅନ୍ତି ଆପଣଙ୍କୁ ତନ୍ନତନ୍ନ କରି ପଢିବାକୁ ଓ ଜାଣିବାକୁ; ଓ ବୋଧହୁଏ ଏହିପରି ଅନେକ ଶହ- ବର୍ଷ ପରର ଭବିତବ୍ୟ ମାନେ ମଧ୍ୟ ପୁଣିଥରେ ଫେରି ଆସୁଥିବେ ଆପଣଙ୍କ ନିକଟକୁ ଓ ମୁହୂର୍ମୁହୁ ଶୁଭିଯାଉଥିବ – ଲୋ ରେବତି, ଲୋ ରେବି – ଲୋ ନିଆଁ – ଲୋ ଚୂଲି ର କାହାଣୀ ।

ଭସ୍ମାସୁରର ସ୍ପର୍ଶରୁ ନିଜକୁ ରକ୍ଷା କରିବାରେ ଅସମର୍ଥ ଦେବଦେବ ମହାଦେବଙ୍କ ପରି ପ୍ରତିବେଶୀ ସାହିତ୍ୟ କବଳରୁ ନିଜକୁ ମୁକୁଳେଇବାକୁ ପ୍ରାଣପଣେ ଉଦ୍ୟମ କରୁଥିବା ଓଡିଆ ଜାତିର ଆପଣହିଁ ଥିଲେ ଅନନ୍ୟ ତ୍ରାଣକର୍ତ୍ତା । ଆପଣଙ୍କ ଅବଦାନ ପାଠ୍ୟପୁସ୍ତକ ରଚନାରୁ ଆରମ୍ଭକରି ରାମାୟଣ, ମହାଭାରତ ପରି ଗ୍ରନ୍ଥର ଓଡିଆ ଅନୁବାଦ ପର୍ଯ୍ୟନ୍ତ ବ୍ୟାପ୍ତ । ପ୍ରବନ୍ଧ, ରମ୍ୟରଚନା, ଭ୍ରମଣକାହାଣୀ, ଆତ୍ମଜୀବନୀ ଓ କାବ୍ୟ କବିତା ପରି ସାହିତ୍ୟର ପ୍ରତିଟି ଦିଗରେ ଆପଣଙ୍କ ଧନଞ୍ଜୟୀ ପ୍ରତିଭା ବେଶ୍ ସ୍ପଷ୍ଟ । ଦେୱାନୀ ଭାବେ ଓଡିଶାର ବିଭିନ୍ନ ଅଂଚଳରେ ଚାକିରୀ କରିବାର ଅନୁଭୂତି ସହ ପରିପକ୍ୱ ଚିନ୍ତା ଚେତନାର ଫେଣ୍ଟାଫେଣ୍ଟି ବାସ୍ନା ବେଶ୍ ବାରି ହୋଇପଡେ ଆପଣଙ୍କ ସାରସ୍ୱତ ସୃଷ୍ଟିରୁ । ତାହା ଉପନ୍ୟାସ ହେଉ କି ଗଳ୍ପ ଗଦ୍ୟ ହେଉ କି ପଦ୍ୟ ସବୁଠି ପାଠକ ଉପଲବ୍ଧି କରେ ଆପଣଙ୍କ ବାରବୁଲା ପରିବ୍ରାଜକର ପାଦଚିହ୍ନ । ରାଜକଚେରୀରୁ ଜମିଦାରଙ୍କ ଚଉପାଢୀ, ମହାଜନଠୁ ହାକିମ, କରାଣୀ ଠୁ, ଚପରାସୀ ଓ ଘରର ଅନ୍ତପୁରରୁ ବାଡି ବଗିଚା, ପୋଖରୀ ତୁଠ ପର୍ଯ୍ୟନ୍ତ ସର୍ବତ୍ର ଯେପରି ଘୂରି ଆସିଥିଲା ଆପଣଙ୍କ ଅନୁସନ୍ଧିତ୍ସୁ ଆଖି । ନିଜକୁ ସାଧାରଣଙ୍କ ସହ ସାଧାରଣଟିଏ କରି ଜଣେ ନିଷ୍ଠାପର ପବ୍ଲିକ୍ ମ୍ୟାନ୍ ଭାବରେ ଆପଣ ବେଶ୍ ଉପଲବ୍ଧି କରିଥିଲେ, ଓଡିଶାର ସାଧାରଣ ଜୀବନକୁ । ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ ଆପଣ – The general who saved a language"। ବାସ୍ତବିକ ଭାଷା ସାହିତ୍ୟର ସଂକଟ

କାଳରେ ଆପଣଙ୍କ ଆବିର୍ଭାବ ଓ ଅବଦାନ ଆପଣଙ୍କ ନାମ ଶେଷର "ସେନାପତୀ" ପଦକୁ ସାର୍ଥକ କରେ ।

ଆଜିକୁ ଶହେବର୍ଷ ତଳୁ ଆମଠାରୁ ଲେଉଟି ପାଇଥିବା ଆପଣଙ୍କ ପାର୍ଥିବ ଶରୀର ବୋଧହୁଏ ଜାଣେନା ସଂକ୍ରାନ୍ତି ପୁରୁଷ ଥିଲେ ଆପଣ; ଓ ମାସର ଦିନ ଗଣିବା ଆରମ୍ଭ ହୁଏ ଶେଷ ନୁହେଁ ବୋଲି । ବୋଧହୁଏ ସେଥିପାଇଁ ଆପଣ ଠିକ୍ ଆପଣଙ୍କ ଗଳ୍ପର ଅନନ୍ତା ପରି ଓଡିଆ ସାହିତ୍ୟ ବନ୍ଧକୁ ସୁଅ ମୁହଁରୁ ରକ୍ଷା କରୁ କରୁ କୁଢ କୁଢ ମାଟି ସହ ଏକାତ୍ମ ହୋଇ ଯାଇଥିଲେ ମଧ୍ୟ ଅପରତ୍ୱକୁ ବୋହି ବୋହି ଆମ ଆବର୍ତ୍ତରୁ ବର୍ତ୍ତମାନ ଯାଏଁ ଓ ବର୍ତ୍ତମାନରୁ କେଉଁ ଅନାଗତ ଭବିଷ୍ୟତ ଯାଏଁ ସମତାଳ ରକ୍ଷାପୂର୍ବକ ଏମିତି ହିଁ ଜିଁ ରହିଥିବେ ଯୁଗରୁ ଯୁଗାନ୍ତର ଯାଏଁ । ଆଶା କରେ, ପୁନଶ୍ଚ ଧର୍‌ବତରଣ କରିବେ ନଶ୍ଚିତ । ରହୁଛି, କୋଟି ଓଡିଆଙ୍କ ତରଫରୁ କୋଟିକୋଟି ପ୍ରଣାମ ଆଜ୍ଞା!

ମୋ କଥାଟି ଏତିକ

ଫୁଲ ଫୁଟେ କେତକ

ସହାୟକ ଗ୍ରନ୍ଥ ସୂଚୀ
ଫକୀରମୋହନ ଗ୍ରନ୍ଥାବଳୀ ଗଳ୍ପମାଳା
(ଡଃ କୈଳାସ ପଟ୍ଟନାୟକ ସଂପାଦିତ)
ଓଡିଆ ସାହିତ୍ୟ ଇତିହାସ (ପ୍ରେମାନନ୍ଦ ମହାପାତ୍ର)

ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ଦୋଛକ



ତରୁଣ କୁମାର ଦାସ

ବଡ ବିଚିତ୍ର ଏ ଦୁନିଆ
ସଂପର୍କର କଢେଇ ରେ
ଆଟୁ ପାଟୁ ଗୋଟା ପ୍ରାଣ,
ହସ ଏଠି ନିଲାମ ହୁଏ
ଚଢା ଦାମରେ
ଦୁଃଖର ଜୁଇରେ
ଅସରନ୍ତି ଆଶା,
ସବୁ ସନ୍ଦିହାନ ଗୋଟାପଣେ
ମୁହଁ ଲୁଚେଇ ନ ଚହ୍ନିବାର
ଭାବ କରି ନିଜକୁ ଛପେଇ
ଛାତି ପିଟି ନିଜକୁ ନିଜେ କହୁଛି
ମୁଁ ଭଲ ଅଛି ବୋଲି ।
ସମୟର ରଥଚକ ଗଡ଼ୁଛି, ଗଡ଼ୁଥିବ
ତା ବାଟରେ । ମୁଁ ସେଇ
ଠିଆ ସଂପର୍କର ଦୋଛକୀରେ ।



ମୁକ୍ତା ନିଳୟ, ପାଳୁସିଆ, ବାଲେଶ୍ୱର

# ଦୋଷୀ.....



ପୁଷ୍ପିତା ଭୂୟାଁ

ପିଲାଟି ଦିନରୁ ବାପା, ମାଆ ଙ୍କର କେତେ ସ୍ନେହ ଶ୍ରଦ୍ଧା ପାଇ କେତେ ଅଲିଅଳରେ ବଡ ହୋଇଥିଲି ମୁଁ । ସବୁ ଅଳ ଅର୍ଦ୍ଦଳ ସହି ମଧ୍ଯ କେଉଁ ଥିରେ ବାପା ମାଆ କେବେ ତାଗିଦ କରି ନଥିଲେ ଆମକୁ । ମୁଁ ଓ ମୋ ସାନ ଭଉଣୀ ଲୀନା, ଦୁଇ ବର୍ଷ ବଡ ସାନ ଆମେ। ଦୁହେଁ ମିଶି ଖେଳୁଥିଲୁ, ବୁଲୁଥିଲୁ, ଖାଉଥିଲୁ, ଶୋଉଥିଲୁ । ଯେତେବେଳେ ଯାହା ଦରକାର ହେଉଥିଲା ସାଙ୍ଗେ ସାଙ୍ଗେ ବାପା ଆମକୁ ଆଣି ଯୋଗାଉଥିଲେ । ସ୍କୁଲ ପାଠ ସରିଲା। କଲେଜ ଗଲି, M. A. ପାସ କରିବାର କିଛିଦିନ ପରେ ଗୋଟେ କମ୍ପାନି ରେ ମୋତେ ଚାକରି ଟିଏ ମିଳିଲା । ଚାହୁଁ ଚାହୁଁ ଲୀନା ର ବି ପାଠ ସରିଗଲା ।

ଏଥର ବାପା ମୋ ପାଇଁ ପାତ୍ର ଖୋଜିବା ଆରମ୍ଭ କରିଦେଲେ । କିନ୍ତୁ ମୋ ଅଫିସ ରେ ଚାକରି କରୁଥିବା ଗୋଟେ ଖ୍ରୀଷ୍ଟିଆନ ପିଲା ରାଜୀବ ସହିତ ମୋର ସମ୍ପର୍କ ଗଢି ଉଠିଥିଲା। ଆମ ଅଜାଣତରେ ଆମେ ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଥିଲୁ । ଘରେ ମୁଁ କାହାକୁ ଜଣାଇ ନଥିଲି । ମୋ ସାନ ଭଉଣୀ ଲୀନା କୁ ବି ମୁଁ ଏ ବିଷୟରେ କିଛି କହିନଥିଲି । ଆମେ ଥିଲୁ ବ୍ରାହ୍ମଣ । ମୋ ବାପା ଏ ସମ୍ପର୍କରେ କେବେ ରାଜି ହେବେ ବୋଲି ଭାବିନଥିଲି । ତଥାପି ମନରେ ଆଶା ଥିଲା। ଦିନେ ସାହସ କରି ବାପାଙ୍କୁ ସବୁ କଥା ଜଣାଇଲି । ବାପା ସବୁ ଶୁଣିଲା ପରେ ଦୁଃଖ ରେ ଭାଙ୍ଗି ପଡିଲେ । ଆଉ ଟିକେ ବିରକ୍ତ ବି ହେଲେ ମୋ ଉପରେ, କହିଲେ, "ସୀମା, ତୁ ମୋ ବଡ଼ ଝିଅ। ଆମେ ନୈଷ୍ଠିକ ବ୍ରାହ୍ମଣ, ତୁ ଗୋଟେ ଖ୍ରୀଷ୍ଟିଆନ ପିଲାକୁ ବାହା ହେବୁ। ଲୋକେ କଣ କହିବେ ମୋତେ ? ଏତେ ପାଠ ଶାଠ ପଢି ଶେଷରେ ତୁ ଏଇଆ କଲୁ ।"

ମୁଁ କିନ୍ତୁ ମୋ ଜିଦ ରେ ଅଟଳ ଥିଲି । ଏଇ କିଛି ଦିନ ଭିତରେ ମୁଁ ରାଜୀବଙ୍କ ସହିତ ବେଶ୍ ଅନ୍ତରଙ୍ଗ ହୋଇ ଯାଇଥିଲି । ମୋତେ ତାଙ୍କର ବ୍ୟବହାର, ତାଙ୍କର ସରଳ କଥା , ବହୁତ ଦୁର୍ବଳ କରି ଦେଉଥିଲା । ତାଙ୍କୁ ଦେଖି ମୁଁ ଭାବୁଥିଲି ମୁଁ ନିଶ୍ଚେ ତାଙ୍କ ସହିତ ଖୁସିରେ ରହିବି । ତାଙ୍କ ବିନା ମୋ ମୁଣ୍ଡରେ ଆଉ କିଛି ପଶୁ ନଥିଲା ।

ବାପାଙ୍କ ଅନିଚ୍ଛା ସତ୍ତ୍ୱେ, ବାପା ମୋତେ ବାଧ୍ୟ ହୋଇ ରାଜୀବଙ୍କ ସହ ବାହାହେବାକୁ ଅନୁମତି ଦେଇଥିଲେ। ମାଆ ର ବି ମନ ଉଣା ଥାଏ । କିନ୍ତୁ ମୋ ଖୁସି ଦେଖି ସେ ବି କିଛି କହି ପାରୁନଥିଲା ।

ରାଜୀବ ଓ ମୁଁ ବାହା ହୋଇ ଖୁସିରେ ରହିଲୁ। ଆମର ପୁଅଟିଏ ବି ହେଲା। ବାପା ମାଆ ଆମ ପାଖକୁ ବୁଲିବାକୁ ଆସନ୍ତି ମଝିରେ ମଝିରେ । କିଛିଦିନ ପରେ ସାନ ଭଉଣୀ ଲୀନା ର ବାହାଘର ଠିକ୍ ହୋଇଗଲା ।ଏଥର କିନ୍ତୁ ବାପା ଗୋଟିଏ ବ୍ରାହ୍ମଣ ଘରର ପିଲା ଠିକ୍ କରିଥିଲେ ଲୀନା ପାଇଁ, ଆଉ ବହୁତ ଧୁମ୍ ଧାମ୍ ରେ ତା ବାହାଘର କରିଥିଲେ । ସେତେବେଳର ଆନନ୍ଦ ତାଙ୍କ ମୁହଁ କୁ ଦେଖି ମୁଁ ବେଶ ଅନୁଭବ କରିପାରିଥିଲି। କିନ୍ତୁ କିଛି କହିପାରି ନଥିଲି ।

ଧୀରେ ଧୀରେ ସମୟ ସହିତ ସବୁ ସ୍ୱାଭାବିକ ହୋଇ ଯାଇଥିଲା । ବାପାଙ୍କ ମନରୁ ଦୁଃଖ ବି ଅପସରି ଯାଇଥିଲା ନାତିକୁ ଦେଖି । ମୋ ପୁଅ କୁ ସେ ଖୁବ୍ ଭଲ ପାଉଥିଲେ। ପୁଅ ବି ତାଙ୍କୁ ଦେଖିଲେ ଛାଡୁନଥିଲା । ମଝିରେ ମଝିରେ ବାପା ମାଆ ଙ୍କ ସହିତ ବୁଲିବାକୁ ଯାଉ ବାହାରକୁ । ସାନ ଭଉଣୀ ଲୀନା ବି ତା ସ୍ୱାମୀ ସହିତ ଆମ ଘରକୁ ଯିବା ଆସିବା କରେ । ୟା ମଧ୍ୟରେ ସମସ୍ତେ ପୁରୁଣା କଥା ଗୁଡିକୁ ଭୁଲି ଯାଇଥିଲେ ଯେପରି । ରାଜୀବ ମଧ୍ୟ ଆମ ଘର ସହିତ ନିଜକୁ ଖାପ ଖୁଆଇ ସାରିଥିଲେ । ବାପା ରାଜୀବଙ୍କୁ ଜ୍ୱାଇଁ ହିସାବରେ ସମ୍ମାନ ବି ଦେଉଥିଲେ ।

ହଠାତ୍ ସେଦିନ ବାପାଙ୍କର ମୃତ୍ୟୁ ଖବର ପାଇ ମୁଁ କେମିତି ଘରେ ପହଂଚବି ମୋ ମୁଣ୍ଡରେ କିଛି ପଶୁ ନଥାଏ । ଘରଠାରୁ ଦୂରରେ ରହୁଥିବାରୁ ଘରେ ପହଞ୍ଚିବାକୁ କିହାତି ଆଠ ଦଶ ଘଣ୍ଟା ଲାଗିବ । ସାଙ୍ଗେ ସାଙ୍ଗେ ବାହାରି ପଡିଥିଲୁ ଆମେ ତିନି ଜଣ ।

ବାପା ହଠାତ ଅସୁସ୍ଥ ହୋଇପଡିଥିଲେ, ଡାଇବେଟିସ ବଢି ଯାଇଥିବାରୁ ଖୁବ୍ କମ୍ ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ହସ୍ପିଟାଲ ରେ । ଆମେ ଦୁଇ ଭଉଣୀ ପହଁଚଲା ବେଳକୁ ବାପାଙ୍କୁ ହସ୍ପିଟାଲ ରୁ ଘରକୁ ନେଇଆସିଥିଲେ । ମାଆ ର ବୁକୁ ଫଟା ଚତ୍କାର ଅସହ୍ୟ ହେଉଥିଲା । ଆମେ ଦୁଇ ଭଉଣୀ ବାପାଙ୍କ ଶବ ପାଖରେ କେତେ କାନ୍ଦିଥିଲୁ । ବାପାଙ୍କର ଶେଷ ସମୟରେ କଛି ସେବା ଯତ୍ନ କରିପାରିନଥିବାରୁ ମନରେ ବହୁତ ଦୁଃଖ ହେଉଥିଲା ।

ବାପାଙ୍କ ଶେଷ କୃତ୍ୟ ପୁରୀ ରେ କରିବା ପାଇଁ ସ୍ଥିର ହେଲା । ମୁଁ ସେସବୁରୁ ବଂଚତ ହେଲି କାରଣ ମୁଁ ଖ୍ରୀଷ୍ଟିୟାନ ଘରେ ବାହା ହୋଇଥିଲି । ହିନ୍ଦୁ ଧର୍ମ ର କୌଣସି ରୀତି ରିବାଜ ମୁଁ ଆଉ କରି ପାରିବିନ । ସେଦିନ ବାପାଙ୍କ କହିଥିବା କଥା ମନେ ପଡିଗଲା ମୋର । ଯେଉଁଦିନ ମୋତେ ସେ ବାରମ୍ବାର ମନା କରୁଥିଲେ । “ସୀମା ଆମେ ବ୍ରାହ୍ମଣ, ଆମର ରୀତି ନୀତି ଧର୍ମ ଅଲଗା, ତୋର ଖ୍ରୀଷ୍ଟିୟାନ ପିଲା ସହିତ ବାହାଘର କପରି ହେବ? " ମୁଁ ନଜକୁ ବହୁତ ଦୋଷୀ ମନେ କରୁଥିଲି, ବାପାଙ୍କ ଶବ ପାଖରେ ଛିଡା ହୋଇ । ମୋ ଆଖି ରୁ ଅବିରତ ଅଶ୍ରୁ ନଗିଡି ଗ୍ଭଲିଥିଲା ।

ତାପରେ ବାପାଙ୍କୁ ପୁରୀ ନଆଗଲା । ସାନ ଭଉଣୀ ଓ ତା ଜ୍ୱାଇଁ ବାପାଙ୍କ ସହିତ ଗଲେ । ମୋ ଛାତି ଉପରେ ପଥର ରଖି ମୁଁ ସେ ଦୁଃଖ କୁ ସହିଥିଲି । ଗ୍ଭଜୀବ ଅଳ୍ପ ସମୟ ପରେ ପୁଅକୁ ନେଇ ତାଙ୍କ ଘରକୁ ପଳାଇଥିଲେ । ପୁଅ ବି ଅଜାଙ୍କ କାମରେ ଯୋଗ ଦେଇ ପାରିବନ । ମୁଁ ବାପ ଘରେ ରହି ଯାଇଥିଲି ସତ କନ୍ତୁ କୌଣସି କର୍ମରେ ସହଯୋଗ କରି ପାରୁନଥିଲି । ମୋ ସାନ ଭଉଣୀ ବାପାଙ୍କର ମୁଖା ଅଗ୍ନିରୁ ଆରମ୍ଭ କରି ୧୧ ଦିନ ପର୍ଯ୍ୟନ୍ତ ଯାହା ଯାହା କର୍ମ କରିବାର ଥିଲା ସବୁ ସମ୍ପାଦନ କଲା । ମୁଁ କେଉଁଥିରେ ହାତ ଦେଇ ପାରୁନଥିଲି । ମୁଁ ନଜକୁ ଯେପରି ଆଖୋଜା, ଅଲୋଡ଼ା, ଅଛୁଆଁ ମନେ କରୁଥିଲି ।

ଭ୍ବିଲି କଛିଦିନ ମାଆ ପାଖରେ ରହି ଅନ୍ତତଃ ମାଆର ମନକୁ ସମ୍ଭାଳ ବାକୁ ଚେଷ୍ଟା କରିବି। ଯେଉଁ ଭୁଲ ହୋଇଯାଇଛି, ତାକୁତ ଆଉ ବଦଳାଇ ପାରିବିନ । ବାପାଙ୍କ ବିନା ମା ପାଖରେ ରହି ମାଆ କୁ ଟିକେ ସାହାଯ୍ୟ କଲେ, ବାପା ହୁଏତ ସ୍ୱର୍ଗରେ ଥାଇ ମୋ ଉପରେ

ଟିକେ ସନ୍ତୁଷ୍ଟ ହେବେ । ମୁଁ ନିଜକୁ ଦୋଷ ମୁକ୍ତ କରି ବାକୁ ଚାହୁଁଥିଲି, କିନ୍ତୁ ଏହା କେତେ ଦୂର ସମ୍ଭବ ତାହା ସେଇ ପରମେଶ୍ୱରଙ୍କୁ ଜଣା । ଆଜିର ଆଧୁନିକ ଦୁନିଆରେ ବି ଧର୍ମ ର ମହତ୍ୱ ଅଛି । ଆମେ ଆମ ପରମ୍ପରାକୁ ଭୁଲିବା ଉଚିତ ନୁହେଁ । ନିଜ ପାଇଁ ନିଜ ଧର୍ମ ଶ୍ରେଷ୍ଠ । ତେବେ ଅନ୍ୟର ଧର୍ମକୁ ବି ସମ୍ମାନ କରିବା ଉଚିତ୍ ।

ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆଜିର ସାମାଜିକ ଚଳଣି

ମାନସ କୁମାର ପାତ୍ର

କି ସୁନ୍ଦର ଥିଲା ଆମ ପିଲା ଦିନ
ରହୁଥିଲୁ ଆମେ ଗାଆଁରେ
ସାରା ପରିବାର ଏକ ଛାତ ତଳେ
ଦିନ କଟୁଥିଲା ମଜାରେ ।
ବାପା ଦାଦା ମାନେ କାମ କରୁଥିଲେ
ମିଳି ମିଶି କରି କ୍ଷେତରେ
ହିଡ଼ ମୁଣ୍ଡେ ବସି ଅଭିଜ୍ଞତା ତାଙ୍କ
ଜେଜେ ବାଣ୍ଟୁ ଥିଲେ ଖୁସିରେ ।
ମାଆ ଖୁଡି ମାନେ ଏକ ମନ ହୋଇ
ଘର କାମ ଯେତେ କରନ୍ତି
ପାନ ଭାଙ୍ଗୁ ଭାଙ୍ଗୁ ଜେଜେମା ଆମର
ଇଆଡୁ ସିଆଡୁ କହନ୍ତି ।
ଗୋରୁ ଗାଈ ଥିଲେ ଗୃଷ ବାସ ଥିଲା
ବିଶ୍ରାମ କାହାକୁ ନଥିଲା
କାଳି ଅନ୍ଧାରରୁ ନୂଆ ବୋହୂ ଉଠି
ଖୁସିରେ କାମ ସାରୁଥିଲା ।
ଜେଜେ ଜେଜେମା ଙ୍କ ଆମେ ଥିଲୁ ପ୍ରିୟ
ଶୋଉଥିଲୁ ତାଙ୍କ ପାଖରେ
ବୋହୂମାନେ ତାଙ୍କ ପାଦ ସେବୁଥିଲେ
ଜେଜେମା କହନ୍ତି ଗପରେ ।

ଜେଜେ ଓ ଜେଜେମା ବାଟ ଧରିଲେଣି
ଆମେ ସବୁ ବଡ଼ ହେଲୁଣି
ବାପା ଦାଦାଙ୍କର ମିଶୁ ନାହିଁ ମନ
ଅଲଗା ହେଲ୍‌ଣି ଚଳଣି ।
ପିଲ୍ ପିଲି ଧରି ସହରରେ ଆମେ
ଗୃଷ ବାସ ଗଲ୍ ଚୁଲିକ
ଗାଆଁରେ ରହନ୍ତି ବୁଢ଼ା ବାପା ମାଆ
ଦିଶୁ ନାହିଁ ଆଉ ଆଖିକୁ ।
ବୋହୂମାନେ ଏବେ ଶିକ୍ଷିତା ସୁନ୍ଦରୀ
ପାରନ୍ତିନ ଚଳ ଗାଆଁରେ
ନାତି ନାତୁଣୀ ଙ୍କୁ ଦୂରେଇ ରଖନ୍ତି
ସଙ୍କ୍ରମଣ ହେବା ଭୟରେ ।
ବୁଢ଼ା ବୁଢ଼ୀ ମାନେ ଗୃହିଁ ବସିଛନ୍ତି
ପୁଅ ବୋହୂ କାଳେ ଆସିବେ
ଆଖି ପାଣି ତାଙ୍କ ଆଖିରେ ମରୁଛି
ହେଲ୍ ନାହିଁ ଆଶୀର୍ବାଦ ରେ ।

ଅରଳା, ଗୋପାଳପୁର, ବାଲେଶ୍ୱର





# ବୋହୂ

ରାଧାକାନ୍ତ ଦାଶ

ମୋ ଗାଆଁଟା ଆଉ ଗାଆଁ ହୋଇନାହିଁ,
ଧାଉଁଛି ସହର ହେବାକୁ
ଗାଆଁର ବୋହୂଟା ଘରେ ନରହିକ,
ଧାଉଁଛି ଭୁବନେଶ୍ୱରକୁ ............................................||୦ ||

କାହିଁକନା ଗାଆଁରେ ଥିବା,
ରଘୁଆ ଦୋକାନ ତାକୁ ଭଲ ଲାଗୁନ
ସହରରେ ଥିବା ସପିଂ ମଲରେ ସପିଂ କରୁଛି,
ଉଡେଇ ତା ଶାଢୀ କାନ ।
ମୋ ଗାଆଁ ଆଉ.........................................................||୧||

ସପିଂ ମଲରେ ସପିଂ କରିକ,
କରୁଛି ଷ୍ଟାଟସ ପୋଷ୍ଟ ।
ଗାଆଁ ରେ ଥିବା ଶାଶୁ ଶଶୁରଙ୍କୁ,
ସେବା କରିବାକୁ ହୋଇଯାଏ ତାକୁ କଷ୍ଟ ।
ମୋ ଗାଆଁ ଆଉ ..........................................................||୨||

ବୋହୂ କହେ ଗାଆଁରେ ଥିବା ଲୋକଙ୍କ,
ଦେହ କୁଆଡେ ଗନ୍ଧାଏ ।
ଦିନେ ଦୁଖରେ କାନ୍ଦିନଥିବା ବୋହୂ,
ହିନ୍ଦୀ ସିରିୟଲ ଦେଖି କାନ୍ଦିପକାଏ ।
ମୋ ଗାଆଁ ଆଉ ..........................................................।।୨।।

ଗୀତା, ଭାଗବତ ପଢେ ନାହିଁ ସି ,
ଦେଖେ ଫିଲ୍ମ ଆଉ ସିରିୟଲ ।
ବିନା ମେକଅପ ରେ,
ଦିନଟେ ତା ପାଇଁ ବଡ ମୁସ୍କିଲ ।
ମୋ ଗାଆଁ ଆଉ ..........................................................।।୩।।

ଜଗନ୍ନାଥପୁର ଶାସନ, କୁହୁଡି, ଖୋର୍ଦ୍ଧା



# ମନ ମଶାଣିରେ ମହାପାର୍ବଣ



ସୁବ୍ରତ କୁମାର ମୁଦୁଲି

ଆକାଶର ବୁକୁ ଚିରି ନୀଳରଙ୍ଗ ଲେସିଦେଇ ଆଜି ବି ଫେରିଛି ମହାପାର୍ବଣର ଋତୁ ରୁପେଲି କାଶତଣ୍ଡୀ ଅବା ହାଲୁକା ଶୀତ ସକାଳର କାଉଁରୀ ସ୍ପର୍ଶରେ। ସତରେ ନହେଲେ ନାହିଁ ସ୍ୱପ୍ନରେ ବି ବେଳେ ବେଳେ ଶୁଭିଯାଉଛି ଶଙ୍ଖ ଘଣ୍ଟ ଆଉ ମାଦଳ ଶବ୍ଦର ତାଳେ ତାଳେ ମା' ଶାରଳାଙ୍କ ସେଇ ଅପୂର୍ବ ଆଳତୀ, କଳ୍ପନାର ଆନମନା ଦୁନିଆଁ ଆଉ ବହଳିଆ ସବୁଜ ଧାନକ୍ଷେତର ଫୁଲଉଡା ବାସ୍ନା କୋରି ପକାଉଛି ମୋ ନିରୀହ ହୃଦୟ। ମୋର ଠିକ୍ ମନେପଡୁଛି ସେଦିନର କଥା ଲୁଚି ଲୁଚି ତୁମକୁ ଦେଖିବାରେ ଥିଲା ମୋର ଅସୀମ ଆନନ୍ଦ। ତୁମେ ମା'ଙ୍କ ଆଗେ ଦୀପ ଜାଳିଲା ବେଳେ ମୁଁ ବି ଅଧା ଜଳି ଯାଉଥିଲି କେଉଁ ଗୋଟେ ବିଚିତ୍ର ଭାବନାରେ। ସୀମା ସରହଦ ଡେଇଁ ଆଗକୁ ପାଦ ପକାଇବାକୁ ଚାହିଁଲେ ବି ମୁଁ ପାରୁନଥିଲି। ହୁଏତ ମନେ ପଡୁନି ଇଏ କେମିତିକା ପ୍ରେମ, ରାତିସାରା ତୁମରି ଭାବନାରେ ତତଲା ଲୁହ ପିଇବାର ସ୍ୱର୍ଗୀୟ ଅନୁଭୂତିକୁ ଧ୍ୱଂସ କରିଛି ମୁଁ ନିଜ ହାତରେ। ନିଜେ ନହେଲେ ବି ମଧ୍ୟସ୍ଥି ପଠାଇ ତୁମ ଉପରେ ଲଦିବାକୁ ଚେଷ୍ଟା କରିଛି ମୋ ପ୍ରେମର ଭାରି ଉଜୁଳା। ପରେ ପରେ ତୁମର ପରୋକ୍ଷ ଉତ୍ତର "ଆଗ ଭବିଷ୍ୟତ ଗଠନ କର। କିନ୍ତୁ ମୁଁ ପାରିନି, ତୁମେ ବି ଅସ୍ୱୀକାର କରିଛ ମୋ ପ୍ରେମକୁ। ଏଇ ଦେଖ। ଏବେ ମୁଁ ନିଜ ଗୋଡରେ ଛିଡା ହେଲିଣି। ଏବେ ତୁମେ ମୋ'ଠାରୁ ବହୁତ ଦୂରରେ । ମୁଁ ବି ବାହା ହୋଇସାରିଲିଣି, ତୁମେ ନାଁହଁ ଠିକ୍ ଅଛି, କିନ୍ତୁ ଘରଛାଡି ଦୂରରେ ରହିବା ପରେ ବି ମୁଁ ଭୁଲି ପାରୁନି ତୁମକୁ ଆଉ ସେଇ ମହାପାର୍ବଣକୁ। ଏମିତି କିଛି ଲେଖୁଥିଲି ଗୋଟେ ପତ୍ରିକାରେ ପୂଜା ବିଶେଷାଙ୍କ ପାଇଁ। ସ୍ତ୍ରୀ ଆଣି ଚା' ଦେଲେ। ତାଙ୍କୁ ସାଉଁଳେଇ କହିଲି, ଚାଲୁନି ପୂଜା ଛୁଟିରେ ଟିକେ ଗାଁ ଆଡେ ବୁଲିଆସିବା। ହେଲେ ଏ କ'ଣ, ପୁ ଶ୍ରାବଣର ଘଡଘଡି ସହ ଲେଉଟାଣି – "ଟୁ ହେଲ୍ ଦି ଭିଲେଜ୍, ତମେ ତ ଗଜମୂର୍ଖ। ତୁମେ ବି ଚାହୁଁଚ ଗାଁକୁ ଯାଇ ପିଲାମାନେ ବି ସେୟା ହୁଅନ୍ତୁ....."।

ଦେଉଳ, ଏରସମା, ଜଗତସିଂହପୁର



# ନବ ବରଷର ଭାବନା

ଅନାମ ଚରଣ ସାହୁ

ନବ ବରଷର ନୂତନ ପୁଲକ
ନବ ଶିହରଣ ଖେଳେ
ନବ ଯୁବଯୁବା ମନରେ ଆନନ୍ଦ
ମହୀକୁ ଜିଣିବେ ହେଳେ ।୧ ।
ନବ ରବିଙ୍କର ସୁନେଲି କରଣ
ନବରଙ୍ଗେ ରଙ୍ଗା ହୋଇ
ନୂତନ ଭାବନା ନବ ଉନ୍ମାଦନା
ତନୁରେ ଯାଉଛି ବହି ।୨ ।
ନବ ଭାରତର ନବ ନିର୍ମାଣ
ନୂଆ ନୂଆ କଉଶଳେ
ନବ ପ୍ରଗତିର ରଥ ବାହିନେବେ
ନିଜ ନିଜ ବୁଦ୍ଧିବଳେ ।୩ ।
ନଥିବ ଯେଉଁଠି ଜାତି ବର୍ଣ୍ଣ ଭେବଦ
ନେବାର ଛଳନା ପ୍ରୀତି
ନିଶା ହତାଦର ଜ୍ଞାନର ଆଦର
ସେବା କାର୍ଯ୍ୟେ ଥିବ ମଣ୍ଡି ।୪ ।
ନଥିବ ପ୍ରଭେଦ ପୁତ୍ର କନ୍ୟା ମଧ୍ୟେ
ନିଜର କଲିଜା ଖଣ୍ଡ
ନବ ଭାରତର ନବ ଇତିହାସେ
ନ ରହିବେ କେହି ଭଣ୍ଡ ।୫ ।



ବିଭୁତିପୁର, କାକଟପୁର, ପୁରୀ

# ନୂଆବର୍ଷ

କାର୍ତ୍ତିକ ପାଣିଗ୍ରାହୀ

ହେ ନୂଆବର୍ଷ,
ସ୍ୱାଗତ କରୁଛୁ ଆମେ ଉଦବେଳତ
ଆଶା ଆଶାଙ୍କର ଦୋଛକରେ ଥାଇ ।
ତମେ ଆସିବ ସତ
ସେହି ଚର୍ବିତଚରିତ
କ୍ୟାଲେଣ୍ଡର ଗଣତି ଭିତରେ,
ସେହି ବାର ମାସ
ସେହି ତିନଶହ ପଞ୍ଚଶଠି ଦିନର ଅବଧି
ଭିତରେ,
କନ୍ତୁ କଥାଦିଅ ଦେଖାଇବ ନାହିଁ
ଶିଶୁ ମଡ଼କର ହୃଦୟ ବିଦାରକ ଦୃଶ୍ୟ
ପତି କାନ୍ଧେ ପତ୍ନୀ ଶବବୁହାର କାରୁନ୍ୟତା
ଦେଖାଇବ ନାହିଁ ଉଜୁଡ଼ା କ୍ଷେତରେ
ଗୃଷୀ ଆତ୍ମହତ୍ୟାର ମର୍ମସ୍ପର୍ଶୀ ଦୃଶ୍ୟ
ଶୁଣାଇବ ନାହିଁ ଦେଶ ଦେଶ ମଧ୍ୟେ
ଆତ୍ମବଡିମା ର ଯୁଦ୍ଧମ ଦେହି ଡାକ
ଜେହାଦ ନାମରେ ବୁହାଇବନ
ନରୀହ ମାନଙ୍କ ରକ୍ତର ନଦୀ
ନୂତନ ବର୍ଷର ନୂତନ ସୂର୍ଯ୍ୟର
ନୂତନ କରଣରେ ଭରିଦେବ ସମସ୍ତଙ୍କ
ମନେ
ଶାନ୍ତି, ମୈତ୍ରୀ, ପ୍ରୀତି ଓ ପରସ୍ପରକୁ
ଭଲ ପାଇବାର ନୂତନ ଉଦ୍ଦମତା…
ଭରିଦେବ ସବୁରି ମନରେ
ଜାତି, ଧର୍ମ, ବର୍ଣ୍ଣ ନର୍ବିଶେଷରେ
ଐକ୍ୟତାର ନର୍ମଳ ବାରତା…
ସ୍ୱାଗତ ହେ ନୂଆବର୍ଷ
ସ୍ୱାଗତଂ…ସ୍ୱାଗତଂ…ସ୍ୱାଗତଂ



# ଅପେକ୍ଷା



ପ୍ରଶାନ୍ତ କୁମାର ନାଥ

ହୋଇପାରେ ଆଜି ଅମଣିଷଟେ ମୁଁ
ସୁଖକୁ ତୋହର ଗୁହିଁ
ସେପାଇଁ ମନରେ ଦୁଃଖ ନାହିଁ ମୋର
ଯାହା ତୁ ଦେଉଛୁ କହି ।
ଦୁଃଖ ଲାଗୁଅଛି ମୋତେତ ଏତିକ
ବୁଝିତୁ ପାରୁନୁ ମୋତେ
ତଥାପି ଅପେକ୍ଷା ରହିଛି ମୋହର
କେବେତୁ ବୁଝିବୁ ସତେ ।
ତୋତେ ମୁଁ ହୃଦୟେ ରଖିଛି ସାଇତି
ଭଲପାଇବାକୁ ଦେଇ
ପ୍ରେମଟା ମୋହର ଛଳନା ନୁହେଁଲେ
ପାଣି ପରି ଯିବ ବହି ।
ସେମିତି ଅପେକ୍ଷା କରିଥିବି ପ୍ରିୟା
ମନ ତୋ ବୁଝିବା ଯାଏ
ନହେଲେ ସେମିତି ଜଳ ମରୁଥିବି
ଭଲ ମୁଁ ତୋତେଲେ ପାଏ ।
ଆଜି ନବୁଝିଲେ କାଲିତୁ ବୁଝିବୁ
ଭଲପାଇବାକୁ ମୋର
ସେଦିନ ଜାଣିବୁ ଦୁନଆଁରେ ଏଠି
ଆପଣାର କଏ ପର ।

ମରିବା ଆଗରୁ ନବୁଝି ପାରିଲେ
ବୁଝିବୁ ମରିଲା ପରେ
ସତ ମୁଁ କହୁଛି ବୁଝିଛୁ ଜାଣିଲେ
ରହିବ ଆତ୍ମା ଶାନ୍ତିରେ ।

ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର

# ଆମୁର ଫାଲକନର ବିଶ୍ୱ ରାଜଧାନୀ



ଅଶୋକ ବିଶ୍ୱାଳ

ଆମୁର ଫାଲକନକୁ ପାଇବି ବୋଲି ମୋତେ ଭାବି ନଥିଲି । ସେମାନେ ଯେ ଏପଟେ ଅଳ୍ପ କିଛି ଦିନ ରୁହନ୍ତି ।

କିନ୍ତୁ କିଛି ଆଶା ଥିଲା । ହୁଏତ ମିଳିଯାଇ ପାରନ୍ତି ।

ତୁମର ଅନେକ ବିଳମ୍ବ ହୋଇଗଲାଣି- ଜୁଥୁଙ୍ଗଲୋ ପାଟନ ଏଜୁଙ୍ଗ କହିଲେ । ତାଙ୍କ କଥାକୁ ବିଶ୍ୱାସ କରିବାର କଥା ।

କଥା କହିଲାବେଳେ ତାଙ୍କର ସବୁ ଅଙ୍ଗ ପ୍ରତ୍ୟଙ୍ଗ ଯେମିତି କଥା କହୁଥିଲା । ତାଙ୍କ ହାତ ଖୁବ ଜୋରରେ ଆଗକୁ ଆସୁଥିଲା ଆଉ ନିଜ ବସିବା ଯାଗାକୁ ଜଲଦି ଫେରି ଯାଉଥିଲା । ତାଙ୍କ କଥାବାର୍ତ୍ତା ବହୁତ ପ୍ରାଂଜଳ ଥିଲା । ତାଙ୍କର ବର୍ଣ୍ଣନା ଏତେ ତଥ୍ୟ ସମ୍ବଳିତ ହୋଇପାରେ ସେ କଥା ମୁଁ ବିଶ୍ୱାସ କରିବାକୁ ରାଜି ନଥିଲି । କିନ୍ତୁ ସେ ଯେମିତି ଭାବରେ ନିଜର କଥାକୁ ଉପସ୍ଥାପିତ କରୁଥିଲେ ସେଥିରେ ଆଉ ଅନ୍ୟ କିଛି ଭାବିବାର ରାସ୍ତା ମଧ୍ୟ ନଥିଲା । ତାଙ୍କ କଥା ବିଶ୍ୱାସ କରିବାକୁ ପଡିବ ।

ବହୁତ ଥଣ୍ଡା ଲାଗୁଛି ।- ମୁଁ କହିଲି । କୋଠରୀ ଭିତରେ ରୁମ ହିଟର ବା ଅନ୍ୟ କିଛି ଗରମ କରିବାର ବ୍ୟବସ୍ଥା ନଥିଲା । ତାପମାନ ଆଠ ଡିଗ୍ରୀ ସେଲସିଅସ । ଥଣ୍ଡା ଲାଗିବାର କଥା । କିନ୍ତୁ ତାଙ୍କୁ ସେମିତି କିଛି ଶୀତ ଲାଗୁ ନଥିଲା । ସେ ମୋତେ ବଡ ବଡ ଆଖିରେ ଅନାଇଲେ । ମନେ ମନେ ହସି ଥିବେ । କିନ୍ତୁ ଖୋଲାଭାବେ ହସିଲେ ନାହିଁ । ତଳ ଅଂଚଳର ଲୋକମାନଙ୍କୁ ଖୁବ ଶୀତ ଲାଗେ ।

ଶୀତ ପୂର୍ବରୁ ସେମାନେ ଆସନ୍ତି ।- ସେ କହୁଥିଲେ । ତାଙ୍କ ଦେହ ମୋତେ ଥରୁ ନଥିଲା ।

ଏଠି ଆଉ ଟିକେ ଥଣ୍ଡା ପଡିଲେ ସେମାନେ ଗ୍ଲଲିଯାଆନ୍ତି । – ସେ କହୁଥିଲେ ।

ଘରର ଝରକା କବାଟ ସବୁ ବନ୍ଦ ହୋଇଥିଲା । ଉପର ଭେଂଟିଲେଟର ଦେଇ କଛି ଥଣ୍ଡା ପବନ ଭିତରକୁ ପଶି ଆସୁଥିଲା । କାଚ ଝରକା ଦେଇ ଦେଇ ବାହାରକୁ ଅନାଇଲି । ବାହାରେ ସୁନ୍ଦର ଜହ୍ନ ଆଲୋକ ପଡିଥିଲା । ଖୁବ ବଡ ବଡ ଗଛର ଛାଇ ଲମ୍ବି ଯାଇଥିଲା । ଗଛ ସବୁ କଳା ଦେଖା ଯାଉଥିଲା ।

ତୁମେ ବାଇବେଲ ପଢିଛ? - ସେ ପଗ୍ଲରଲେ । ଏଠି ସାଧାରଣ କଥା । ବାଇବେଲ ମୁଁ କନ୍ତୁ ପଢି ନଥିଲି । କଛି ଚରିତ୍ରକୁ ଯଦିଓ ଜାଣିଥିଲି କନ୍ତୁ ପୂରା ପ୍ରସଙ୍ଗ ମୋତେ ଜଣା ନଥିଲା । ମୁଁ ମୁଣ୍ଡ ହଲାଇଲି ।

ଦ୍ୱିତୀୟ ଭାଗ କଥା । ସେମାନେ ଇଜରାଏଲ ଫେରି ଆସୁଥିଲେ । ମିଶରୀୟ ମାନେ ଖୁବ ଅତ୍ୟାଗ୍ଲର କରିଥିଲେ । ସେମାନେ କନ୍ତୁ ଯୀଶୁଙ୍କ ଉପରେ ସଂମ୍ପୂର୍ଣ ବିଶ୍ୱାସ ରଖିଥିଲେ । ଯୀଶୁ ଯେ ନଜେ ଇଶ୍ୱରଙ୍କ ପୁତ୍ର । ସେମାନଙ୍କ ବିଶ୍ୱାସ ଅଟଳ ଥିଲା ।

ସେ ମୋତେ ଅନଇଲେ । ଖୁବ ସହଜ ଗ୍ଲହାଣୀ । ସବୁ କଥାକୁ ମିସ ଜୁଥିଙ୍ଗଲେ ଖୁବ ସୁନ୍ଦର ଭାବେ ବାଖ୍ୟା କରି ପାରନ୍ତି ।

ସେହି କାହାଣୀ – ସେ ଏତିକ କହି ରହିଗଲେ । ତାଙ୍କ ଆଖି ମୋ ଉପରେ ଆଉ ଅନ୍ୟମାନଙ୍କ ଉପରେ ଘୁରିଗଲା ।

ମିସ ଜୁଥିଙ୍ଗଲେ ପାଟନ ଏଜୁଙ୍ଗ ବହୁତ ସୁନ୍ଦରୀ । ତରୁଣୀ ଆଉ ଷ୍ଟାଇଲିସ୍। ଦେହର ରଙ୍ଗ ତୋଫା ଗୋରା ହଳଦିଆ । ବାଳ ସିଧା ଆଉ ଲମ୍ବା । ଓଠରେ ଲାଲ ଲିପିଷ୍ଟିକ ଭଲ ଭାବରେ ଲଗାଇଥିଲେ । ଦେହରେ କଳା ରଙ୍ଗର ଚପା ପୋଷାକ ଆଉ ତା ଉପରେ ଲମ୍ବା ଓଭରକୋଟ ପିନ୍ଧିଥିଲେ ।

ସେ ନଜ ବର୍ଣନାରେ ତନ୍ମୟ ଥିଲେ । କହିଲାବେଳେ ଆଗକୁ ମନକୁ ମନ ନଇଁ ଆସୁଥିଲେ। ଏହା ତାଙ୍କର ବିଷୟବସ୍ତୁ ଉପରେ ଗଭୀରତାକୁ ଦର୍ଶାଉଥିଲା । ସେତେବେଳେ ତାଙ୍କ ମୁହଁ

ଖୁବ ଉଜ୍ଜ୍ୱଳ ଦେଖା ଯାଉଥିଲା । ଦୃଷ୍ଟି ଗଭୀର ହୋଇ ଯାଉଥିଲା । ଆଉ ତାଙ୍କ ସ୍ୱର ଗାଢ ଓ ମଧୁର ହୋଇ ଯାଉଥିଲା ।

ସେମାନେ ଖୁବ ଭୋକିଲା ଥିଲେ । ଏଥର ଇଜରାଏଲ ଆସିବା ପାଇଁ ଯୀଶୁଙ୍କର ନିର୍ଦ୍ଦେଶ ଥିଲା । ସେମାନେ ଏକ ଲମ୍ବା ଧାଡରେ ଚାଲୁଥିଲେ । ଖାଇବା ପାଇଁ କିଛି ନଥିଲା । ଏହି ସମୟରେ ସେମାନଙ୍କୁ ଅନେକ ଖାଇବାକୁ ମିଳିଲା । ସେମିତି ଏକ ଘଟଣା ଏଠି ଲୋକମାନଙ୍କ ପାଇଁ ଘଟି ଯାଇଥିଲା । ଏହାକୁ ଅବଶ୍ୟ ଲୋକମାନଙ୍କର ଭାବନା କୁହାଯାଇ ପାରେ । ଲୋକମାନେ ଖୁବ ଜଲଦି ଅନେକ କଥା ବିଶ୍ୱାସ କରି ନଅନ୍ତି । -

ମିସ୍ ଜୁଥୁଙ୍ଗଲୋ ମୋତେ ସିଧା ହୋଇ ଅନେଇଲେ । ମୋର ଆଖି ଏକଦମ ଛାତିର ଆଖି ଭଳି ଖୋଲା ଥିଲା । ମୁଁ ସେହି କଥାଗୁଡିକ ଭଲ ଭାବେ ଶୁଣୁଥିଲି । ତାଙ୍କର କଥା ଗୁଡିକ ମୁଁ ଯେମିତି ପାଣି ଭଳି ପିଇ ଯାଉଥିଲି ।

ସେମିତି ଏ କଥା ଗୁଡାକ ଘଟିଲା । ପାଙ୍ଗତିର ଲୋକମାନେ ଏହାକୁ ଇଶ୍ୱରଙ୍କ ବରଦାନ ବୋଲି ଭାବିଲେ । – ତାଙ୍କର ସ୍ୱର ଏବେ ଲମ୍ବି ଯାଉଥରଲା ।

ପାଙ୍ଗତି ତାହେଲେ କଣ? – ମୁଁ ପଚାରିଲି ।

ଆପଣ ଯେ ପାଙ୍ଗତି କଥା ଏ ପର୍ଯ୍ୟନ୍ତ ପଚାରୁଥିଲେ ।- ସେ କହିଲେ

ମୁଁ ଏ ପଯ୍ୟନ୍ତ ପାଙ୍ଗତି କଥା ପଚାରି ନଥିଲି । କିନ୍ତୁ ଆମର କଥାର ବିଷୟବସ୍ତୁ ନିଶ୍ଚିତ ଭାବେ ପାଙ୍ଗତି ଉପରେ ପର୍ଯ୍ୟବେକ୍ଷିତ । ତେଣୁ ତାଙ୍କୁ ଏତେ ସାଧାରଣ ଲାଗୁଛି ।

ସେମାନେ ବହୁତ ଦୂରରୁ ପାଙ୍ଗତିକୁ ଆସି ଯାଆନ୍ତି । –

କିନ୍ତୁ କଣ ପାଇଁ – ମୋର ପ୍ରଶ୍ନ ଥିଲା ।

ସେ କଥା ଆମେ ବି ଭଲ ଭାବେ ଜାଣୁ ନାହୁଁ । ପାଙ୍ଗତି ଓ୍ୱାକା ଜିଲ୍ଲାର ବହୁତ ବଡ ଗାଁ । ଲୋଥା ନାଗା ମାନେ ରହୁଛନ୍ତି । କିନ୍ତୁ ନିଶ୍ଚିତ ଭାବେ ଲୋଥା ନାଗା ବା ବଡ ଗାଁ ଦେଖି ସେମାନେ ଆସୁ ନାହାନ୍ତି ।

ଡୋଇଙ୍ଗ ନଦୀରେ ବହୁତ ପାଣି ଜମା ହୋଇଗଲା । ଆଉ ସେମାନଙ୍କର ଆସିବା ବଢିଗଲା ।- ସେ କଥାଟା ବୁଝାଉ ଥିଲେ । ତାଙ୍କ କଥାରେ କହୁତ ପୂର୍ଣତା ନଥିଲା । ମୁଁ ସେ ଅଂଚଳରେ ସଂମ୍ପୂର୍ଣ ନୂଆ । ବହୁତ କଥା ମୋତେ ଅଜଣା । ବହୁତ ସ୍ଥାନ ମୋତେ ମଧ୍ଯ ଅଜଣା ।

ସେମାନେ ଆଗରୁ ହୁଏତ ଆସୁଥିଲେ । କନ୍ତୁ ଡୋଇଙ୍ଗ ନଦୀରେ ବନ୍ଧ ବାନ୍ଧିବା ପରେ ପାଣି ବହୁତ ବଢିଗଲା ଆଉ ସେମାନଙ୍କ ଆସିବା ବଢିଗଲା । – ସେ କହିଲେ ।

ପାଣି ସହ କଛି ସମ୍ବନ୍ଧ ଅଛି ?

ଜଣା ନାହିଁ । ସେମାନେ ପାଣି ଯେ ଛୁଅନ୍ତି ନାହିଁ । କନ୍ତୁ କଛି ଘଟୁଛି । ସେମାନେ ବହୁତ ସଂଖ୍ୟାରେ ଆସି ଯାଉଥିଲେ ।- ସେ ମୋତେ ସେଠିକାର ଘଟଣାବଳୀ ଜଣାଉଥିଲେ । ମୋର ଆଗ୍ରହ ବହୁତ ବଢି ଯାଉଥିଲା । ମୁଁ ସେମାନଙ୍କ ସଂବନ୍ଧରେ ଜାଣିବାକୁ ଏତେ ଦୂରରୁ ଯେ ଆସିଅଛି ।

ତା ପରେ କେମିତି କଣ ଘଟିଲା ।- ମୁଁ ପଗ୍ଲରିଲି ।

ବହୁତ କଥା ଦୁନଆ ଜଣି ନଥିଲା । ନାଗାଲାଣ୍ଡରେ ଏମିତି କଛି ଘଟୁଛି ବୋଲି କଏ କାହିଁକ ବିଶ୍ଵାସ କରନ୍ତା? ନାଗାମାନେ ଶିକାରୀ ଜାତି । ଅନେକ କ୍ଲାନ ଅଛି । ସେମାନଙ୍କ ଭିତରୁ ଲୋଥା ନାଗା ଅନ୍ୟତମ ଦୁର୍ଦ୍ଧର୍ଷ ଜାତି । ସେମାନଙ୍କ ସମାଜରେ ଏମାନଙ୍କ ପାଇଁ ବହୁତ କଛି ଖୁବ ଶୀଘ୍ର ଘଟିଗଲା । ନାଗା ସମାଜରେ ଏତେ ଜଲଦି ପରିବର୍ତନ ଘଟେନା ।

ମିସ୍ ଜୁଥୁଙ୍ଗଲୋ ତାଙ୍କ ଗୋଡକୁ ଟିକଏ ଲମ୍ବାଇ ଦେଲେ । ବୁହତ ସମୟ ଗୋଡ ଜାକ ହୋଇ ରହିଥିଲା । ତାଙ୍କର ଆଣ୍ଠୁ ଯାଏ ଲମ୍ବା ଯୋତ ଭଲ ଭାବେ ଦେଖାଯାଉ ଥିଲା । ଲାଗୁଥିଲା ଯେମିତି ଏକ ଫେସନ ଡିଜାନର ନଜର ଯୋତାକୁ ବିକବା ପାଇଁ ଏକ ସୁନ୍ଦର ମହିଳା କଣ୍ଢେଇର ଗୋଡରେ ସଜାଇ ନଜ ଦୋକାନରେ ରଖି ଦେଇଛି ।

ସେ ନଜର ନଃଶ୍ୱାସକୁ ସହଜ କରୁଥିଲେ । ତାଙ୍କ କଥାଗୁଡିକ ଖୁବ ସହଜ ହୋଇ ଯାଉଥିଲା ।

ପାଙ୍ଗତି ଗାଁଟା କଣ ନଦୀ କୂଳରେ ? - ମୁଁ ପଗ୍ଚରିଲି ।

ନାହିଁ । ଗାଁଟା ପାହାଡ ଉପରେ । ଲୋକଙ୍କର କ୍ଷେତ ସବୁ କଛି ନଦୀ କୂଳରେ । ଖାଲି ପାଙ୍ଗତି ନୁହଁ, ସବୁ ନାଗା ଗାଁ ମାନ ପାହାଡ ଉପରେ ।- ସେ କହିଲେ । ଏବେ କଥା ତାଙ୍କ ସମାଜ ଆଡକୁ ଟାଣି ହୋଇ ଆସୁଥିଲା । ହେବାର କଥା । ଏକ ଅପରିଚତ ସହ କଥା ହେଲାବେଳେ ସମାଜର ରିତିନୀତି କଥା ଭିତରକୁ ଜଲଦି ଆସିଯାଏ ।

ଅନେକ ଅସୁବିଧା ହେଉଥିବା । ପାଣି ନଶ୍ଚିତ ଭାବେ ଏକ ବଡ ସମସ୍ୟା ଥିବା ।

କଥାଟା ସତ ଯେ । କନ୍ତୁ ନାଗା ସମାଜ ଏ ସବୁକୁ ଖାତିର କରେନା ।

ତାହେଲେ ?

ଗାଁ ଗାଁ ଭିତରେ ଶତ୍ରୁତା । ଏହା ଏକ ବଡ କାରଣ । ନାଗାମାନେ ଖୁବ ଦୁର୍ଦ୍ଧର୍ଷ ଜନଜାତି । ଏକ ଶତ୍ରୁ ଗାଁକୁ ପରାଜିତ କରି ଶତ୍ରୁର ମୁଣ୍ଡ କାଟିନେବା ପୁରୁଷାର୍ଥ ଯେ । ତେଣୁ ଶତ୍ରୁ ଗାଁ ପ୍ରତିଶୋଧ ନେବା ପାଇଁ ଆକ୍ରମଣ କରିବ । ପାହାଡ ଉପରେ ଗାଁ ରହିଲେ ଶତ୍ରୁ ଆସିବ ଖୁବ ସହଜରେ ଜାଣି ହେବ । ପଙ୍ଗତି ଏମିତି ଏକ ଗାଁ । ଖୁବ ଦୁର୍ଦ୍ଧର୍ଷ ଗାଁ । ଏହି ଗାଁର ଅନେକ ଖ୍ୟାତି ଅଛି ।

ନାଗାମାନଙ୍କର ହିଂସ୍ରତା କଥା ବହୁତ ଶୁଣିଥିଲି । ସେମାନେ ଅତି କୁଖ୍ୟାତ । ରକ୍ତ ମୁଖା । ଆଉ ଅନେକ ଲୁଣ୍ଠନ ତଥା କ୍ରୁରତାର କାହାଣୀ ନାଗାମାନଙ୍କର ସମାଜରେ ଅଛି । ଏକଥା ସବୁ ମୁଁ ଜାଣି ଥିଲି । କନ୍ତୁ ଦେଖି ନଥିଲି । ମୋ ଆସିବାରେ ଅନେକ ସବାଧାନତା ଗ୍ରହଣ କରିଥିଲି । କନ୍ତୁ କଛି କଥା ମୋ ନଜ ସହ ଘଟିଥିଲା । ମୋ ମନରେ ଅନେକ ପରିବର୍ତ୍ତନ ଘଟିଥିଲା । ଏମିତି ଏକ ଘଟଣା ମନେ ପଡି ଯାଉଥିଲା ।

ପୂର୍ବଦିନ ଅପରାହ୍ନରେ ମୁଁ ଦଶ ମାଇଲରେ ଟିକେ ଅଟକ ଯାଇଥିଲି । କୋହିମାରୁ ଓ୍ୱାକା ଗାଡିରେ ଆସୁଥିଲି । ସର୍ପିଳ ରାସ୍ତା । ଏକ ବୟସ୍କା ମହିଳା ନଜ ଆଗରେ କଛି ଲାଲ ସବୁଜ ମୋଟା ଲଙ୍କା ଆଉ କଛି ଏଠିକାର କଦଳୀ ଫେଣା ଜମା କରି ରଖିଥିଲେ । ଏହି ନାଗା ଲଙ୍କା କଥା ଖୁବ ଶୁଣିଥିଲି । ଖାଇଲେ ପାଟି ଜଳଲା ଭଳ ଲାଗେ । ଆଉ ଏହାକୁ ଖାଇବା

କିଛି ସାଧାରଣ କଥା ନୁହେଁ । ମୋ ସାଙ୍ଗରେ କିଛି ଲଙ୍କା ନେବାକୁ ଚାହୁଁଥିଲି । ଗାଡିରୁ ଓହ୍ଲାଇ ପଡିଲି । ସେହି ମହିଳା ଅତି ସାଧାରଣ ପୋଷାକ ପିନ୍ଧିଥିଲେ । କିଛି ଲଙ୍କା ଭାଗ କରି ତାଙ୍କ ଆଗରେ ରଖିଥିଲେ ।

କେତେ ଟଙ୍କା ? ଅଳ୍ପ ହିନ୍ଦିରେ ପଚାରିଲି ।

ଶହେ ଟଙ୍କା ।

ଏତେ ଲଙ୍କା ମୋର ଦରକାର ନଥିଲା । ବାସ କିଛି ଲଙ୍କା ଚାଖିବା ପାଇଁ ଘରକୁ ନେଇ ଯିବାକୁ ଚାହୁଁଥିଲି । ଏହି ଲଙ୍କା ଖାଇବା କିଛି ସହଜ କଥା ନୁହେଁ । ଗୋଟିଏ ଲଙ୍କାରେ ଏକ ବଡ ପରିବାରର ଏକ ଦିନ ଚଳିଯିବ । ତେଣୁ ଏହାର ଭାଗ ଜାଣିବା ଦରକାର ।

ଆଠ ଦଶୋଟି ନେବାକୁ ଚାହୁଁଛି । ଦେବେ?

ମହିଳାଟି ମୋ ମୁହଁକୁ ଅନାଇଲେ । ତାଙ୍କ ମୁହଁରେ କିଛି ଠକିଲୁଥିବା ଭାବ ନଥିଲା । ଆମର ଦୋକାନୀମାନେ ସାଧାରଣତଃ ବିକିବା ଆଗରୁ ଲୋକଙ୍କୁ ନକଡିରେ ବେଶି ଠକିଲନ୍ତି ଆଉ କମ ଜିନଷ ବିକନ୍ତି । ଏମିତି କିଛି ଭାବ ତାଙ୍କ ପାଖରେ ନଥିଲା ।

ସେ ବାସ କିଛି ଲଙ୍କା ଦେଇଦେଲେ । କିଛି ନଭାବି ଦେଇଦେଲେ ।

ମୋ ହାତରେ ଏକ ଦଶଟଙ୍କା ଲାଗିଥିଲା । ମୁଁ ତାଙ୍କୁ ବଢାଉଥିଲି ।

ନଅନ୍ତୁ ।

କିନ୍ତୁ ସେ ମନା କଲେ । ମୋତେ ଆଶ୍ଚର୍ଯ୍ୟ ଲାଗିଲା । କୋଡିଏ ଟଙ୍କା ବଢାଇଲି । ତଥାପି ସେ ନେଲେ ନାହିଁ । ମୋତେ କିନ୍ତୁ ମାଡି ପଡୁଥିଲା ।

ପାଖରେ ଏକ ଛୋଟ ଦୋକାନ ଥିଲା । ବୋଧହୁଏ ତାଙ୍କ ସ୍ୱାମୀଙ୍କର । ଭିତରକୁ ଅନାଇଲି। କିଛି ବେଶି ଜିନଷ ନଥିଲା । କିଛି ବିସ୍କୁଟ । ତାଙ୍କୁ ଅନୁରୋଧ କଲି ସେ ପଇସା ନଅନ୍ତୁ ଆଉ ସେହି ବୟସ୍କା ମହିଳାଙ୍କୁ ଦିଅନ୍ତୁ ।

କିନ୍ତୁ ସେ ମନା କଲେ ।

ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ସେ ଅତି ସାଧାରଣ ନାଗା ବୟସ୍କ ଲୋକ । ଦୋକାନ କରିଛନ୍ତି । ସାଧାରଣତଃ ଦୋକାନୀମାନେ ପଇସାର ମୂଲ୍ୟ ଜୀବନଠାରୁ ଅଧିକ ବୁଝି ଥାଅନ୍ତି । ତେଣୁ ସେ ପଇସା ନେବେ ବୋଲି ମୁଁ ଭାବୁଥିଲି । ଆଉ ସେହି ପଇସା ସେ ମହିଳାଙ୍କୁ ଦେବେ ବୋଲି ଭାବୁଥିଲି ।

କିନ୍ତୁ ସେମିତି କିଛି ଘଟିଲା ନାହିଁ । ସେ ପଇସା ନେଲେ ନାହିଁ । ମୋତେ ବହୁତ ମାଡି ପଡୁଥିଲା । ମୁଁ ତାଙ୍କୁ କିଛି ଦେବାପାଇଁ ଭାବୁଥିଲି ।

ତାଙ୍କ ପାଖରେ କିଛି ଦେଶୀ କଦଳୀ ଫେଣା ହୋଇ ରହିଥିଲା । ଏକ ଫେଣା କଦଳୀ ତାଙ୍କଠାରୁ କିଣିବି ଆଉ ଅଧିକା ପଇସା ଦେଇଦେବି । ଏମିତି ହେଲେ ସେ ମୋ ଠାରୁ ପଇସା ନେଇନେବେ ।

ଏକ କଦଳୀ ଫେଣା ଉଠାଇଲି । ମୋ ମନପର୍ସରୁ ଶହେଟଙ୍କା କାଢି ସେହି ମହିଳାଙ୍କୁ ବଢାଇଦେଲି। ସେ ପଇସା ରଖିବେ ବୋଲି ଭାବିଥିଲି ।

କିନ୍ତୁ ଯାହା ଘଟିଲା ତାହା ମୋର ଭିତରର ବିଶ୍ୱାସକୁ ହେଉ ବା ଅବିଶ୍ୱାସକୁ ହେଉ, ସବୁକୁ ତରଳାଇ ଦେଲା । ମୋ ନିଜ ଭିତରେ ମୁଁ ଜୀବନକୁ କଣ ଭାବି ଆସିଥିଲି । ସବୁ କଥାକୁ ପଇସାରେ ତଉଲୁ ଥିଲି । ଭାବୁଥିଲି ସବୁ କାମ, ଦୁନିଆର ସବୁ କିଛିକୁ ପଇସାରେ ହିସାବ କରାଯାଇ ପାରିବ । ସହରରେ ରହି, ଅନ୍ୟ ଏକ ସମାଜରେ ରହି ମୁଁ ଏହାହିଁ ତ ସବୁ ଦିନ ଦେଖି ଆସିଛି ବା ଶୁଣି ଆସିଛି ।

ସେ ମୋ ଠାରୁ ପଇସା ନେଲେ ନାହିଁ । ଆଉ ସେହି କଦଳୀ ଫେଣା ମୋ ହାତରେ ରଖିଦେଲେ । ମୋ ହାତର ଟଙ୍କା ମୋ ହାତରେ ଅଟକି ଗଲା । ଏକ ଫଟୋ ଭଳି ମୋ ହାତର ଟଙ୍କା ମୋ ମନ ଭିତରେ ରହିଗଲା । ମୁଁ ଅଭିଭୂତ ହୋଇଗଲି । ଏକ ସାଧାରଣ ବୁଢୀ ମୋ ଠାରୁ ପଇସା ନେଉ ନାହାନ୍ତି ଆଉ ମୋତେ ଏକ ଫେଣା କଦଳୀ ସେମିତି ଦେଇଦେଲେ ।

ମା, ତୁମେ କଣ ପାଇଁ ପଇସା ନେଉନ ? – ମୋ ମୁହଁରୁ କେତୋଟି ଶବ୍ଦ ବାହାରି ଆସିଲା ।

ସେ ମୁଣ୍ଡ ହଲାଇଲେ । ସେ ପଇସା ନେବେନାହିଁ । ସେହି କଦଳୀ ଫେଣା ସେ କାହାଠାରୁ କଣିଥିବେ ବା ନଜର ବଗିଚାରୁ ଆଣି ବିକୁଥିବେ । ସେଥିପାଇଁ ସେ କେତେ ପରିଶ୍ରମ କରିଥରବେ । କନ୍ତୁ ସାମାନ୍ୟ ନଭାବି, ଏକ ସଂମ୍ପୂର୍ଣ ଅପରିଚତକୁ ସେ କଦଳୀ ଫେଣା ବଢାଇ ଦେଲେ ।

ମୋ ମୁହଁରେ କଛି ଶବ୍ଦ ନଥିଲା । ମୋ ମନରେ କଛି ଭାଷା ନଥିଲା । ମୁଁ ସେମାନଙ୍କ ଭାଷାକୁ ବୁଝୁ ନଥିଲି । ଯାହା କଛି କହୁଥିଲି ଖଣ୍ଡିଆ ହିନ୍ଦିରେ ଆଉ ମୋ ଡ୍ରାଇଭର ନଜ ଭାଷାରେ ତାଙ୍କୁ ଯାହା ବୁଝାଉଥିଲା ।

ସେହି ସମାଜରେ ଠକବା କଣ ଜଣା ନାହିଁ । ସେହି ସମାଜରେ ସ୍ନେହ, ଆପତ୍ୟପଣ ଭରି ରହିଛି । ମୁଁ କଣ ଭାବିକ ଆସିଛି ?

ମୁଁ ତାଙ୍କର ବୁଢା ସ୍ଵାମୀଙ୍କୁ ଅନଇଲି । ସେ ମୁଣ୍ଡ ହଲାଇଲେ । ମୋ ଠାରୁ ପଇସା ନେବେ ନାହିଁ ।

ଏକଥା ମାନବାକୁ ମୋ ମନ ରାଜି ନଥିଲା । କଛି ମୁଁ ଭାବି ପାରୁ ନଥିଲି ।

ମୋ ମୁଣ୍ଡ ତଳକୁ ହୋଇଗଲା । ମୋ ଉପରେ ଅପରାହ୍ନ ସୂର୍ଯ୍ୟର କରଣ ପଡୁଥିଲା । ମୋର ଛାଇ ସେହି ମହିଳଙ୍କ ପାଦ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ସେ ଖୁବ ଉଚ୍ଚ ହୋଇ ଠିଆ ହୋଇଥିଲେ । ମୋ ଛାଇଠାରୁ ଖୁବ ଉଚ୍ଚ ହୋଇ ଠିଆ ହୋଇଥିଲେ । ତାଙ୍କ ପଛରେ, ବହୁତ ଦୂରରେ ନାଗା ପାହାଡ ସବୁ ଠିଆ ହୋଇଥିଲା । ସବୁ ପାହାଡରେ ଗଛ ଭରି ଯାଇଥିଲା । ହାଲକା ଥଣ୍ଡା ପବନ ଶରୀରରୁ କ୍ଳାନ୍ତି ହରି ନେଉଥିଲା । ଅଣନଃଶ୍ଵାସୀ ହୋଇ ଯାଉଥିବା ଝାଳରେ ମୁଁ ବୁଡିଯାଉ ନଥିଲି।

ମା ଆପଣଙ୍କୁ ମୁଁ କଣ ଦେବି? - ମୁଁ ଏହି ଶବ୍ଦ ଗୁଡାକ ଦୋହରାଇ ଚାଲୁଥିଲି ।

ମୋ କାନ ପାଖରେ ସେହି ଶବ୍ଦଗୁଡିକ ପ୍ରତିଧ୍ଵନତ ହୋଇ ଚାଲୁଥିଲା । ଏକ ନରମ ଗୃହଣୀ, ଏକ ସ୍ନେହଭରା ଗୃହାଣୀ । ଏକ ଲମ୍ବି ଯାଇଥିବା ହାତ, ଆଉ ଫେଣାଏ କଦଳୀ ।

ସେହି ହାତ ଖୁବ ସ୍ନେହର ସହିତ କଦଳୀ ଫେଣାକୁ ମୋତେ ଦେଉଥିଲା । ଏ ଚନ୍ଦ ମୋ ମନରେ ଛାପି ହୋଇ ରହିଗଲା ।

ମୁଁ ମୁଣ୍ଡ ଉଠାଇଲି । ମୋ ମନ ଆନନ୍ଦରେ ଭରି ଯାଇଥିଲା । ସେହି ମହିଳାଙ୍କ ମୁହଁ ଚମକୁ ଥିଲା । ମୁହଁର ଗଭୀର ରେଖାମାନ ତାଙ୍କର ସ୍ନେହ ଦର୍ଶାଉ ଥିଲା ।

ମୋ ପାଖରେ ଏକ ସପୁରୀ ଥିଲା ମୁଁ ତାକୁ ଡିମାପୁରରୁ କୋହିମା ଯିବା ରାସ୍ତାରୁ କଣିଥିଲି । ଆଉ ଏକ ଏଆରପୋର୍ଟର ମାଗାଜିନ ଥିଲା ।

ମୁଁ ତାକୁ ତାଙ୍କ ହାତରେ ରଖିଦେଲି । ସେ ସେହି କେତୋଟି ଜିନଷ ଗ୍ରହଣ କଲେ ।

ମୋ ମନରେ ଅନେକ କଥା ଖେଳ ବୁଲୁଥିଲା । ଲୋକରେ ଭରି ଯାଇଥିବା ଦୁନଆରେ ନଜକୁ ମୁଁ ହଜାଇ ଦେଇଥିଲି ଆଉ ଏକ ଅପଖ୍ୟାତ ଦୁନଆରେ ମୁଁ ନଜକୁ ଖୋଜି ପାଉଥିଲି। ଏକ ବୟସ୍କା ମହିଳା ମୋତେ ନଜକୁ ଖୋଜି ପାଇବାରେ ସାହାର୍ଯ୍ୟ କରି ଥିଲେ।

ମୁଁ ନଜ ମୁଣ୍ଡକୁ ତଳକୁ କରିଦେଲି । ସେହି ମହିଳା ସାମାନ୍ୟ ହସୁଥିଲେ । ତାଙ୍କ ସାଙ୍ଗରେ ତାଙ୍କ ସ୍ୱାମୀ ହସୁଥିଲେ । ମୁଁ ତାଙ୍କ ପାଖରେ ଥିବା ଏକ ତକ୍ତାରେ ବସି ପଡିଲି । ମୋ ହାତ ତାଙ୍କ କାନ୍ଧ ଉପରେ ଥିଲା । ମୁଁ ମୁଣ୍ଡ ତାଙ୍କ କାନ୍ଧ ଉପରେ ରଖିଦେଲି । ଏକ ସ୍ନେହ ଭରା କାନ୍ଧ ଉପରେ ମୋ ମୁଣ୍ଡ ଥିଲା ।

ଆମେ କେହି କାହା କଥା ବୁଝୁ ନଥିଲୁ । ସେମିତି ଜୀବନରେ କଛି ଘଟି ନଥିଲା । ସାମାନ୍ୟ କଦଳୀ ଫେଣା ଆଉ କେତୋଟି ଲଙ୍କା । ମୋତେ ଏକ ନୂତନ ରାସ୍ତା ଦେଖାଉଥିଲା। ଏକ ଖୁବ ଦୂର ଦୁନଆରେ କଏ ମୋତେ କଥା ନକହି ସ୍ନେହ ଅଜାଡି ଦେଉଥିଲା । ତାହେଲେ ଜୀବନରେ ସବୁଠି ସ୍ନେହ ଅଛି, ଆପତ୍ୟପଣ ଅଛି, ଦେଖି ପାରିଲେ ହେଲା ।

କ୍ରମଶଃ-

ସେକ୍ଟର- ୩, ସଲ୍ଟଲେକ, କଲିକତା

# ସୁସ୍ୱାଗତ ଆଙ୍ଗ୍ଲ
# ନବବର୍ଷ- ୨୦୧୮



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଆଙ୍ଗ୍ଲ ନବବର୍ଷ ତୁମକୁ ସ୍ୱାଗତ "ଦୁଇହଜାର ଅଠର"
ଚରବିଦାୟୀ ଯେ ଏ ଧର୍‌ବକ୍ଷରୁ "ଦୁଇହଜାର ସତର ।୧ ।
ହେ ସତର! ତୁମେ ବିଶ୍ୱ ଇତିହାସେ ହୋଇଗଲ କମ୍ବଦନ୍ତୀ,
ସ୍ମୃତି- ବିସ୍ମୃତିର ଦୋଛକରେ ତୁମ ରହିଗଲା ବହୁ କୀର୍ତ୍ତି ।୨ ।
କାହା ପାଇଁ ତୁମେ ଚରସ୍ମରଣୀୟ ଅଲିଭା ସ୍ମୃତିର ଗାର,
ପୁଣି କାହାଲାଗି ହେଲ କଳଙ୍କିତ ଅକୁହା କଥା ମନର ।୩ ।
ବିଗତ ସାଲରେ ତୁମ ଆଗମନେ ହସୁଥିଲା ଏହି ବିଶ୍ୱ,
ଭାଗ୍ୟରେ କାହାର ସୁଯଶ- ଗୌରବ କିଏ ପୁଣି ହେଲା ନିଃସ୍ୱ ।୪ ।
କଦା ସୁଖ- ଦୁଃଖ ହସ- କାନ୍ଦ ପୁଣି ଏହି ତ ସଂସାର ନୀତି,
ତଥାପି ମନୁଷ୍ୟ କର୍ମଫଳ ଭୁଲି ଦୋଷ ଦିଏ କାଳ- ତିଥି ।୫ ।
ନୟତିର ଖେଳ କେହି ତ କଦାପି ନ ବୁଝି ପାରିବେ ନର,
ଭାଗ୍ୟବାନ ସିନା ହୁଅଇ ସଫଳ ମନ୍ଦଫଳ ଅଭାଗାର ।୬ ।
କାହାର ହୋଇଲା ପୁଷମାସ ବେଳ କାହାର ତ ସର୍ବନାଶ,
ଭଗ୍ନମନୋରଥେ ହୁଅନ୍ତି ନରାଶ ଭାଗ୍ୟବାଦୀ ଅବଶେଷ ।୭ ।
ବହୁ ପରୀକ୍ଷାରେ ହେଲା ସମ୍ମୁଖୀନ ମୋ ପ୍ରିୟ ଭାରତ ବର୍ଷ,
ଆପଣା ଶତ୍ରୁକୁ ଦେଇ ଚେତାବନୀ ବିଶ୍ୱ ଗର୍ଜିଲା ସୁଯଶ ।୮ ।
କୂଟନୀତି ସହ ଅର୍ଥନୀତିରେ ସୁଦୃଢ ହୋଇଲା ଭାରତ,
ମୈତ୍ରୀଭାବ ସହ ଆତଙ୍କ ଦମନେ କରିଲା ଭୀଷ୍ମ ଶପଥ ।୯ ।

ଆତଙ୍କବାଦୀର ବର୍ବର ତାଣ୍ଡବେ ଦେଶେ ଦେଶେ ହାହାକାର,
ଅସଂଖ୍ୟ ଜୀବନ ଅକାଳେ ନଷ୍ଟିହୁ ନାହିଁ ତାର ପଟାନ୍ତର ।୧୦ ।
ଶାନ୍ତିଦୂତ ରୂପେ ହୁଅ ବିଦ୍ୟମାନ "ଦୁଇହଜାର ଅଠର",
ତବ ଆଗମନେ ଶାନ୍ତି- ସଦ୍ଭାବର ବିଶ୍ୱରେ ହେଉ ପ୍ରସାର ।୧୧ ।
ହିଂସା ଓ ବିଦ୍ୱେଷ ହେଉ ଦୂରୀଭୂତ ଭାଇଗୁର୍ ଭାବ ଧେୟ,
"ବସୁଧାଇବ କୁଟୁମ୍ବକ" ମହାମନ୍ତ୍ର ହେଉ ସର୍ବ ପରିଚୟ ।୧୨ ।
ତୁମ ଶୁଭାଶିଷେ ଅପସରି ଯାଉ ଆତଙ୍କବାଦର ଭୟ,
ସମ୍ପ୍ରଦାୟ ତଥା ଧର୍ମ ବିବାଦର ସମୂଳେ ହେଉ ବିଲୟ ।୧୩ ।
ସୁଖ- ନନ୍ଦମୟ ହୁଅନ୍ତୁ ସରବେ ବିଶ୍ୱ ହେଉ ମଧୁମୟ,
ହେ ଈଶ୍ୱର! ତୁମେ "ଅଠରସାଲକୁ" କରିଦିଅ ସୁଧାମୟ ।୧୪ ।
ସବୁଜ ଶସ୍ୟରେ ହସୁ ଏ ଧରଣୀ ଭୃଷୀ ମୁଖେ ଫୁଟୁ ହସ,
କୃଷକ ଭାଇର ହସରେ ବିକାଶ ହୋଇବ ଧର୍ ଅବଶ୍ୟ ।୧୫ ।
ଜ୍ଞାନ ବିଜ୍ଞାନରେ ହେଉ ଅଗ୍ରଗତି ଆମରି ଦେଶ ଭାରତ,
ବିଶ୍ୱ କଲ୍ୟାଣରେ ହୋଇ ଦୃଢବ୍ରତୀ ହେଉ ସେ ବିଶ୍ୱ ବନ୍ଦିତ ।୧୬ ।

ସାଙ୍କୁଡା, ଗଞ୍ଜାମ, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

ବେଦାନ୍ତୀ

# ତୁମକୁ ମୁଁ ଭଲପାଏ....



ପ୍ରଦେଶ କୁମାର ପ୍ରଧାନ

ସ୍ମୃତିର ସବୁ ଫର୍ଦ୍ଦ
ଓଲଟାଇ ଦେଖିପାର ତୁମେ
କେବେ କେଉଁଠାରେ
କରିଛି ଅଧିକାର
ତୁମର ମୋର ସଂପର୍କ କୁ ନେଇ,
ମୁଁ ଜାଣେ ତୁମେ ସମସ୍ତଙ୍କର
ମୁଁ ତ କେବଳ ତୁମର
ସେଥିପାଇଁ ତୁମକୁ ମୁଁ ଭଲପାଏ ।
ସମୟ କରେ ପ୍ରଯତ୍ନ
ଦେବା ପାଇଁ ଯନ୍ତ୍ରଣାର ଶେଷ ସ୍ପର୍ଶ
ଥରିଯାଏ ଛାତି
ପାହିଯାଏ ରାତି
ମାଗିଛି କି କେବେ ଏଥିରୁ ମୁକ୍ତି
ଜାଣି ମଧ୍ୟ ତୁମେ ସର୍ବ ଶକ୍ତିମାନ,
ମାଟି ଦେହ ମାଟିରେ ମିଶିବ
ନୂଆ ସକାଳ ଆସିବ
ସେଥିପାଇଁ ତୁମକୁ ମୁଁ ଭଲପାଏ ।
ସଂପର୍କର ସବୁ ରଜ୍ଜୁ ମୋର
ଗଲାଣି କେବେ ଠୁ ଛିଡି
ହୃଦୟ କରେ ଚକ୍ରାର
ଅଶୁଭ ସକୁନ ଦିଏ ପୁଣି ରଡି
ତୁମ ଭାବନାକୁ
ଧରିଛି ଆଜି ମୁଁ ଜାବୁଡି
ଜାଣେ ତୁମେ ଦୟାମୟ
ମାଡିଛି କି କେବେ ମିଳନର ଆଶା
ତଥାପି ତୁମକୁ ମୁଁ ଭଲପାଏ ।
ଗ୍ଲାନି ଗ୍ଲାନି କେବେ ପଡେ ଝୁଣ୍ଟି
ଗରିବି ନିଏ ସବୁ ସମ୍ମାନ ଲୁଟି
ତୁମ ହସ ଦେଖି
ବୁଝିଯାଏ ସବୁ
ମାଗୁ ମାଗୁ ରହିଯାଏ ମୋର ପାଟି
ପ୍ରବୋଧି ବସେ ନିଜକୁ
ହଁ କହିପାରେ ତୁମକୁ ମୁଁ ଭଲପାଏ ।
ତୁମର ଏ ଶାନ୍ତ ସ୍ନିଗ୍ଧ ରୂପ
ହୃଦୟରେ ତୋଳେ ମୋର
ରାଗ ମହ୍ଲାର
ତୁମର ସେ ପୂର୍ଣ୍ଣ ଗ୍ରହାଣୀ
ଦେହେ ହରେ ମୋର ଶିହରଣ
ମିଳଯାଏ ମୋତେ ପୂର୍ଣ୍ଣ ଶାନ୍ତି
ଜନ୍ମ ଜନ୍ମାନ୍ତର
ସେଥିପାଇଁ ତୁମକୁ ମୁଁ ଭଲପାଏ ।

ନଈଗୁଆଁ, ଅସ୍ତରଙ୍ଗ, ପୁରୀ

# ଦୁଃଖ ମୋର ହରି



ଶୁଭମ ନାୟକ

ଦୁଃଖ ମୋର ହରି
ନଈ ବାଲି ପରି
ନିତି ଜିଏଁ ମରେ
କେବେ ନ ସରେ ।

ନିଜ ଭେକ ଭୁଲି
ଷାଠିଏ ପଉଟି
ନିତି ପରଷେ
ହୃଦୟ ବେଦନା
ହୃଦୟେ ଲୁଚାଇ
ଓଠ ମୋର ହସେ ।



ଜୀବନ କାଳରେ
ଦିନ ଘଡି ସରେ
ଦରଶନ ପାଇଁ
ନିତି ଝୁରି ମରେ
ଆସିବ ଆଶାରେ
ଯୁଗ ଯୁଗ ସରେ ।

ତସଲ୍‌ଡିହି, ସୁନ୍ଦରଗଡ, ଓଡିଶା

# ମାନବ କିଏ?



ବାଲ୍ମୀକି ନାୟକ

"ବୁଦ୍ଧବାର୍ତ୍ତା"(୨୧- ୨୭ ଅଗଷ୍ଟ ୨୦୧୧) ୭ମ ଅଙ୍କରେ ଶ୍ରୀଯୁକ୍ତ ଫକୀର ମୋହନ ଶତପଥୀଙ୍କର ଆଲେଖ୍ୟ "ମାନବ" ପାଠକଲି । ସେ ମାନବର ପରିଭାଷା ଓ ସଂଜ୍ଞା ନିର୍ଦ୍ଧାରଣ କରିବାପାଇଁ ଅନେକ ସ୍ଥାନରେ ଭିନ୍ନଭିନ୍ନ ମତ ଓ ତର୍କ ଉପସ୍ଥାପନ କରିଛନ୍ତି । ମୋଟ ଉପରେ ଲେଖକ ମହୋଦୟ ଅନ୍ୟ ସମସ୍ତଙ୍କ ଭଳି ଆଜିର ଅନୈତିକ, ସାମାଜିକ ପରିସ୍ଥିତି ଓ ମଣିଷମାନଙ୍କର ରୁଗ୍ଣ ଅମାନବୀୟ ମାନସିକତା ଦେଖି ଗଭୀର ଚିନ୍ତା ଓ କ୍ଷୋଭ ପ୍ରକାଶ କରିଛନ୍ତି । ବ୍ୟକ୍ତିଗତଭାବେ ମଣିଷର ସୁଗୁଣ (ମାନବଧର୍ମ) ଗୁଡିକ ବିକଶିତ ହୋଇପାରିଲେ, ସମାଜରେ ସୁଖ, ଶାନ୍ତି ସ୍ଥାପନ ହୋଇପାରିବ ବୋଲି ସେ ସ୍ୱପ୍ନ ଦେଖିଛନ୍ତି । ଶ୍ରୀଯୁକ୍ତ ଫକୀରବାବୁଙ୍କ ସହିତ ଆମେ ବି ଚାହୁଁଛୁ ମାନବ ଦେହରେ ମଣିଷପଣିଆ (humanity) ଜାଗ୍ରତ ହେଉ ।

ଲେଖକ ତାଙ୍କର ସ୍ୱଜ୍ଞାନ ଭଣ୍ଡାର ଭିତରୁ "ମାନବ"ର ସଂଜ୍ଞା ନିରୂପଣପାଇଁ ଯେଉଁସବୁ ତଥ୍ୟ ଓ ତତ୍ତ୍ୱ ପ୍ରକାଶ କରିଛନ୍ତି, ସେସବୁ ପାଠକଲେ, ପାଠକ ମନରେ ଘୋର ସଂଶୟ ବା ଦ୍ୱନ୍ଦ୍ୱ ସୃଷ୍ଟିହେବା ସମ୍ଭବ ଲାଗୁଛି । କାରଣ ପରସ୍ପର ତର୍କ ଭିତରେ ବିରୋଧାଭାଷ ପରିଲକ୍ଷିତ ହେଉଛି । ସେଥିପାଇଁ ଆଲେଖ୍ୟ ଭିତରେ ଉଲ୍ଲେଖ ଥିବା କିଛି ଉଦାହରଣକୁ ନେଇ ଆମେ ସାମାନ୍ୟ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାକୁ ଇଚ୍ଛା କରିଛୁ ।

ସେ ଲେଖିଛନ୍ତି - (୧) "ସାଂସାରିକ ବାସନାର ବିପରୀତ ଧ୍ୟାନ ହିଁ ମାନବ ।" ଏହାର ଅର୍ଥ ସଂସାର ତ୍ୟାଗୀ ସାଧୁ ହୋଇପାରେ । ସମସ୍ତ ବାସନାମୁକ୍ତ ବ୍ୟକ୍ତିଙ୍କ ପାଇଁ ମାନବବାଦର ଆବଶ୍ୟକତା ବା ରହିବା କାହିଁକି? ସେହିଭଳି ମଣିଷ ସମାଜପାଇଁ ବି ସେ ଅଲୋଡା

ମଣିଷ, କାରଣ ସେମାନେ ନହାତି ସ୍ୱାର୍ଥପର, କର୍ତ୍ତବ୍ୟବିମୁଖ, ପଳାୟନବାଦୀ ଗୋଷ୍ଠୀର ମଣିଷ । ଏମାନଙ୍କୁ ମାନବ କହିବା ତର୍କସଂଗତ ଲାଗୁଛି କି?

(୨) "ଏହି ଜୀବନ ସଂଘର୍ଷରେ ପ୍ରିୟ- ଅପ୍ରିୟ ପରିସ୍ଥିତିର ସମ୍ମୁଖୀନ ହୋଇ ଶେଷରେ ଏକ ଚରମ ଲକ୍ଷ୍ୟରେ ପହଞ୍ଚିପାରିବା ସାମର୍ଥ୍ୟ ଥିବାରୁ ତାକୁ ମାନବ କୁହାଯାଉଛି ।" ଏଇଠି "ଚରମ ଲକ୍ଷ୍ୟ" ଆମେ କାହାକୁ କହିବା? ଭଲ ଓ ମ  ଭୟ କର୍ମର ଏକ ଚରମ ଲକ୍ଷ୍ୟ ଥାଏ । ପ୍ରତ୍ୟେକ ମନୁଷ୍ୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ସଂଘର୍ଷରେ ପ୍ରିୟ- ଅପ୍ରିୟ ପରିସ୍ଥିତିର ସମ୍ମୁଖୀନ ହୋଇଥାଏ। ଜଣେ ବୈଜ୍ଞାନିକ ନୂଆ କିଛି ତଥ୍ୟ ଉଦ୍ଭାବନ କରି ଦୁନିଆରେ ମାନବଙ୍କ ମଙ୍ଗଳ ସାଧନା କରିବାର ଏକ ଚରମଲକ୍ଷ୍ୟ ପ୍ରାପ୍ତକଲେ । ସେହି ସମୟରେ ଜଣେ ଆତଙ୍କବାଦୀ ଆମେରିକାର ଟ୍ରେଡ୍ ସେଣ୍ଟରକୁ ଧ୍ୱଂସ କରିଦେଇ ତା ର ଚରମଲକ୍ଷ୍ୟ ପ୍ରାପ୍ତକଲା । ଉଭୟଙ୍କୁ ଆମେ "ମାନବ" ବୋଲି କହିବା ଉଚିତ ହେବ କି?

(୩) "ସନ୍ଥ କବୀର କହିଛନ୍ତି, - ମନୁଷ୍ୟ ହିନ୍ଦୁ ନୁହେଁ, ମୁସଲମାନ ନୁହେଁ, ଖ୍ରୀଷ୍ଟିୟାନ କିମ୍ବା ଅନ୍ୟ କୌଣସି ଗୋଷ୍ଠୀ ସମୂହର ସମର୍ଥକ ନୁହେଁ। ସେ ସନାତନ, ସମସ୍ତଙ୍କର ସମାନ ସଂପର୍କର ବ୍ୟକ୍ତିତ୍ୱ, ଏଣୁ ତାର ନାମ ମାନବ।" (ସନାତନର ଅନ୍ୟ ଅର୍ଥ ହେତୁବାଦୀ କି?) ଏଠାରେ ଲେଖକ ମହୋଦୟଙ୍କୁ ଆମେ ଅବଗତ କରାଇଦେବାକୁ ଚାହୁଁଛୁ ଯେ, ଏହି ତଥ୍ୟ ସହିତ ବାସ୍ତବ ଜୀବନର କୌଣସି ସଂପର୍କ ନାହିଁ। କୌଣସି ଏକ ଧର୍ମସଂପ୍ରଦାୟର ବ୍ୟକ୍ତି ଅନ୍ୟ ସମସ୍ତ ଧର୍ମର ମଣିଷମାନଙ୍କ ପାଇଁ ମାନବବାଦ ପ୍ରତିଷ୍ଠା କରିଥିବା ଦୃଷ୍ଟାନ୍ତ ଆଜିଯାଏଁ ମିଳନାହିଁ। ଉପରୋକ୍ତ ବକ୍ତବ୍ୟ କେବଳ ଉପଦେଶ ଓ ଭାଷଣ ଦେବାପାଇଁ ଉଦ୍ଦିଷ୍ଟ। ଧର୍ମଭୀରୁ ବ୍ୟକ୍ତି ଧର୍ମବାଦ ଚାହାଁକରେ, ମାନବବାଦ ନୁହେଁ। ବାସ୍ତବ କ୍ଷେତ୍ରରେ ମାନବବାଦପାଇଁ ଯୁକ୍ତି କରୁଥିବା ଏବଂ ଦୃଢ଼ୀବାଦୀ ସମାଜ ବିରୋଧରେ ସଂଘର୍ଷ କରୁଥିବା କିଛି ହେତୁବାଦୀ (Atheist) ଅଛନ୍ତି, ସେମାନଙ୍କୁ ସମାଜ କହେ "ନାସ୍ତିକ"। ଯେହେତୁ ସେମାନେ କୌଣସି ଧର୍ମୀୟ ବିଗ୍ରହଧାରା ସହିତ ସହମତ ହୋଇପାରନ୍ତି ନାହିଁ, ସେଥିପାଇଁ ସେମାନଙ୍କୁ ଧର୍ମୀୟ ସମାଜ ସହଜରେ ଗ୍ରହଣ କରିପାରୁନାହିଁ। ସେମାନଙ୍କୁ ସାମାଜିକ ବାସନ୍ଦ ଭୋଗ କରିବାକୁ ପଡୁଛି। ଏପରିକି ଧର୍ମଗୁରୁ ଓ ଧାର୍ମିକ ସଂପ୍ରଦାୟର

ସମର୍ଥକମାନଙ୍କ ଦ୍ୱାରା ହେତୁବାଦୀ (ପ୍ରକୃତ ଅର୍ଥରେ ମାନବବାଦୀ) ଚନ୍ତାଧାରା ରଖୁଥିବା ଅନେକ ବିଦ୍ୱାନ୍ ବ୍ୟକ୍ତିଙ୍କୁ ନର୍ମମ ଭାବେ ନର୍ଯ୍ୟାତନା ଦେଇ ହତ୍ୟା କରାଯାଇଛି ।

(୪) "ହୃଦୟ ସହ ହୃଦୟ ମିଳାଇ କର୍ମ କରିବାର ଅଭିପ୍ରାୟ ଥିବା ବ୍ୟକ୍ତିଠାରେ ଦୟା, ପ୍ରେମ, ଶାନ୍ତି ଓ ସମାନତାର ଗୁଣ ଦେଖାଯାଏ । ସେହି ଗୁଣଗୁଡିକର ଅଧିକାରୀଙ୍କୁ ମାନବ କୁହାଯାଏ ।" ଲେଖକ ଠିକ୍ କଥା କହିଛନ୍ତି । ଯେଉଁ ବ୍ୟକ୍ତିଠାରେ ସମାନତାର ଗୁଣ ଦେଖାଯାଏ, ତାକୁ ଆମେ ମାନବ କହିପାରିବା । କନ୍ତୁ କେବଳ ନଜ ଧର୍ମ ସଂପ୍ରଦାୟର ଲୋକମାନଙ୍କ ଭିତରେ ସମାନତାର ଗୁଣ ଖୋଜୁଥିବା ବ୍ୟକ୍ତି ଯଦି ଅନ୍ୟ ଧର୍ମକୁ ନକୃଷ୍ଟ ବା ନମ୍ନସ୍ତରର ବୋଲି ଭାବିବ, ତାକୁ ଆମେ ମାନବ କହିବା କପରି?

((୫) "କବୀର କହୁଛନ୍ତି, - ମଣିଷ ଯେତେବେଳେ ସଂସାରକୁ ଆସେ, ସେ କାନ୍ଦୁଥାଏ ଏବଂ ଜଗତ ହସୁଥାଏ । ଏପରି କେତେକ ମହତ କର୍ମ କରି ମଣିଷ ଯେତେବେଳେ ବିଦାୟ ନଏ, ସେତେବେଳେ ସେ ହସୁଥାଏ କନ୍ତୁ ତା' ବିୟୋଗରେ ଜଗତ କାନ୍ଦୁଥାଏ । ଏହିପରି ମଣିଷ ହିଁ ମାନବ ।

କବି ବା ଲେଖକଙ୍କ କଳ୍ପନା ଅତୁଳନୀୟ । ସେମାନଙ୍କ ଉପମାରୁ ଜୀବନର ବାସ୍ତବତାକୁ ପ୍ରମାଣିତ କରିହେବ ନାହିଁ, କାରଣ ଜଣେ ସଚ୍ଚା ମାନବବାଦୀର କର୍ମକୁ ମହତ କର୍ମ ବୋଲି କହିବେ କେବଳ ସଚ୍ଚା ନାଗରିକମାନେ । ସ୍ୱାର୍ଥପର ଗୋଷ୍ଠୀ ଗୃହୁଁଥିବେ କେତେ ଶୀଘ୍ର ଏହି ସଚ୍ଚା ମଣିଷଟି ମୃତ୍ୟୁବରଣ କରିବ । ସେମାନେ ଉକ୍ତ ମାନବର ପ୍ରସ୍ଥାନରେ କାନ୍ଦିବେ ନାହିଁ ବରଂ ହସିବେ । ସଂସାରର ଏହା ଏକ ବିଡମ୍ବନା ।

(୬) "ଦେବତା କଏ? ମାନବ ହିଁ ଦେବତା । ଯେଉଁ ଶକ୍ତି ବଳରେ ମଣିଷ ନଜକୁ ଧନ୍ୟ କରିଦିଏ, ତାହା ହିଁ ଦେବତା ।"

ଏଇଠି ବିରୋଧାଭାସ ହେଉଛି ଯେ, ଶାସ୍ତ୍ରମତେ, ମାନବ କେବେ ଦେବତା ହୋଇପାରିବ ନାହିଁ । ମାନବ ଦେବତା ତୂଲ୍ୟ ହୋଇପାରେ । ଦେବତାମାନେ ବି ମାନବ ଭଳି ଆଚରଣ କରିଥାଆନ୍ତି । ଦୈବୀଶକ୍ତି ବଳରେ ଯଦି ମଣିଷ କଛି ମହତ କାମ କଲା, ସେ ମାନବ ହେଲା କପରି?

(୭) "ମାନବ ଦେହରେ ଦେବତ୍ୱର ଉଦୟ ତଥା ସ୍ୱର୍ଗର ଅବତରଣ ହିଁ ମାନବିକତା।" ଏଇଠି ଦେବତ୍ୱ ଓ ସ୍ୱର୍ଗର ଅବସ୍ଥିତି ଓ ରୂପରେଖା ଦୁଇଟିଯାକ କେବଳ କଳ୍ପନାପ୍ରସୂତ ଚିନ୍ତା। ଦେବତ୍ୱ କେଉଁସବୁ ଗୁଣରେ ମହାନ୍ ଓ ସ୍ୱର୍ଗର ବାସ୍ତବିକ ରୂପ କିଭଳି - ତା' କେହି ଜାଣିନାହାନ୍ତି। ମାନବ ନିଜ ଭିତରେ ଉପରୋକ୍ତ କାଳ୍ପନିକ ବସ୍ତୁକୁ ସ୍ଥାପନ କରି କିଭଳି ମାନବିକତାର ପରିଚୟ ଦେଇପାରିବ?

(୮) "ଆମର ସମସ୍ତଙ୍କୁ ଭଲ ପାଇବା ଏବଂ ସମର୍ପଣ ଭାବ ମାନବିକତା।" ଏହା ଅତି ଉତ୍ତମ ବିଚାର କିନ୍ତୁ ସର୍ତ୍ତ ହେଉଛି ଯେ, ସାଂପ୍ରଦାୟିକ ଓ ଧାର୍ମିକ ଭାବନାରୁ ଊର୍ଦ୍ଧ୍ୱକୁ ଉଠି ବିଚାର କରିବାର ସାହସ ଓ କ୍ଷମତା ରଖିପାରୁଥିବା ବ୍ୟକ୍ତି ହେବା ଉଚିତ। ଅନ୍ୟଥା ଏହାକୁ କେବଳ ଲୋକଦେଖାଣିଆ ଓ କପଟ ଆଚାର ବୋଲି ଧରାଯିବ।

(୯) "ଆଧ୍ୟାତ୍ମିକ ଜ୍ଞାନର ଅଭାବ ଯୋଗୁଁ ହିଁ ମଣିଷ ଅମଣିଷ ହୋଇଯାଉଛି।" ଏଇଠି ପ୍ରଶ୍ନ ଉଠୁଛି ଯେ, ହଜାରହଜାର ବର୍ଷ ତଳୁ ଆଧ୍ୟାତ୍ମିକ ଜ୍ଞାନପ୍ରାପ୍ତ ତଥାକଥିତ ଦେବତାତୂଲ୍ୟ ମଣିଷମାନଙ୍କ ସଂଖ୍ୟା ବହୁତ ଅଧିକ ଥିବା ସତ୍ତ୍ୱେ, ମାନବବାଦ କେଉଁଠି ଥିଲା? ଆମର ରାମାୟଣ, ମହାଭାରତ ଭଳି ଧର୍ମଗ୍ରନ୍ଥଗୁଡିକରେ ମାନବବାଦ ଶବ୍ଦର ଉଲ୍ଲେଖ ନାହିଁ କାହିଁକି? ଉଭୟ ମହାକାବ୍ୟରେ ଛଳ, କପଟ, ଯୁଦ୍ଧ, ଅନ୍ୟାୟ, ଅତ୍ୟାଚାର ଓ ନାରୀ ନିର୍ଯ୍ୟାତନାର କାହାଣୀ ବିଶଦଭାବେ ବର୍ଣ୍ଣନା କରାଯାଇଛି। ଏହିସବୁ କାହାଣୀ ପାଠ କରିବାପରେ ଅତୀତରେ ମଣିଷର ଦୁଷ୍ଟ ପ୍ରବୃତ୍ତି ସୀମିତ ଥିଲା ବୋଲି କେମିତି ବିଶ୍ୱାସ କରିବା। ପ୍ରକୃତିର ଗୋଟିଏ ସତ୍ୟଗୁଣ ହେଉଛି ଯେ ଆଲୋକର ବିପରୀତ ଅନ୍ଧାର, ଦେବତାର ବିପରୀତ ରାକ୍ଷସ ଭଳି ଭଲ ମଣିଷର ବିପରୀତ ମନ୍ଦ ମଣିଷ।

ଏହି ଦୁଇପ୍ରକାର ମଣିଷ ଆରମ୍ଭରୁ ହିଁ ରହି ଆସିଛନ୍ତି ଏବଂ ଭବିଷ୍ୟତରେ ବି ରହିବେ। ଯଦି କେଉଁଠି ଏହାର ପରିବର୍ତ୍ତନ ଘଟିଛି, ତାହା ଖୁବ୍ ଅଳ୍ପ ସଂଖ୍ୟାରେ ଘଟିଛି। ରାମାୟଣର ଦସ୍ୟୁ ରତ୍ନାକର ନିଜର ସ୍ୱଭାବକୁ ପରିବର୍ତ୍ତନ କରି ବାଲ୍ମିକରେ ପରିଣତ ହୋଇଛି। ଇତିହାସର ରାଜା ଚଣ୍ଡାଶୋକ ବି ଧର୍ମାଶୋକରେ ପରିଣତ ହୋଇଛି। ଏହିମାନଙ୍କ ସଂଖ୍ୟା କ୍ୱଚିତ୍ ବରଂ ବାଲ୍ମୀକମାନଙ୍କର ସ୍ୱଭାବରେ ପରିବର୍ତ୍ତନ ଘଟି ରତ୍ନାକର ପାଲଟିଯାଇଥିବାର

ସଂଖ୍ୟା ବହୁତ ବେଶୀ। ଭାରତରେ ହିଁ ଅସଂଖ୍ୟ ଭଣ୍ଡ ତପସ୍ୱୀ, କପଟୀ ସାଧୁ, ପ୍ରତାରକ ବାବାଙ୍କ କୁତ୍ସିତ ଏବଂ ଅନୈତିକ କାର୍ଯ୍ୟକଳାପ ପ୍ରତିନିୟତ ଲୋକଲୋଚନକୁ ଆସୁଛି। ପ୍ରଥମେ ସାଧୁ ଥିବା ବ୍ୟକ୍ତି ପରେ ଅସାଧୁ କାହିଁକି ପାଲଟିଯାଉଛି? ଏହା ପଛରେ କେତେକ ମନୋବୈଜ୍ଞାନିକ କାରଣ ସହିତ ଅନେକ ସାମାଜିକ ଓ ଆର୍ଥିକ କାରଣ ବି ରହିଛି ବୋଲି ବିଦ୍ୱାନମାନେ ମତପୋଷଣ କରିଛନ୍ତି। ଏହାର କାରଣ ଖୋଜିବା ପାଇଁ ଗଭୀର ଅନୁସନ୍ଧାନ ଓ ଗବେଷଣାର ଆବଶ୍ୟକତା ରହିଛି। ଗୋଟିଏ ସତ୍ୟକୁ ମନୋବିଜ୍ଞାନୀକମାନେ ମାନୁଛନ୍ତି ଯେ, ଆଧାତ୍ମିକ ଜ୍ଞାନ ଭିତରେ ବାନ୍ଧି ହୋଇଥିବା ମଣିଷର ମସ୍ତିଷ୍କ ସ୍ୱାଧୀନଭାବେ ଅନ୍ୟ କୌଣସି ଜ୍ଞାନ ଗ୍ରହଣ କରିବା ଅବସ୍ଥାରେ ନ ଥାଏ। କାରଣ ତା ମତରେ, ଏହି ଜଗତ ହେଉଛି ମିଥ୍ୟା ଓ ମାୟା, କେବଳ ବ୍ରହ୍ମ ହିଁ ସତ୍ୟ।

(୧୦) "ନିଃସ୍ୱାର୍ଥପରତା ହିଁ ମାନବିକତା"। "ନିଃସ୍ୱାର୍ଥପରତା" ଶବ୍ଦ ଭିତରେ ଯେଉଁ ଗଭୀର ତତ୍ତ୍ୱ ବିଦ୍ୟମାନ, ତାକୁ କେବଳ ଅନୁଭବ କରିହୁଏ; ଅନୁଭବ କଲେ ମନରେ ଭାବପ୍ରବଣତା ଜାଗ୍ରତ ହୁଏ। ନିଃସ୍ୱାର୍ଥପର ଭିତରେ ତ୍ୟାଗର ମହତ୍ତ୍ୱ ବଢିଯାଏ। ଜଣେ ସାଧାରଣ ମଣିଷ ସଂସାର ଭିତରେ ପରିବାର ଗଠନ କରି ବଞ୍ଚି ରହିବାକୁ ହେଲେ, ତା ପାଇଁ ନିଜ କାର୍ଯ୍ୟକ୍ଷେତ୍ରରେ ସ୍ୱାର୍ଥପର ମନୋଭାବକୁ ସଂପୂର୍ଣ୍ଣ ତ୍ୟାଗ କରିଦେବା କେବଳ କଷ୍ଟକର ନୁହେଁ, ଅସମ୍ଭବ ମଧ୍ୟ। ଏହି ସ୍ୱାର୍ଥ ତ୍ୟାଗର ପରିମାଣ ବ୍ୟକ୍ତିବିଶେଷ ଅନୁସାରେ କମ୍ ବା ବେଶୀ ହୋଇପାରେ।

(୧୧) "ଜୀବନ ଭଗବାନଙ୍କଠାରୁ ମହାନ୍"। ଏଇଠି ପ୍ରଶ୍ନ ଉଠୁଛି କିପରି? ଜୀବନ ତ ଶାସ୍ତ୍ର ମତରେ, କ୍ଷଣଭଙ୍ଗୁର ଏବଂ ଭଗବାନ ଅବିନଶ୍ୱର। ଏଠି ଓଲଟା କଥା କିପରି ସମ୍ଭବ?

ଶେଷରେ ଆମେ ଏତେସବୁ ଗୋଳମାଳିଆ ତର୍କବିତର୍କ ଭିତରେ ନ ପଶି ଚିନ୍ତା କରିବା ଚଳନ୍ତି ସମୟର ସମାଜ ଦ୍ୱାରା ନିର୍ଦ୍ଧାରିତ ନୀତି, ନିୟମକୁ ଯଦି ନିଷ୍ଠା ଓ କଠୋରତାର ସହ ମଣିଷ ଉପରେ ଲାଗୁ କରି ଭୟ ସୃଷ୍ଟି କରାଯାଇପାରନ୍ତା, ତେବେ ମାନବବାଦ ଆପେଆପେ ସବୁଦିଗରେ ଦୃଶ୍ୟ ହୋଇପାରନ୍ତା। କାରଣ ମଣିଷ ମନରେ ଭୟରୁ ହିଁ ଦେବତାମାନଙ୍କ

ସୃଷ୍ଟି ହୋଇଛି । ଆଜିର ବିକଶିତ ସଭ୍ୟ ସମାଜରେ "ଲୋକନନ୍ଦା" ଓ କାନୁନର ଦଣ୍ଡ ଭୟ ରହିଥିବାରୁ ଅଧିକାଂଶ ଅପରାଧୀ ପ୍ରବୃତ୍ତିର ଲୋକ ନିଜକୁ ସଂଯତ ରଖିବାକୁ ବାଧ୍ୟ ହେଉଛନ୍ତି । ଧର୍ମ ଉପଦେଶ ଓ ନୀତିବାଣୀକୁ କେହି ଖାତିର କରନ୍ତି ନାହିଁ, କାରଣ ତଥାକଥିତ ଭଗବାନ ଅପରାଧୀକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଦଣ୍ଡ ଦେଉଥିବାର ଦୃଷ୍ଟାନ୍ତ ପ୍ରମାଣିକଭାବେ ଦୃଶ୍ୟ ହେଉନାହିଁ । କେତେକ ସ୍ଥଳରେ ସଂଯୋଗବଶତଃ ଅପରାଧୀର କିଛି କ୍ଷତି ହୋଇଗଲେ, ଏହା ଦୈବୀଦଣ୍ଡ ବୋଲି ଦାବି କରୁଥିବା ଲୋକମାନଙ୍କ ବିଚାର ଅବୈଜ୍ଞାନିକ ଏବଂ ଏକ ଅନ୍ଧବିଶ୍ୱାସ ମାତ୍ର । ମଣିଷ ନିଜର ପରିବାର ଓ ସମାଜର ଲୋକମାନଙ୍କ ମନରେ ନିଜକୁ ଜଣେ ମହାନ୍ ବ୍ୟକ୍ତିତ୍ୱ ବୋଲି ପ୍ରତିଷ୍ଠା କରିବାର "ସ୍ୱାର୍ଥ"କୁ ନେଇ କର୍ତ୍ତବ୍ୟ କଲେ, ନିଶ୍ଚୟ ସେ ସେବା ଓ ତ୍ୟାଗ ବି କରିବ । ତେଣୁ ନିଃସ୍ୱାର୍ଥପର ନ ହୋଇ ସ୍ୱାର୍ଥପର ମଣିଷ ହିଁ ମାନବବାଦୀ ହୋଇପାରିବ ବୋଲି ଆମର ବିଶ୍ୱାସ । ସମାଜରେ ମାନ, ସମ୍ମାନ ଓ ପ୍ରତିଷ୍ଠା ପାଇବାର ଲାଳସା ବି ତ ଏକ ସ୍ୱାର୍ଥପର ଗୁଣ ।

କେ.ଆର. ପୁରମ, ବାଙ୍ଗାଲୋର

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।**

# ପରିପକ୍ୱ



ମାମାଜିନ ପ୍ରଧାନ


ବୟସର ମାପ କାଠିରେ
ଯେତିକି ମୁଁ ମାପୁଛି ନିଜକୁ ।
ଲାଗେ ତଥାପି ଆହୁରି ବାକି ଅଛି
ମତେ ପରିପକ୍ୱ ହେବାକୁ ।
ଜୀବନର ୨୫ ବର୍ଷ ବିତି ଗଲାପରେ ମଧ୍ୟ,
ମୁଁ ଏକ ନୀରିହ ଅବୋଧ ଶିଶୁ ।
ଆଜି ମୁଁ ଅଜ୍ଞାନ ଆସନ୍ତା କାଲି ମଧ୍ୟ,
ଥିବି ସେହିପରି ।
ଜୀବନର ଶେଷ ନିଶ୍ୱାସ ଯାଏଁ
ପାଇ ପାରିବି ନାହିଁ ସତେ
ସମ୍ପୂର୍ଣ୍ଣ ଜ୍ଞାନ ।
ଚାଲିଛି କିଛି ବାଟ ହୋଇ ପଡ଼ା ଉଠା
ବାକି ଅଛି ଆହୁରି ଅନେକ ।

ଚାଲୁ ଚାଲୁ ସରିଯିବ ଜୀବନ ସିନା,
ଅନ୍ତ ନାହିଁ କେବେ ଏ ଚାଲା ପଥର ।
ଦିନ, ମାସ, ବର୍ଷ ବିତି ବିତି ,
ବିତି ଯିବ ସାରା ଜୀବନ ।
ପହଞ୍ଚିବି ମୁଁ ବାର୍ଦ୍ଧକ୍ୟରେ
ତଥାପି ମୁଁ ଅପରିପକ୍ୱ ।
ଯଦିଓ ପାଇଥିବି କିଛି ତତ୍ୱ,
କିଛି ଅନୁଭୁତି, କିଛି ଅଭିଜ୍ଞତା
କେବଳ ଏତିକି ରେ ସୀମିତ ମୋ
ପରିପକ୍ୱତା ।

ବାଲିଛାଇ, ଗଞ୍ଜାମ, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅନନ୍ୟ ପ୍ରେମିକ



ଜ୍ୟୋତିର୍ଦିତ୍ୟ ପୁଝାରୀ

ଭୁବନାରେ ବଣିକଟେ ହେଇ
ତୋ ବାଟରେ ପ୍ରତୀକଟେ ହେଇ
ଇଚ୍ଛାହୁଏ ରହିବାକୁ ମତେ
ତୋ ପ୍ରେମରେ ପ୍ରେମିକଟେ ହେଇ ।

ନିଶ୍ୱାଃସରେ ମହକଟେ ହେଇ
ଲକ୍ଷହୀନ ପଥିକଟେ ହେଇ
ଅଟକାଇ ସମୟର ବେଗ
ଚାହିଁଥିବି ଚାତକଟେ ହେଇ ।



ଯାମିନୀରେ ଚମକଟେ ହେଇ
ମୋହିନୀରେ ମାଦକଟେ ହେଇ
ଦୁନିଆର ଯେତେସବୁ ସୁଖ
ହାତେଇବି ସାଧକଟେ ହେଇ ।

କୁଲିଗାଁ, ବଡମହେଶ୍ୱର, ଖଡିଆଳ, ନୂଆପଡା

# ପକ୍ଷୀ



ଶଙ୍ଖସିନ୍ଧୁ ପୁରୋହିତ

ଯାଆନାରେ....
ଯାଆନାରେ...
ସେଇଟା ଅସୀମ, ଅନନ୍ତ
ଅସରନ୍ତି ପଥ ।
ଆଖି ପିତଳଇଯିବ ସିନା,
ଶେଷ ନାହିଁ ତାର,
ଯେତେ ଦୁର ଯାଉଥିବୁ
ମରିଚକା ପ୍ରାୟେ ଟାଣୁଥିବ ଟାଣୁଥିବ ॥

ଉଡି ଉଡି ଥକଯିବୁ,
ପ୍ରହେଳକା ବୋଲି, ହୃଦବୋଧ କଲ୍‌ବେଳକୁ,
ଆଉ କ ଣ ଥିବ ?
ନା ଫେରିବାର ବାଟ,
ନା ଦେହରେ ସାମର୍ଥ୍ୟ,
ନା ଡେଣାରେ ଡେଣା ମିଳାଇ,
ଉଡିବାର ଆପଣାର ଲୋ୍କ ॥

ଗୃହିଁଲେ ବି, କଛି କରିପାରିବୁନ,
କ୍ଷୁଧା ହେଉଥିବ,
ଖୁଦ ବୁଣାଇ ହେଇଥିବ,
ଖାଇ ପାରେଲେ ତ ?
ଶବରର ଚକ୍ରବ୍ୟୁହ ତ ପୁର୍ ପ୍ରସ୍ତୁତ ।
ଟପ୍ କନା ମାଡି ବସିବ ଯେ!

ଏତେ ସହଜ ନୁହେଁର ପକ୍ଷୀ ଦୁନଆଟା ।
ତଥାପି ମୋର କାହିଁ
ତୋ ପରି ଉଡିବାକୁ ଇଛା ।

ବଡାଲି, ଭଲୁଣ୍ଡା, ସୁବର୍ଣ୍ଣପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ଆଉ କେଇଟା

ସୁଦାମ ଗୌଡ଼

ଆଉ କେଇଟା  ଦିନ ପରେ ନବବର୍ଷ ରାହୁଲ ପଚାରିଲା  ।

ବାପା ବାପା ନବ ବର୍ଷ କେବେ କେଉଦିନ ପଡୁଛି  ।

କ୍ୟାନସର୍ ରୋଗରେ ପିଡ଼ିତ ରାହୁଲର କଥା ଶୁଣି ବାପା କ'ଣ ଉତ୍ତର ଦେବ । ଶୁଖିଲା ମୁଁହରେ କହିଲେ -  ପୁଅରେ ସୋମବାର ପଡୁଛି  ।

ପୁଣି ରାହୁଲ କହିଉଠିଲା ବାପା ଗତ ବର୍ଷ ଭଲି ଏବର୍ଷ ସାଙ୍ଗ ମାନଙ୍କ ସାଥିରେ ବଣ ଭୋଜି ଯାଇ ପାରିବି  ।

ତୁମେ ଟଙ୍କା ଦେବନା ବାପା କୁହନା,  ବାପା ପ୍ଲିଜ୍ ବାପା କୁହନା  ।

ରାହୁଲର ଏକଥା ଶୁଣି ରାହୁଲର ବାପାଙ୍କ ଛାତି ଫାଟି ଯାଉଥାଏ । କ'ଣ କହିବେ କ'ଣ ଯବାବ ଦେବେ ନିଜେ ମଧ୍ୟ ଯାଣି ପାରୁ ନଥିଲେ  ।

ରାହୁଲର ବାପା ରାହୁଲ କୁ ହରେଇବେ ବୋଲି ତାଙ୍କ ମନରେ ବହୁତ ଦୁଃଖ । ହେଲେ କ'ଣ କରିବେ ଯାହା ଭଗବାନଙ୍କ ଇଚ୍ଛା  ।

ରାହୁଲ ଗୋଟିଏ ବୋଲି ପୁଅ ।  ତାକୁ କେତେ ଲାଲନ ପାଲନ କରି  ଛୋଟରୁ ବଡ଼ କରିଛନ୍ତି ।

ଆଉ ବାପା ମା ବଞ୍ଚୀ ଥାଉ ଥାଉ ପୁଅର ମଲା ମୁହଁ କେମିତି ଦେଖି ପାରିବେ  ।

କେତେ ବର୍ଷ ପରେ ପୁଅଟିଏ ପାଇ ଛନ୍ତି  ।

ପୁଅକୁ କେମିତି ମା ବାପାଙ୍କଠୁ ଦୂରେଇ ଦେବେ  ।

ଏକଥା ଭାବି ରାହୁଲର ବାପାଙ୍କ ଆଖିରୁ ଢ଼ଲ ଢ଼ଲ ହୋଇ ଲୁହ  ଥିପି ପଡୁଥାଏ  ।

ବାପାଙ୍କ ଆଖି ଲୁହ ଦେଖି ରାହୁଲ ପଚାରିଲା ବାପା ତୁମକୁ କ'ଣ ହୋଇଛି ବାପା  ।

ତୁମେ କାହିଁକି କାନ୍ଦୁଛ ବାପା ?

କୁହନା ବାପା କୁହନା  ।

ରାହୁଲର କଥା ଶୁଣି ରାହୁଲର ବାପା କହି ଉଠିଲେ- ନାଇଁରେ ପୁଅ, ଆଖିରେ କ'ଣ ଗୋଟିଏ ପଶିଗଲା । ସେଥି ପାଇଁ ଆଖିରୁ ଲୁହ ବାହାରି ପଡ଼ିଲା  ।

ରାହୁଲ ପୁଣି ପଚାରିଲା ବାପା ତୁମ ପାଖରେ ଟଙ୍କା ନାହିଁ ମତେ ଦେବା ପାଇଁ  ।

ସେଥି ପାଇଁ କାନ୍ଦୁଛ ? ବାପା ତୁମ ପାଖରେ ଟଙ୍କା ନାହିଁ ତ ଚନ୍ତା କରନାହି । ବାପା ଭେଜି ଯିବା ମୋର କ୍ୟାନସେଲ୍ ।

ରାହୁଲର କଥା ଶୁଣି ରାହୁଲର ବାପା ଆହୁରି ଜୋରରେ କାନ୍ଦି ଉଠିଲେ ।

ନାଇଁରେ ସେ କଥା ନୁହେଁ ରେ ମୋ ଧନ ।

ତା ହେଲେ କ'ଣ ପାଇଁ କାନ୍ଦୁଛ ବାପା ? ।

ରାହୁଲର ବାପା ପୁଣି କହିଉଠିଲେ ।

ତୋ ଜେଜେ ଙ୍କ କଥା ମନେ ପଡ଼ିଗଲା ସେଥି ପାଇଁ କାନ୍ଦି ପକାଇଲି ।

ଜେଜେଙ୍କ କୋଉ କଥା ବାପା ?

ତୋ ଜେଜେ ଥରେ ମୋ ଭୁଲ ଯୋଗୁ ମତେ ଗୋଟିଏ ଚାପୁଡ଼ା ମାରିଥିଲେ ।

ସେ କଥା ମନେ ପଡ଼ିଗଲା ଆଉ ଆଖିରୁ ଲୁହ ବାହାରି ପଡ଼ିଲା । ମିଛରେ ରାହୁଲର ବାପା ଏସବୁ ରାହୁଲକୁ କହିଲେ ।

ରାହୁଲ ଆଉ କେତୋଟି ଦିନପରେ ବାପା ମା ଙ୍କୁ ଛାଡ଼ି ଚାଲି ଯିବ ।

ବାପା ମା ରାହୁଲ କୁ କେମିତି ଖୁସିରେ ରଖିବେ ତାହା ଜାଣିପାରୁନଥିଲେ ।

ଡ଼ାକ୍ତର ମଧ୍ୟ ରିପୋଟ ଦେଇ ସାରିଲେଣି ରାହୁଲ ଆଉ ବେସି ଦିନ ବଞ୍ଚିବ ନାହିଁ ।

ରାହୁଲକୁ ଜଣା ନାହିଁ ତାକୁ କ୍ୟାନସର ରୋଗ ହୋଇଛି ବୋଲି ।

ବାପା ମା ମଧ୍ୟ ସମସ୍ତଙ୍କୁ କହିଛନ୍ତି ରାହୁଲ କୁ ଏବିଷୟରେ ନ କହିବାକୁ ।

ରଷେଇ ରୁମ୍ ରେ ରୋଷେଇ କରୁ କରୁ ବାପ ପୁଅର କଥା ଶୁଣି ରାହୁଲର ମା ମଧ୍ୟ କାନ୍ଦି ଉଠିଲେ ।

କାନ୍ଦି କାନ୍ଦି କହିଲେ ଆ ମୋ ଧନ କଛି ଦିଟା ଖାଇଦେ ।

ସକାଳୁ ପରା କଛି ଖାଇ ନାହୁ ।

ଆ ତୋ ପାଇଁ ଅଣ୍ଡା ଆମଲେଟ୍ କରିଦେଇଛି, ଖାଇଦେ ।

ରାହୁଲ ତାଙ୍କ ମାର କଥା ଶୁଣି ସୁନା ପିଲା ଭଳି ଯାଇ ବସିପଡ଼ିଲେ ଖାଇବାକୁ ।

ମା ନଜ ହାତରେ ଖୁଆଇ ଦେଲେ ।

ରାହୁଲ ନଜେ ମଧ୍ୟ ଯାଣି ପାରୁନଥିଲେ କାହିଁକି ବାପା ମା ମନ ଦୁଃଖ କରୁଛନ୍ତି ।

ସେମିତି କଷ୍ଟ ମଷ୍ଟରେ ଦୁଇ ଚାରିଦିନ ବିତିଗଲା ।

ରାହୁଲର ମୃତ୍ୟୁ ପାଇଁ ଯମରାଜା ଡ଼ାକ ଦେଲେ ।

ହଠାତ ବାପାଙ୍କ ଗପ ଶୁଣୁ ଶୁଣୁ ରାହୁଲ ବେହୋଷ ହୋଇ ପଡ଼ିଲେ ।

ବାପା ମା ରାହୁଲ କୁ ଡ଼ାକ୍ତର ଖାନା ନେଲେ ।

ବେଡ୍ ରେ ଚେକପ୍ ହଉ ହଉ ରାହୁଲର ଚେତା ଫେରି ଆସିଲା ।
ରାହୁଲ ପଚାରିଲା ବାପା ମତେ କ'ଣ ହୋଇଛି ।
ବାପା କାନ୍ଦି କାନ୍ଦି ଉତ୍ତର ଦେଲେ ତତେ କଛି ହଇନରେ ମୋ ଧନ ।
ତତେ ଥଣ୍ଡା ହଇ ଯାଇଥିଲା । ସେଥିପାଇଁ ତୋ ମା ଆଉ ମୁଁ ତତେ ଡ଼ାକ୍ତର ଖାନା ଆଣି ଥିଲୁ ।
ପୁଣି ରାହୁଲ କହିଉଠିଲା ବାପା ତୁମେ ମତେ କଣ ପାଇଁ ମିଛ କହୁଛ ବାପା ।
ତୁମେ ପରା କହୁଥିଲ ବାପା "ସତ କହିବାକୁ କଆଁ ଡ଼ରିବି, ସତ କହିପଛେ ମଲେ ମରିବି "ଆଜି ତୁମେ ମିଛ କହୁଛ ବାପା ।
ମୁଁ ସବୁ ଜାଣିଛି ବାପା, ମୁଁ ଆଉ ବେଶି ଦିନ ବଞ୍ଚିବି ନାହିଁ ।
ମତେ ପରା କ୍ୟାନସର ହଇଛି ବାପା, ଡ଼ାକ୍ତର କହୁଥିଲେ । ମୁଁ ସବୁ ଶୁଣିଛି ବାପା ।
ହେଲେ ବାପା ମୋ କଥା ଏତିକ ମନେ ରଖିଥିବ ବାପା ।
ତୁମେ ଆଉ ମା ମୋପାଇଁ ଠାକୁର ଥିଲ ।
ମତେ ଲାଲନ ପାଲନ କରି ଛୋଟରୁ ବଡ଼ କରିଥିଲ ବାପା ।
ମତେ ଖୁସିରେ ରଖିଥିଲ । ଆଜି ପର୍ଯ୍ୟନ୍ତ କଛି ଅସୁବିଧା ହେବାକୁ ଦେଇନଥିଲ ବାପା।
ହେଲେ ଆଜି ତୁମକୁ ଛାଡ଼ି ଯାଉଛି ବୋଲି ମନ ଦୁଃଖ କରିବନାହିଁ ।
ମତେ ହସି ହସି ବିଦାୟ ଦେବ ।
ମତେ ଯମ ଦୂତ ମାନେ ଅପେଖ୍ୟା କରିଛନ୍ତି ବାପା, ମତେ ଶିଘ୍ର ଯିବାକୁ ହେବ ।
ବାପା, ମା ଙ୍କୁ ମଧ କହିଦେବ ମୋ ପାଇଁ ଭାଙ୍ଗି ପଡ଼ିବେ ନାହିଁ ।
ମତେ କେବେ ଖୋଜିବେ ନାହିଁ ।
ଆଉ ବାପା ମାଙ୍କ ଯତ୍ନ ନେବ, ଭଲରେ ରହିବ ।
ସେମିତି କହି ସାରି ରାହୁଲ ଶେଷରେ ଆଖି ବୁଜିଲେ ।
ହେଲେ ବାପା ମାଙ୍କ ସବୁ ସପ୍ନ ଭାଙ୍ଗି ଗଲା ।
ରାହୁଲ ସବୁ ଦିନ ପାଇଁ ବାପା ମାଙ୍କୁ ଛାଡ଼ି ଚାଲିଗଲେ
କନ୍ତୁ ଯିବା ଆଗରୁ ଏମିତି କଥା କହି ଗଲେ ରାହୁଲର କଥା ବାପା ମାଙ୍କ ପାଇଁ ଗପ ହୋଇ ରହିଗଲା ।

ସୁଦାମ ଗୌଡ଼, ବୁଡ଼ାବାହାଲ, ଜି : ସୁନ୍ଦରଗଡ଼

# ପ୍ରୀତି ଚଟାଉ



କମଳାକାନ୍ତ ଜେନା

ତୁମେ ସ୍ମୃତିରେ ଆସ ଅବା ସ୍ୱପ୍ନରେ,
ଜ୍ୟୋସ୍ନାରେ ଭିଜାଅ ଅବା ବର୍ଷାରେ ।
ଶିହରଣ ଖେଳୁ ଅବଶ ଶରୀରେ,
ପୁଲକୁ ମନ ମୋ ପ୍ରୀତି ପ୍ରବାହରେ ।
ଜହ୍ନ ଜଳୁ ପଛେ ବିରହେ ଈର୍ଷାରେ ।।

ନଶାକ୍ତ ହେବାକୁ ପ୍ରୀତି ମାଦକରେ,
ତମ ଲ୍‌ଗି ପ୍ରତି ର୍‌ତି ପ୍ରତୀକ୍ଷାରେ ।
ଅଭିସାରକ ମୁଁ ଝୁରେ ଅର୍ହନଶି,
ଅଭିସାର କୁଞ୍ଜେ ଛୁଇଁ ଦିଅ ଆସି ।
ଭ୍‌ଙ୍ଗି ଯାଉ ତନ୍ଦ୍ରା ତୁମରି ସ୍ୱର୍ଶରେ ।।

ସାର୍‌ ଦେହେ ମୋର ଗନ୍ଧର୍ବ ର ନଶା,
ମନରେ ଘାରିଛି ଗ୍ଭତକ ର ତୃସ୍ନା ।
ତୁମ ବିନା ପ୍ରୀତି ମନ କୁଞ୍ଜବନେ,
ଅପୂର୍ଣ୍ଣ ଏ ପୂର୍ଣମାସୀ ପ୍ରୀତିଲଗ୍ନେ ।
ପ୍ରିୟା ମଧୁସାଳା ମଦିର୍‌ ପାନ ରେ ।।

ବିରହ ଜ୍ୱାଳାରେ ଜଳୁଛି ଚକୋର,
ପିଇବାକୁ ତୁମ ଓଠର ଜହର ।
ଅକୁଣ୍ଠ ଚିତ୍ତରେ ଆକଣ୍ଠକ ପାନ,
କର୍‌ଇ କର ମୋ ତୃଷା ନବାରଣ ।
ପ୍ରୀତିର ର୍‌ଗିଣୀ ଗାଇ ସମୀପରେ ।।

କମଳାକାନ୍ତ ଜେନା, ଔପଦା, ବାଲେଶ୍ୱର



# ସୁରତାର୍ ବା

ଫିରୋଜ କୁମାର ପଟେଲ

ଥର୍ ଥର୍ ଗୁହିଁଛେ ତାର ଲେଖେ
ହେଇକେ
ହେଲେ ତାର ରଙ୍ଗେ ରଙ୍ଗେଇ ହେବାର୍
ରଙ୍ଗ ନାଇଁ ପାଇ....
ଥରଥର ଗୁହିଁଛେ ତାର୍ ଠାନ ନେଇ କେ
ହେଲେ ବଢତି ନଦୀ ଘଟୁଆଲ୍ ହେବାର୍
ଦମ୍ ନାଇଁ ପାଇ....
ହିମାଲୟର୍ ଟିହିଲି ନୁ ସାଗ୍ ଆକାଶ
ହୁଁଥେଇଛେଁ
ହେଲେ ମୋର ଲ୍ଗି ତାର ପାଗ ନୁ ଭଲ
ଜାଗା ନାଇଁ ପାଇ । (୧)

ଡିବି ପାତୁଲ୍ ଖେଲେଇ ଥିଲେ ବି
ଶଗ୍ବନେ ଖପରୁ ଗଲଲେ ପାଏନ୍
ଉଦା ଘର୍ ସାଗ୍...
ପାଏନ ପଚ୍ ପଚ୍ ଦଶନା ଥି ହଜେ ଶୁଇ
ପୋ ଲ୍ଗି ଶୁଖା ଠାନ୍ ଦେଖି ମାଁ ବନାସି
ପନତର ଘେଗ୍...
ହେଲେ ହଜର୍ କର୍ତ୍ତବ୍ୟ କଥା ଭିବି
ଘରକୁନେ ବସିଥିବା ଜଣକର ଆଁଖି
ଲୁକସି ଝୁମୁଗ୍ । (୨)

ଚରହା କରିଆ ଥି ବରଷ ଉଲଟେଇ
ଚକନ୍ ଗୁକନ୍ ସୁଟବୁଟ୍ ପିନ୍ଧେଇ ମତେ ଯିଏ
ବାବୁ ବନେଇଛେ...
ମୋର୍ ଫି ଉତପୋତେ ରିସା ହେଲେ ବି
ଉଞ୍ଚା କାହାର୍ ଗ୍ଗର୍ କଥା କେ ଯିଏ
ବିରଝି ଯାଇଛେ...
ଏଭେ ବି କେନ ବାଟେ ହପଟେଇ ହେଲେ
ଆଙ୍ଗଠି ଧରି ତାର ସଙ୍ଗେ ଗୁଲବାର୍ ହିଁ
ସୁରତା ହଇଛେ । (୩)

ଗ୍ଡି ଗ୍ଡି ପଢଲ୍ ବେଲେ ଝୁପି ପଡିଛେଁ
ହେଲେ କେତେଥର ଉଠେଇଛେ ସେ
କେଭେ ନାଇ ଗନ...
କେତେ ବହିର ଫି ଫରଦ ଲେଉଟେଇଛେ
ହେଲେ ତାର ତୁଣର୍ ଗୀତା ଲେଖେ
ଜ୍ଞାନ ନାଇଁ ଶୁନ...
ପ୍ରଶଂସା ର ବାଏଲ୍ ଫିରୋଜ ମୁଠେଇଛେଁ
ହେଲେ ମୋର୍ ଲ୍ଗି ତାର ମେଛାମୁଡାର୍ ସରି
ମାନ ନାଇଁ ଜାନ । (୪)

ଲେଡିଗୁର୍ କେତେ ସୁଆଦ୍ ଲାଗୁଛେ
ଖର୍ମାସେ ଗହଦ୍ ଦେଇ ଆମ୍ ଗଛ୍
ବଞ୍ଚେଇ ଥିଲା ସେ...
ରାଜ ସିଂହାସନେ ବସି ଏଭେ ମୁଇଁ ରଜା
ମୋର୍ ଇଲାକା ଲାଗି ବଏରୀ ସଙ୍ଗେ
ଜୁଝେଇ ହେଲା ସେ...
ଅନ୍ଧାରେ ତ କେତେ ଡର୍ ଝଲକସନ
ହେଲେ ଯେଭେ ବି ଜନ୍ ମନ୍ ମିଶିଛନ୍
ସୁରତା ହେସି ସେ । (୫)
ଜଞ୍ଜାଲ ଭର ବୁହି କରି ଭି
ମତେ ଖନ୍ଦେ ବସାବାର ବଫୁ
କାହାର ନେ ଥିବା
ମାଁ ସିନେ ମମତାର୍ ପବିତ୍ର ଗଙ୍ଗା
ପ୍ରେମର୍ ପଥର ମୁର୍ତ୍ତି ମୋର ବା
ଛଡା କଏ ହେବା....
ଜୀବନ୍ ଦର୍ପନ୍, କର୍ତ୍ତବ୍ୟର ଦେବତା ହଇ
ମନ ମନ୍ଦିରେ ହରମେସା ମୋର୍ ବା
ପୂଜା ପାଉଥିବା । (୬)

ଅବନକେଲା, ସୁନ୍ଦରଗଡ, ଓଡିଶା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଡାଇବେଟିସି- ୬



ଅନୁପମ ବେହେର୍

ତୋ ମିଠା କଥା ଶୁଣିଶୁଣି,
ମତେ ହେଇଗଲା୍ ଡାଇବେଟିସି ।
ମେଞ୍ଚାଏ ମେକ୍‌ଅପ୍ ମୁଁହରେ ବୋଳ,
କଥା ହେଉଥିଲୁ ହସି ।
ମନକଣା ପ୍ରବଚନ ଦେଉଥିଲୁ,
ତୁ ସିଂହାସନ ପରେ ବସି ।
ତୋ ମିଠା କଥା ଶୁଣି ଶୁଣି,
ମତେ ହେଇଗଲା୍ ଡାଇବେଟିସି ॥

ନଜକୁ ଭଗବାନ କହୁଥିଲୁ ତୁ,
ମୋ ଆଖିରେ ଆଙ୍ଗୁଠି ଠେସି ।
ତୁଚ୍ଛା ଆର୍ଶୀବାଦ ନେଉଥିଲି ମୁଁ,
ତୋ ପାଦକୁ ମଥାରେ ଘସି ।
ତୋ ମିଠାକଥା ଶୁଣିଶୁଣି,
ମତେ ହେଇଗଲା୍ ଡାଇବେଟିସି ॥

ତୋ ଡାହାମିଛ କଥାକୁ,

ସତ୍ୟ ଦେଲା ଦିନେ ଦଂଶି ।

ଆଇନର ମାୟାଜାଲରେ,

ତୁ ଗଲୁ ଦିନେ ଫସି ।

ତୋ ବେଆଇନ୍ ସଂପତ୍ତିଦେଖି,

ମୋ ଆଖି ହେଇଗଲା ଖୋସି ।

ତୋ ଅସଲ ମୁଖାଟି ଖୋଲିଦେଇ,

ତତେ ବାନ୍ଧିନେଲା ମାମୁଁ ପୁଲିସି ।

ବାକ ଜୀବନଟା ତୋ କଟିଯାଉ,

ଜେଲ୍‌ରେ ଚକ୍କି ପେଷି ।

ତୋ ମିଠାକଥା ଶୁଣିଶୁଣି,

ମତେ ହେଇଗଲା ଡାଇବେଟିସି ॥

ବଘିଆପଡା, ବୌଦ୍ଧ, ଓଡିଶା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ ।**

# ଯା'ରେ ମୋର୍ କବିତା



ଅନନ୍ତ ବାଗ

ଯା'ରେ ମୋର୍ କବିତା
ସେମାନକର ପାଶକେ
ଯାହାର ପେଟେ
ଅରନ୍ ମୁଠେ ନାଇଁ ପଡ଼ବାର
ଯେନମାନକର୍ ପୋଝି ଥାଇ କରି ଭିଲ୍
ଘରୁନ୍  ଖେଦା ଯାଇଛେ ବାହାରକେ;

ତୁଇ କଛି ନ' ଦି ପାରଲେ ଭିଲ୍
ସେମାନକୁ ଶାନ୍ତନା ତ ଦି'ପାରବୁ
ତା'କର  ସଭେ ଦୁଃଖ,  କଷ୍ଟ କେ
ଏ ଦୁନଆର ସାମନା କେ ତ ଆଣି ପାରବୁ....

ତୋକେ ପଠଛେଁରେ କବିତା
ଗୁଟେ ମହତ୍ କାମର ଲ୍‌ଗି;
ଯେନ୍ ଦେଶେ ନାରୀ ମାଁ ଆଏ
ଫିରଭି ତା'ହାକେ ଆଏଜ ଖେଲନା ଆଉ
ଉପଭୋ୍‌ଗର ବସ୍ତୁ କର୍‌ାଯାଇଛେ
ତୁଇ ସେମାନକର ପାଶକେ ଭିଲ୍ ଯିବୁ
ତା'କର ସବୁ ମନର କଥା ବୁଝିକରି ଆନବୁ ।

ତା'ର ପରେ ତୁଇ ଗ୍‌ଲିଯିବୁ
ଇ ଦେଶର ଠକଖିଆ,  ଲାଁଚୁଆ
ବଡ଼ ବଡ଼ବଡ଼ିଆ ମାନକର ପାଶକେ
ଯେନମାନେ ଦେଶର ବିକାଶ ନାଁ ଥି
ଗରିବ୍- ଦୁଃଖି କେ ତଲିତଲ୍‌ନ୍ତ
କରୁଛନ୍...

ସେମାନକର ସବୁ କାରନାମାକେ
ନର୍ଭିକ ଭ୍‌ବେ ପର୍ଦାଫାଶ୍  କରି
ନଜର ଜୟ ଜୟ ଗାନ୍ କରବୁ ।

ପିତାମହୁଲ, ରାଣୀପୁର- ଝରିଆଲ,
ଅଲଣ୍ଡା,  ବଲାଙ୍ଗୀର



# ପ୍ରତାରଣା

ପ୍ରସନ୍ନ କୁମାର ଭୁଏ (ପ୍ରୟାସ)

ମୋ ହୃଦୟ ବେଳାରେ ଦିନେ
ପଡିଥିଲା ତୁମ କଅଁଳ ପାଦ,
ପାଦର ଚହ୍ନ ଲିଭେଇ ଯାଇଛି
ହେଲେ ଯାଇନ ସମୁଦ୍ରର ନାଦ ।
ମୋ ବକ୍ଷ ସମୁଦ୍ରେ ପସାରି ଶୋଇ
ଥିଲା ତୁମ କଳା ବଉଦର କେଶ,
ଜହ୍ନ ଲାଜେ ଲୁଚ ଯାଉଥିଲା ମେଘେ
ଦେଖି ତୁମ ମହୁଝରା ମୁହଁର ହସ ।
ହସ ମୋର ଆଜି ଯାଇଛି ହଜି
ଦେଖି ହସିଦିଏ ମତେ ଜହ୍ନ,
ତୋ ପ୍ରିୟାର ହସରେ ଲୁଛିଥିଲି ଦିନେ
ଭାଙ୍ଗିଦେଲା କ ଆଜି ତୋ ମନ?
ମିଛ ମାୟା ଖାଲି ଏଠି ପ୍ରତାରଣା
ଭସା ବାଦଲର ଏ ଚଞ୍ଚଳ ମନ,
ବନ୍ଧନରେ ବାନ୍ଧି ପାରିବୁନ ଉଡେଇ
ଯିବ ଯେଉଁଆଡେ ବହିବ ପବନ ।
ଆଘାତ ହେବନ ଦେହରେ ତୋର
କଣ୍ଟାପରି ଭେଦିବ ଅସହ୍ୟ ହେବ ମର୍ମ,
ହୃଦୟ ଦେଇ ଭଲ ପାଇଲ ବୋଲି
କାନ୍ଦୁଛି ଅନ୍ତରେ ଅନ୍ତର ମନ ।



ରାଞ୍ଚି, ଝାରଖଣ୍ଡ

# କଳାଧନ



ଏମ୍. ବିଜୟ କୁମାର

ଭାରତର ନୋଟରେ
ଫୁଟି ଯାଉଛି ପର
ଖଣ୍ଡି ଉଡା ଶିଖିଲାପରେ
ଡେଣା ଝାଡି ଉଡୁଛି
ସିଧା ଛୁ ଚମ୍ପଟ
ମୁକ୍ତ ବିହଙ୍ଗା
ସୁଇସ୍ ବ୍ୟାଙ୍କ୍

ମାରୱାଡି ଗୋଦାମରେ
ଗଦାଗଦା ପାହାଡ ଭଳି
କଳାଧନ ହୋଇଛି ଜମା
ଛଞ୍ଚାଣ ବିରୁଳ ପ୍ରାୟେ
ଆସି ଗିଳି ନେଉଛି
ସବାତଳର କର
ନିଷ୍ପେସିତ ପଦଦଳିତ
ହାଡ ଭଙ୍ଗା ମଣିଷକୁ
ଦୁର୍ନିତୀ ଭଗବାନ
ଜିନ୍ଦାବାଦ ଜିନ୍ଦାବାଦ
ଗାନ୍ଧୀ ରାମକୃଷ୍ଣ ନାଁରେ
ଲୋକ ଯେପରି ହୁଅନ୍ତି ପାଗଳ
ପ୍ରଭୁ ପ୍ରଭୁ କହି ସହି
ହୋଇଗଲେ କାଙ୍ଗାଳ

ତେଆଶୀ କୋଟି ଅନାହାରେ
ଷାଠିଏ କୋଟି ଗରିବ ତଳେ
ନରୀହର ତଣ୍ଟି ଚପି
ବେସାହାରାର ରକ୍ତ ଶୋଷି
ଗରିବର ପେଟେ ମାରି
ସତେକ ଫେରି ଆସିବ
ନୋଟ ବନ୍ଦୀ ସରିଲାପରେ
ବିଦେଶ ଯାତ୍ରୀ କଳାଧନ
ଅନାହାରକୁ ମିଳବ କ ଅନ୍ନ
ନରିହ ଗରିବକୁ ମିଳବ ତ,
ଖାଦ୍ୟ, ବସ୍ତ୍ର, ବାସଗୃହ

ଭୁବନେଶ୍ୱର, ଓଡିଶା

# ଶିଶୁ ବିଭାଗ



# ମାମୁଁଘର



ପ୍ରକାଶ ସାହୁ

ମାମୁଁ ଙ୍କ ଘର କୁ ମୁଁ ଯିବି,
ମାଇଁ ଦେଖି ମୋତେ ଖୁସି ହେବେ।
ଅଜା ଆଉ ଆଇ କୋଳେଇ ନେବେ।
ମାମୁଁ ମୋତେ ବଜାର ବୁଲାଇ ନେବେ।
ସେଠି ଭାରି ମଜା ତ ହୋଇବ।
ଗୁପଚୁପ, ଦହିବରା ରେ ମନ ଭରିଯିବ।
ଏହି କଥା ମୁଁ ଖାଲି ଭାବି ଗଲିଲି।
ପାଠ ପଢିବା କୁ ଆଉ ଇଛା ନ କରିଲି।
ବୋଉ ଦେଖି ସବୁ ପଚାରିଲା।
"ପୁଅ ରେ ତୋହର କଣ ହୋଇଲା? "
"କାହା ପାଇଁ ଏତେ ମନ ଦୁଃଖ
ହେଲା? "
ବୋଉ କୁ ସବୁ ମନ କଥା କହିଦେଲି।
ମାମୁଁଘର ଯିବାର ଇଛା ପ୍ରକାଶ କଲି।
ଶୁଣି ବୋଉ ମୋତେ କୋଳେଇ ନେଲା।
"ଏ କଥା ପାଇଁ ମୋ ପୁଅ ଦୁଃଖ କରିଲା।
ବାର୍ଷିକ ପରୀକ୍ଷା ସରିଲେ ଏଥର,
ଆମେ ସବୁ ମିଶି ଯିବା ମାମୁଁଘର,
ଏତକ କହି ସେ ମୁଣ୍ଡ କୁ ଆଉଁସି ଦେଲା।
ବୋଉ କଥା ଶୁଣି ଭାରି ଖୁସି ଲାଗିଲା।
ଖୁସି ରେ ନାଚବାକୁ ଇଚ୍ଛା ତ ହୋଇଲା।
ଗାହୁଁ ଗାହୁଁ ମୋ ପରୀକ୍ଷା ସରିଲା।



ଖରାଦିନ ଛୁଟି ରେ ମାମୁଁଘର ଗଲି।
ସେଠାରେ ପହଞ୍ଚି ସଭିଙ୍କୁ ପ୍ରଣାମ ହେଲି।
ମାମୁଁ ଙ୍କ ପୁଅ ଆସି ହାତ ମିଳାଇଲା।
ପାଖ ପଡିଆ କୁ ଖେଳବାକୁ ଡାକନେଲା।
ନୂଆ ସାଙ୍ଗ ଙ୍କ ସହ କ୍ରିକେଟ ଖେଳଲି।
ସନ୍ଧ୍ୟା ରେ ଆମେ ପ୍ରାଥନା କରିଲୁ।
ମାଇଁ କ୍ଷୀର ଭାତ ଆଣି ପରସି ଦେଲେ।
ମିଠା କଥା କହି ମୋତେ ଖୁଆଇ ଦେଲେ।
ଖାଇସାରି  ଆଇମା ପାଖେ ହାଜର ହେଲୁ।
ଅସୁରିଣୀ ର ଗଳ୍ପ ଶୁଣିବାକୁ ଗୁହାରି କରିଲୁ।
ଆଇ ମା ର କାହାଣୀ ମନ ଲଗାଇ ଶୁଣିଲୁ।
ରାଜା କେମିତି ରାଣୀ ଙ୍କୁ ବଞ୍ଚାଇଲେ ଜାଣିଲୁ।
ଏମିତି ରେ ତିନ ସପ୍ତାହ କେମିତି ବିତିଗଲା।
ଏ ସବୁ ମୋତେ କଛି ଜଣା ନ ପଡିଲା।
ପାଖେଇ ଆସିଲା ଦୋଳ ର ଖେଳ ରଜପର୍ବ।
ମାମୁଁ ଆମ ପାଇଁ ଗୁଡି କରିଦେଲେ।
ବାଡ଼ି ସେ ବର ଗଛ ମୂଳେ ଦୋଳ ଲଗାଇଲେ।
ମାଇଁ ହାତ ତିଆରି ମଣ୍ଡା ଖାଇ ଦୋଳ ଖେଳଲୁ।
ଏବେ  ମୋର ସେହି ଦୁଖଃ ର ଦିନ ଆସିଗଲା।
ମାମୁଁଘରୁ ଯିବାର ଦୁଃଖରେ ମନ ଅସ୍ଥିର ହେଲା।
"ମାମୁଁଘରକୁ ପୁଣି ଆସିବ କେବେ"ମାଇଁ କହିଲେ।
ଏଥର ମୁଁ ବିଦାୟ ନେଲି ,ମାମୁଁ  ଘରେ ଛାଡ଼ିଲେ
ଆଉଥରେ କେବେ ନେବା ପାଇଁ କଥା ଦେଲେ।

ନାବିକ,  ଭାରତୀୟ ନୌସେନା

# ଚିତ୍ର



ମଧୁସ୍ମିତା ସାମଲ



ବରୀ, ଯାଜପୁର, ଓଡିଶା

ବେଦାନ୍ତୀ

# ଚିତ୍ର



ପ୍ରକାଶ ସାହୁ



# ଟିକଟିକ



ରାଧାକାନ୍ତ ଦାଶ

ଟିକଟିକ ତାରାଫୁଲ, ଆକାଶରେ ଫୁଟେ,

ଟିକଟିକ ଜହ୍ନି ଫୁଲ ମୋ ବାଡିରେ ଲୋଟେ ।

ଟିକଟିକ ପିଲାମୁହେଁ ହସ ସଦା ଫୁଟେ,

ଟିକଟିକ ଶାମୁକାରେ ମୁକ୍ତା ମାନ ଲୋଟେ ।

ଟିକଟିକ ଗୁରୁବିଦ୍ୱାର୍ ବଡ ତାଲା ଫିଟେ,

ଟିକଟିକ ବହିରେ ଜ୍ଞାନର ଆଲୋକ ଛୁଟେ ।

ଟିକଟିକ କଥାରେ ଗୁମର ସବୁ ଫିଟେ,


ଟିକଟିକ ଭକ୍ତିରେ ଦୁଖ ଯନ୍ତ୍ରଣା ତୁଟେ ।

ଟିକଟିକ ଘଟଣାରେ ଅଦଭୁତ ଘଟେ,

ଟିକଟିକ ଭୁଲରେ ମାଆ ବାଡିରେ ପିଟେ ।

ଟିକଟିକ ପ୍ରଣାମରେ ଆର୍ଶୀବାଦ ଛୁଟେ,

ଟିକଟିକ ଭାବନାରେ ମୋ ଲେଖନୀ ଛୁଟେ ।



ଜଗନ୍ନାଥପୁର ଶାସନ, କୁହୁଡି, ଖୋର୍ଦ୍ଧା

# ବିଦେଶ ଖବର

On the eve of Bahrain National Day, Bahrain Odia Society arranged Rath Yatra in Bahrain in Bramco Mata Rani Temple on 15/12/2017, which was mesmerized with the unfathomable devotion of the devotees.









# ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୧/୨୦୧୮ | ଇଂରାଜୀ ନୂତନ ବର୍ଷ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ |
| ୦୨/୦୧/୨୦୧୮ | ଦେବାଭିଷେକ ପୂର୍ଣ୍ଣିମା ଓ ମାଘ ବ୍ରତାରମ୍ଭଃ |
| ୦୪/୦୧/୨୦୧୮ | ପୁଷ୍ୟାଭିଷେକ ଓ ରାଜା ଭିଷେକ |
| ୧୨/୦୧/୨୦୧୮ | ଷଟତିଳା ଏକାଦଶୀ, ଓଳାଶୁଣୀ ଗୁମ୍ଫା ମେଳା |
| ୧୩/୦୧/୨୦୧୮ | ନବାଙ୍କ ବେଢା ଓ ମାସନ୍ତ |
| ୧୪/୦୧/୨୦୧୮ | ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ |
| ୧୫/୦୧/୨୦୧୮ | ରଟନ୍ତୀ ଚତୁର୍ଦ୍ଦଶୀ, ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା |
| ୧୬/୦୧/୨୦୧୮ | ତ୍ରିବେଣୀ ଅମାବାସ୍ୟା, ମା ବିରଜା ଦେବୀଙ୍କ ଜନ୍ମୋତ୍ସବ ଓ ଗୋସହସ୍ରୀ ସ୍ନାନ, ଶରଣ ଆରମ୍ଭ |
| ୧୮/୦୧/୨୦୧୮ | ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ |
| ୨୦/୦୧/୨୦୧୮ | ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମମୁଖ ବେଶ |
| ୨୧/୦୧/୨୦୧୮ | ବରଦା ଚତୁର୍ଥୀ ଓ ଶରଣ ଶେଷ |
| ୨୨/୦୧/୨୦୧୮ | ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା ଓ ଶ୍ରୀ ମନ୍ଦିରେ ବସନ୍ତୋତ୍ସବ |
| ୨୩/୦୧/୨୦୧୮ | ନେତାଜୀଙ୍କ ଜୟନ୍ତୀ |
| ୨୪/୦୧/୨୦୧୮ | ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ତୀର୍ଥେ ସ୍ନାନ |
| ୨୬/୦୧/୨୦୧୮ | ସାଧାରଣତନ୍ତ୍ର ଦିବସ |
| ୨୮/୦୧/୨୦୧୮ | ଭୈମୀ ଏକାଦଶୀ, ବରାହ ଦ୍ୱାଦଶୀ, ରବିନାରାୟଣ ବ୍ରତ |
| ୩୦/୦୧/୨୦୧୮ | ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢା |
| ୩୧/୦୧/୨୦୧୮ | ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା, ଯୋରଦା ମେଳା, ଚନ୍ଦ୍ରପୂଜା ଓ ଚନ୍ଦ୍ରଗ୍ରହଣ |

# ଆପଣଙ୍କ ମତାମତ

"ନୂଆ ବର୍ଷ ଉପଲକ୍ଷେ ବେଦାନ୍ତୀ ର ଅଗଣିତ ପାଠକ, ଲେଖକ ଏବଂ ଏହାର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର ଙ୍କୁ ଶୁଭକାମନା ଆଉ ସୁଭେଛା ନୂଆ ବର୍ଷ ସମସ୍ତ ଙ୍କ ଜୀବନରେ ଦୁଃଖ ଦୂର କରିଦେଉ ଏହା ହିଁ ମୋର ମହାପ୍ରଭୁ ଙ୍କ ନକଟରେ ପ୍ରାର୍ଥନା"

ମୁଁ ବେଦାନ୍ତୀ ପତ୍ରିକା ର ଜଣେ ନିୟମିତ ଲେଖକ ସହିତ ପାଠକ ମଧ୍ୟ। ମୁଁ ନିଜର ଛାତ୍ର ଜୀବନରେ ଅନେକ ପତ୍ରିକା ପଢୁଥିଲି, ଗାଁ ଠାରୁ ଦୂର ଗୋଟେ ବହି ଦୋକାନ ରେ ଆଗୁଆ ପୈଠ କରି ମୁଁ କିଛି ପତ୍ରିକା କିଣି ପଢୁଥିଲି। ଯୁକ୍ତ ଦୁଇ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହେବା ପରେ ପରେ ମୁଁ ଭାରତୀୟ ନୌସେନା ରେ ଯୋଗ ଦାନ କରିଲି। ତେଣୁ ମୋତେ ନିଜ ପରିବାର, ଗାଁ ଏପରିକି ରାଜ୍ୟ ଛାଡି ବହୁତ ଦୂର ରେ ରହୁବାକୁ ପଡୁଛି। ତଥାପି ପତ୍ରିକା ପଢିବା ର ନିଶା କମି ନାହିଁ। ଯେହେତୁ ମୁଁ ଓଡିଶା ବାହାରେ ରହୁଛି ମୋତେ ଆଉ ପୂର୍ବ ପରି ଓଡ଼ିଆ ପତ୍ରିକା ମିଳନ୍ତି ନାହିଁ। ଯାହା ଯେମିତି ବର୍ଷ ରେ ଥରେ ଅବା ଦୁଇ ଥର ନିଜ ଗାଁ କୁ ଗଲେ ଓଡ଼ିଆ ପତ୍ରିକା କିଣି ସାଙ୍ଗ ରେ ନେଇ ଆସେ, ପୁଣି ଅପେକ୍ଷା କରିବାକୁ ପଡେ ଆଗାମୀ ଛୁଟିକୁ, ବହୁତ ଉଦାସ ଲାଗେ।

ମୋ ପରି ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ, ପରିବାର ପାଇଁ ଅର୍ଥ ଯୋଗାଡ଼ କରିବା ଉଦ୍ଦେଶ୍ୟ ରେ ଯେଉଁମାନେ ଓଡିଶା ବାହାରେ ଏପରିକି ଦେଶ ବାହାରେ ରହୁଛନ୍ତି। ସେମାନଙ୍କ ପାଇଁ ବେଦାନ୍ତି ଏକ ଅମୂଲ୍ୟ ସମ୍ପଦ। ବେଦାନ୍ତୀ ଆମ ପରି ବିଦେଶ ରେ ରହୁଥିବା ଓଡ଼ିଆ ମାନଙ୍କ ପାଇଁ କେତେ ଯେ ଖୁସି ଦେଇଛି ସେ କଥା କେବଳ ସେହି ମାନେ ଜାଣିଛନ୍ତି। ନିଜ କର୍ମ ସ୍ଥାନରେ ରହି ବି ଏହି ବେଦାନ୍ତି ପତ୍ରିକା ର ଗଳ୍ପ ଆଉ କବିତା ପଢିଲେ ବେଳେ ହଜି ଯାଆନ୍ତି ସେହି ଦୁନିଆ ରେ ଯେଉଁ ଦୁନିଆ ରେ ରହି ଦିନେ ନିଜ ଛାତ୍ର ଜୀବନରେ ବିଭିନ୍ନ ପତ୍ରିକା ପଢୁଥିଲେ।

ବେଦାନ୍ତି ର ଅନ୍ୟ ଏକ ବିଶେଷତ୍ୱ ହେଲା ଏହା ନୂଆ ନୂଆ ଲେଖକ ଆଉ ଲେଖିକା ମାନଙ୍କୁ ସେମାନଙ୍କର ପ୍ରତିଭା କୁ ଦୁନଆର କୋଣ ଅନୁକୋଣରେ ପ୍ରତ୍ୟକ ଓଡ଼ିଆ ମାନଙ୍କ ପାଖରେ ପହଞ୍ଚାଇ ପାରିଛି ।

ଏହା ଛଡା ଏହି ପତ୍ରିକା ରେ ନୂଆ ନୂଆ ବିଭାଗ ସବୁ ଦିନ କୁ ଦିନ ଯୋଡି ହେବାରେ ଲାଗିଛି ଯେପରି ଶିଶୁ ବିଭାଗ, ଚତ୍ରାଙ୍କନ ବିଭାଗ, ହସ କଥା, ଚନ୍ଦ କଥା କହେ, ବ୍ୟକ୍ତିତ୍ୱ, ଦୁନଆର ଚର୍ଚ୍ଚିତ ଖବର, ଓଡ଼ିଆ ପର୍ବ ପର୍ବାଣୀ। ପ୍ରକୃତରେ ବେଦାନ୍ତୀ କୌଣସି ନାମୀ ଦାମୀ ପତ୍ରିକା ଠାରୁ କମ ନୁହେଁ।

ମୁଁ ଆଉ ଗୋଟେ କଥା ଏଠାରେ ପ୍ରକାଶ କରିବାକୁ ଚାହୁଁଛି ଯେ ଆମେ ସାଧାରଣତଃ ଯେଉଁ ପତ୍ରିକା କମ୍ବା ଖବରକାଗଜ ରେ ଲେଖା ଦେଇଥାଉ ତାହା କଛି ଦିନନ୍ତୀରେ ଯାହା ଆଜି ପ୍ରକାଶିତ ହୋଇଛି ତାହା ଆପଣ ମାନେ ଯେତେବେଳେ ବୃଦ୍ଧା ଅବସ୍ଥାରେ ଆସିଯିବେ , ଆପଣ ଇଣ୍ଟରନେଟ ରେ ବେଦାନ୍ତୀ ର ୱେବସାଇଟ ରେ ଯାଇ ଡାଉନଲୋଡ କରି ଦେଖି ପାରିବେ ଆଉ ଅନ୍ୟ ମାନଙ୍କୁ ଦେଖାଇ ବି ପାରିବେ କ ସେ ସମୟରେ ମୋର ଏହି ଲେଖା ବେଦାନ୍ତି ପରି ଲୋକପ୍ରିୟ ପତ୍ରିକା ରେ ପ୍ରକାଶିତ ହୋଇଥିଲା। ଥରେ ଭାବିଲେ ସେତେବେଳେ ଆପଣ ଙ୍କୁ କେତେ ଆନନ୍ଦ ଲାଗିବ ।

ମୁଁ ଏହି ଇ- ପତ୍ରିକାର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର ସାର ଙ୍କୁ ଧନ୍ୟବାଦ ଦେବୀ । କାରଣ ଗୋଟେ ପତ୍ରିକା କୁ ପରିଚାଳନା ତଥା ନର୍ଭୁଲ ପ୍ରକାଶିତ ପାଇଁ ଅତିକମ ରେ ଚାରି ରୁ ପାଞ୍ଚ ଜଣ ସମ୍ପାଦକ ମଣ୍ଡଳୀ ର ଆବଶ୍ୟକ ରହିଥାଏ, ଯାହା ଅରବିନ୍ଦ ସାର ନଜେ କରନ୍ତି ତାଙ୍କ କର୍ମମୟ ଜୀବନ ରୁ କଛି ସମୟ ଏହି ପତ୍ରିକା ପାଇଁ ଦେଉଥିବାରୁ ଏବଂ ବେଦାନ୍ତୀ ପରି ଏକ ସୁନ୍ଦର ପତ୍ରିକା ର ସୃଷ୍ଟି କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ଏବଂ ବେଦାନ୍ତୀ ର ଉଜ୍ୱଳ ଭବିଷ୍ୟତ ଆଶା କରୁଛି।

ଜୟ ଜଗନ୍ନାଥ
ଧନ୍ୟବାଦ

ପ୍ରକାଶ ସାହୁ, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ଚନ୍ଦ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com



ଶୋଇ ପଡିବ ମୋ କୋକରବାଇ
ଜାଣିନ ଆମ ମାଆ ଯାଇଛି କାହିଁ,
ଖାଇବା ଆମର ଭାଗ୍ୟ ରେ ନାହିଁ,
ଶୋଇ ଯା ରେ ତୁ ମୋ ସୁନାଭାଇ।

( ବିଜେତା: ପରମିତା ମିଶ୍ର)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳିତ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ଇ- ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**